RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheevoice.in

ନଭେମ୍ବର ୨୦୨୦
ମୂଲ୍ୟ : ୨୫ ଟଙ୍କା

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ
PRACHEE





ମୁଖ୍ୟ ଉପଦେଷ୍ଟା
କବି ଜୟନ୍ତ ମହାପାତ୍ର



*ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ*

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ



ସମ୍ପାଦକ :
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ଷଷ୍ଠ ବର୍ଷର ଅଷ୍ଟମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ଔ 'ପ୍ରାଚୀ'ର କଲମ ଃ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲ୍‌ଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଐତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବେତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ...
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ ...
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି ...
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ...
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା ...
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା ...
- ❑ ମୁଁ ଛୋଟା ହେଲେ ମଧ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ...
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ...
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ...
- ❑ ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ...

ବାସ୍ତବତାର ପରିପ୍ରକାଶ

**ପ୍ରାଚୀ**

Vol.- 6, NOVEMBER 2020, Issue No. VIII
RNI No. : ODIODI/2015/64435
P.R. No. : CK(C)/96/2016-2018

**ପ୍ରାଚୀ ପରିବାର :**
ଉପଦେଷ୍ଟା :
**କୃଷ୍ଣ ପ୍ରସାଦ ଦାସ**
ସମ୍ପାଦକ :
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**
ସମ୍ପାଦନା ସହଯୋଗୀ :
**ପ୍ରାଚୀ ପ୍ରଯୁକ୍ତା**
ସହ ସମ୍ପାଦକ :
**ଡ. ନିରୋଦ କୁମାର ମନ୍ତ୍ରୀ**
**ବନଲତା ସିଂହ**
**ଡକ୍ଟର ବିଦ୍ୟୁତ୍‌ପ୍ରଭା ମିଶ୍ର**
ଉପସ୍ଥାପନା :
**ମମତା ଖଣ୍ଡାୟତରାୟ**
ଡିଟିପି :
**ପ୍ରଶାନ୍ତି ସାଇଁ**
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**
ଅଳଙ୍କରଣ :
**ବିଜୟ କୁମାର ସାହୁ**
ବିଜ୍ଞାପନ ଅଧିକାରୀ :
**ରାମଚନ୍ଦ୍ର ବିଶ୍ୱାଳ**
ବିତରଣ ଅଧିକାରୀ :
**ପ୍ରଦୀପ୍ତ କୁମାର ପାଢ଼ୀ**
ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

**ପ୍ରାଚୀ ସାହିତ୍ୟ ସମାଜ**
ସଭାପତି :
**ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ www.pracheenews.com ରେ ଲଗ୍‌ଇନ୍ କରନ୍ତୁ ।

**Declaration**
**Edited, Published & Owned by :**
**Dr. Bibhudatta Khandayatray**

**Niladri Vihar, Cuttack - 4**
**E-mail :**
**pracheepatrika@rediffmail.com**
**Web Site :**
**www.pracheenews.com**

# ଏଇ ସଂଖ୍ୟାରେ...

## ପ୍ରବନ୍ଧ ବିଭାଗ

▶ ଗଛ ଓ ମଣିଷ : କାହାର ଦାମ୍ କେତେ
ବ୍ରହ୍ମାନନ୍ଦ ବିଶ୍ୱାଳ — ୫

▶ ଅଚ୍ୟୁତ ସାହିତ୍ୟରେ ସମାଜ-ସଂସ୍କାର
ଡାକ୍ତର ତାରକ ପ୍ରସନ୍ନ ତ୍ରିପାଠୀ — ୬

▶ ପ୍ରକୃତିପ୍ରୀତି ଓ ମାଟିମଣିଷର କଥା : ସବୁରି ପାଇଁ ଆକାଶ
ଅଧ୍ୟାପକ କମଳ ମାହନ୍ତ — ୧୨

▶ ଅନନ୍ୟ ସାରସ୍ୱତ ସ୍ରଷ୍ଟା ପଣ୍ଡିତ ଗୋଦାବରୀଶ ମିଶ୍ର
ଚନ୍ଦ୍ରମଣି ଭୂୟାଁ — ୧୬

▶ କାଞ୍ଚିବିଜୟର ମହାନାୟକ ହମ୍ମୀରଦେବ ଓ ନାୟିକା ଚନ୍ଦ୍ରାବତୀ
ସୁବ୍ରତ ପ୍ରିୟବ୍ରତ ମହାନ୍ତି — ୧୮

## ଗଳ୍ପ ବିଭାଗ

▶ ଗଛ
ଭାସ୍କର ଜେନା — ୨୬

▶ ଗାନ୍ଧୀବାଡ଼ି
ରବି ପଣ୍ଡା — ୩୦

▶ ଏକଲବ୍ୟ ଉପାଖ୍ୟାନ
ମୀନାକ୍ଷୀ ଦେବୀ — ୩୬

▶ ଦୂର ପାହାଡ଼
ଅଧ୍ୟାପକ ପ୍ରସନ୍ନ କୁମାର ସ୍ୱାଇଁ — ୩୮

▶ ବଡ଼ବାବୁଙ୍କ ପୁଅ ବାହାଘର
ଡକ୍ଟର ନାରାୟଣ ମହାନ୍ତି — ୪୩

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011

# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିଷ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।**

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ....................................................................................
ଠିକଣା ................................................ ପିନ୍‌କୋର୍ଡ୍ ...................................
ମୋବାଇଲ୍ ନମ୍ବର ................................ ଇ-ମେଲ୍ ........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର.............................................. ତାରିଖ.................................
ବ୍ୟାଙ୍କ୍.................................. ସ୍ଥାନ...................................................
ତାରିଖ................................ ଦସ୍ତଖତ...................................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍ସ୍‌ଆପ୍ ନଂ : ୮୮୯୫୭୦୭୦୧୧

# ଗଛ ଓ ମଣିଷ : କାହାର ଦାମ୍ କେତେ

**ବ୍ରହ୍ମାନନ୍ଦ ବିଶ୍ୱାଳ**

ବନ ବିଭାଗ ପକ୍ଷରୁ କରାଯାଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ, ପରିବେଶ ସୁରକ୍ଷା ସହିତ ଶିଳ୍ପୋଦ୍ୟୋଗରେ ମଧ୍ୟ ଗଛର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ଗୋଟିଏ ଗଛ ୫୦ ବର୍ଷରେ ଜନସାଧାରଣଙ୍କୁ ପରୋକ୍ଷ ଭାବରେ ୩୩ ଲକ୍ଷ ଟଙ୍କାର ଲାଭ ଦେଇଥାଏ । ପ୍ରତ୍ୟକ୍ଷ ଭାବରେ ଏହା ଲକ୍ଷାଧିକ ଟଙ୍କା ହେବ । ଗୋଟିଏ ଗଛ ତା'ର ୫୦ ବର୍ଷର ଜୀବନକାଳରେ ୫.୫୦ ଲକ୍ଷ ଟଙ୍କା ମୂଲ୍ୟର ଅମ୍ଳଜାନ ଦେଉଥିଲାବେଳେ ବାୟୁମଣ୍ଡଳ ଶୁଦ୍ଧ ରଖିବାରେ ୭.୫୦ ଲକ୍ଷ ଟଙ୍କାର ଅବଦାନ ଦେଇଥାଏ । ଏହି ସମୟରେ ଗଛ ୬.୪୦ ଲକ୍ଷ ଟଙ୍କାର ଜଳ ସଂରକ୍ଷଣ ଓ ଆର୍ଦ୍ରତା ନିୟନ୍ତ୍ରଣ, ୫୦ ହଜାର ଟଙ୍କାର ପ୍ରୋଟିନ୍ ରୂପାନ୍ତର, ଔଷଧୀ, ଜାଳେଣି, ଫଳ, ଫୁଲ, କାଠ, ଲାଖ, ଚେରମୂଳ, ମହୁ, ମହମ, ଖଇର, କାଗଜ, ହାର୍ଡବୋର୍ଡ, ପେନ୍‌ସିଲ୍, ଡିଆସିଲି, ପ୍ୟାକିଂ ବାକ୍ସ, ପ୍ଲାଇଉଡ୍, ଖେଳ ଉପକରଣର କଞ୍ଚାମାଲ, ମୃତ୍ତିକା କ୍ଷୟ ନିରୋଧ, ବନ୍ୟା ନିୟନ୍ତ୍ରଣ, ଭୂଗର୍ଭ ଜଳସ୍ତର ସଂରକ୍ଷଣ, ଉର୍ବରତା ବୃଦ୍ଧି, ଜୈବିକ ସାର, ବାୟୁମଣ୍ଡଳର ତାପମାତ୍ରା ନିୟନ୍ତ୍ରଣ ଆଦି ଅମୂଲ୍ୟ ସହଯୋଗ ଦେଇଥାଏ, ଯାହାର ହିସାବ ଟଙ୍କା ଆକାରରେ କରିବା ଅସମ୍ଭବ । ୧ ହେକ୍ଟର ଜଙ୍ଗଲ ପ୍ରତିବର୍ଷ ହାରାହାରି ୩ ମେଟ୍ରିକ୍ ଟନ୍ ଦୂଷିତ ବାୟୁ ଗ୍ରହଣ କରି ୧ ମେଟ୍ରିକ୍ ଟନ୍ ଶୁଦ୍ଧ ବାୟୁ ଉତ୍ପାଦନ କରେ । ୩୦ ମେଟ୍ରିକ୍ ଟନ୍ ଧୂଳିକଣା ଓ ଅନ୍ୟାନ୍ୟ ବସ୍ତୁକଣା ପତ୍ର ଓ ଡାଳ ସାହାଯ୍ୟରେ ଅଟକାଇ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ କରି ପୃଥିବୀର ଜୈବ ମଣ୍ଡଳର ଫୁସ୍‌ଫୁସ୍ ଭାବେ କାର୍ଯ୍ୟ କରେ । ପିଟର ମାଥିଏନ୍‌ଙ୍କ 'ଲାଷ୍ଟ୍ ୱାଇଲ୍‌ଡ ଟାଇଗର୍'ରେ ଦିଆଯାଇଥିବା ଏକ ହିସାବ ଅନୁସାରେ ଦିନକୁ ୨୨୦୦୦ ଥର ଶ୍ୱାସକ୍ରିୟା ଲାଗି ୩୫ ପାଉଣ୍ଡ ଅମ୍ଳଜାନ ପାଉଥିବା ମଣିଷକୁ ୫୦ ବର୍ଷରେ ଗୋଟିଏ ଗଛ ଦିଏ ୧୫ ଲକ୍ଷ ଟଙ୍କାର ଅମ୍ଳଜାନ ସହ ଖାଦ୍ୟ, ଜଳ, ବାୟୁ, ଆଶ୍ରୟ, ଔଷଧୀ, ମୃତ୍ତିକା, ଛାୟା, ତାପ ଓ ଜାଳେଣି କାଠ । ଏହିପରି ମାନବଜାତିକୁ ବିଭିନ୍ନ ଭାବରେ ଗଛର ମୋଟ୍ ଦାନର ପରିମାଣ ଅନ୍ୟୁନ ୫୦ ଲକ୍ଷ ଟଙ୍କା ହେବ । ହେଲେ ୫୦ ଲକ୍ଷ ଟଙ୍କାର ଗଛକୁ ମଣିଷ ବିନା ବିଚାରରେ ହାଣିପକାଏ । ଅଥଚ ମଣିଷର ଦାମ୍ କେତେ ? ଏକ ହିସାବ ଅନୁସାରେ ଗୋଟାଏ ମଲା ମଣିଷର ଦେହରୁ ବାହାରୁଥିବା ଗନ୍ଧକରୁ ୨୦୦ ଡିଆସିଲି, ଚର୍ବିରୁ ୬ଟି ସାବୁନ୍, ଲୌହରୁ ୩ଟି କଣ୍ଟା, ଜୈବିକ ସାର ନିମନ୍ତେ ୨୨ ଟଙ୍କାର ହାଡ଼ଗୁଣ୍ଡ ଓ ୧୫ କିଲୋ ଅଙ୍ଗାରକ ମିଳେ; ଯାହାର ମୋଟ୍ ମୂଲ୍ୟ ୧୧୦ ଟଙ୍କା ହେବ । ହେଲେ ଏହି ୧୧୦ ଟଙ୍କିଆ ମଣିଷ ନିଜ ଜୀବଦ୍ଦଶାରେ ୫୦ ଲକ୍ଷ ଟଙ୍କାର କେତେ ଯେ ଗଛ ନଷ୍ଟ କରେ, ଯା'ର ହିସାବ ମଣିଷ କେତେଦୂର କରୁଛି ?

ବଳରାମପୁର, ପଞ୍ଚପଲ୍ଲୀ
ବୋରିକିନା, ଜଗତସିଂହପୁର-୭୫୪୧୧୦
ଫୋନ୍-୯୧୭୮୭୯୧୬୪୫

●●



LOTUS INSTITUTE OF HOTEL MANAGEMENT
Recognised by Govt. of Odisha
LIHM
Belive • Blessed • Blossom
An ISO 9001 : 2008 Certified Organisation
ADMISSION OPEN
100% JOB GUARANTEE
- Post Graduate Diploma in Hotel Management (PGDHM)
- Diploma in Restaurant & B2 Management (DR&B2M)
- Diploma in Food Production (DFP)
- Diploma in F & B Service (DF&B)

JOIN AFTER 10TH, +2 & +3
Arunodaya Market, Link Road, Cuttack
Ph. : 0671-2321666, 9439403174, 9439403178
Our Franchise Centre : Jeypore, Koraput
E-mail: lihmoperation@gmail.com / lihmprincipal@gmail.com, Visit us : www.lihm.org

# ଅଚ୍ୟୁତ ସାହିତ୍ୟରେ ସମାଜ-ସଂସ୍କାର

**ଡାକ୍ତର ତାରକ ପ୍ରସନ୍ନ ତ୍ରିପାଠୀ**

ଯୁଗେଯୁଗେ ଏହି ପବିତ୍ର ଭାରତଭୂମିରେ ଅନେକ ସାଧୁ, ସନ୍ଥ, ମହାପୁରୁଷ ତଥା ଈଶ୍ୱରପୁତ୍ରମାନେ ଜନ୍ମଗ୍ରହଣ କରି ସେମାନଙ୍କ ଅମର ଲେଖନୀ ନିଃସୃତ ବେଦ, ଶାସ୍ତର, ପୁରାଣ ଏବଂ ସନାତନ ଧର୍ମର ସାର ନିର୍ଯ୍ୟାସମାନ ଜନସମାଜରେ ପ୍ରଚାର ଓ ପ୍ରସାର କରିଯାଇଛନ୍ତି । ସେହି ମହାନ୍ ପୁରୁଷ ଓ ସାରସ୍ୱତ ସାଧକମାନେ ଭାରତବର୍ଷର ବିଭିନ୍ନ ପ୍ରାନ୍ତରେ ଜନ୍ମଗ୍ରହଣ କରି, ଜ୍ଞାନାଲୋକର କିରଣରେ ସମଗ୍ର ସଂସାରକୁ ଉଦ୍‌ବୁଦ୍ଧ କରିଅଛନ୍ତି ଏବଂ ଗୂଢ଼ତମ ଶାସ୍ତ୍ରମାନଙ୍କର ସରଳ ନିର୍ଯ୍ୟାସକୁ ନିଜନିଜର ଆଞ୍ଚଳିକ ଭାଷାରେ ପ୍ରଚାର କରିଅଛନ୍ତି । ଅଜ୍ଞାନ ଅନ୍ଧାରରେ ବୁଡ଼ିରହିଥିବା ମାନବଜାତିକୁ ନିଜ ରଚନାବଳୀର ଆଲୋକବର୍ତ୍ତିକା ଦେଖାଇ ସଂସ୍କାରିତ ପଥରେ ଯିବା ପାଇଁ ପ୍ରବର୍ତ୍ତାଇଛନ୍ତି ଏବଂ ସମାଜ-ସଂସ୍କାର କରିଯାଇଛନ୍ତି । ସେଇମାନଙ୍କ ମଧ୍ୟରେ ଉତ୍କଳର ବରପୁତ୍ର ପଞ୍ଚସଖାଶ୍ରେଷ୍ଠ ଅଚ୍ୟୁତାନନ୍ଦ ହେଉଛନ୍ତି ଅନ୍ୟତମ ।

ମହାପୁରୁଷ ଅଚ୍ୟୁତାନନ୍ଦ ଚତୁର୍ଦ୍ଦଶ ଶତାବ୍ଦୀରେ ଉତ୍କଳମାଟିରେ ଜନ୍ମଗ୍ରହଣ କରିଥିଲେ ଏବଂ ତାଙ୍କ ସହ ଆଉ ଚାରିଜଣ ପରମ ସନାତନୀ ମହାପୁରୁଷ ମଧ୍ୟ ଆସିଥିଲେ, ଯାହାଙ୍କୁ ଏକତ୍ର 'ପଞ୍ଚସଖା' ବୋଲି କୁହାଯାଏ । ସେମାନେ ହେଲେ ବଳରାମ ଦାସ, ଯଶୋବନ୍ତ ଦାସ, ଶିଶୁ ଅନନ୍ତ ଦାସ ଏବଂ ଜଗନ୍ନାଥ ଦାସ । କଥିତ ଅଛି -

"ବଳବନ୍ତ, ଯଶୋବନ୍ତ, ଅନନ୍ତ, ଅଚ୍ୟୁତ
ଜଗନ୍ନାଥ ଦାସ ପଞ୍ଚସଖା ନାମେ ଖ୍ୟାତ ।"

ସେମାନେ ମଧ୍ୟ ଏକତ୍ର ଦୃଢ଼ତାର ସହିତ କହିଛନ୍ତି -

"ଆମେ ପଞ୍ଚସଖା କଳିର ମହନ୍ତ
ପ୍ରଚାର କରିବୁ ସନାତନ ତତ୍ତ୍ୱ ।"

ଏହି ପଞ୍ଚସଖାମାନେ ସମସ୍ତେ ପରମ ବୈଷ୍ଣବ ତଥା ଶ୍ରୀଜଗନ୍ନାଥ ବା କୃଷ୍ଣଭକ୍ତ ଅଟନ୍ତି । ଏମାନେ ସମସ୍ତେ ପ୍ରଭୁଙ୍କ ନିତ୍ୟଧାମ ଗୋଲୋକ ବୈକୁଣ୍ଠର ପାର୍ଷଦ ବୋଲି ସେମାନଙ୍କର ରଚନାବଳୀରୁ ପ୍ରମାଣିତ ହୁଏ । ପ୍ରଭୁ ଅବତାର ନେବା ପୂର୍ବରୁ ତାଙ୍କର ପାର୍ଷଦମାନେ ପୃଥିବୀକୁ ଆସିଥାନ୍ତି ଓ ତାଙ୍କର ଲୀଳାସଙ୍ଗୀ ହୁଅନ୍ତି । ତେଣୁ କଳିଯୁଗରେ ନାମାବତାର ଶ୍ରୀକୃଷ୍ଣ ଚୈତନ୍ୟ ନଦୀୟା ନବଦ୍ୱୀପରେ ଜନ୍ମ ହେବା ପୂର୍ବରୁ ଏହି ପଞ୍ଚସଖାମାନେ ଅବତୀର୍ଣ୍ଣ ହୋଇଥିଲେ । ତେଣୁ ଜାତିସ୍ମର ଅଚ୍ୟୁତ ନିଜେ କହିଛନ୍ତି -

"କ୍ଷିତି, ଆପ, ତେଜ, ବାୟୁ, ଆକାଶ
ନଥିଲା ପଞ୍ଚଭୂତ ଦଶ ଦିଶ ।
ରାଧା କୃଷ୍ଣ ବେନି ମୂରତି ଥିଲେ
ତେଣୁ ସୃଜନେ ଗୋଲୋକ ବୋଇଲେ ।
ଗୋଲୋକ ନିତ୍ୟ ବଇକୁଣ୍ଠ ଥାନ
ତହିଁରୁ ଜାତ ପଞ୍ଚ ମହାଜନ ।"

ସୃଷ୍ଟି ଆରମ୍ଭରୁ ଯେତେବେଳେ କିଛି ନଥିଲା, ଏ ପଞ୍ଚଭୂତର ସର୍ଜନା ହୋଇନଥିଲା, ସେତେବେଳେ ନିତ୍ୟଧାମରେ କେବଳ ରାଧାକୃଷ୍ଣ ବେନିମୂର୍ତ୍ତି ହିଁ ଥିଲେ । ସେଇ ଯୁଗଳମୂର୍ତ୍ତିଙ୍କ ନିବିଡ଼ ପ୍ରେମଭାବରୁ ପାଞ୍ଚଜଣ ମହାନ୍ ପୁରୁଷ ଜନ୍ମନେଇ ତାଙ୍କର ଲୀଳାସଙ୍ଗୀ ହେଲେ ଓ ପ୍ରଭୁଙ୍କର ଯଶଗୁଣକୁ କୀର୍ତ୍ତନ କଲେ । ଯଥା -

"ରାଧାକୃଷ୍ଣଙ୍କର ପ୍ରେମଭାବରୁ
ଆମେ ପଞ୍ଚସଖା ଜନ୍ମ ଲଭିଲୁ ।
ନିରତେ ତାଙ୍କ ପାରୁଶରେ ଥାଉ
କୃଷ୍ଣ ଯଶ, ଗୁଣ ନିରତେ ଗାଉ ।"

ସେଇ ନିତ୍ୟ ପଞ୍ଚସଖାମାନେ ପ୍ରତିଯୁଗରେ ପ୍ରଭୁଙ୍କ ସହିତ ଜନ୍ମନେଲେ । ଯଥା -

ସତ୍ୟଯୁଗରେ : କୃପାଜଳ, ସନକ, ସନାତନ, କପିଳ ଓ ଗୋଧ୍ୱ
ତ୍ରେତୟାରେ : ନଳ, ନୀଳ, ସୁଷେଣ, ଜାମ୍ବବ ଓ ହନୁମାନ
ଦ୍ୱାପରରେ : ସୁବଳ, ସୁବାହୁ, ସୁଦାମ, ଦାମ ଓ ଶ୍ରୀବତ୍ସ
କଳିଯୁଗରେ : ଅଚ୍ୟୁତ, ଅନନ୍ତ, ଯଶୋବନ୍ତ, ବଳରାମ ଓ ଜଗନ୍ନାଥ ।

ଏଇମାନେ ହିଁ ପ୍ରତିଯୁଗରେ ପଞ୍ଚସଖା ବୋଲି ସ୍ୱୀକାର କରିଛନ୍ତି । ପ୍ରଭୁଙ୍କର ଜନ୍ମ ଯେପରି ଅଲୌକିକ, ତାଙ୍କ ସଖାମାନଙ୍କର ଜନ୍ମ ଓ ମହାପ୍ରୟାଣ ମଧ୍ୟ ସେହିପରି ଅଲୌକିକ । ତେଣୁ ପଞ୍ଚସଖାମାନଙ୍କର ଲୌକିକ କୁଳ, ଗୋତ୍ର, ସମାଜ ଓ ପିତାମାତା ଥିଲେ ମଧ୍ୟ ସେମାନଙ୍କର ଜନ୍ମ ଅଲୌକିକ । ମହାପୁରୁଷ ଅଚ୍ୟୁତାନନ୍ଦଙ୍କର ଜନ୍ମ ଓ ମହାପ୍ରୟାଣ ବିଷୟରେ ଏପର୍ଯ୍ୟନ୍ତ କୌଣସି ପ୍ରାମାଣିକ କିମ୍ବା ସଠିକ୍ ତଥ୍ୟ ନାହିଁ । କାରଣ ସେ ହେଉଛନ୍ତି ଅଯୋନିସମ୍ଭୂତ ଏବଂ ତାଙ୍କର ଜନ୍ମ ଓ ମହାପ୍ରୟାଣ ଏ ଦୁଇ ଅଲୌକିକ ଭାବରେ ହୋଇଥିଲା । ସେ ତାଙ୍କର 'ଜନ୍ମଲତା' ନାମକ ଗ୍ରନ୍ଥରେ ଲେଖିଛନ୍ତି -

"ଅରୂପ, ଅଦେହୀ, ଅଯୋନି ଜାତ
ରୂପରେଖ ନାହିଁ, ନାମ ଅଚ୍ୟୁତ ।" (ଜନ୍ମଲତା)

ତେଣୁ ସେ ସ୍ପଷ୍ଟ କହୁଛନ୍ତି, ସେ ଯୋନିଜନ୍ମ ନୁହନ୍ତି, ତେଣୁ କାହାରି ପୁତ୍ର ହେବା ତାଙ୍କର ଲୋକାଚାର ଲୀଳା ମାତ୍ର । ଅନେକ ତର୍କ-ବିତର୍କ ଥିଲେ ମଧ୍ୟ ଏହା ସ୍ୱୀକାର୍ଯ୍ୟ ଯେ, ସେ ଶୂନ୍ୟରୁ ଆସିଛନ୍ତି ଓ ଶୂନ୍ୟରେ ମିଳାଇଯାଇଛନ୍ତି । 'ଶୂନ୍ୟ ସଂହିତା'ର ବାଣୀ ଅନୁସାରେ -

"ଅଚ୍ୟୁତ ନାମ ଚ୍ୟୁତ ନାହିଁ ଯାହାର
ଅଣାକାର ଯା'ର ଦେହୀ,
ନିରାକାର ସାରସ୍ୱତ ମନ୍ତ୍ର ସାର
ଦୀନ ଅଚ୍ୟୁତ ଭଣଇ ।"

ମହାପୁରୁଷ ଅଚ୍ୟୁତାନନ୍ଦ ବ୍ରହ୍ମଦର୍ଶୀ ଥିଲେ । କୀଟଠାରୁ ବ୍ରହ୍ମ ପର୍ଯ୍ୟନ୍ତ ସେ ସମସ୍ତଙ୍କୁ ସମାନ ଚକ୍ଷୁରେ ଦେଖୁଥିଲେ । ତାଙ୍କରି ଭାଷାରେ ସେ ନିଜେ କହୁଛନ୍ତି –

"ତୋହ ତହିଁ ଦେଖ ମୁଁ ଉଦେ ହୋଇଛି
ମୋହ ତହିଁ ଦେଖ ତୁହି,
ତୁମ୍ଭେ ଆମ୍ଭେ ଦୁହେଁ ଏକତ୍ର ଅଙ୍ଗଟି
ଭିନ୍ନାଭିନ୍ନ ଆଉ ନାହିଁ ।"

ପଞ୍ଚସଖାଶ୍ରେଷ୍ଠ ମହାପୁରୁଷ ଅଚ୍ୟୁତାନନ୍ଦ ଏକାଧାରରେ ଜଣେ କବି, ଦାର୍ଶନିକ, ଭବିଷ୍ୟବକ୍ତା, ସାଧକ, ସନ୍ଥ, ବ୍ରହ୍ମଦର୍ଶୀ ତଥା ସମାଜ-ସଂସ୍କାରକ ଥିଲେ । ସେ ଜାତିସ୍ମର ଏବଂ ଦିବ୍ୟଦ୍ରଷ୍ଟା ମଧ୍ୟ ଥିଲେ । ତାଙ୍କର ରଚନାବଳୀ ବିଷୟରେ ସେ ସ୍ୱୟଂ କହିଛନ୍ତି –

"ଛତିଶ ସଂହିତା, ଅଠସ୍ତରୀ ଗୀତା
ବଂଶାନୁ ସପ୍ତବିଂଶରେ,
ଉପବଂଶାନୁ ଦ୍ୱାଦଶଖଣ୍ଡ ବେନି
ଭବିଷ୍ୟ ଶତଖଣ୍ଡରେ ।
ପଦ ପଦାବଳୀ ଲକ୍ଷେକ ଯେ ଗ୍ରନ୍ଥ
ସବୁ ଶ୍ରୀକୃଷ୍ଣ ମହିମା
ତୋ ଆଗେ କହିଲି ବରଜ କୁମର
ବ୍ରହ୍ମ ସାରସ୍ୱତ ସୀମା ।"

ଅର୍ଥାତ୍ ସେ କହୁଛନ୍ତି, "ମୁଁ ଛତିଶଗୋଟି ସଂହିତା, ଅଠସ୍ତରୀଟି ଗୀତା, ସତେଇଶଖଣ୍ଡ ବଂଶାନୁଚରିତ ଏବଂ ଚଉଦଗୋଟି ଉପବଂଶା-ନୁଚରିତ ରଚନା କରିଛି ଏବଂ ଶହେଖଣ୍ଡରେ କଳି ଭବିଷ୍ୟତକୁ କହିଛି । ପ୍ରଭୁ ଶ୍ରୀକୃଷ୍ଣଙ୍କ କୃପାବଳରେ ଲକ୍ଷେକ ଗ୍ରନ୍ଥ ରଚନା କରିବା ସମ୍ଭବ ହୋଇଛି ।"

ଭଗବାନ ବ୍ୟାସଦେବଙ୍କ ପରେ ଏତେ ସଂଖ୍ୟକ ରଚନାବଳୀ ଆଉ କାହାରି ମଧ୍ୟ ନାହିଁ । ତାଙ୍କର କର୍ମକ୍ଷେତ୍ର ଉତ୍କଳ ହେଲେ ମଧ୍ୟ ଦିବ୍ୟଦ୍ରଷ୍ଟା ଅଚ୍ୟୁତ ସମଗ୍ର ବିଶ୍ୱର ଭବିଷ୍ୟତକୁ ନିଜର ଲେଖନୀମୂନରେ ସ୍ଥାନ ଦେଇଛନ୍ତି । କଳିଯୁଗର ଲୋକଚରିତ୍ର, ସାମାଜିକ ଚିତ୍ର, ସାମାଜିକ ଅବସ୍ଥା ଏବଂ ତା'ର କୁପରିଣାମ କ'ଣ ହେବ, ସେସବୁର ବାସ୍ତବ ଓ ନିର୍ଭୁଲ୍ ଚିତ୍ର ସେ ତାଙ୍କର ରଚନା ତଥା ସାହିତ୍ୟ ମାଧ୍ୟମରେ ପ୍ରତିପାଦନ କରିଯାଇଛନ୍ତି । ତା'ଛଡ଼ା ବିପଥଗାମୀ ମନୁଷ୍ୟଙ୍କୁ ସୁପଥକୁ ଆସିବାର ମାର୍ଗ ମଧ୍ୟ ସେ ପ୍ରଦର୍ଶନ କରିଯାଇଛନ୍ତି । ତାଙ୍କର ରଚନାବଳୀକୁ ଲୋକମୁଖରେ 'ମାଳିକା' ବୋଲି କୁହାଯାଏ ଏବଂ ସମାଜର ପ୍ରତ୍ୟେକ ଅଙ୍ଗ ଉପରେ ତା'ର ଗଭୀର ପ୍ରଭାବ ରହିଛି । ଚତୁର୍ଦ୍ଦଶ ଶତାବ୍ଦୀରେ ଜନ୍ମନେଇଥିବା ଅଚ୍ୟୁତାନନ୍ଦ ତାଙ୍କ ରଚନାବଳୀରେ ଏକବିଂଶ ଶତାବ୍ଦୀରେ କ'ଣସବୁ ଘଟିବ ଏବଂ କେଉଁକେଉଁ ବିପର୍ଯ୍ୟୟମାନ କେଉଁ ଅଙ୍କ ବା ମସିହାରେ ହେବ ତା'ର ହିସାବ ମଧ୍ୟ ନିର୍ଭୁଲ୍ ଭାବରେ ନିର୍ଣ୍ଣୟ କରିଛନ୍ତି । ତାଙ୍କ ଲେଖନୀ ନିଃସୃତ ପ୍ରତ୍ୟେକଟି ଶବ୍ଦ ମଧ୍ୟ ଆଜି ଅକ୍ଷରେ ଅକ୍ଷରେ ସତ୍ୟ ପ୍ରମାଣିତ ହୋଇଚାଲିଛି । ସେଥିପାଇଁ ସେ ଦୃଢ଼ୋକ୍ତି ପ୍ରକାଶ କରି କହିଛନ୍ତି –

"ପର୍ବତ ଶିଖରେ ଫୁଟିବ କଇଁ
ଅଚ୍ୟୁତ ବଚନ ଟଳିବନାହିଁ ।
ପୂର୍ବ ଭାନୁ ଅବା ପଶ୍ଚିମେ ଯିବ
ଅଚ୍ୟୁତ ବଚନ ମିଥ୍ୟା ନୋହିବ ।" (ନିର୍ଘଣ୍ଟ)

ଅର୍ଥାତ୍, ପର୍ବତ ଶିଖରରେ ପଦ୍ମ ଫୁଟିବା ଓ ପୂର୍ବଦିଗର ସୂର୍ଯ୍ୟ ପଶ୍ଚିମରେ ଉଦୟ ହେବା ପରି ଅସମ୍ଭବମାନ ସମ୍ଭବ ହୋଇପାରେ, କିନ୍ତୁ ଅଚ୍ୟୁତଙ୍କ ବଚନ ମିଥ୍ୟା ହେବା ସମ୍ପୂର୍ଣ୍ଣ ଅସମ୍ଭବ । ସେ ଆହୁରି କହିଛନ୍ତି –

"ସୀତା ଠାକୁରାଣୀ ଅସତୀ ହୋଇବେ
ପର୍ବତେ ଫୁଟିବ କଇଁ,
ଅଚ୍ୟୁତ ବଚନ ତିଳେ ନ ଟଳିବ
ପାଷାଣର ଗାର ଏହି ।" (ନିର୍ଘଣ୍ଟ)

ଅର୍ଥାତ୍, ସୀତା ଠାକୁରାଣୀ ଅସତୀ ହେବା ଯେପରି ଅସମ୍ଭବ, ଅଚ୍ୟୁତଙ୍କ ବଚନ ମିଥ୍ୟା ହେବା ସେହିପରି ଅସମ୍ଭବ । କାରଣ ଏହା ପାଣିର ଗାର ନୁହେଁ, ପାଷାଣର ଗାର ଅଟେ । ବ୍ୟକ୍ତିଠାରୁ ଆରମ୍ଭ କରି ପରିବାର, ଗ୍ରାମ, ଜିଲ୍ଲା, ରାଜ୍ୟ, ଦେଶ ଇତ୍ୟାଦିର ଅବସ୍ଥା କିପରି ଧ୍ୱଂସାଭିମୁଖୀ ହେବ ତା'ର ଯେଉଁ ଚିତ୍ର ସେ ପରିସ୍ଫୁଟନ କରିଛନ୍ତି, ତାହା ପାଠକଲେ ମଣିଷ ନିଶ୍ଚିତଭାବରେ ପ୍ରଭାବିତ ହେବ ଓ ନିଜର ଭୁଲ୍ ହୃଦୟଙ୍ଗମ କରି ନିଜକୁ ସୁଧାରିବାରେ ସମର୍ଥ ହୋଇପାରିବ । ଫଳରେ ନିଶ୍ଚିତଭାବରେ ସଂସ୍କାରିତ ସମାଜ ନିର୍ମାଣ ହୋଇପାରିବ । ଆଗକୁ ଆସୁଥିବା ବିପଦସବୁକୁ ଓ ପ୍ରାକୃତିକ ବିପର୍ଯ୍ୟୟକୁ ସେ ମଣିଷକୁ ଭୟ ପ୍ରଦର୍ଶନ ପାଇଁ କହିନାହାନ୍ତି, ବରଂ ସେସବୁକୁ ମଣିଷର କୃତକର୍ମର ଫଳ ବୋଲି ଦର୍ଶାଇ ଆଗରୁ ଭଲବାଟକୁ ଆସିଲେ ଓ ନିଜକୁ ଠିକ୍ କରିନେଲେ ବିପଦ ସ୍ପର୍ଶ କରିବନାହିଁ ବୋଲି କହିଛନ୍ତି । ତାଙ୍କ ଭାଷାରେ –

"ଘୋର କଳିକାଳ ନିଶ୍ଚୟ ପଡ଼ିବ
ହରି ଆଶ୍ରେ କର ନର,
ଶ୍ରୀକୃଷ୍ଣ ପାଦରେ ଚିତ୍ତ ରଖିଥିଲେ
ଘରେ ନ ପଶିବ ଚୋର ।" (ନିର୍ଘଣ୍ଟ)

ତାଙ୍କର ଏହି ଚେତାବନୀ ଓ ଉପଦେଶ ସମାଜକୁ ସଂସ୍କାରିତ କରିବା ପାଇଁ ଏକ ଦୃଢ଼ ପଦକ୍ଷେପ ନିଶ୍ଚୟ । ମୋଟ୍ ଉପରେ କହିବାକୁ ଗଲେ, ଯିଏ କଳିଯୁଗର ରୋଗ ନିର୍ଣ୍ଣୟ କରିଛନ୍ତି ସିଏ ଔଷଧ ବି ନିର୍ଣ୍ଣୟ କରିଛନ୍ତି । ତଥାପି ଚେତାବନୀ ସତ୍ତ୍ୱେ ଯଦି ମଣିଷ ସୁଧୁରି ନଯାଏ ବା ପରିବର୍ତ୍ତନ ନହୁଏ, ତେବେ ଦୈବଦଣ୍ଡ ସୁନିଶ୍ଚିତ ବୋଲି ସେ କହିଛନ୍ତି । କାରଣ ପିଲା ଭୁଲ୍ କଲେ ପିତା ତ ନିଶ୍ଚୟ ଦଣ୍ଡବିଧାନ କରିବ । ତେଣୁ ସେ କହିଛନ୍ତି –

"ଆପଣା ହସ୍ତରେ ଜିହ୍ୱାକୁ ଛେଦିଲେ
ପ୍ରତିଦ୍ୱନ୍ଦ୍ୱୀ କେହି ନାହିଁ,

ସୁକର୍ମ-କୁକର୍ମ ବଚାରିପାରିଲେ
ପଦ୍ମପାଦେ ଲୀନ ହୋଇ ।"

ଶ୍ରୀଜଗନ୍ନାଥଧାମ ତଥା ପୁରୁଷୋତ୍ତମକ୍ଷେତ୍ର ଯେପରି ଉଦାର ମାନବିକତାର ହାତ ବଢ଼ାଇ ପ୍ରତ୍ୟେକ ବିଶ୍ୱବାସୀଙ୍କୁ ଆଲିଙ୍ଗନ କରେ, ମହାପୁରୁଷ ଅଚ୍ୟୁତାନନ୍ଦ ଠିକ୍ ସେହିପରି ଉଦାର ମାନବିକତାର ସହ ସମସ୍ତଙ୍କୁ ନିଜର କରିଛନ୍ତି । ସର୍ବପ୍ରଥମେ ସମାଜରୁ ଜାତିଭେଦ ଓ ବର୍ଣ୍ଣବୈଷମ୍ୟକୁ ଦୂର କରିବା ପାଇଁ ସେ ପ୍ରୟାସ କରିଛନ୍ତି । ତାଙ୍କ ମତରେ, "ମାନବ ମାତ୍ରକେ ସମାନ" ଏବଂ "ଜାତି ଓ ବଂଶ ସମାନ" । ସେଥିପାଇଁ ଅଚ୍ୟୁତ ଏପରି ଲେଖନୀ ଚାଳନା କରିଛନ୍ତି, ସମସ୍ତେ ତାଙ୍କୁ ନିଜର ଜାତିପୁଅ ପରି ମନେକରନ୍ତି । ଗୋପାଳ କହେ ଅଚ୍ୟୁତ ମୋର, କୈବର୍ତ୍ତ କହେ ମୋର, ସମସ୍ତେ ତାଙ୍କୁ ଅତି ନିଜର ବୋଲି ସାବ୍ୟସ୍ତ କରନ୍ତି । 'ବର୍ଣ୍ଣଟୀକା'ରେ ସେ କହିଛନ୍ତି -

"ବ୍ରହ୍ମା ଯେକାଳେ ସୃଷ୍ଟି ଭିଆଇଲା
ଛପ୍ପନକୋଟିୟେ ଜୀବ ସୃଷ୍ଟି କଲା ।
ତହିଁରେ ମାନବ ହୋଇଲା ସାର
ବର୍ଣ୍ଣ ଗୋଟି ହେଲା କର୍ମବଳର ।
କର୍ମରୁ ବର୍ଣ୍ଣ ସୃଜନା ହୋଇଛି
କର୍ମ ଛଡ଼ା ଆନ ନାହିଁ ଯେ କିଛି ।"

ଅଚ୍ୟୁତଙ୍କ ମତରେ ଏ ସମାଜରେ ଜାତି ବୋଲି କିଛି ନାହିଁ । ଯାହାକୁ ଯେଉଁ କର୍ମ ଦିଆଯାଇଛି, ତାକୁ ସେହି ଜାତି ବୋଲି କୁହାଯାଉଛି । ଶ୍ରୀମଦ୍ ଭଗବଦ୍ ଗୀତାରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି, "ଜାତିଧର୍ମ ମୟା ସୃଷ୍ଟ, ଗୁଣକର୍ମ ବିଭାଗଶଃ ।" (ଅର୍ଥାତ୍, ଗୁଣ ଓ କର୍ମକୁ ନେଇ ଜାତିଧର୍ମ ମୋ ଦ୍ୱାରା ହିଁ ସୃଷ୍ଟି ହୋଇଛି ।) ଗୀତାର ଏହି ନିର୍ଯ୍ୟାସକୁ ଅତି ସରଳ ଭାଷାରେ ଅଚ୍ୟୁତ ଜନମାନସରେ ପହଞ୍ଚାଇଛନ୍ତି । ସେ କହିଛନ୍ତି ଯେ, ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର - ଏହି ଚାରିଜାତି ହେଉଛନ୍ତି ମାନବସୃଷ୍ଟ । ଯିଏ ପୂଜାପାଠ କଲା ସିଏ ବ୍ରାହ୍ମଣ, ଯିଏ ରାଜ୍ୟ ଶାସନ କଲା ଓ ରାଜ୍ୟ ରକ୍ଷା କଲା ସିଏ କ୍ଷତ୍ରିୟ, ବ୍ୟବସାୟ-ବାଣିଜ୍ୟ କରୁଥିବା ବ୍ୟକ୍ତି ବୈଶ୍ୟ ଏବଂ ଏ ତିନିଜାତିଙ୍କର ସେବା କରୁଥିବା ବ୍ୟକ୍ତିଙ୍କୁ ଶୂଦ୍ର ଆଖ୍ୟା କେବଳ ଦିଆଯାଇଛି । ସମାଜରେ ଶୂଦ୍ର ବ୍ୟକ୍ତିଙ୍କୁ ନୀଚଦୃଷ୍ଟିରେ ଦେଖାଯାଏ ବୋଲି, ମଣିଷ ଭିତରୁ ଏହି ହୀନମନ୍ୟତାକୁ ଦୂର କରିବା ପାଇଁ ଅଚ୍ୟୁତ ଏବଂ ପଞ୍ଚସଖାମାନେ ନିଜକୁ ଶୂଦ୍ର ବୋଲି ଅଭିହିତ କରିଛନ୍ତି । ତାଙ୍କ ଭାଷାରେ -

"ବେଦ ପଢ଼ି ବିପ୍ର ଅହଂକାରରେ
ଭକ୍ତି ନମିଳଇ ତାଙ୍କ ଶରୀରେ ।
କ୍ଷତ୍ରିୟ ନୃପତି ବଡ଼ ଅଟନ୍ତି
ଦଣ୍ଡ, ତଣ୍ଡ ଦେବା ତାହାଙ୍କ ମତି ।
ଦଣ୍ଡ, ତଣ୍ଡ ଦେବା ମତି ତାଙ୍କର
ସେ କାହୁଁ ଜାଣିବେ କୃଷ୍ଣ ପୟର ?"

ପୁନଶ୍ଚ କହୁଛନ୍ତି -

"ବୈଶ୍ୟବୃତ୍ତି ଅଟେ ବାଣିଜ୍ୟାଚାର
କ୍ରୟବିକ୍ରୟରେ ମତି ତାଙ୍କର ।
କ୍ରୟବିକ୍ରୟରେ ତାହାଙ୍କ ମତି
ସେ କାହୁଁ ଜାଣିବେ କୃଷ୍ଣଭଗତି ?" (ବର୍ଣ୍ଣଟୀକା)

ଅଚ୍ୟୁତଙ୍କ ମତରେ, ଉପରୋକ୍ତ କାରଣରୁ ଉଚ୍ଚଜାତି-ମାନଙ୍କଠାରେ ପ୍ରଭୁଭକ୍ତି ସଞ୍ଚାରିତ ହୋଇପାରେ ନାହିଁ । "ମାନବ ସେବା ହିଁ ମାଧବ ସେବା ।" ତେଣୁ ଯିଏ ସେବା କରେ ସିଏ ଶ୍ରେଷ୍ଠ ଓ ଈଶ୍ୱରଙ୍କ ନିକଟବର୍ତ୍ତୀ ହୁଏ । ତାଙ୍କ ଉକ୍ତିରେ -

"ଶୂଦ୍ର ବର୍ଣ୍ଣରେ ସେବା ପ୍ରାପ୍ତ ହୁଏ
ଅହଂକାର ନାହିଁ ଶୂଦ୍ରର ଦେହେ ।
ସାନ ହେଲେ ମନ ସରୁଆ ହୋୟେ
ସରୁଆରେ ଜ୍ଞାନ ଗରୁଆ ହୋୟେ ।"

ସେଥିପାଇଁ ପଞ୍ଚସଖାମାନେ ଏକସ୍ୱରରେ କହିଛନ୍ତି -

"ଆମେ ପଞ୍ଚସଖା ଶୂଦ୍ର ହୋଇଲୁ
ଜ୍ୟେଷ୍ଠ-କନିଷ୍ଠ ବାରି ନପାରିଲୁ ।"

ଅତଏବ, ପଞ୍ଚସଖା ଓ ମହାପୁରୁଷ ଅଚ୍ୟୁତାନନ୍ଦଙ୍କର ଏହିପରି ସ୍ୱୀକାରୋକ୍ତି ମଣିଷ ଭିତରୁ ଅହଂକାରର ମୂଳୋତ୍ପାଟନ କରି ନିଶ୍ଚୟ ସାମ୍ୟବାଦର ପ୍ରଚାର କରୁଅଛି, ଏଥିରେ ଅତ୍ୟୁକ୍ତି ନାହିଁ ।

ମହାପୁରୁଷ ଅଚ୍ୟୁତାନନ୍ଦ ଓ ମାଳିକାର ବାଣୀ ସାମ୍ପ୍ରତିକ ସମାଜକୁ ସୁପଥକୁ ଆଣିବା ଓ କୁକର୍ମର ପରିଣାମକୁ ଚେତାବନୀ ଦେବା ପାଇଁ ଏକ ସତର୍କଘଣ୍ଟି ସଦୃଶ । ତାଙ୍କର କାଳଜୟୀ ଲେଖନୀ ମାଧ୍ୟମରେ ସେ ବ୍ୟକ୍ତି-ନିର୍ମାଣ, ପରିବାର-ନିର୍ମାଣ, ସମାଜ-ନିର୍ମାଣ ଇତ୍ୟାଦି ଉପରେ ଗୁରୁତ୍ୱ ଦେଇ, କଳିଯୁଗରେ ଏସବୁର ଅବସ୍ଥା କିପରି ହେବ ତାହା ଚେତାଇଦେବା ଦ୍ୱାରା ବ୍ୟକ୍ତିର ମନ ଭିତରେ ତା'ର ପ୍ରଭାବ ନିଶ୍ଚୟ ପଡ଼ିବ ବୋଲି ଚିନ୍ତା ବ୍ୟକ୍ତ କରିଥିଲେ । ସେସବୁକୁ ପୁଣି ସେ ସୁଲଳିତ ଛନ୍ଦ, ବନ୍ଧ ମାଧ୍ୟମରେ ଏପରି ଶ୍ରୁତିମଧୁର ଶବ୍ଦପ୍ରୟୋଗ କରିଛନ୍ତି ଯେ, ଯାହାଦ୍ୱାରାକି ଲୋକମାନେ ତାକୁ ଗାଇପାରିବେ ଏବଂ ଗାଇବା ଦ୍ୱାରା ସେଇ ମଣିଷର ମନ ଓ ହୃଦୟରେ ଗଭୀର ପ୍ରଭାବ ସୃଷ୍ଟି କରିପାରିବ । ଭଗବାନ କୃଷ୍ଣ ଦ୍ୱୈପାୟନ ବ୍ୟାସଜୀ ମହାରାଜ ତାଙ୍କର କଳି ଭବିଷ୍ୟ କଥନରେ କହିଥିଲେ ଯେ, କଳିଯୁଗରେ 'ଧର୍ମ ସଂକୁଚିତ' ହେବ । ମହାପୁରୁଷ ଅଚ୍ୟୁତାନନ୍ଦ ତାହାକୁ ଅତି ସୁନ୍ଦର ଭାବରେ 'ନିର୍ଘଣ୍ଟ'ରେ କହିଲେ -

"ସର୍ବେ ମଉଭୋଳେ କାଳ କଟାଇବେ
ହୋଇବ ଭଗତି ହାନି
ଧର୍ମ ବୋଲି ଯେଉଁ ଯୋଡ଼ିଏ ଅକ୍ଷର
ନଜାଣି ହୋଇବେ ଜ୍ଞାନୀ ।

ମୁନି ହେବେ ନଷ୍ଟ, ପାଇ ବହୁ କଷ୍ଟ
ଏ ଯୋଗ ଦିଶିବ ଯେବେ
ଧୂମ୍ରବର୍ଣ୍ଣ ହେବ, ପୃଥ୍ୱୀ ନାଶ ଯିବ
ପ୍ରିୟ ଗୁଣା ବିଂଶ ଯେବେ ।"

ପୁନଶ୍ଚ ସେ କହୁଛନ୍ତି –

"ଘୋର କଳିକାଳ ଥୟ ନ ରହିବ
ମୁନି ହେବେ ବାଟବଣା
ପ୍ରକୃତି ସାଙ୍ଗରେ ପୀରତି କରିବେ
କହି ଜ୍ଞାନ ଅକଳଣା ।
ଘରଭଙ୍ଗା ପ୍ରାଣୀ ସଭିଏଁ ହୋଇବେ
ଫନ୍ଦା ଫିକରରେ ମାତି
ଫତୁରୀ ସଂସାର ଚିର ମଣିଥିବେ
ତିଳେ ନ ରଖିଣ ଭୀତି ।"

କଳିଯୁଗରେ ପରିବାରରେ ଶୃଙ୍ଖଳା ଓ ସଂହତି ରହିବନାହିଁ ବୋଲି ସେ ସ୍ପଷ୍ଟ ଦର୍ଶାଇଛନ୍ତି । ଯଥା –

"ଧନଲୋଭ ଦିନୁଦିନ ବଢୁଥିବ ପାର୍ଥ
ବାପମାଆଙ୍କୁ ବାହାର କରିଦେବେ ସୁତ ।
ଭାରିଯା ବଶରେ ରହି ଧର୍ମକୁ ଲଘିବେ
ଠାକୁର ପରାୟେ ତା'ର ଚରଣ ସେବିବେ ।"
(କଳିଯୁଗ ଗୀତା)

ଏପରି ସ୍ତ୍ରୀ-ବୁଦ୍ଧିରେ ବଶ ହୋଇ ପିତାମାତାଙ୍କୁ ଖାଇବାକୁ ବି ଦେବେନାହିଁ –

"ପିତାମାତାଙ୍କୁ ପୁତ୍ରହିଁ ଅନ୍ନ ଯେ ନଦେବେ
ବହୁ ଆଡ଼ମ୍ବର କରି ଦାଣ୍ଡରେ କହିବେ ।" (ନିର୍ଘଣ୍ଟ)

ଏହିପରି ଶହଶହ ପଦ୍ୟାବଳୀ, ଉଦାହରଣ ମାଧ୍ୟମରେ ମାଳିକାରେ ଦେଖିବାକୁ ମିଳେ । ବ୍ୟାସଦେବଙ୍କ ଉକ୍ତିରେ, "ନାରୀବଶା ମାନବାଃ" ଅର୍ଥାତ୍ ପୁରୁଷମାନେ ନାରୀଙ୍କ ବଶରେ ରହିବେ । ଅଚ୍ୟୁତଙ୍କ ଉକ୍ତିରେ –

"ଚନ୍ଦ୍ରକିରଣ ଲୁଚିବ ଆକାଶେ
ପୁରୁଷ ରହିବେ ନାରୀଙ୍କ ବଶେ ।
ଦିବସରେ ଦେଖାଯିବ ନକ୍ଷତ୍ର
ଜାଣିବୁ କିଛି ହେବ ଛିନ୍ନଛତ୍ର ।" (ନିର୍ଘଣ୍ଟ)

ସାମ୍ପ୍ରତିକ ଭାରତବର୍ଷରେ ଏବେ ନାରୀ-ଜାଗରଣ ଓ ନାରୀ-ସ୍ୱାଧୀନତା ପାଇଁ ସମସ୍ତ ଆଇନ ତିଆରି ଚାଲିଛି, ଯାହାର ସୁଫଳ ଓ କୁଫଳ ଦୁଇ ପ୍ରକାର ପ୍ରଭାବ ପରିଲକ୍ଷିତ ହେଉଛି । ଅଚ୍ୟୁତ ଚାହୁଁଥିଲେ ନାରୀ ଜାଗ୍ରତ ହେଉ, ସ୍ୱାଧୀନ ହେଉ, ତା ଭିତରେ ଥିବା ସୁପ୍ତଶକ୍ତିକୁ ପ୍ରଦର୍ଶନ କରୁ; କିନ୍ତୁ ସ୍ୱେଚ୍ଛାଚାରିଣୀ, ଅସଭ୍ୟା ଓ ନଗ୍ନ ନହେଉ । ବୋଧହୁଏ ଅଚ୍ୟୁତ ଜାଣିଥିଲେ ଯେ ଏପରି ଦିନ ଆସିବ, ନାରୀ ପୁରୁଷମାନଙ୍କୁ ପଦାନତ କରିବେ । ତେଣୁ ଦିବ୍ୟଦ୍ରଷ୍ଟା ଅଚ୍ୟୁତ ଅତି ଅପ୍ରିୟସତ୍ୟ ଉଚ୍ଚାରଣ କରି କହିଛନ୍ତି –

"ନାରୀ ରାଜା ହୋଇ ନାମ କଟାଇବ
ଲୋକେ ତାହାକୁ ଡରିବେ
ସେହିଦିନୁ ନାରୀ ପ୍ରବଳ ହୋଇବେ
ଗୁରୁ ସ୍ୱାମୀ ନ ମାନିବେ ।
ଅବଳା ପ୍ରବଳ ଗୃହେଗୃହେ ଗୋଳ
ବେଶ୍ୟାର ବୃତ୍ତିକୁ ଘେନି
ଅତିହିଁ ଅଧର୍ମ ପାପ ଆଚରିଣ
ଗୁରୁଗୌରବ ନମାନି ।" (ନିର୍ଘଣ୍ଟ)

ପୁନଶ୍ଚ, ସେ 'ଜାଇଫୁଲ ମାଳିକା'ରେ କହିଛନ୍ତି –

"ନାରୀମାନେ ଉଗ୍ର ହେବେ, ପୁରୁଷଙ୍କୁ ହତମାନ୍ୟ କରିବେ
ଜାଇଫୁଲ ଲୋ, ପରପୁରୁଷେ ରମିବେ
ସହଜେ ବାଳିକା ଗର୍ଭ, ଗୁପତରେ କେତେ ନଷ୍ଟ ହୋଇବ
ଜାଇଫୁଲ ଲୋ, ପାପପଥେ ରତ ହେବ ।"

ନାରୀ ହେଉଛି ସମାଜର ଭିତ୍ତି ଆଉ ସମାଜର ଶକ୍ତି ମଧ୍ୟ । ନାରୀଚରିତ୍ର ଖରାପ ହେଲେ ସମଗ୍ର ସମାଜ କଳୁଷିତ ହୋଇଯାଏ । ନାରୀଶିକ୍ଷା ଓ ସ୍ୱାଧୀନତାର ଅର୍ଥ ନୁହେଁ ଯେ ଭାରତୀୟ ନାରୀ ମନମୁଖୀ ହେଉ, ବିଲାତି ପୋଷାକ ପିନ୍ଧି ଅର୍ଦ୍ଧନଗ୍ନ ହେଉ । ଭାରତୀୟ ନାରୀ ଦେବୀପ୍ରତିମା ଅଟେ, ଚଣ୍ଡୀଚାମୁଣ୍ଡା ନୁହେଁ । କିନ୍ତୁ ଆଜିର ନାରୀ ଅର୍ଦ୍ଧନଗ୍ନ ହୋଇ ନିର୍ଭୟ ଓ ସ୍ୱେଚ୍ଛାଚାରୀ ହୋଇ ରାସ୍ତାଘାଟରେ ବୁଲୁଛନ୍ତି । ଏହା କିପ୍ରକାର ନାରୀ-ଜାଗରଣ ? ଶାଢ଼ି ପିନ୍ଧି ମୁଣ୍ଡରେ ଓଢ଼ଣା ଦେଲେ ସଧବା ବଧୂଟିଏ ଦେବୀ ପରି ଦେଖାଯାଏ, ତାକୁ ପ୍ରଣାମ କରିବାକୁ ଇଚ୍ଛା ହୁଏ । କିନ୍ତୁ ପାଶ୍ଚାତ୍ୟ ପୋଷାକ ପିନ୍ଧି, କେଶ ମୁକୁଳା କରି ଅଫିସ୍ କିମ୍ବା କଚେରୀକୁ ଯିବା କିପ୍ରକାର ଆଧୁନିକତା ? ଉଚ୍ଚଶିକ୍ଷିତା ନାରୀ ପରଦେଶକୁ ଅନୁକରଣ ନକରି ନିଜ ଦେଶର ବସନ-ଭୂଷଣ ପିନ୍ଧିଲେ କ'ଣ ତା'ର ସମ୍ମାନ ଚାଲିଯାଏ ? ତେଣୁ ଏସବୁ ସ୍ୱେଚ୍ଛାଚାରିତା ବିରୋଧରେ ପରୋକ୍ଷ ବିପ୍ଳବ କରି ଅଚ୍ୟୁତ କହିଛନ୍ତି –

"ଯୁବା ସ୍ତିରୀମାନେ ଉଲଗ୍ନ ହୋଇଣ
ଲଜ୍ଜା ଭୟକୁ ଛାଡ଼ିବେ
ଧନଲୋଭରେ ସେ ଚଣ୍ଡାଳ ଲୋକରେ
ସୁରତି ରସ କରିବେ ।" (ନିର୍ଘଣ୍ଟ)

ପୁନଶ୍ଚ, ଜଣେ କୁଳବଧୂର ଶାଶୂ-ଶ୍ୱଶୁର-ସେବା କରିବା ପରମ ଧର୍ମ । ଏଥିରେ ଶିକ୍ଷିତା-ଅଶିକ୍ଷିତା ସମସ୍ତଙ୍କର ମଙ୍ଗଳ । ପୁରାତନତା ବା ଆଧୁନିକତାର ସ୍ଥାନ ଏଥିରେ ନାହିଁ । କିନ୍ତୁ କଳିଯୁଗର ଚରିତ୍ର ହେଉଛି –

"ଶାଶୁମାନଙ୍କୁ ବୋହୂ ଯେ ନମାନିବେ ଜାଣ
ବଚନେ ବଚନେ ବୋହୂ କରିବେ ଉଚ୍ଛନ୍ନ ।

ପୁତ୍ରଙ୍କୁ କହିଲେ ପୁତ୍ର କର୍ଣ୍ଣେ ନଶୁଣିବେ
କାମମଦେ ମାତି ତାଙ୍କୁ କିଛି ନକହିବେ ।
ଭାଇଭାଇ ଭିନ୍ନଭିନ୍ନ, ପିତାପୁତ୍ରେ ଭିନ୍ନ
ଭିନ୍ନ ଗୃହ କରିବେ ସେ ସ୍ତିରୀଙ୍କ ବାକ୍ୟେଣ ।" (ନିର୍ଘଣ୍ଟ)

ଅଚ୍ୟୁତଙ୍କର ଏହିସବୁ ରଚନାର ଶୈଳୀ ଓ କୌଶଳ ଯେକୌଣସି ଗାୟକ, ପାଠକ ଓ ଶ୍ରୋତାର ହୃଦୟକୁ ଛୁଇଁବ ଓ ତା'ର ହୃଦୟ ମଧ୍ୟରେ ନିଶ୍ଚିତଭାବରେ ଏକ ଆଲୋଡ଼ନ ସୃଷ୍ଟି କରି ସଦ୍‌ବିଚାରର ଅଙ୍କୁରୋଦ୍‌ଗମ ହେବ, ଏଥିରେ ସନ୍ଦେହ ନାହିଁ ।

ସାମ୍ପ୍ରତିକ ସମାଜରେ ଆଉ ଏକ ବ୍ୟାଧି ହେଉଛି ପାଖଣ୍ଡୀ ବା ଭଣ୍ଡ ସାଧୁମାନଙ୍କର ଦୌରାତ୍ମ୍ୟ । ବର୍ତ୍ତମାନ ଗୀତା, ଭାଗବତ, ବେଦ ଓ ପୁରାଣକୁ ସମସ୍ତେ ଭୁଲିଯାଇ ମନଗଢ଼ା ଧର୍ମ ଓ ସମ୍ପ୍ରଦାୟ ପଛରେ ଲୋକମାନେ ପଙ୍ଗପାଳ ପରି ଧାଇଁଯାଉଛନ୍ତି ଏବଂ ସେହି ବିଭ୍ରାନ୍ତ ଜନତାକୁ ନିଜର ମାୟା ବଳରେ ଆକର୍ଷଣ କରି ଭଣ୍ଡ ସାଧୁମାନେ ଅଜସ୍ର ଧନରତ୍ନ ଲୁଟିନେଉଛନ୍ତି । ଅଚ୍ୟୁତଙ୍କ ଭାଷାରେ –

"ଗଳେ କାଠମାଳି ନେଇ ବାନ୍ଧିବେ
କଟି ଡୋରରେ ବସନ ପିନ୍ଧିବେ ।
ଜଟା ବାନ୍ଧିଣ ହୋଇବେ ଜଟିଳ
ମୁଖେ ବଚନ କହିବେ ଚଞ୍ଚଳ ।
ପରସ୍ତିରୀ ସଙ୍ଗେ ପ୍ରୀତି କରିବେ
ପଶୁପାଳକ ପ୍ରାୟେ ହୋଇଥିବେ ।"
(ଇନ୍ଦ୍ରଗୋବିନ୍ଦ ଗୀତା)

ପୁନଶ୍ଚ, 'କଳିଯୁଗ ଗୀତା'ରେ ସେ କହୁଛନ୍ତି –

"ଜ୍ଞାନ ନଥିବଟି ଆପଣା ଗାତ୍ର
ପରକୁ ଧରି ଦେବେ ଯନ୍ତ୍ରମନ୍ତ୍ର ।
ଶିଖିଥିବେ ନାନା ସାକ୍ଷୀ ଶବଦ
ଗୁରୁସେବା ବୋଲି କରିବେ ବାଦ ।
ସାତପାଞ୍ଚ ତହୁଁ ଘେନିବେ ଦୀକ୍ଷା
ତେବେ ନଜାଣିବେ ଆତ୍ମାର ରକ୍ଷା ।"

ଏସବୁ ଚିତ୍ରର ଅବତାରଣା କରି 'ଗୁରୁଭକ୍ତି ଗୀତା' ମାଧ୍ୟମରେ ସେ ପ୍ରକୃତ ଗୁରୁ କିଏ, ତାଙ୍କର ଲକ୍ଷଣ କ'ଣ, ଈଶ୍ୱର କିଏ, ଈଶ୍ୱରଭକ୍ତିର ପଥ ବା ମାର୍ଗ କ'ଣ; ସେସବୁର ସୁନ୍ଦର ଉପଦେଶମାନ ପ୍ରଦାନ କରିଛନ୍ତି । ସଦ୍‌ଗୁରୁଙ୍କର ପରିଚୟ ଦେବାକୁ ଯାଇ ସେ କହିଛନ୍ତି –

"ଶିଷ୍ୟ ଅଟଇ ଭବତରି
ଗୁରୁ ଯେ ତହିଁରେ ନାଉରି ।
'କୃଷ୍ଣ' ଯେ ଅନୁକୂଳ ବାୟୁ
'ନାମ' ଆହୁଲା ଧରି ତହୁଁ ।
ଶିଷ୍ୟକୁ ଲଗାନ୍ତି କୂଳରେ
ପ୍ରଳୟ ଭବ-ପାରାବାରେ ।" (ଗୁରୁଭକ୍ତି ଗୀତା)

ତେଣୁ ସଦ୍‌ଗୁରୁଙ୍କର ନିହାତି ଆବଶ୍ୟକ । କାରଣ ସଦ୍‌ଗୁରୁ ବିନା ପ୍ରାଣୀ ନିଜର ଜୀବନନୌକାକୁ ସ୍ରୋତର ଅନୁକୂଳ ଦିଗରେ ବାହିବା ଅସମ୍ଭବ । ତାଙ୍କ ଉକ୍ତିରେ –

"ନାବିକ ନଲୋଡ଼ି ନାବ ବାହିବା ଯେମନ୍ତ
ସଦ୍‌ଗୁରୁ ବିନା ପ୍ରାଣୀ ମହିରେ ତେମନ୍ତ ।"

କିନ୍ତୁ କଳିଯୁଗରେ ଲୋକ ମାୟାରେ ପଡ଼ି ଭଣ୍ଡସାଧୁଙ୍କୁ ଗୁରୁ କରିବେ । ଅଚ୍ୟୁତ କହୁଛନ୍ତି –

"ଅସତଗୁରୁ ସମ୍ଭାଷଣ
ଅକାଳମୃତ୍ୟୁଟି ଲକ୍ଷଣ ।"

ଯେଉଁ ଲୋକ ନାମତତ୍ତ୍ୱ ଓ ପ୍ରଣବତତ୍ତ୍ୱ ଜାଣିନଥିବ ସେ ଶିଷ୍ୟକୁ କି ଜ୍ଞାନ ଦେବ ? ତେଣୁ ସେ କହିଲେ –

"କାତ ଯେ ଧରି ଜାଣେନାହିଁ
ନିଶ୍ଚୟ ମାରିବ ବୁଡ଼ାଇ ।" (ଗୁରୁଭକ୍ତି ଗୀତା)

ସେହିପରି, ସମାଜରେ ଛତିଶ ବର୍ଣ୍ଣର ଗୁରୁ ବୋଲି କୁହାଯାଉଥିବା ବ୍ରାହ୍ମଣମାନଙ୍କ ଅଧୋଗତିକୁ ଲକ୍ଷ୍ୟ କରି ଅଚ୍ୟୁତ କହୁଛନ୍ତି –

"ବିପ୍ରେ ବେଦ ନପଢ଼ିବେ, ଶଉଚ ନହେବେ
ସ୍ନାନ ଚଳୁ ତରପଣ ସକଳ ତେଜିବେ ।"

ପୁନଶ୍ଚ କହୁଛନ୍ତି –

"ବ୍ରାହ୍ମଣମାନେ ଯେ ଅନାଚାରୀ ହୋଇ
ହୀନ ଆଚାର କରିବେ
ଗାୟତ୍ରୀ ଛାଡ଼ିବେ, ଗାରେଡ଼ି ପଢ଼ିବେ
ନାନା ବେପାର କରିବେ ।" (ନିର୍ଘଣ୍ଟ)

ବ୍ରାହ୍ମଣର ଦୀକ୍ଷା ହେଲା ଗାୟତ୍ରୀ । ଗାୟତ୍ରୀ ବିହୀନ ବ୍ରାହ୍ମଣ, ବ୍ରାହ୍ମଣ ପଦବାଚ୍ୟ ନୁହେଁ । ତେଣୁ ସେମାନଙ୍କୁ ସୁପଥକୁ ଫେରାଇ ମାର୍ଜିତ କରାଇବା ପାଇଁ ସେ ଏହି ଚେତାବନୀ ଦେଇଛନ୍ତି । ଯଥା –

"ବାଟ ଚାଲୁଥିବେ ବ୍ରାହ୍ମଣ, ବୈଷ୍ଣବ
ଜାଲ ବାଡ଼ି ହାତେ ଧରି
ଧର୍ମାଧର୍ମ କଥା ପୁଚ୍ଛିଲେ ତାହାଙ୍କୁ
ଅଶ୍ଳୀଳ ଭାଷିବେ ଭାରି ।"

ଯଦି ଜାତିଶ୍ରେଷ୍ଠ ବ୍ରାହ୍ମଣମାନଙ୍କର ଅବସ୍ଥା ଏପରି ହେବ, ତେବେ ଅନ୍ୟମାନଙ୍କ ଅବସ୍ଥା କ'ଣ ନହେବ ? ତେଣୁ ସେ ବ୍ରାହ୍ମଣମାନଙ୍କୁ ଶୁଦ୍ଧ ଆଚାର ଓ ଶୁଦ୍ଧ ଆହାର କରିବା ପାଇଁ ଉପଦେଶ ଦେଇଛନ୍ତି । ମାଛ, ମାଂସ, ମଦ୍ୟକୁ ସେ ବର୍ଜନ କରିବା ପାଇଁ ପରାମର୍ଶ ଦେଇଛନ୍ତି । ତାଙ୍କ ଭାଷାରେ –

"ମାଛ, ମାଂସ, ମଦ୍ୟ ଯେହୁ କରଇ ବର୍ଜନ
ଶତ ସମ୍ବତ୍ସର ତପ ସହିତ ସମାନ ।" (ନିର୍ଘଣ୍ଟ)

କାରଣ, ଯେପରି ଅନ୍ନ, ସେପରି ମନ । ଅଭକ୍ଷ-ଭକ୍ଷଣ କରୁଥିବା ଲୋକର ମାନସିକ ସ୍ଥିତି ବିଗିଡ଼ିଯାଏ ଓ ତା'ର ମନ ବ୍ୟଭିଚାର ଦିଗକୁ ଆକର୍ଷିତ ହୁଏ । ସମାଜରେ ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କର ଆଚାର ଓ ଆହାର ଶୁଦ୍ଧ ହେଲେ ଅନ୍ୟମାନେ ତାହା ଅନୁକରଣ କରିବେ । କିନ୍ତୁ କଳିଯୁଗରେ -

"ସମସ୍ତେ ହୋଇବେ ଆଚାରହୀନ
ସମସରି ହେବେ ପାଣ-ବ୍ରାହ୍ମଣ ।
ବେଦ-ଶାହାସ୍ତ୍ରକୁ ଦୂରେ ତେଜିବେ
ସମସ୍ତେ ଫିରିଙ୍ଗି ବେଶ ହୋଇବେ ।
ଅଭକ୍ଷମାନ କରିବେ ଭକ୍ଷଣ
ନର ଅଂଶେ ଦୈତ୍ୟ ହେବେ ଜନମ ।" (ନିର୍ଘଣ୍ଟ)

ଅଚ୍ୟୁତଙ୍କ ମତରେ ସମାଜରେ ଭଲ ଓ ମନ୍ଦ ଉଭୟ ପୂରିରହିଛି । ତେଣୁ ମଣିଷକୁ ପରିମାର୍ଜିତ ଓ ଭକ୍ତିମାର୍ଗରେ ଗତି କରିବାକୁ ପଡ଼ିବ । ତେବେ ତା ଭିତରୁ କୁସଂସ୍କାର ଦୂର ହୋଇ ଈଶ୍ୱରଭକ୍ତି ପ୍ରତିଷ୍ଠାଲାଭ କରିପାରିବ । ତାଙ୍କ ଉକ୍ତିରେ -

"ଭକ୍ତିର ମୂଳଟି ଭାବନା ଚିତ୍ତ
ଜ୍ଞାନର ମୂଳଟି ସେବକ ମତ ।
ବାସନାର ମୂଳ, ଶାସ୍ତ୍ର ଅଭ୍ୟାସ
ଅଭ୍ୟାସର ମୂଳ ନାମକୁ ଘୋଷ ।
ସାର-ଅସାର ବାଛିକରି ଘେନ
ହଂସ କ୍ଷୀର-ନୀର ବାଛିବା ସମ ।
ସତ୍ୟକୁ ସାରଥି କର ଏ ରଥେ
ଆବର ମୂଳ ଜପଟି ତୁରିତେ ।"

ହଂସ ଯେପରି ନୀରକୁ ଛାଡ଼ି କେବଳ କ୍ଷୀରକୁ ଗ୍ରହଣ କରେ, ମଣିଷ ସେହିପରି ହେଲେ ସମାଜ ଆପେଆପେ ସଂସ୍କାରିତ ହୋଇଯିବ ।

ମହାପୁରୁଷ ଅଚ୍ୟୁତାନନ୍ଦଙ୍କର ମାଳିକାର ତତ୍ତ୍ୱ ଓ ନିର୍ଯ୍ୟାସକୁ ବର୍ଣ୍ଣନା କରିବା ମାନବ-ମସ୍ତିଷ୍କର ସାଧ୍ୟର ବାହାରେ । ତେଣୁ ଅଳ୍ପ କେତୋଟି ଉଦାହରଣ ମାଧ୍ୟମରେ ଏଠାରେ ଦର୍ଶାଇଦିଆଗଲା କି, ସାମ୍ପ୍ରତିକ ସମାଜ ଉପରେ ମାଳିକାର ଗଭୀର ପ୍ରଭାବ ରହିଛି ଏବଂ ଅଚ୍ୟୁତ ସାହିତ୍ୟର ପ୍ରଚାର, ପ୍ରସାର ଏବଂ ପଠନ ତଥା ଆଲୋଚନା ଦ୍ୱାରା ହିଁ ଧ୍ୱଂସାଭିମୁଖୀ ସମାଜ ନିଶ୍ଚୟ ଧ୍ୱଂସମୁଖରୁ ରକ୍ଷା ପାଇପାରିବ ଏବଂ ଏକ ସୁସ୍ଥ ସମାଜ ଗଠନରେ ସହାୟକ ହୋଇପାରିବ, ଏଥିରେ ଅତ୍ୟୁକ୍ତି ନାହିଁ ।

ପ୍ଲଟ୍ ନଂ-୨ଇ/୬୫୭, ସେକ୍ଟର-୧୧
ମର୍କତନଗର, କଟକ-୭୫୩୦୧୫

●●

VS ACADEMY
(A WAY TO SUCCESS)
FOR +2 & +3 ARTS (ALL SUBJECTS)
& ALSO H.S.C (CLASS VIII TO X)
Where Ordinary Converts into Extraordinary
MATRUMANGALA CAMPUS, TINIKONIA BAGICHA, CUTTACK - 1
CONTACT : 8270602223 , 8328896892

# ପ୍ରକୃତିପ୍ରୀତି ଓ ମାଟିମଣିଷର କଥା : ସବୁରି ପାଇଁ ଆକାଶ

**ଅଧ୍ୟାପକ କମଳ ମାହୁନ୍ତ**

ଡକ୍ଟର ହେମନ୍ତ କୁମାର ଦାସ ଜଣେ ନାଟ୍ୟକାର ଭାବରେ ଓଡ଼ିଆ ପାଠକ ମହଲରେ ଯେତିକି ପରିଚିତ ହୋଇଛନ୍ତି ତା'ଠାରୁ ଅଧିକ ପ୍ରତିଷ୍ଠିତ ହୋଇଛନ୍ତି ନାଟ୍ୟ ସମାଲୋଚକ ଭାବରେ । ଲୋକନାଟକରୁ ଆରମ୍ଭ କରି ଅପେରା ପର୍ଯ୍ୟନ୍ତ ନାଟକର ବିଭିନ୍ନ ଦିଗ ଉପରେ ଗବେଷଣା କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । କେବଳ ନାଟକ ନୁହେଁ, 'ମରଣୋତ୍ତର', 'ହସର ଠିକଣା', 'ମରୁତୀର୍ଥ', 'ସ୍ମୃତିର ଆକାଶ', 'ହେ ସୂର୍ଯ୍ୟ ହେ ଆକାଶ', 'ସବୁରି ପାଇଁ ଆକାଶ', 'ନଚିକେତା ସମ୍ବାଦ', 'ଏଇ ପୃଥିବୀ ଶରଶଯ୍ୟା' ଆଦି ତାଙ୍କ ରଚିତ ଗଳ୍ପ ସଂକଳନ ଓଡ଼ିଆ କଥାସାହିତ୍ୟକୁ ସମୃଦ୍ଧ କରିଛି । ମାତ୍ର ନାଟ୍ୟକାର ହେମନ୍ତ କୁମାର ଦାସ ପାଖରେ ଗାଳ୍ପିକ ହେମନ୍ତ କୁମାର ଦାସ ଲୁଚିଯାଇଛନ୍ତି । ନାଟ୍ୟ ସମାଲୋଚନା ତାଙ୍କୁ ଯେଉଁ ପ୍ରସିଦ୍ଧି ଆଣି ଦେଇଛି ତାହା ସେ ଗଳ୍ପ ରଚନା କରି ପାଇପାରି ନାହାନ୍ତି ।

'ସବୁରି ପାଇଁ ଆକାଶ' ଡକ୍ଟର ଦାସଙ୍କର ଏକ ପ୍ରମୁଖ ଗଳ୍ପ ସଂକଳନ । ଏହା 'ସାହିତ୍ୟ ପ୍ରତିଷ୍ଠାନ' ମହମ୍ମଦିଆ ବଜାର, କଟକ-୨ଙ୍କ ଦ୍ୱାରା ୨୦୧୬ ମସିହାରେ ପ୍ରକାଶିତ । 'ନଦୀକୂଳର ଏକ ଗାଁ'ଠାରୁ ଆରମ୍ଭ କରି 'ସବୁରି ପାଇଁ ଆକାଶ' ପର୍ଯ୍ୟନ୍ତ ୧୪ଗୋଟି ଗଳ୍ପର ସମାହାର ଏଇ ସଂକଳନଟିରେ ରହିଛି 'ରୋଗ ଓ ତା'ର ପ୍ରତିକାର' ନାମରେ ଗୋଟିଏ ଅନୂଦିତ ଗଳ୍ପ । ପାରିବାରିକ ସମସ୍ୟା, ମାଟିର ମୋହ; ସର୍ବୋପରି ପ୍ରକୃତିପ୍ରୀତିର ଆବେଗ ପ୍ରତିଫଳିତ ହୋଇଛି ଏଇ ଗଳ୍ପ ସଂକଳନଟିରେ ।

ସ୍ୱାଧୀନତା ପରବର୍ତ୍ତୀ ସମୟରେ ସାମାଜିକ ଜୀବନରେ ଯେଉଁ ଦ୍ରୁତ ପରିବର୍ତ୍ତନ ଦେଖାଦେଇଛି, ତାହାର ଚିତ୍ର ସ୍ଥାନ ପାଇପାରିଛି ଗାଳ୍ପିକ ହେମନ୍ତ ଦାସଙ୍କ ଲେଖନୀରେ । ଅତୀତର ସ୍ୱାଭିମାନୀ ଜାତୀୟ ଜୀବନ କିପରି ମୋହଗ୍ରସ୍ତ ହୋଇପଡ଼ିଛି; ଚାକିରି, ଶିକ୍ଷା, ବ୍ୟବସାୟ ଓ ରାଜନୀତିକୁ ଭିତ୍ତି କରି କିପରି ନୂତନ ଅଭିଜାତ ଗୋଷ୍ଠୀର ଅଭ୍ୟୁଦୟ ଘଟିଛି; କୃଷିଭିତ୍ତିକ ସମାଜ କିପରି ସଂକୁଚିତ ହେବାକୁ ଲାଗିଛି; ମୂଲ୍ୟବୋଧର କିପରି ପତନ ଘଟିଛି; ସୁବିଧାବାଦୀ ନୂତନ ଉପଭୋଗୀ ଗୋଷ୍ଠୀର ପ୍ରତାରଣା ଓ ଶଠତା ସମାଜକୁ କିପରି କଳୁଷିତ କରିରଖିଛି – ସେସବୁର ଚିତ୍ର ଫୁଟିଉଠିଛି 'ସବୁରି ପାଇଁ ଆକାଶ' ଗଳ୍ପ ସଂକଳନରେ ।

'ନଦୀକୂଳର ଏକ ଗାଆଁ' ଗଳ୍ପରେ ଗାଳ୍ପିକ ଗଣତନ୍ତ୍ର ନାଁରେ କିଭଳି ଶୋଷଣତନ୍ତ୍ର ରାଜୁତି କରୁଛି ଓ ବିକାଶ ନାଁରେ ଶାସକଗୋଷ୍ଠୀ କିପରି ଦେଶକୁ ଲୁଣ୍ଠନ କରିଚାଲିଛନ୍ତି ତାହାର ବର୍ଣ୍ଣନା କରିଛନ୍ତି । ମାଧପୁର ଗ୍ରାମର ବର୍ଣ୍ଣନା କରି କହିଛନ୍ତି ଯେ; ସ୍ନେହ ମମତାରେ ବନ୍ଧା ଏଇ ଗ୍ରାମବାସୀ କୃଷକଠାରୁ ଆରମ୍ଭ କରି ଧୋବା, କେଉଟ, ତେଲି ସମସ୍ତେ ନିଜନିଜର କୌଳିକ ବୃତ୍ତିକୁ ଆଦରିନେଇ ଜୀବନ ଅତିବାହିତ କରୁଥିଲେ । ପାଇକା ନଦୀର ସୁନ୍ଦର ଅବବାହିକାରେ ବସତି ସ୍ଥାପନ କରି ଏମାନେ ସୁଖସ୍ୱାଚ୍ଛନ୍ଦ୍ୟରେ କାଳାତିପାତ କରୁଥିଲେ । କେଉଟ ସାହିରୁ ପାହାନ୍ତାରୁ ଶୁଣାଯାଉଥିଲା ଦୁମ୍‌ଦୁମ୍ ଢିଙ୍କି ପାହାର । ଗଉଡ଼ମାନେ ଗୁହାଳରୁ ଗାଈମାନଙ୍କୁ ବାହାରକୁ ଆଣି ଦୁହିଁବାର ବ୍ୟବସ୍ଥା କରୁଥିଲେ ଏବଂ ଘର ଭିତରେ ଗଉଡୁଣୀମାନେ ମଝିଖୁମ୍ବରେ ଗଛଖୁଆ ଭିଡ଼ି ଦହି ମୁହାଁଇବାରେ ଲାଗିଯାଉଥିଲେ । ଅଣ୍ଟାରେ ଖାଳେଇ ଆଉ କାନ୍ଧରେ ଜାଲବିଡ଼ା ପକାଇ କେଉଁଟମାନେ ଯାଉଥିଲେ 'ପାଇକା' ଗର୍ଭରୁ ଜୀବିକାର ସନ୍ଧାନରେ । ଗୁଡ଼ିଆମାନେ ପସରା ସଜାଇ ଗାଁ ଗାଁ ବୁଲି ବେପାର କରୁଥିଲେ । ଧୋବା-ଧୋବଣୀମାନଙ୍କର ଲୁଗାସିଝା ଆଉ ଇସ୍‌ଇସ୍ ଲୁଗାକଚା ଶବ୍ଦରେ ନଈତୁଠ ଉଛୁଳୁଥିଲା । ଘଣାରେ ଏକଆଖିଆ ବଳଦପଟେ ଯୋଚି ସୋରିଷ, ରାଶି କି ଚିନାବାଦାମ ପେଡ଼ିବାରେ ଲାଗିପଡୁଥିଲା ଦାମ ସାହୁ ତେଲି । ମାଧପୁର ଏପରି ଥିଲା କର୍ମମୁଖର । କେହି ବେକାର ନଥିଲେ । ସମସ୍ୟା ଥିଲା; ମାତ୍ର କ୍ଷୋଭ ନଥିଲା । ଅଭାବ, ଅନଟନ, ରୋଗ, ଶୋକ ଭିତରେ ବି ଲୋକେ ପ୍ରାଣଖୋଲି ହସୁଥିଲେ ।

ଅଳ୍ପ କେଇଟା ଦିନ ଭିତରେ ବିକାଶ ନାଆଁରେ ମାଧପୁର ଚିତ୍ର ବଦଳିଯାଇଛି । ଗ୍ରାମର ବିକାଶ ଘଟିଛି, ଜନସଂଖ୍ୟା ବୃଦ୍ଧି ହୋଇଛି । ହାଇସ୍କୁଲ, ହେଲ୍‌ଥ ସେଣ୍ଟର୍, ମହିଳା ସମିତି, ସ୍ୱେଚ୍ଛାସେବୀ ସଂସ୍ଥା, କୈବର୍ତ୍ତ ସଭା, ଗୋପାଳ ସମିତି ସବୁ ଅଛି । ନୂଆଣିଆ ଚାଳଛପର ଘର ସ୍ଥାନରେ ଛିଡ଼ାହୋଇଛି ଟାଇଲ୍ କିମ୍ବା ଆଜବେଷ୍ଟସ୍ ଛପର ବା କୋଠାଘର । ଏକଦା ଖାଲଖମା କାଦୁଅ ରାସ୍ତା ପରିଣତ ହୋଇଛି ପିଚୁରାସ୍ତାରେ । ଯାତ୍ରାରେ ସଖୀପିଲା ସାଜୁଥିବା ଦ୍ୱିଜବର ପରିଡ଼ା ହୋଇଯାଇଛି ପାଞ୍ଚଖଣ୍ଡି ଗାଁର ସରପଞ୍ଚ । ଏସବୁ ବିକାଶ ଭିତରେ ବିପର୍ଯ୍ୟସ୍ତ ହୋଇପଡ଼ିଛି ମାଧପୁରର ପ୍ରାକୃତିକ ଅବସ୍ଥା । ପାଇକା ନଦୀ ଶ୍ରୀହୀନ ହୋଇଯାଇଛି । ନଦୀ ପାଲଟିଯାଇଛି ବାଡ଼ବନ୍ଦୀ ଶସ୍ୟକ୍ଷେତ । ଠାଏଠାଏ ଯେଉଁ ପାଣି ରହିଛି ତାହା ଘଞ୍ଚ କଳିକତି ଦଳରେ ପୂର୍ଣ୍ଣ ହୋଇ ମ୍ୟାଲେରିଆ, ଟାଇଫଏଡ୍, କଲେରା ପ୍ରଭୃତି ପୂର୍ବ ଅଜ୍ଞାତ ରୋଗର

ଉତ୍ସ ହୋଇଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀ ନିର୍ବାଚନରେ ଚଞ୍ଚକତା, ଜାତୀୟ ଗ୍ରାମାଞ୍ଚଳ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ପାଣ୍ଠି ହେର୍‌ଫେର୍, ବି.ପି.ଏଲ୍. ଚାଉଳ ବଣ୍ଟନରେ ପାତରଅନ୍ତର, ସଡ଼କ ନିର୍ମାଣ ଯୋଜନାରେ ମିଥ୍ୟା ଭାଉଚର ପ୍ରଦାନ କରି ଅର୍ଥ ଆତ୍ମସାତ୍, ମହାବାତ୍ୟାରେ ମୃତବ୍ୟକ୍ତିଙ୍କୁ ଜୀବିତ ଦର୍ଶାଇ ତାଙ୍କର ପେନ୍‌ସନ୍ ହଡ଼ପ ଏବଂ ପ୍ରତିବାଦୀଙ୍କୁ ହତ୍ୟା ଇତ୍ୟାଦି ମାଳମାଳ ଅପରାଧ ଖୋଦ୍ ସରପଞ୍ଚ ଦ୍ୱିଜବର ପରିଡ଼ାଙ୍କ ନାମରେ । ଯିଏ ଶାସକ ସିଏ ହୋଇପଡ଼ିଛି ଶୋଷକ । ଗାଳ୍ପିକଙ୍କ ଭାଷାରେ, "ହତ୍ୟା, ଧର୍ଷଣ, ଗୃହଦାହ, ଅପହରଣ ଭିତରେ ଶ୍ୱାସରୁଦ୍ଧ ହୋଇ ମାଧପୁରର ନାଭିଶ୍ୱାସ ଉଠୁଛି । କାନରେ ବାଜୁଛି ତା'ର ଆକୁଳ ଚିତ୍କାର । ବଞ୍ଚାଅ, ମୋତେ ବଞ୍ଚାଅ, କିଏ ତାକୁ ବଞ୍ଚାଇବ ? ମୁମୂର୍ଷୁ ଶରୀରରେ ନବଜୀବନର ସଞ୍ଚାର କରିବ ? ତା ପାଖରେ କ'ଣ ସେଇ ମୃତ୍ୟୁସଞ୍ଜିବନୀ ଅଛି ?" (ନଈକୂଳର ଏକ ଗାଆଁ - ସବୁରି ପାଇଁ ଆକାଶ, ପୃଷ୍ଠା -୨୩-୨୪) । ଏହା କେବଳ ମାଧପୁରର କଥା ନୁହେଁ, ସ୍ୱାଧୀନ ଭାରତବର୍ଷର ହଜାର ହଜାର ଗାଁ ଆଜି ଏଇଭଳି ଚିତ୍କାର କରୁଛି । ଦ୍ୱିଜବର ପରିଡ଼ାଙ୍କ ପରି ଶିକ୍ଷାଦୀକ୍ଷାହୀନ ଲୋକଙ୍କ ହାତରେ ଯେତେବେଳେ କ୍ଷମତାକୁ ଟେକିଦିଆଯାଉଛି, ସେତେବେଳେ ସେମାନେ ବିକାଶ ନାଆଁରେ ଶୋଷଣ କରିଚାଲିଛନ୍ତି ସାଧାରଣ ଜନତାଙ୍କୁ ।

ଶିଳ୍ପସଭ୍ୟତାର ଯେଉଁ ଦ୍ରୁତ ଅଭିବୃଦ୍ଧି ଘଟିଛି, ତାହା ଏକ ବିଶୃଙ୍ଖଳିତ ପରିବେଶ ସୃଷ୍ଟି କରି ଜନଜୀବନର ମେରୁଦଣ୍ଡକୁ ଦୋହଲାଇଦେଇଛି । ଏହାର ଚିତ୍ର ଦେଖାଇଛନ୍ତି ଗାଳ୍ପିକ 'ସହର : ସ୍ମୃତି ଆଉ ବିସ୍ମୃତିର' ଗଳ୍ପରେ ।

ସୀମାନ୍ତ ଅଞ୍ଚଳର ଏକ ଛୋଟ ସହର କରନ୍‌ଗୁଡ଼ା । ଯାହାର ପ୍ରାକୃତିକ ସମ୍ପଦକୁ ଆଖିଆଗରେ ରଖି ଗଢ଼ିଉଠିଥିଲା କଳକାରଖାନା । ଉଦ୍ଦେଶ୍ୟ ଥିଲା ଦେଶର ଆର୍ଥିକ ଅବସ୍ଥା ବିକଶିତ ହେବା ସହିତ ସାଧାରଣ ଜନତା ପାଇବେ କର୍ମନିଯୁକ୍ତି । କିନ୍ତୁ ଅଳ୍ପ କେଇଟା ଦିନ ଭିତରେ ତାକୁ କେନ୍ଦ୍ର କରି ଚୋର, ଦଲାଲ୍, ଅପହର୍ତ୍ତା ଓ ଲୁଣ୍ଠନକାରୀଙ୍କ ସଂଖ୍ୟା ବଢ଼ିବାକୁ ଲାଗିଲା । ରାସ୍ତାରେ ଲ୍ୟାଣ୍ଡମାଇନ୍ ବିଛାଇ ସନ୍ତ୍ରାସବାଦୀମାନେ ଛକିଲେ । ସ୍କୁଲ, କଲେଜ ପିଲା ଦିନ ଦି'ପହରେ ହାତରେ ଭୁଜାଲି ଓ ବୋମା ଧରି ବୁଲିଲେ । ରାଜନୀତି ନାଆଁରେ ଆତ୍ମନୀତି ସାଜିଥିବା ଆମର ରାଜନେତା ହେଲେ ଏହାର କର୍ଣ୍ଣଧାର । ପ୍ରଶାସନ ସାଜିଲା ନୀରବଦ୍ରଷ୍ଟା । ଫଳରେ ମିଲ୍‌ରେ ହେଲା ଷ୍ଟ୍ରାଇକ୍ । କାରଖାନାରେ ତାଲା ଝୁଲାଇ ମାଲିକ ତା'ର ବମ୍ବେରେ ଏ.ସି. ରୁମ୍‌ରେ ବସି ଷ୍ଟ୍ରାଟେଜି ପ୍ଲାନ୍ କରୁଥିବା ବେଳେ କାରଖାନା ଉପରେ ନିର୍ଭର କରୁଥିବା ସାଧାରଣ ଦିନମଜୁରିଆ କାମ ନପାଇ ଭୋକ ଓପାସରେ ପଡ଼ିଛି । ମାଳମାଳ କୋଠାବାଡ଼ି ଆଉ କଳକାରଖାନାର ଚିମ୍‌ନୀ ଧୂଆଁରେ ଶ୍ୱାସରୁଦ୍ଧ ହୋଇ କରନ୍‌ଗୁଡ଼ା ମରୁଭୂମି ପାଲଟିଯାଇଛି । ଜଗତୀକରଣର ଏଇ ବିଷବାଷ୍ପରେ ସାଧାରଣ ଜନତା ଅଣନିଃଶ୍ୱାସୀ ହୋଇପଡ଼ିଛି ।

ଇଂରାଜୀ ଶିକ୍ଷାର ମୋହ ଏତେ ଘାରିଛି ଯେ, ଓଡ଼ିଆ ସ୍କୁଲରେ ପିଲାଙ୍କୁ ପାଠ ପଢ଼ାଇବା ପାଇଁ ଆଉ କୌଣସି ଅଭିଭାବକ ରାଜି ନୁହନ୍ତି । ଗାଳ୍ପିକ ନନ୍ଦ ସାର୍‌ଙ୍କ ମୁଖରେ କହିଛନ୍ତି, "ଓଡ଼ିଆ ସ୍କୁଲର ଏବେ କଉ ମର୍ଯ୍ୟାଦା ଅଛି ? ରିକ୍ସାବାଲାଟିଏର ବି ପ୍ରଥମ ଚିନ୍ତା, ...କେମିତି ତା'ର ପିଲାକୁ ଇଂରାଜୀ ପଢ଼ାଇବ । ଓଡ଼ିଆ ସ୍କୁଲର ଦରମା ଛ'ଟଙ୍କା ହେଲାବେଳେ, ଇଂରାଜୀ ସ୍କୁଲର ଦରମା ଛ'ଶହ ଟଙ୍କା । ତାକୁ ଗଣିବାକୁ ପ୍ରସ୍ତୁତ ବାପମା'ମାନେ । ଓଡ଼ିଆ ସ୍କୁଲର ଦରମା ଯଦି ଛ'ପଇସା ବଢ଼ୁଛି... ତେବେ ଆରମ୍ଭ ହୋଇଯାଉଛି ଆମର ଦାବି, ଚଳିବ ନାହିଁ... ଚଳିବ ନାହିଁ... ଆଉ ଇଂରାଜୀ ସ୍କୁଲ ? ବର୍ଷକରେ ଦଶଥର ବଢ଼ିଲେ ବି କାହାରି ପାଟି ଫିଟାଇବାର ଜୁ ନାହିଁ..." (ସହର : ସ୍ମୃତି ଆଉ ବିସ୍ମୃତିର - ସବୁରି ପାଇଁ ଆକାଶ - ପୃଷ୍ଠା-୩୯)

'ଗୋଟିଏ ଘଟଣାର ମୃତ୍ୟୁ' ଗଳ୍ପରେ ଗାଳ୍ପିକ ପୋଲିସ୍‌ର ବର୍ବରତା ଓ ପ୍ରଶାସନର ଅମାନବୀୟ କାର୍ଯ୍ୟକଳାପ କିପରି ଦିନକୁ ଦିନ ବଢ଼ିବାକୁ ଲାଗୁଛି ତାହା ଦର୍ଶାଇଛନ୍ତି । ଏକ ଛୋଟ ଘଟଣାକୁ ନେଇ ନିଶାଖୋର କନ୍‌ଷ୍ଟେବଲର ଗୁଳିରେ ପ୍ରାଣ ହରାଇଥିବା ସରଳ ଆସ଼୍ଲାମ୍ ଅହମ୍ମଦକୁ ଗୋଟିଏ ରାଜନୈତିକ ରୂପ ଦେଇ ପୋଲିସ୍ ମୁଣ୍ଡରୁ ଦୋଷ ଖସାଇବାକୁ କିଭଳି ଚେଷ୍ଟା କରାଯାଇଛି ତାହା ବର୍ଣ୍ଣନା କରିଛନ୍ତି । ପୋଲିସ୍‌ର ଗୁଳିରେ ନୁହଁ, ଜନତାଙ୍କ ପଥରମାଡ଼ରେ ଆସ଼୍ଲାମ୍‌ର ମୃତ୍ୟୁ ଘଟିଛି ବୋଲି ଦର୍ଶାଇବା ପାଇଁ ଏସ.ଡି.ଏମ୍.ଓ.ଙ୍କ ଠାରୁ ଆରମ୍ଭ କରି ଏସ୍.ପି., କଲେକ୍ଟର୍ ଓ ମିନିଷ୍ଟର୍ ପର୍ଯ୍ୟନ୍ତ ସମସ୍ତଙ୍କର ଚାପ ଡାକ୍ତର ପୁରୁଷୋତ୍ତମ ପଟ୍ଟନାୟକଙ୍କ ପାଖରେ ଫେଲ୍ ମାରିଛି । ପ୍ରଶାସନର ଚାପରେ ଅଣନିଃଶ୍ୱାସୀ ହୋଇ ଭାଙ୍ଗିପଡ଼ିଥିଲେ ମଧ୍ୟ ଶେଷରେ ମାନବିକତାର ପରିଚୟ ଦେଖାଇଛନ୍ତି ଡାକ୍ତର ପଟ୍ଟନାୟକ । ପୋଷ୍ଟମର୍ଟମ୍ ରିପୋର୍ଟରେ ଡାକ୍ତର ପଟ୍ଟନାୟକ ଲେଖିଛନ୍ତି ମୃତ୍ୟୁର କାରଣ ହେଉଛି - "ସେରିବ୍ରାଲ୍ ହେଡ୍ ଇନ୍‌ଜୁରୀ... Proved fatal. Caused by gun shot Time of death 4.35 p.m." (ଗୋଟିଏ ଘଟଣାର ମୃତ୍ୟୁ - ସବୁରି ପାଇଁ ଆକାଶ - ପୃଷ୍ଠା-୬୨) ଅନ୍ୟାୟ ବିରୋଧରେ ନିଜ ବିବେକ ଅନୁଯାୟୀ ପରାଜୟର ପୃଷ୍ଠଭୂମିରେ କିଭଳି ବିଜୟର ନୂତନ ଇତିହାସ ଲେଖାଯାଇପାରେ ତାହା ଦେଖାଇଛନ୍ତି । ସମାଜକୁ ଯେତେ ଅନ୍ୟାୟ ଅନୀତି ଗ୍ରାସ କଲେ ମଧ୍ୟ ମାନବିକତା ଚିରକାଳ ବଞ୍ଚିରହିଛି ଓ ରହିଥିବ ମଧ୍ୟ ।

'ନିଷ୍ପତ୍ତି' ଓ 'ନିଜକୁ ଗୋଟିଏ ପ୍ରଶ୍ନ' ଗଳ୍ପରେ ଗାଳ୍ପିକ ଆତ୍ମସ୍ୱାଭିମାନର କଥା କହିଛନ୍ତି । ନାରୀ ହେଲେ ମଧ୍ୟ ଅନ୍ୟ ଉପରେ

ନିର୍ଭରଶୀଳ ନହୋଇ ନିଜ ଗୋଡ଼ରେ ନିଜେ ଛିଡ଼ା ହୋଇ ସମାଜରେ ଜୀବନ ଜିଇଁବାର ଆତ୍ମବିଶ୍ୱାସ ସାବିତ୍ରୀ ଓ ତନ୍ଦ୍ରା ଚରିତ୍ରଠାରେ ଦର୍ଶାଇଛନ୍ତି ।

ସନିଆ ସାହୁର ଏକମାତ୍ର ଅଲିଅଳି ଝିଅ ସାବିତ୍ରୀ ୧୬ ବର୍ଷ ବୟସରେ ବିଧବା ହୋଇ ଶାଶୁଘରୁ ଆସି ବାପଘରେ ରହିଛି । ବାପଘରେ କୌଣସି ଅସୁବିଧା ନଥିଲେ ମଧ୍ୟ ସାବିତ୍ରୀ ଦ୍ୱିତୀୟବାର ବିବାହ ନକରି ନିଜ ସ୍ୱାଭିମାନକୁ ନେଇ ବଞ୍ଚିଛି ।

ଟଙ୍କା-ପଇସାରେ କୌଣସି ଅସୁବିଧା ନଥିଲେ ମଧ୍ୟ ସେ ରୋଜଗାର ପାଇଁ ଘରୁ ଗୋଡ଼ କାଢ଼ିଛି । ବେତର ଟୋକେଇରେ ମସଲା, ଫୁଟଣ, ପାନ, ଗୁଆ, ଗୁଣ୍ଡି ପୁଡ଼ିଆମାନ ଧରି ଗାଁ ଗାଁ ବୁଲି ବେପାର କରିଛି । ଦୁନିଆଦାରିରେ କଞ୍ଚା ଆଉ ଦେହକଷ୍ଟ ବରଦାସ୍ତ କରିବାରେ ଏକେବାର ଅନଭ୍ୟସ୍ତ ସାବିତ୍ରୀକୁ ପ୍ରଥମେ ପ୍ରଥମେ କଷ୍ଟ ହୋଇଥିଲେ ମଧ୍ୟ ସେ ଭାଙ୍ଗି ନପଡ଼ି ଜୀବନଯାତ୍ରାରେ ଆଗେଇଚାଲିଛି । କିଛି କରିପାରିବାର ଆତ୍ମସନ୍ତୋଷ ଓ କାହାରି ଉପରେ ନିର୍ଭରଶୀଳ ନହେବାର ଅହଙ୍କାର ମଣିଷ ପାଇଁ କିଭଳି ସଞ୍ଜିବନୀ ଭାବେ କାମ କରେ, ତାହା ସାବିତ୍ରୀକୁ ଭଲଭାବେ ଜଣା ଥିଲା ।

ମଣିଷ ମାତ୍ରକେ ହିଁ ମୁହୂର୍ତ୍ତଜୀବୀ । କିନ୍ତୁ ବର୍ତ୍ତମାନକୁ ଉପଭୋଗ କରିବାର ପ୍ରବଣତା ପୁରୁଷ ଅପେକ୍ଷା ନାରୀଠାରେ ଅଧିକ । ଯାହା 'ନିଜକୁ ଗୋଟିଏ ପ୍ରଶ୍ନ' ଗଳ୍ପରେ ତନ୍ଦ୍ରା ଚରିତ୍ରଠାରେ ଦେଖାଦେଇଛି । ଫଳରେ ତନ୍ଦ୍ରା ଓ ସଞ୍ଜୟଙ୍କ ମଧ୍ୟରେ ଥିବା ସମ୍ପର୍କରେ ଦୂରତା ବଢ଼ିଛି । ସଞ୍ଜୟ ଅର୍ଥ ଉପାର୍ଜନ ପାଇଁ ଦିଲ୍ଲୀ ଚାଲିଯାଇଛି । ଅପର ପକ୍ଷରେ ପୁରୁଷ ଯଦି ନିଜ ବାଟ ନିଜେ ଖୋଜିନେଇପାରେ, ତେବେ ନାରୀ ତାହା ପାରିବ ନାହିଁ କାହିଁକି ? ଆର୍ଥିକ ସ୍ୱାଧୀନତା ଯଦି ପୁରୁଷର ବ୍ୟକ୍ତିତ୍ୱ ପ୍ରତିଷ୍ଠା କରେ, ତେବେ ନାରୀ ମଧ୍ୟ ତାହା ହାସଲ କରିପାରିବ । ଏଇ କଥାକୁ ଜୀବନର ବ୍ରତ ଭାବି ତନ୍ଦ୍ରା ନିଜ ଗୋଡ଼ରେ ନିଜେ ଛିଡ଼ାହୋଇ ଏକାଏକା ଜୀବନ ଜିଇଁଛି । ମନ ଭିତରେ ସଞ୍ଜୟ ପ୍ରତି ଦୁର୍ବଳତା ଥିଲେ ମଧ୍ୟ ନାରୀ ଯେ ପୁରୁଷର ସମକକ୍ଷ, ଏହାକୁ ତନ୍ଦ୍ରା ପ୍ରମାଣିତ କରିପାରିଛି ।

ଜୀବନସାରା ଖଟିଖଟି ପିଲାମାନଙ୍କୁ ଶିକ୍ଷିତ କରାନ୍ତି ବାପମାଆମାନେ । ଆଶା ଥାଏ ଭବିଷ୍ୟତରେ ଭଲ ମଣିଷ ହୋଇ ଅନ୍ତିମ ସମୟରେ ଟିକେ ସେବା ଶୁଶ୍ରୁଷା କରିବ । ମାତ୍ର ପରିବେଶ ବଦଳିଯାଇଛି । ଦେଶର ଶ୍ରେଷ୍ଠ ପ୍ରତିଷ୍ଠାନରୁ ଡିଗ୍ରୀ ପାଇଥିବା ଅଭିନବ ଭଳି ପୁତ୍ରମାନଙ୍କଠାରୁ ରାଘବବାବୁଙ୍କ ପରି ପିତାମାନଙ୍କୁ ଶୁଣିବାକୁ ମିଳୁଛି - "Don't shout, I know I am your investment. କିଛି ପାଇବାକୁ ହେଲେ କିଛି ଦେବାକୁ ହୁଏ, ଏକଥା ଭୁଲିଯାଅ ନାହିଁ । You are to bear with me." (ସଂସାର ଏହାର ନାମ - ସବୁରି ପାଇଁ ଆକାଶ - ପୃ.୧୦୪) ଖାଲି ଏତିକି ନୁହେଁ, ବାପାଙ୍କ ଅଜାଣତରେ ବିବାହ ହୋଇ ଆସି ପହଞ୍ଚନ୍ତି ଘରେ । ଚାକିରିବାକିରି ନକରି ବାପାଙ୍କ ପେନ୍‌ସନ୍ ଟଙ୍କା ଉପରେ ନିର୍ଭର କରି ଅଏସ୍ କରନ୍ତି ଏମାନେ । ଅଏସ୍‌ରେ ଟିକିଏ ବାଧା ଦେଲେ ସୃଷ୍ଟି ହୁଏ ବିଶୃଙ୍ଖଳା । ଶେଷରେ ପାରିବାରିକ ଏଇ ଯନ୍ତ୍ରଣାର କାରାଗାର ମଧ୍ୟରୁ ସବୁଦିନ ପାଇଁ ମୁକ୍ତି ପାଇବା ନିମନ୍ତେ ରୋଗିଣା ସ୍ତ୍ରୀକୁ ନେଇ ରାଘବବାବୁଙ୍କ ପରି ପିତାମାନେ ମାଲାବାର ଉପକୂଳର କୌଣସି ଏକ ଜରା ନିବାସକୁ ଯାଆନ୍ତି । ସାମ୍ପ୍ରତିକ ସମୟର ଏଇଭଳି ପାରିବାରିକ ସମସ୍ୟାର ଚିତ୍ର ଗାଳ୍ପିକ 'ସଂସାର ଏହାର ନାମ' ଗଳ୍ପରେ ଦେଖାଇଥିବା ବେଳେ 'ଛୋଟ କଥାଟିଏ' ଗଳ୍ପରେ ବାତ୍ସଲ୍ୟ ମାତୃତ୍ୱର ସ୍ନେହରେ କିଭଳି ଜୀବନଟା ବାନ୍ଧିହୋଇଯାଏ ତା'ର କଥା କହିଛନ୍ତି ।

ଆଧୁନିକ ଶିକ୍ଷିତ ମଣିଷ ପାଇଁ ଜୀବନ ହୋଇପଡ଼ିଛି ଅର୍ଥସର୍ବସ୍ୱ । ପ୍ରତିଷ୍ଠା ଏବଂ ପ୍ରତିପତ୍ତି ପାଇଁ ଅର୍ଥ ଆଉ କ୍ଷମତା ପଛରେ ଗୋଡ଼ାଇ ଗୋଡ଼ାଇ ପାରିବାରିକ ସ୍ନେହ, ପ୍ରେମ ସବୁ ତୁଚ୍ଛ ହୋଇପଡ଼ିଛି । କିନ୍ତୁ ଶେଷ ସମୟରେ ମଣିଷ ଅତୀତକୁ ଝୁରେ । ବର୍ତ୍ତମାନର ବିବର୍ଣ୍ଣ ଭୂମିରେ ଅତୀତ ମନେହୁଏ ମୋହମାୟା ଆଉ ଆକର୍ଷକ । ଏହା ଘଟିଛି 'ସ୍ମୃତି ସେ ତ କେବେ ନୁହେଁ ଫିଙ୍ଗିବାର' ଗଳ୍ପରେ ନାୟକ ଅମର ମିଶ୍ରଙ୍କ ଜୀବନରେ । ନିଜର ବାକ୍‌ପଟୁତା ହେତୁ ସେ ଚାକିରିର ଶୀର୍ଷସ୍ଥାନକୁ ଯାଇପାରିଛନ୍ତି; କିନ୍ତୁ ଜୀବନର ଧାଁଦଉଡ଼ ଭିତରେ ଜନ୍ମଦେଇଥିବା ପିତା, ମାତା, ଭଉଣୀ ସମସ୍ତଙ୍କ ସହତ ସମ୍ପର୍କ କେତେବେଳେ ତୁଟେଇଦେଇଛନ୍ତି ଜାଣିପାରିନାହାନ୍ତି ।

ଦେଶ ସ୍ୱାଧୀନ ହେବାର ସାତ ଦଶନ୍ଧି ବିତିଯାଇଥିଲେ ମଧ୍ୟ ଗଣତନ୍ତ୍ର ରାଷ୍ଟ୍ରରେ ଏବେ ବି ସମ୍ଭ୍ରାନ୍ତ ଓ ସେବକ ଗୋଷ୍ଠୀ ଅଛନ୍ତି । ଏଇ ସେବକମାନେ ସମାଜର ସବାତଳ ଶ୍ରେଣୀର ହୋଇଥିବାରୁ ପ୍ରତିବାଦ ନକରି ସାହୁକାରର ଆଦେଶକୁ ମଥାପାତି ସହିଯା'ନ୍ତି । ଏମାନଙ୍କ ଉପରେ କାହାରି ନଜର ପଡ଼ିନଥାଏ । ସମାଜର ଆଢୁଆଳରେ ରହି ଅକାଳରେ ଝଡ଼ିପଡ଼ନ୍ତି ଏମାନେ । ଆଉ ପୁରୁଷାନୁକ୍ରମରେ ନିଜର ବୁନିୟାଦିକୁ ଜାବୁଡ଼ିଧରି ସମ୍ଭ୍ରାନ୍ତଗୋଷ୍ଠୀ ସାହୁକାର ହୋଇ ଏମାନଙ୍କୁ ପାଦତଳେ ରଖିଥାନ୍ତି । ସେଥିପାଇଁ ଚନ୍ଦ୍ରମୋହନଙ୍କ ଆଗରେ ନାତି ଚନ୍ଦ୍ରାପୀଡ଼ କହିଉଠିଛି, "ଫୁଲଟିଏ ଝରିଗଲେ ଆମ ତୁଣ୍ଡରୁ ବାହାରିଆସେ - 'ଆହା !' ଅନାବନା ଘାସ ମାଡ଼ିଗଲେ ଶୁଣାଯାଏ - 'ଛିଃ ଛିଃ !' ଫୁଲ ଯେ ଲାଗିବ ଦେବସେବାରେ । ବାସ ଚହଟାଇବ । ଆଖିରେ ପଡ଼ିବା ମାତ୍ରେକେ ମନରେ ଭରିଯିବ ଅଜଣା ପୁଲକ । ଆଉ ଘାସ ଅବା କାହାର କି କାମରେ ଲାଗିବ ! ଓଲଟି ଯାବତୀୟ ପୋକ, ଜୋକ, ସାପ, ବେଙ୍ଗଙ୍କୁ ଆଶ୍ରୟ ଦେଇ ଜଞ୍ଜାଳ ସୃଷ୍ଟି କରିବ । ଯେମିତି ତମର ଏଇ ଶତ୍ରୁରା,

କୁଶିଆ, ବନା, ସନା ଗୋଷ୍ଠୀ ସେମାନଙ୍କର ସୃଷ୍ଟି ହେଉଛି ସମାଜର ପାଦତଳେ । ପାଇବାର ଆଶା ନଥାଏ କି ହରାଇବାର ଆଶଙ୍କା ନଥାଏ । ସମସ୍ତଙ୍କର ଅଗୋଚରରେ ଶୁଖିଯିବା ହିଁ ତ ହେଉଛି ସେମାନଙ୍କ ନିୟତି ।" (ସବୁରି ପାଇଁ ଆକାଶ - ପୃ.୧୯୨) ଏଇମାନେ ହିଁ ବିପଦ ସମୟରେ ଚନ୍ଦ୍ରମୋହନଙ୍କ ପାଖରେ ଛିଡ଼ାହୋଇଛନ୍ତି । ବାରମାଣିଆ ଚକକୁ ନେଇ ହରମୋହନ କରିଥିବା କେସ୍ ବିପକ୍ଷରେ ସାକ୍ଷୀ ଦେଇ ନିର୍ଭୀକ ଭାବରେ ମହନା ଚମାର କହିଚାଲିଥିଲା, "ଗଲା ତିରିଶ ବର୍ଷ ଧରି ତୋଟାରୁ ନଡ଼ିଆ ପାରି ଚମ୍ପତିରାୟ ଉଆସରେ ପଇଠ କରିଆସୁଛି । ତା ବାପ ପବନା ବି ଏଇ କାମ କରୁଥିଲା ।" (ସବୁରି ପାଇଁ ଆକାଶ - ପୃ.୧୧୮) । ଗାଁ ଗହଳିର ଏଇ ଭୋକିଲା, ଅଧାଫୁଙ୍ଗୁଲା, ଶିକ୍ଷାଦୀକ୍ଷାହୀନ ମଣିଷମାନେ ହିଁ ମଣିଷକୁ ବିଶ୍ୱାସ କରିବାକୁ ଓ ଭଲପାଇବାକୁ ସାହୁକାର ଚନ୍ଦ୍ରମୋହନଙ୍କୁ ଶିଖାଇଛନ୍ତି । ମାତ୍ର ଶତୁରା, କୁଶିଆ ପରି ଏଇ ସରଳ ପ୍ରାଣୀମାନଙ୍କର ଭାଗ୍ୟରେଖା କାଟିଥା'ନ୍ତି ଚନ୍ଦ୍ରମୋହନଙ୍କ ପରି ସାହୁକାରଗୋଷ୍ଠୀ । ଗୋଟିଏ ପଟେ ଚନ୍ଦ୍ରାପୀଡ଼ ଓ ଚନ୍ଦ୍ରାୟନ ପରି ସାହୁକାରଙ୍କ ବଂଶଧରମାନଙ୍କ ଆଖିରେ ଡେଇଁବୁଲିବାର ସ୍ୱପ୍ନ ଥିବାବେଳେ ଆକାଶ ଥାଏ ଅସୀମ । ଏଇ ସିଆଣିଆଗୋଷ୍ଠୀ ଯେତେ ପାରିନ୍ତି ସ୍ଥାନ ଦଖଲ କରିନିଅନ୍ତି । ମାତ୍ର ଶତୁରା, କୁଶିଆ ପାଇଁ ଚମ୍ପତିରାୟଙ୍କ ପରିବାରର ବଗିଚା ହିଁ ତାଙ୍କର ଆକାଶ । ପୁରୁଷାନୁକ୍ରମରେ ସାହୁକାରଙ୍କ ଆଜ୍ଞାକୁ ଶିରୋଧାର୍ଯ୍ୟ ମଣି ସେବା କରିଚାଲିବା ହିଁ ଏମାନଙ୍କର ପରମ ଧର୍ମ । ସ୍ୱାର୍ଥପର ମଣିଷର ଅକ୍ଟୋପାସୀ ବନ୍ଧନରୁ ମୁକ୍ତ ହୋଇ ଅନନ୍ତ ଆକାଶର ନୀଳିମା ମଧ୍ୟରେ ହଜିଯିବାର ପୁଲକ ଏମାନଙ୍କ ପାଇଁ ସାତସପନ । ଯେପର୍ଯ୍ୟନ୍ତ ଏମାନଙ୍କ ଭିତେର ଏଇ ସୁବିଧାବାଦୀଗୋଷ୍ଠୀର ଏକଛତ୍ର ଅଧିକାରରୁ ମୁକ୍ତି ହେବାର ଆକାଂକ୍ଷା ଟିକକ ଜାଗ୍ରତ ନହୋଇଛି, ସେପର୍ଯ୍ୟନ୍ତ ଏମାନଙ୍କର ମୁକ୍ତି ନାହିଁ ।

ଜଣେ ଦରଦୀ କଥାକାର ଭାବରେ ମାଟି ଓ ମଣିଷ ଜୀବନର ଜୀବନ-ସଂଗୀତ ଶୁଣାଇଛନ୍ତି ଗାଳ୍ପିକ ହେମନ୍ତ କୁମାର ଦାସ । ପ୍ରକୃତିପ୍ରୀତି, ମାଟିର ମୋହ, ମାନବିକ ମୂଲ୍ୟବୋଧ, ଆତ୍ମସ୍ୱାଭିମାନ, ବିପର୍ଯ୍ୟସ୍ତ ଗଣତନ୍ତ୍ର, ଦେଶପ୍ରୀତି, ପାରିବାରିକ ସମସ୍ୟା, ପ୍ରେମ-ପ୍ରଣୟ ଓ ସର୍ବୋପରି ସମାଜର ଅବହେଳିତ ଲୋକଙ୍କ ପ୍ରତି ସହୃଦୟଭାବ 'ସବୁରି ପାଇଁ ଆକାଶ' ଗଳ୍ପ ସଂକଳନଟିରେ ଫୁଟିଉଠିଛି ।

ଗବେଷକ, ସ୍ନାତକୋତ୍ତର ଓଡ଼ିଆ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

●●

POWER HOUSE

DISTRIBUTOR

LUMINOUS, EXIDE, AMCO

MADHUPATNA, SAMRAT HALL, CUTTACK
RAM MANDIR ROAD, PHULBANI
MAIN ROAD, NAYAGARH
MOB. : 94371 24943



# ଅନନ୍ୟ ସାରସ୍ୱତ ସ୍ରଷ୍ଟା
# ପଣ୍ଡିତ ଗୋଦାବରୀଶ ମିଶ୍ର

ଚନ୍ଦ୍ରମଣି ଭୂୟାଁ

"ଭଲକରି ନାଆ ବୁହାରେ ନାଉରି
ଝିଅକୁ ମାଡୁଛି ଡର,
ଗଡ଼େ ଗଡ଼ ଲୋକ ଚାହିଁ ବସିଥିବେ
ଝିଅ ଯିବ ଶାଶୁଘର ।"

ଏ 'କାଳିଜାଇ' କବିତାଟି ଯିଏ ଲେଖିଛନ୍ତି, ସେ ହେଉଛନ୍ତି ସତ୍ୟବାଦୀ ଯୁଗର ଅନନ୍ୟ ସାରସ୍ୱତ ସ୍ରଷ୍ଟା ପଣ୍ଡିତ ଗୋଦାବରୀଶ ମିଶ୍ର । ଏକାଧାରରେ ସେ ହେଉଛନ୍ତି ଆଦର୍ଶ ଶିକ୍ଷକ, ଲବ୍ଧପ୍ରତିଷ୍ଠ ସାହିତ୍ୟିକ, ପ୍ରବୀଣ ଶିକ୍ଷାବିତ୍, ବଳିଷ୍ଠ ସଂସ୍କାରକ, ଦକ୍ଷ ସମ୍ପାଦକ, ନିଃସ୍ୱାର୍ଥପର ଜନସେବକ ଓ ସର୍ବୋପରି ମହାନ୍ ଜନନାୟକ । କେବଳ ଓଡ଼ିଆ ଭାଷାରେ ନୁହେଁ, ଇଂରାଜୀ ଭାଷାରେ ମଧ୍ୟ ତାଙ୍କର ଅସାଧାରଣ ପାଣ୍ଡିତ୍ୟ ଥିଲା । ସରଳ ସାବଲୀଳ ଭାଷା ଓ ସୁନ୍ଦର ଶବ୍ଦସଂଯୋଜନା ତାଙ୍କର କାବ୍ୟ-କବିତାର ସ୍ୱତନ୍ତ୍ର ବୈଶିଷ୍ଟ୍ୟ ଥିଲା, ଯାହାକି ତାଙ୍କୁ ଭିନ୍ନ ପରିଚୟ ଦେଇଥିଲା । ତାଙ୍କର କୃତି ଓ କୀର୍ତ୍ତି ଏ ଜାତିର ଜାତୀୟ ଚିନ୍ତା-ଚେତନାକୁ ଋଦ୍ଧିମନ୍ତ କରିଛି । ଯଥାର୍ଥରେ ସେ ଥିଲେ ବକୁଳବନର କୋକିଳକବି ପଣ୍ଡିତ ଗୋଦାବରୀଶ ମିଶ୍ର ।

### ପିଲାଦିନ ଓ ଶିକ୍ଷା :

ଏହି ସାରସ୍ୱତ ସ୍ରଷ୍ଟା ଓ ଯୋଗଜନ୍ମା ବରପୁତ୍ରଙ୍କର ଜନ୍ମ ୧୮୮୬ ମସିହା ଅକ୍ଟୋବର ମାସ ୨୬ ତାରିଖରେ, ପୁରୀ ଜିଲ୍ଲାର ବାଣପୁର ଥାନା ଅନ୍ତର୍ଗତ ଶ୍ରୀନିବାସପୁର ଶାସନରେ । ତାଙ୍କ ପିତାଙ୍କ ନାମ ଲିଙ୍ଗରାଜ ମିଶ୍ର ଓ ମାତାଙ୍କ ନାମ ଅପ୍ସରା ଦେବୀ । ପରିବାରର ଦୁଃସ୍ଥିତି ତାଙ୍କ ପ୍ରତିଭା ଉନ୍ମେଷରେ ପ୍ରତିବନ୍ଧକ ସାଜିନଥିଲା । ବାଣପୁରରୁ ଗୋଦାବରୀଶ ପ୍ରାଥମିକ ଶିକ୍ଷା ସମାପ୍ତ କରି ୧୯୦୬ ମସିହାରେ ପୁରୀ ଜିଲ୍ଲା ସ୍କୁଲରେ ଏଣ୍ଟ୍ରାନ୍ସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ଏହାପରେ ସେ ୧୯୧୦ ମସିହାରେ ରେଭେନ୍ସା କଲେଜରୁ ଦର୍ଶନଶାସ୍ତ୍ରରେ ବି.ଏ. ଓ ୧୯୧୨ ମସିହାରେ କଲିକତା ବିଶ୍ୱବିଦ୍ୟାଳୟରୁ ଅର୍ଥଶାସ୍ତ୍ରରେ ଏମ୍.ଏ. ପାଶ୍ କରିଥିଲେ । ଉଚ୍ଚତର ଶିକ୍ଷା ହାସଲ କରିବା ପରେ ସେ ଚାହିଁଥିଲେ କୌଣସି ଗୋଟିଏ ଉଚ୍ଚ ପାହ୍ୟାର ସରକାରୀ ଅଫିସର୍ ବା ଅଧ୍ୟାପକ ହୋଇପାରିଥା'ନ୍ତେ । କିନ୍ତୁ ଅର୍ଥ ଓ ସମ୍ମାନ ଲାଳସା ତାଙ୍କର ନଥିଲା । ପଦ ଓ ମର୍ଯ୍ୟାଦାକୁ ଭ୍ରୁକ୍ଷେପ ନକରି ସେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ବନବିଦ୍ୟାଳୟରେ ୧୯୧୪ ମସିହାରେ ଶିକ୍ଷକ ଭାବେ ଯୋଗଦାନ କରି ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ୧୯୧୮ ମସିହାରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ପରେ ସେ ସତ୍ୟବାଦୀ ବନବିଦ୍ୟାଦଳୟରେ ପ୍ରଧାନଶିକ୍ଷକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ ।

### ସଂସ୍କାରକ ଗୋଦାବରୀଶ :

ପଣ୍ଡିତ ଗୋଦାବରୀଶ ମିଶ୍ର ଥିଲେ ଜଣେ ବଳିଷ୍ଠ ସଂସ୍କାରକ । ବାଲ୍ୟକାଳରୁ ସଂସ୍କାର ପ୍ରବୃତ୍ତି ତାଙ୍କ ଶିରାପ୍ରଶିରାରେ ପ୍ରବାହିତ ହେଉଥିଲା । ଯଦିଓ ସେ ଏକ ରକ୍ଷଣଶୀଳ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ; ତଥାପି ରକ୍ଷଣଶୀଳତା ନୀତିନିୟମର ବନ୍ଧନରୁ ସେ ମୁକ୍ତ ଥିଲେ । ସେଥିପାଇଁ ସେ କେତେକ ବନ୍ଧୁଙ୍କ ସହଯୋଗରେ ଗଠନ କରିଥିଲେ 'ହିନ୍ଦୁ ସମାଜ' ସଂଗଠନ । ଏହି ସଂଗଠନର ଲକ୍ଷ୍ୟ ଥିଲା ଜାତି-ବର୍ଣ୍ଣ-ସମ୍ପ୍ରଦାୟ ନିର୍ବିଶେଷରେ ଜାତିହୀନ ସମାଜ ଗଠନ କରିବା । ଏଥିରେ ସାମିଲ୍ ହୋଇଥିବା ବନ୍ଧୁମାନେ ଥିଲେ ନୀଳକଣ୍ଠ ଦାସ, ଲକ୍ଷ୍ମୀଦତ୍ତ ମହାନ୍ତି, ଜୀବନାନନ୍ଦ ମିଶ୍ର, କପିଳ ବିହାରୀ ରାୟ, କୃତ୍ତିବାସ ସାମନ୍ତରାୟ ଓ ବିଚିତ୍ରାନନ୍ଦ ଦାସ । ଏହିଠାରେ ହିଁ ସେ ନିଜର ପଇତା ତ୍ୟାଗ କରିଥିଲେ । ସେତେବେଳେ ବ୍ରାହ୍ମଣମାନେ ଦାଢ଼ି କାଟିବା ଓ ନିଶ ରଖିବା ମନା ଥିଲା । ଏହାର ପ୍ରତିବାଦ କରି ନୀଳକଣ୍ଠ ଓ ଗୋଦାବରୀଶ ଦାଢ଼ି କାଟିଥିଲେ ଓ ନିଶ ରଖିଥିଲେ, ଯାହାକି ସେତେବେଳେ ନିଶ ଆନ୍ଦୋଳନ ନାମରେ ପରିଚିତ । ସେ ଜୀବନରେ ଯାହା ଠିକ୍ ବୋଲି ଭାବୁଥିଲେ, ଶତ ବାଧାବିଘ୍ନ ସତ୍ତ୍ୱେ ତାକୁ ସମ୍ପାଦନ କରୁଥିଲେ । ଏହା ହିଁ ଥିଲା ତାଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ ।

### ସାହିତ୍ୟିକ ଗୋଦାବରୀଶ :

ଗୋଦାବରୀଶଙ୍କ ସୃଜନଶୀଳତାର ଚଉହଦୀ ବେଶ୍ ପ୍ରସାରିତ ଥିଲା । ସାହିତ୍ୟର ସମସ୍ତ ବିଭାଗରେ ସେ ଲେଖନୀ ଚାଳନା କରିଯାଇଛନ୍ତି । ତାଙ୍କ ରଚିତ ନାଟକ, ଉପନ୍ୟାସ, ଗଳ୍ପ ଓ କବିତା ପାଠକଲେ ତାଙ୍କ ସାହିତ୍ୟ-ପ୍ରତିଭା ଓ ସାରସ୍ୱତ ସାଧନାର ପରିଚୟ ମିଳେ । 'ପୁରୁଷୋତ୍ତମଦେବ' ଓ 'ମୁକୁନ୍ଦଦେବ' ନାଟକରେ ସେ ଉତ୍କଳୀୟମାନଙ୍କ ମଧ୍ୟରେ ଜାତୀୟତା ଭାବ ଉଦ୍ରେକ କରିବା ପାଇଁ ପ୍ରୟାସ କରିଥିଲେ । ତାଙ୍କ ରଚିତ 'ଆଲେଖିକା', 'କିଶଳୟ' ଆଦି ଗାଥାକବିତା ଓଡ଼ିଆ ସାହିତ୍ୟର ଗନ୍ତାଘରକୁ ଗୋଟିଏ ଗୋଟିଏ ଅମୂଲ୍ୟ ଅବଦାନ । 'କାଳିଜାଇ' କବିତା ତାଙ୍କ ଜୀବନର ଏକ ଅନବଦ୍ୟ ସୃଷ୍ଟି । ଏକ ଆଞ୍ଚଳିକ କିମ୍ବଦନ୍ତୀକୁ ନେଇ ଏହି କବିତାର ସୃଷ୍ଟି ।

ଓଡ଼ିଆ ଗାଥାକବିତାର ସେ ଥିଲେ ପ୍ରକୃତରେ ଜନ୍ମଦାତା । ଡକ୍ଟର ମାୟାଧର ମାନସିଂହଙ୍କ ଭାଷାରେ, "ଆଲେଖିକା କେବଳ କେତୋଟି ଗାଥା ବା କାହାଣୀ ନୁହେଁ, ଏହା ଓଡ଼ିଆ ଜାତିର ଚିତ୍ରଲୋକର ଚିତ୍ରଶାଳା ।"

ଓଡ଼ିଆ ଭାଷା ଓ ଜାତି ପ୍ରୀତି ଗୋଦାବରୀଶଙ୍କ ଲେଖନୀରେ ବିଶେଷଭାବେ ମୂର୍ତ୍ତିମନ୍ତ ହୋଇଉଠିଥିଲା । ପରାଧୀନ ଉତ୍କଳ-ଜନନୀର ଦୁଃଖଦୁର୍ଦ୍ଦଶା ଦେଖି ତାଙ୍କ ହୃଦୟ ବିଳପିଉଠିଥିଲା । ଖାଲି ସେତିକି ନୁହେଁ, ଜାତୀୟ ଚେତନାରେ ଉଦ୍‌ବୁଦ୍ଧ କରିବା ପାଇଁ ସେ ଲେଖିଥିଲେ, 'ତୁଙ୍ଗ ଶିଖରୀ ଚୂଳ' ପରି ଦେଶାତ୍ମବୋଧକ କବିତା । ରାଧାନାଥଙ୍କ 'ସର୍ବେଷାଂ ନୋ ଜନନୀ ଭାରତ', କାନ୍ତକବିଙ୍କ 'ବନ୍ଦେ ଉତ୍କଳ ଜନନୀ' ପରି ଏହି ଗୀତ ଆଜି ବି ସମଗ୍ର ରାଜ୍ୟରେ ଏକ ନିଆରା ଦେଶାତ୍ମବୋଧକ ସଙ୍ଗୀତ ରୂପେ ପରିଗଣିତ । ସେହିପରି 'ଅଭାଗିନୀ' ଓ 'ଅଠରଶହ ସତର' ଉପନ୍ୟାସ ମାଧ୍ୟମରେ ଜାତୀୟ ଚେତନା ତଥା ସମାଜ-ସଂସ୍କାର ପାଇଁ ଚେଷ୍ଟା କରିଥିଲେ ଗୋଦାବରୀଶ । 'ଗଳ୍ପମାଳା', 'ପୁଆଣିଘର' 'ନଅଟି ଗଳ୍ପ' ପ୍ରଭୃତି ଗଳ୍ପପୁସ୍ତକ ଗଳ୍ପରଚନା କ୍ଷେତ୍ରରେ ତାଙ୍କ କୃତିତ୍ୱ ପ୍ରଦର୍ଶନ କରେ । ତାଙ୍କ ରଚିତ ଆତ୍ମଜୀବନୀ 'ଅର୍ଦ୍ଧଶତାବ୍ଦୀର ଇତିହାସ ଓ ତହିଁରେ ମୋ ସ୍ଥାନ' ପୁସ୍ତକ ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଥିଲେ । ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ତାହା ଏକ ସ୍ୱତନ୍ତ୍ର ସ୍ଥାନ ଦାବି କରେ ।

### ରାଜନୈତିକ ଜୀବନ :

ଗୋଦାବରୀଶଙ୍କ ରାଜନୈତିକ ଜୀବନ ୧୯୨୪ ମସିହାରୁ ଆରମ୍ଭ ହୋଇଥିଲା । ୧୯୨୪ ମସିହାରୁ ୧୯୩୩ ମସିହା ପର୍ଯ୍ୟନ୍ତ ସେ ଜିଲ୍ଲା ବୋର୍ଡ ସଦସ୍ୟ ଥିଲେ । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇଲା ପରେ ଗୋଦାବରୀଶ ବାଣପୁର ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇ ଓଡ଼ିଶା ବିଧାନସଭାର ସଦସ୍ୟ ଥିଲେ । ୧୯୪୧ ମସିହାରୁ ୧୯୪୪ ମସିହା ପର୍ଯ୍ୟନ୍ତ ସେ ପାରଳା ମହାରାଜାଙ୍କ ନେତୃତ୍ୱରେ ଗଠିତ ମିଳିତ ମନ୍ତ୍ରିମଣ୍ଡଳରେ ଶିକ୍ଷା ଓ ଅର୍ଥମନ୍ତ୍ରୀ ଭାବେ କାର୍ଯ୍ୟ କରି ନିଜ ଦକ୍ଷତାର ପ୍ରମାଣ ଦେଇଥିଲେ । ୧୯୪୩ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାରେ ତାଙ୍କ ଅବଦାନ ଭୁଲିବାର ନୁହେଁ । ଓଡ଼ିଶାର ଶିକ୍ଷା ମାନଚିତ୍ରରେ ଏହାର ସ୍ଥାନ ସ୍ୱତନ୍ତ୍ର । ଏହି ସମୟ ମଧ୍ୟରେ ସେ ଓଡ଼ିଶାରେ ଶିକ୍ଷାର ପ୍ରସାର ପାଇଁ ଅନେକ କଲେଜ ସ୍ଥାପନ କରିଥିଲେ । ୧୯୫୨ ମସିହାରେ ସେ ଓଡ଼ିଶା ବିଧାନସଭାକୁ ସ୍ୱାଧୀନ ସଦସ୍ୟ ଭାବେ ନିର୍ବାଚିତ ହୋଇଥିଲେ । ବିଧାୟକ ଓ ମନ୍ତ୍ରୀ ଭାବରେ ଗୋଦାବରୀଶ ସ୍ୱକୀୟ ମୌଳିକତାର ପରିଚୟ ଦେଇଥିଲେ ।

୧୯୨୮ ମସିହାରେ ପୁଣ୍ୟାତ୍ମା ଗୋପବନ୍ଧୁଙ୍କ ମହାପ୍ରୟାଣ ପରେ ଗୋଦାବରୀଶ 'ସମାଜ'ର ସମ୍ପାଦକ ଭାବେ ଦୁଇବର୍ଷ କାର୍ଯ୍ୟ କରିଥିଲେ । ପୂର୍ବରୁ ସେ ମଧ୍ୟ 'ଲୋକମୁଖ' ନାମକ ଏକ ସାପ୍ତାହିକ ପତ୍ରିକା ପ୍ରକାଶ କରିଥିଲେ । ଏହି ମହାନ୍ ଯୋଗଜନ୍ମା, ଯଶସ୍ୱୀ ସାରସ୍ୱତ ସାଧକଙ୍କ ଜୀବନର ଅବସାନ ଘଟିଲା ୧୯୫୬ ମସିହା ଜୁଲାଇ ମାସ ୨୬ ତାରିଖରେ ।

କିଶିନାପୁର, ସାଲେପୁର, କଟକ
ଫୋନ୍-୭୭୮୭୮୨୯୨୨୦



# କାଞ୍ଚିବିଜୟର ମହାନାୟକ ହମ୍ବୀରଦେବ ଓ ନାୟିକା ଚନ୍ଦ୍ରାବତୀ

ସୁବ୍ରତ ପ୍ରିୟବ୍ରତ ମହାନ୍ତି

'କାଞ୍ଚି କାବେରୀ' ଓଡ଼ିଶାର ଏକ ଲୋକପ୍ରିୟ କାବ୍ୟ । ଯାହାର ଲୋକପ୍ରିୟତା ଧୋଇଦେଇଛି ଓଡ଼ିଶା ମାଟିର ବୀରତ୍ୱର ପରିଚୟକୁ । ଏହି କାବ୍ୟର ଚରିତ୍ର ସାଲ୍ୱ ନରସିଂହ ଇତିହାସ ପୃଷ୍ଠାରେ ଜଣେ ଭୀରୁ-କାପୁରୁଷ । ସେହି ଅଯୋଗ୍ୟ ଖଳନାୟକଙ୍କୁ ହରାଇବା ପାଇଁ, 'କାଞ୍ଚି କାବେରୀ'ର କାହାଣୀ ଆମ ଆରାଧ୍ୟ ଠାକୁର କାଳିଆ ବଳିଆଙ୍କୁ ପଠାଇଦେଇଛି ଯୁଦ୍ଧକ୍ଷେତ୍ରକୁ । ଏହା ବଡ଼ଠାକୁରଙ୍କ ମହିମାର ଘୋର ଅବମାନନା । ଓଡ଼ିଆ ଜାତି ପାଇଁ କୌଣସି ଦୃଷ୍ଟିରୁ ଏହା ଗର୍ବର ବିଷୟ ନୁହେଁ । ଏକଥା ଜାଣି ମଧ୍ୟ ଶହଶହ ବର୍ଷ ଧରି ଯଥେଷ୍ଟ ପ୍ରଚାର ପ୍ରସାର ଦ୍ୱାରା 'କାଞ୍ଚି କାବେରୀ' କାବ୍ୟକୁ ଆମେ ଏକ ଲୋକକଥାରେ ପରିଣତ କରିଦେଇଛୁ । ଲୋକକଥା, ଅର୍ଥ ଇତିହାସର ଏକ ଅଙ୍ଗ । ନିଜ ତରବାରି ବଳରେ ରୂପନାରାୟଣ ନଦୀଠାରୁ କାବେରୀ କୂଳ ଟପି ପେନାର ନଦୀ ପର୍ଯ୍ୟନ୍ତ ଓଡ଼ିଶା ଦେଶରେ ମିଶାଇଦେଇଥିଲେ ବୀର ଓଡ଼ିଆ ପାଇକ । ଏ ଜାତିର ଗର୍ବ ଗୌରବ ପରେ ସବୁକିଛି ବିରାଟ ଭଉଁରୀ ଭିତରେ ହଜିଗଲା, କେବଳ 'କାଞ୍ଚି କାବେରୀ' କାବ୍ୟର କାହାଣୀ ପାଇଁ । ଯାହାର ବୀଭତ୍ସ ପରିଣତି ହେଉଛି, ଆଜିର ଟି.ଭି. ଧାରାବାହିକର ସଂଳାପ । ଯେଉଁଥିରେ ଅଜେୟ ବୀର, ମହାନ ତ୍ୟାଗୀ ହମ୍ବୀରଙ୍କୁ ଯେଭଳି ସମ୍ବୋଧନ କରାଯାଇଛି, ତାହା ଏଠାରେ ପ୍ରକାଶଯୋଗ୍ୟ ମଧ୍ୟ ନୁହେଁ । ନଚେତ୍ "ଓଡ଼ିଆ ଏକ୍‌ଟା ଭାଷା ନଏ" ଭଳି ଅଯଥାରେ ତାହା ଲିପିବଦ୍ଧ ହୋଇଯିବ । ବରଂ ସେହି ସଂଳାପ ପାଇଁ ଓଡ଼ିଶାର ସର୍ବଶ୍ରେଷ୍ଠ ବୀର, ମହାନାୟକ ହମ୍ବୀର ଦେବଙ୍କ ଆତ୍ମାର ଆଖିରୁ ଲୁହ ଝରିବାକୁ ଛାଡ଼ିଦେବା ଭଲ ।

୧୫ଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧର କଥା । ଅର୍ଥାତ୍ 'କାଞ୍ଚି କାବେରୀ' ରଚନାର ଦୁଇଶହ ବର୍ଷ ପୂର୍ବର କଥା । ୧୪୫୯ ଖ୍ରୀଷ୍ଟାବ୍ଦ ପରେପରେ ସମଗ୍ର ଭାରତବର୍ଷର ସମସ୍ତ ଯୋଦ୍ଧା ଚାହିଁଥିଲେ ଓଡ଼ିଶା ଆକାଶରେ ନୂଆକରି ବିଚ୍ଛୁରିତ ହୋଇଥିବା ଗୋଟିଏ ଯାଜ୍ଜ୍ୱଲ୍ୟମାନ ରଶ୍ମିକୁ । ଏ ରଶ୍ମି ବିଚ୍ଛୁରିତ ହେଉଥିଲା କୁମାର ହମ୍ବୀରଙ୍କ ତେଜସ୍ୱିୟ ବୀରତ୍ୱରୁ । ପିତା କପିଳେନ୍ଦ୍ର ଦେବଙ୍କ ଦିଗ୍‌ବଳୟ ସ୍ୱପ୍ନକୁ ସାକାର କରିବା ପାଇଁ ତରବାରି ଉଠାଇଥିଲେ ହମ୍ବୀର ଦେବ । ଚାହୁଁଚାହୁଁ ପରିସ୍ଥିତି ଏଭଳି ହେଲା, ହମ୍ବୀରଙ୍କ ଘୋଡ଼ାଟାପୁର ଶବ୍ଦରେ ତରବାରି ଖସିପଡ଼ିଲା ଅପରପକ୍ଷର ଯୋଦ୍ଧାଙ୍କ ହାତରୁ । ଓଡ଼ିଶାର ରାଜକୁମାର ହମ୍ବୀର ଆସୁଛନ୍ତି ଶୁଣି ସାଲ୍ୱ ନରସିଂଘଙ୍କ ପରି କାପୁରୁଷମାନେ ଦୁର୍ଗ ଛାଡ଼ି ପଳାୟନ କରିଥିଲେ ।

ପିତାଙ୍କ ସ୍ୱପ୍ନକୁ ପୂରଣ କରିବା ପାଇଁ, ପିତାଙ୍କ ଆଦେଶରେ ତରବାରି ଉଠାଇଥିବା ଓଡ଼ିଶାର ଏହି ବୀର ରାଜକୁମାର କ୍ଷଣକ ମଧ୍ୟରେ ଜଣେ ମହାମାନବ ଭଳି ନିଜ ପିତାଙ୍କ ଫୁଲ ବିବାହିତା ପତ୍ନୀଙ୍କ ପୁତ୍ରକୁ ଛାଡ଼ିଦେଇଥିଲେ ବିଶାଳ ଓଡ଼ିଶା ରାଜ୍ୟର ରାଜସିଂହାସନ । ଯାହାର ସେ ଥିଲେ ବୈଧ ହକ୍‌ଦାର ।

ହେଲେ, କିଏସେ ଚିହ୍ନିଲା ସେହି ସର୍ବଶ୍ରେଷ୍ଠ ଓଡ଼ିଆ ବୀରଙ୍କୁ ? ମହାନ ତ୍ୟାଗୀ, ଏ ମାଟିର ମହାମାନବଙ୍କୁ ? ହମ୍ବୀର, ନାଁ ଅଛନ୍ତି ପିଲାଙ୍କ ପାଠ ବହିରେ । ନାଁ ଓଡ଼ିଶାର ଜନସାଧାରଣଙ୍କ ମାନସପଟ୍ଟରେ । କପିଳେନ୍ଦ୍ର ଦେବଙ୍କ ପରେ ହମ୍ବୀରଙ୍କୁ ଓଡ଼ିଶାର ରାଜସିଂହାସନରେ ନପାଇ ପ୍ରସିଦ୍ଧ ଇତିହାସକାରମାନେ କହିଲେ - ହତଭାଗ୍ୟ ହମ୍ବୀର । ପୁଣି କହିଲେ - ଗୋଟିଏ ଲୋକ ବିଶ୍ୱାସ (ଜଗନ୍ନାଥ ବିଶ୍ୱାସ) ହମ୍ବୀରଙ୍କ ଭାଗ୍ୟର ରାସ୍ତା ବନ୍ଦ କରିଦେଲା ଏବଂ ତାଙ୍କ ଜୀବନ ଦୁଃଖମୟ ହୋଇଗଲା ।

ଭାଗ୍ୟ... ? ସେଇଥିପାଇଁ ରାଜସିଂହାସନ ପାଇବାକୁ ପୁଅ କାଟିଦିଏ ବାପାର ମୁଣ୍ଡ ? ଭାଇ ହାଣିଦିଏ ଭାଇକୁ ? ଭାଇକୁ ମାରିଲେ ହିଁ ତୁମେ ସମ୍ରାଟ ଅଶୋକ ସାଜିବ । ଭାଇକୁ କନ୍ଦାଇଲେ ତୁମେ ଠାକୁରରାଜା ପୁରୁଷୋତ୍ତମ ସାଜିବ । ନଚେତ୍ ହମ୍ବୀରଙ୍କ ଭଳି ହଜିଯିବ ଇତିହାସର ଅଣଦେଖା ପୃଷ୍ଠା ଭିତରେ ? ବୀରତ୍ୱ, ତ୍ୟାଗ ଏସବୁର କିଛି ଅର୍ଥ ନାହିଁ ? ବୋଧହୁଏ ନା । ଏତିକି ଆମେ ଜାଣିପାରୁ ହମ୍ବୀରଙ୍କ ଜୀବନ କାହାଣୀରୁ ।

### ହମ୍ବୀର ଦେବଙ୍କ ପରିଚୟ :

ପୁରୁଷୋତ୍ତମ ଦେବଙ୍କ ପରିଚୟ ଭଳି ହମ୍ବୀର ଦେବଙ୍କ ପରିଚୟ ଜାଣିବା ପାଇଁ ସାତତାଳ ପଙ୍କତଳେ ଥିବା ଫରୁଆ ଖୋଜିବାର ଆବଶ୍ୟକତା ନାହିଁ । ଗଣ୍ଡାଗଣ୍ଡା ଅଭିଲେଖ, ତାମ୍ରଲେଖ, ହମ୍ବୀର ଦେବଙ୍କ ପରିଚୟ ପ୍ରଦାନ କରେ । ଓ୍ୱାରଙ୍ଗଲ ଦୁର୍ଗର ଅଭିଲେଖରେ ସ୍ପଷ୍ଟ ଲେଖାଯାଇଛି - କୁମାର ହମ୍ବୀର ଦେବ ମହାପାତ୍ର କପିଳେନ୍ଦ୍ର ମହାରାଜାଙ୍କ ପୁତ୍ର । ଚିରଭୋଲୁର ତାମ୍ରଲେଖ ଜଣାଏ ହମ୍ବୀର କପିଳେଶ୍ୱର ଗଜପତିଙ୍କ ପୁତ୍ର । ଏହିଭଳି ବହୁ ଅଭିଲେଖ ତାମ୍ରଲେଖ ସୂଚନା ଦିଏ ହମ୍ବୀର ଦେବ ଥିଲେ କପିଳେନ୍ଦ୍ର ଦେବଙ୍କ ପୁତ୍ର । ଓଡ଼ିଶାର ରାଜସିଂହାସନର ଜଣେ ବୈଧ ହକ୍‌ଦାର୍ ।

### ଜନ୍ମ ସମୟ :

କପିଳେନ୍ଦ୍ର ରାଜା ହେବା ପରେ ତାଙ୍କର ଦୁଇ ଅଙ୍କରେ ସେ ବିବାହ କରିଥିଲେ । କପିଳେନ୍ଦ୍ରଙ୍କ ଦ୍ୱିତୀୟ ଅଙ୍କ ୧୪୩୫ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଥିଲା । ଯଦି ବିବାହ ଏହି ସମୟରେ ହେଲା, ତେବେ ୧୪୩୭ ଖ୍ରୀଷ୍ଟାବ୍ଦରୁ ୧୪୪୦ ଖ୍ରୀଷ୍ଟାବ୍ଦ ମଧ୍ୟରେ କୁମାର ହମ୍ବୀର ଜନ୍ମ ହୋଇଥିବା ସମ୍ଭବ । ଏହି ସମ୍ଭାବନା ଦୃଢ଼ୀଭୂତ ହୁଏ, ଯେତେବେଳେ ଆମେ ଦେଖୁ ୧୪୫୯ ଖ୍ରୀଷ୍ଟାବ୍ଦର ଯୁଦ୍ଧରେ ସେ ପୂର୍ଣ୍ଣ ଯୁବକସୁଲଭ ବୀରତ୍ୱରେ ଯୁଦ୍ଧ କରିଛନ୍ତି । ଏହାଛଡ଼ା ହମ୍ବୀରଙ୍କ ପୁତ୍ର ନରହରି ୧୫୬୮ ଖ୍ରୀଷ୍ଟାବ୍ଦରେ ପ୍ରମୁଖ କୂଟନୀତିଜ୍ଞ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ । ୧୪୩୫ ଖ୍ରୀଷ୍ଟାବ୍ଦରେ

କପିଳେନ୍ଦ୍ରଙ୍କ ବିବାହ, ୧୫୧୫ ଖ୍ରୀଷ୍ଟାବ୍ଦରେ ହମ୍ବୀରପୁତ୍ର ନରହରିଙ୍କ ଗିରଫଦାରୀ, ୧୫୬୮ ଖ୍ରୀଷ୍ଟାବ୍ଦରେ ବୃଦ୍ଧ ଅଥଚ ଚଳଚଞ୍ଚଳ ନରହରି, ଏହିସବୁ ସମୟ ସୂଚନାକୁ ବିଚାରକୁ ନେଲେ ହମ୍ବୀରଦେବଙ୍କ ଜନ୍ମ ସମୟ ୧୪୩୮ ଖ୍ରୀ.ଅ.ରୁ ୧୪୪୦ ଖ୍ରୀ.ଅ. ମଧ୍ୟରେ ହୋଇଥିବାର ଅନୁମେୟ ।

**ହମ୍ବୀର ଦେବଙ୍କ ମହାନତା :**

ହମ୍ବୀର କୁମାର ମହାପାତ୍ର ବା ହମ୍ବୀର ଦେବ ଥିଲେ ଓଡ଼ିଶାର ରାଜକୁମାର । ଓଡ଼ିଶା ମାଟିର ସର୍ବଶ୍ରେଷ୍ଠ ବୀର । ତା' ସହିତ ହମ୍ବୀର ଥିଲେ ଈଶ୍ୱରବିଶ୍ୱାସୀ ଓ ଦୟାଳୁ । ୧୪୬୧ ଖ୍ରୀଷ୍ଟାବ୍ଦରେ ହମ୍ବୀର ତିରୋଭୋଲୁ ଗ୍ରାମକୁ ବ୍ରାହ୍ମଣମାନଙ୍କୁ ଦାନ କରିଥିଲେ । ଏହା କୁମାର ହମ୍ବୀର ପୁରମ୍ ଭାବରେ ପରିଚିତ ହୋଇଥିଲା । ୧୪୬୪ ଖ୍ରୀଷ୍ଟାବ୍ଦରେ ହମ୍ବୀର ଶ୍ରୀରଙ୍ଗମ୍‌ର ପ୍ରସିଦ୍ଧ ରଙ୍ଗନାଥସ୍ୱାମୀ ମନ୍ଦିରକୁ ଗୋଦାନ କରିଥିଲେ । ପ୍ରସିଦ୍ଧ ଅଖଣ୍ଡ ଦୀପ ଜାଳିବା ପାଇଁ ଘିଅର ବ୍ୟବସ୍ଥା କରିଥିଲେ । ସେହି ସମୟରେ 'ତିରୁମଲତା ନାମୁଦୟ ଶିବ ମନ୍ଦିର'ର ମରାମତି କରାଯାଇଥିଲା । 'ପେରୁମଲ ପୁରୁଷୋତ୍ତମ ମନ୍ଦିର'ର ରକ୍ଷଣାବେକ୍ଷଣର ବନ୍ଦୋବସ୍ତ କରାଯାଇଥିଲା । ଏ ସମସ୍ତ ଦାନଧର୍ମ ସହିତ କୁମାର ହମ୍ବୀରଦେବ ମହାପାତ୍ରଙ୍କ ବିଜୟୱାଡ଼ାର ରାଜନାରାୟଣ ମନ୍ଦିରକୁ ଦାନ ତାଙ୍କର ମହାନତାର ପରିଚୟ ଦିଏ ।

କୁମାର ହମ୍ବୀର ଥିଲେ ବୀର । ତା ସହିତ ଜଣେ ଧର୍ମପରାୟଣ ବ୍ୟକ୍ତି । ତାଙ୍କର ଲୋକପ୍ରିୟତା ବିରୋଧୀମାନଙ୍କୁ ବିଚଳିତ କରିଦେଇଥିଲା । ସେମାନେ ହମ୍ବୀରଙ୍କ ବିରୋଧରେ କୁତ୍ସାରଟନା କରିଥିଲେ । କୁଚକ୍ରୀମାନେ ପ୍ରଚାର କଲେ, ଜଗନ୍ନାଥ ଚାହୁଁଛନ୍ତି ପୁରୁଷୋତ୍ତମଦେବ ରାଜା ହୁଅନ୍ତୁ ଏବଂ ହମ୍ବୀରଙ୍କ ଅନୁପସ୍ଥିତିରେ ପୁରୁଷୋତ୍ତମ ଦେବ ରାଜମୁକୁଟ ପିନ୍ଧିଦେଲେ । ଏହି ଘଟଣା ପରେ ହମ୍ବୀର ଦେବ ଘୋଡ଼ା ଝପଟାଇ କଟକରେ ପହଞ୍ଚିଥିଲେ । ତାଙ୍କ ଭଳି ଅପରାଜେୟ ବୀର ଚାହିଁଥିଲେ ମୁହୂର୍ତ୍ତକ ମଧ୍ୟରେ ପୁରୁଷୋତ୍ତମଙ୍କ ମୁଣ୍ଡରୁ ରାଜମୁକୁଟକୁ ଓହ୍ଲାଇଦେଇଥାନ୍ତେ । କିନ୍ତୁ ସେ ସେଭଳି କରିନଥିଲେ । ଲୋକବିଶ୍ୱାସକୁ ସମ୍ମାନ ଦେଇ ବିଶାଳ ଓଡ଼ିଶାଦେଶର ରାଜଗାଦି ଯାହା ତାଙ୍କ ପାଇଁ ବୈଧ ଥିଲା, ତାହାକୁ ସେ ଅଚିରେ ଛାଡ଼ିଦେଇଥିଲେ । ଏଇ କଥା ହିଁ ଦର୍ଶାଏ, କୁମାର ହମ୍ବୀର ଜଣେ ମହାତ୍ମା ଥିଲେ ।

**ହମ୍ବୀର ଦେବଙ୍କ ବୀରତ୍ୱ :**

ଓଡ଼ିଆ ପୁଅ ହମ୍ବୀର ଦେବଙ୍କ ବୀରତ୍ୱ ଅବର୍ଣ୍ଣନୀୟ । ସେହି କାରଣ ପାଇଁ ଓଡ଼ିଶାର ଇତିହାସ ଲେଖିଥିବା ଇତିହାସକାରଗଣ କପିଳେନ୍ଦ୍ର ଦେବଙ୍କ ରାଜୁତିରେ ଘଟିଥିବା ସମସ୍ତ ଦୁର୍ଗଜୟକୁ ହମ୍ବୀର ଦେବଙ୍କ କୃତିତ୍ୱ ଭାବରେ ବର୍ଣ୍ଣନା କରିଦେଇଛନ୍ତି । ରାଜମହେନ୍ଦ୍ରବର, କୋଣ୍ଡାବିଡୁ, ଅଡ଼ଙ୍କି, ବିନୁକୋଣ୍ଡା ଠାରୁ ଆରମ୍ଭ କରି ସମସ୍ତ ଅଞ୍ଚଳ ବିଜୟର ଶ୍ରେୟ, କେହି ନା କେହି ଐତିହାସିକ ହମ୍ବୀର ଦେବଙ୍କୁ ପ୍ରଦାନ କରିଛନ୍ତି । ବୟସକୁ ଦୃଷ୍ଟିରେ ରଖି ସେଭଳି ଭୁଲ୍ ନକରି ଆମେ କେବଳ ସେହି ଘଟଣାକୁ ଉପସ୍ଥାପିତ କରିବା, ଯେଉଁ ଘଟଣା ପ୍ରାମାଣିକ ତଥ୍ୟ ସହ ହମ୍ବୀରଙ୍କ ବୀରତ୍ୱର ଜୟଗାନ କରୁଥିବ ।

କପିଳେନ୍ଦ୍ର ଦେବଙ୍କ ଦିଗ୍‌ବିଜୟ କରିବାର ଇଚ୍ଛା ଜଣାପଡ଼େ ୧୪୫୦ ଖ୍ରୀ.ଅ.ରେ ଖୋଦିତ ଶ୍ରୀମନ୍ଦିର ଅଭିଲେଖରୁ । ଏ ସମୟକୁ ରାଜମହେନ୍ଦ୍ରବର ଓଡ଼ିଶାରେ ମିଶିସାରିଲାଣି । ୧୪୫୮ ଖ୍ରୀଷ୍ଟାବ୍ଦରେ କପିଳେନ୍ଦ୍ର ଗୁଣ୍ଟୁର ନିକଟରେ ଥିଲେ । ସେ ସମୟକୁ ହମ୍ବୀର ଜଣେ ନବଯୁବକ । ତୁଳସୀପତ୍ରର ବାସ୍ନା ପରି କୁମାର ହମ୍ବୀରଙ୍କ ବୀରତ୍ୱ ବାରି ହୋଇ ପଡୁଥାଏ । ହମ୍ବୀରଙ୍କ ପାଇଁ ତେଲେଙ୍ଗାନା ଓଡ଼ିଶାର ବଶତା ସ୍ୱୀକାର କରିବାକୁ ଉଚିତ ମଣିଥିଲା । କପିଳେନ୍ଦ୍ର ଆଦେଶ ଦେଇଥାନ୍ତି ଓଡ଼ିଶାର ସେନାବାହିନୀକୁ ଧର (ମାଲୱା) ଆଡ଼କୁ ଆଗେଇ ଯିବାକୁ । ଓଡ଼ିଶାର ସେନାବାହିନୀ ଗୁଲବର୍ଗା ରାସ୍ତାରେ ଆଗଉଥାନ୍ତି ।

ତେଲେଙ୍ଗାନା ଓଡ଼ିଶା ଦେଶର ବଶତା ସ୍ୱୀକାର କରିଥିବା ଜାଣି, ମୁସଲମାନ ରାଜ୍ୟ ବାହାମନୀ ତେଲେଙ୍ଗାନା ଉପରେ ଆକ୍ରମଣ କରିଦେଲା । କପିଳେନ୍ଦ୍ର ଦେବ ନିଜର ସେନାବାହିନୀକୁ ନିର୍ଦ୍ଦେଶ ଦେଲେ ଧର (ମାଲୱା) ଆକ୍ରମଣରୁ ଫେରିଆସି ବାହମନୀର ସେନାକୁ ଅଟକାଇବାକୁ ।

**ଦେବରକୋଣ୍ଡା ଯୁଦ୍ଧ (୧୪୫୯ ଖ୍ରୀଷ୍ଟାବ୍ଦ) :**

ଦେବରକୋଣ୍ଡା ଯୁଦ୍ଧ ଓଡ଼ିଶାର ବୀର ସନ୍ତାନ କୁମାର ହମ୍ବୀରଙ୍କ ବୀରତ୍ୱର ଏକ ଅଲିଭା ଉଦାହରଣ । ମୁସଲମାନ ଐତିହାସିକମାନେ ଏ ଯୁଦ୍ଧର ବର୍ଣ୍ଣନା ଖୁବ୍ ସୁନ୍ଦର ଭାବରେ କରିଛନ୍ତି ।

ସେତେବେଳେ ତେଲେଙ୍ଗାନାର ବେଲମ୍ମାମାନଙ୍କ ମୁଖ୍ୟ ଥିଲେ ମଦାୟାଲିଙ୍ଗା । ବାହମନୀର ସୁଲ୍‌ତାନ୍ ଥିଲେ ହୁମାୟୁନ୍ । ମୁସଲ୍‌ମାନ୍ ରାଜ୍ୟ ବାହମନୀର ବାରମ୍ବାର ଆକ୍ରମଣରେ ତେଲେଙ୍ଗାନାର ହିନ୍ଦୁମାନେ ଅତିଷ୍ଠ ହୋଇପଡ଼ିଥିଲେ । ସେହି କାରଣ ପାଇଁ ତେଲେଙ୍ଗାନା ଓଡ଼ିଶାର ବଶତା ସ୍ୱୀକାର କରିଥିଲା । ଏକଥା ଜାଣିପାରି ହୁମାୟୁନ୍ ନିଜର ଦୁଇଜଣ ବଳିଷ୍ଠ ସେନାପତି ଖ୍ୱାଜା ଏବଂ ନିଜାମ୍ ଉଲ୍‌ଙ୍କ ନେତୃତ୍ୱରେ ଏକ ବିଶାଳ ସେନାବାହିନୀ ପ୍ରେରଣ କଲେ । ଓଡ଼ିଶାର କରଦ ରାଜ୍ୟ ସାଜିଥିବା ତେଲେଙ୍ଗାନା ଆଗରୁ ଏ ବିଷୟରେ ଓଡ଼ିଶାକୁ ସୂଚନା ଦେଇଥିଲା । କିନ୍ତୁ ହମ୍ବୀରଙ୍କ ବୀରତ୍ୱ ବିଷୟରେ ବାହମନୀ ସଚେତନ ନଥିଲା ।

ବାହମନୀର ବିଶାଳ ସେନା ସମୁଦ୍ର ଢେଉ ଭଳି ଆଗକୁ ମାଡ଼ିଚାଲିଥାନ୍ତି । ଠିକ୍ ଦେବରକୋଣ୍ଡା ନିକଟରେ ସେମାନଙ୍କୁ ଆକ୍ରମଣ କଲେ କୁମାର ହମ୍ବୀର ଦେବ । ମୁସଲ୍‌ମାନ୍ ଐତିହାସିକମାନେ ଦର୍ଶାନ୍ତି, ହମ୍ବୀର ପଛପଟରୁ ଆକ୍ରମଣ କଲେ । ଏକଥା ସତ୍ୟ ମଧ୍ୟ ହୋଇପାରେ । କାରଣ ଏହି ଯୁଦ୍ଧ ପୂର୍ବର ତାମ୍ର ଫଳକରେ (ଭେଲିଗଲାନି ତାମ୍ର ଫଳକ) କପିଳେନ୍ଦ୍ର ଦର୍ଶାଇଛନ୍ତି ଧର, ଗୁଲବର୍ଗା ଇତ୍ୟାଦି ଆକ୍ରମଣ କଥା । ଏସବୁର ଭୌଗୋଳିକ ଅବସ୍ଥିତି, ଗଣଦେବ ରାଉତରାୟଙ୍କ ଚାଭାଲି ତାମ୍ରଲେଖ ଏବଂ ମୁସଲ୍‌ମାନ୍ ଐତିହାସିକ ଫେରିସ୍ତା, ନିଜାମ୍ ଇତ୍ୟାଦିଙ୍କ ବର୍ଣ୍ଣନା, ଏ ସମସ୍ତ କଥାକୁ ବିଚାରକୁ ନେଲେ ବିଶ୍ୱାସ କରିହୁଏ କୁମାର ହମ୍ବୀର

ବିପରୀତ ଆଡୁ ଆକ୍ରମଣ କଲେ । ସେ ଆକ୍ରମଣରେ ହତବମ୍ଭ ହୋଇପଡ଼ିଥିଲେ ବାହମନୀର ସେନାବାହିନୀ । କୁମାର ହମ୍ବୀରଙ୍କ ବିଚକ୍ଷଣ ତରବାରି ଚାଳନାରେ ରକ୍ତର ନଦୀ ବୋହିଗଲା ଦେବରକୋଣ୍ଡାରେ । ଆଉ ତ୍ରାହି ନାହିଁ ଜାଣି ଇସ୍‌ଲାମ୍ ଦଳ ଛତ୍ରଭଙ୍ଗ ଦେବାକୁ ବାଧ ହେଲେ । ଓଡ଼ିଶାର ବିଜୟ ଧ୍ୱଜା ଦେବରକୋଣ୍ଡାର ଆକାଶରେ ଫରଫର ହୋଇ ଉଡ଼ିଲା ।

### ୱାରଙ୍ଗଲ୍ ଦଖଲ :

ଦେବରକୋଣ୍ଡା ଠାରେ ବାହମନୀର ସେନାବାହିନୀକୁ ହରାଇବା ପରେ କୁମାର ହମ୍ବୀର ଘୋଡ଼ା ଝପଟାଇଥିଲେ ୱାରଙ୍ଗଲ୍ ଆଡ଼େ । ୱାରଙ୍ଗଲ୍ ଦୁର୍ଗ ହୋଇଗଲା ଓଡ଼ିଶାର ଏକ ଦୁର୍ଗ । ୱାରଙ୍ଗଲ୍ ଦୁର୍ଗର କାନ୍ଥରେ ୧୪୬୦ ଖ୍ରୀ.ଅ.ରେ ଖୋଦିତ ଏକ ଶିଳାଲେଖରେ ଉଲ୍ଲେଖ ଅଛି – ହମ୍ବୀର କୁମାର ମହାପାତ୍ର କପିଳେନ୍ଦ୍ର ମହାରାଜାଙ୍କ ପୁତ୍ର ଏ ଦୁର୍ଗକୁ ଜୟ କଲେ ।

### ବିଦାର ଆକ୍ରମଣ :

ଦେବରକୋଣ୍ଡା ଯୁଦ୍ଧ ଓ ୱାରଙ୍ଗଲ୍ ଦୁର୍ଗ ଦଖଲ ପରେ ପରଦା ଉପରେ ଉଭା ହୋଇଥିଲେ ଜଣେ ନୂଆ ନାୟକ । ଅଦମ୍ୟ ଉତ୍ସାହ ଭରିଯାଇଥିଲା ଓଡ଼ିଆ ପାଇକଙ୍କ ମନରେ । ଖୁସି ଥିଲେ ତେଲେଙ୍ଗାନାର ହିନ୍ଦୁ ସୈନ୍ୟ । ଏହି ସମୟରେ ବାହମନୀର ସୁଲତାନ୍ ହୁମାୟୁନଙ୍କର ମୃତ୍ୟୁ ହୋଇଯାଇଥିଲା । ତାଙ୍କ ସ୍ଥାନରେ ରାଜଗାଦିରେ ବସିଥିଲେ ତାଙ୍କର ଶିଶୁପୁତ୍ର ନିଜାମ୍ । ଏହା ଏକ ଅପୂର୍ବ ସୁଯୋଗ ଆଣିଦେଲା ହମ୍ବୀରଙ୍କୁ । କୁମାର ହମ୍ବୀର ବାହାରିପଡ଼ିଲେ ବିଦାରକୁ ଓଡ଼ିଶାର ସୀମା ଭିତରେ ମିଶାଇଦେବାକୁ । କେନ୍ଦ୍ର ଭାରତରୁ ମୁସଲ୍‌ମାନ୍ ଶାସନର ଅନ୍ତ କରାଇଦେବାକୁ । ହମ୍ବୀର ଦେବ ଆଗକୁ ମାଡ଼ିଚାଲିଥିଲେ । ହମ୍ବୀରଙ୍କ ଘୋଡ଼ା ଟାପୁର ଶବ୍ଦ ଛାତି ଥରାଇଦେଉଥିଲା ବାହମନୀର ଦିଗହରା ସେନାଙ୍କର । ସମ୍ମୁଖରେ କେହି ନଥିଲେ, ଯିଏ ବୀର ହମ୍ବୀରଙ୍କ ରାସ୍ତା ଓଗାଳିପାରିବ ।

ଏତିକିବେଳେ ଓଡ଼ିଶାଦେଶର ରାଜଧାନୀ କଟକରେ କୁଚକ୍ରୀ ଗୋଷ୍ଠୀ ସକ୍ରିୟ ହୋଇଉଠିଲେ । ସେମାନେ ହମ୍ବୀରଙ୍କ ଔଜ୍ଜ୍ୱଲ୍ୟରେ ଅଣନିଃଶ୍ୱାସୀ ହୋଇପଡୁଥାନ୍ତି । କୁଚକ୍ରୀ ଗୋଷ୍ଠୀଙ୍କର ରାଜାଙ୍କ ଉପରେ ଯଥେଷ୍ଟ ପ୍ରଭାବ ଥିଲା । ସେଇଥିପାଇଁ କପିଳେନ୍ଦ୍ର ଦଉଡ଼ିଥିଲେ ଜଗନ୍ନାଥଙ୍କ ପାଖକୁ । ଅଭିଯୋଗ କରିଥିଲେ କୁଚକ୍ରୀ ଗୋଷ୍ଠୀଙ୍କ ବିରୋଧରେ ।

କୁଚକ୍ରୀ ଗୋଷ୍ଠୀଙ୍କ ବିଷୟରେ ହମ୍ବୀରଦେବ ଆଦୌ ସଚେତନ ନଥିଲେ । ତାଙ୍କର ଏକମାତ୍ର ଲକ୍ଷ୍ୟ ଥିଲା, ବାହମନୀକୁ ଓଡ଼ିଶା ସହିତ ମିଶାଇଦେବା । ବାହମନୀର ରାଜଧାନୀ ବିଦାର ଆଉ ମାତ୍ର ଡାକେ ବାଟ ଥିଲା । ତା'ପରେ ହୁଏତ ମଧ୍ୟଭାରତରୁ ମୂଳପୋଛ ହୋଇଯାଇଥାଆନ୍ତା ମୁସଲ୍‌ମାନ୍ ଶାସନ । ଭାରତର ଭବିଷ୍ୟତର ଚିତ୍ର ବଦଳିଯାଇଥାଆନ୍ତା । କିନ୍ତୁ ସେଭଳି କିଛି ଘଟିବା ପୂର୍ବରୁ ଓଡ଼ିଆ ପାଇକଙ୍କୁ ନିର୍ଦ୍ଦେଶ ଦିଆଗଲା ଫେରିଆସିବାକୁ । ହମ୍ବୀର କିଛି ବୁଝିପାରି ନଥିଲେ । ଓଡ଼ିଆ ସୈନ୍ୟମାନେ ଫେରିବାକୁ ଆରମ୍ଭ କଲେ । ଯେଉଁମାନେ ବହୁ ଆଗକୁ ଚାଲିଯାଇଥିଲେ, ସେମାନେ ଖୁବ୍ ହଇରାଣ ହେଲେ ବୋଲି ଲେଖନ୍ତି ମୁସଲ୍‌ମାନ୍ ଐତିହାସିକମାନେ ।

ହମ୍ବୀରଙ୍କ ଆତ୍ମାକୁ ବାଧିଲା । ହେଲେ ଦୁଃଖ ସେତିକିରେ ସରିଲା ନାହିଁ । କଟା ଘା'ରେ ଚୂନ ଦେବା ଭଳି ହମ୍ବୀରଙ୍କ ଆକ୍ରମଣରେ ବାହମନୀର ଯେଉଁ କ୍ଷତି ହୋଇଥିଲା, ତାକୁ ଭରଣା କରିବାର ପ୍ରତିଶ୍ରୁତି ଦିଆଗଲା । ପ୍ରତିଶ୍ରୁତି ରକ୍ଷା କରାଯାଇ ଓଡ଼ିଶା ପକ୍ଷରୁ ଲକ୍ଷଲକ୍ଷ ଟଙ୍କା ପ୍ରଦାନ କରାଗଲା ।

କିଏ ଏଭଳି କାର୍ଯ୍ୟ କଲା, ସେକଥା ଜଣା ନାହିଁ । କିନ୍ତୁ ହମ୍ବୀରଙ୍କ ଉପରେ ଏହା ଥିଲା ପ୍ରଥମ ଚଡ଼କ । ଏହି ଚଡ଼କ ନବଯୁବକ ହମ୍ବୀରଙ୍କୁ ମାନସିକ ସ୍ତରରେ ଭାରାକ୍ରାନ୍ତ କରିଦେଇଥିବ ନିଶ୍ଚୟ ।

### କାଞ୍ଚିରୁ କାବେରୀ :

'କାଞ୍ଚି କାବେରୀ' କାବ୍ୟର କାହାଣୀରେ ବର୍ଣ୍ଣିତ କାଞ୍ଚି ବିଜୟ । ରଥଯାତ୍ରା ସମୟରେ ପ୍ରବଚକମାନେ ଗର୍ଜନ କରି କହୁଥିବା ଏହି କାଞ୍ଚି ବିଜୟର କଥାଠାରୁ ଇତିହାସ ପ୍ରମାଣିତ କାଞ୍ଚି ବିଜୟ ସମ୍ପୂର୍ଣ୍ଣ ଭିନ୍ନ । ସେଇଥିପାଇଁ କହିଲୁ ଏ କାହାଣୀ ଆମ ଗର୍ବ ଗୌରବକୁ, ଆମ ବୀରତ୍ୱକୁ ଧୂଳିସାତ୍ କରିଦେଇଛି । 'କାଞ୍ଚି କାବେରୀ' କାବ୍ୟରେ ଯେଉଁ ସାଲ୍ୱ ନରସିଂଘଙ୍କୁ ହରାଇବା ପାଇଁ ଆମ ଆରାଧ୍ୟ ଦେବତା ଜଗନ୍ନାଥ ଯୁଦ୍ଧକୁ ଯାଇଥିବାର ବର୍ଣ୍ଣନା ଅଛି, ଇତିହାସ ପ୍ରମାଣ ଦିଏ ସେହି ସାଲ୍ୱ ନରସିଂଘ ହମ୍ବୀର ଆସୁଥିବାର ଶୁଣି ଛାନିଆରେ ଦଉଡ଼ିଛନ୍ତି । ଦଉଡ଼ିଛନ୍ତି ମାନେ, କାଞ୍ଚିରୁ କାବେରୀ କୂଳ ଟପି ତିରୁଭାୟୁର୍ ପର୍ଯ୍ୟନ୍ତ । ସେତିକିବେଳେ ତାଙ୍କୁ ସହାୟ ହୋଇଛନ୍ତି ପୁରୁଷୋତ୍ତମଦେବ ବା 'କାଞ୍ଚି କାବେରୀ' କାବ୍ୟର ନାୟକ । ଇଜ୍ଜତ ବଞ୍ଚିଯାଇଛି ଅଯୋଗ୍ୟ ଖଳନାୟକଙ୍କର ।

ବିଦାର ଆକ୍ରମଣରୁ ଫେରି ହମ୍ବୀର ଭାଙ୍ଗିପଡ଼ିଥିଲେ । ଏତିକିବେଳେ ପିତା କପିଳେନ୍ଦ୍ର ଆଦେଶ ଦେଲେ କାଞ୍ଚି ଆଡ଼େ ଅଗ୍ରସର ହେବାକୁ (ପ୍ରମାଣ ଅନନ୍ତଭରମ୍ ତାମ୍ରଫଳକ ଓ ଗୋପୀନାଥପୁର ଶିଳାଲେଖ) । ପ୍ରଥମେ ଉଦୟଗିରି ଦୁର୍ଗକୁ ହମ୍ବୀର ଅଧିକାର କରିନେଲେ । ଆଉ କେହି ନୁହେଁ, ହମ୍ବୀରଦେବ ଯେ ଉଦୟଗିରିକୁ ଅଧିକାର କରିଥିଲେ ଏବଂ ତାଙ୍କୁ ସାହାଯ୍ୟ କରିଥିଲେ ପଶୁପତି ତମରାୟା – ଏହି କଥା ହିଁ ଲେଖାଯାଇଛି ଶିଳାଲେଖରେ ।

ହମ୍ବୀର ଯେତେବେଳେ ବିଜୟନଗର ରାଜ୍ୟ ଆକ୍ରମଣ ଆରମ୍ଭ କଲେ, ସେତେବେଳେ ସାଲ୍ୱ ନରସିଂଘ ମଲିକାର୍ଜ୍ଜୁନଙ୍କ ସହ ପେନୁକୋଣ୍ଡା ଠାରେ ଆଲୋଚନା କରିଥିଲେ (୧୪୫୯ ଖ୍ରୀଷ୍ଟାବ୍ଦ) । ଏହାପରେ ସାଲ୍ୱ ନିଜ ଅଞ୍ଚଳ ଚନ୍ଦ୍ରଗିରିକୁ ଫେରିଥିବେ । ଉଦୟଗିରି ବିଜୟ ପରେ ସାଲ୍ୱ ଜାଣିଥିବେ ହମ୍ବୀରଙ୍କ ପରବର୍ତ୍ତୀ ଆକ୍ରମଣର ଶିକାର ହେବ ଚନ୍ଦ୍ରଗିରି । ଅଥଚ ହମ୍ବୀର ଚନ୍ଦ୍ରଗିରିରେ ପହଞ୍ଚିବା ବେଳକୁ ସାଲ୍ୱ ନରସିଂଘ ଚନ୍ଦ୍ରଗିରି ଛାଡ଼ି ପଳାଇଥିଲେ । ଅଚିରେ ଚନ୍ଦ୍ରଗିରି ଓଡ଼ିଆମାନଙ୍କ ଅଧିକାରକୁ ଆସିଗଲା (୧୪୬୨ ଖ୍ରୀଷ୍ଟାବ୍ଦ) ।

ଏହାପରେ ହମ୍ମୀର ବଳପୂର୍ବକ କାଞ୍ଚିକୁ ନିଜ ଅଧୀନକୁ ନେଇଗଲେ । ପୁରୁଷୋତ୍ତମ ଦେବଙ୍କ ସେନା ନୁହେଁ, କପିଳେନ୍ଦ୍ରଙ୍କ ସେନା ଯେ କାଞ୍ଚିକୁ ନିଜ ଅଧିକାରକୁ ନେଇଥିଲେ, ଏହି କଥା କୁହେ ଗୋପୀନାଥପୁର ମନ୍ଦିର ଶିଳାଲେଖ । ସେହି ଏକା କଥା କୁହେ ମାଦଳାପାଞ୍ଜି । ଇତିହାସର ପ୍ରମାଣ ଭାବରେ ହମ୍ମୀର ଦେବଙ୍କ ନାମକୁ ଦର୍ଶାଏ ଦକ୍ଷିଣୀ ମନ୍ଦିରର ଅଭିଲେଖଗୁଡ଼ିକ । କାଞ୍ଚି ସମ୍ବନ୍ଧରେ କାଞ୍ଚି ବିଜୟ ସମୟର କବି ସାରଳା ଦାସ ତାଙ୍କର ମହାଭାରତରେ ଲେଖିଛନ୍ତି –

"କାଞ୍ଚି ନଗର ବୋଲିଣ ଜଗତରେ ଜାଣି
ବହଇ କାବେରୀ ନଦୀ ସମ୍ମୁଖରେ ପୁଣି ।" (ସଭାପର୍ବ)

ଏହି ବର୍ଣ୍ଣନା ଭିତରେ ସାରଳା ଦାସ ଲେଖିଛନ୍ତି, "ବିଜୟ ନଗର ବାସୀ ସମସ୍ତେ ଜାଣିଲେ ।" ଏହା ସହିତ 'ଶ୍ରୀ ମଲ୍ଲିକା ଅର୍ଜ୍ଜୁନ' ନାମ ମଧ୍ୟ ବ୍ୟବହାର କରିଛନ୍ତି । ସେହି ସମୟରେ ରାଜ୍ୟର ନାମ ଥିଲା 'ବିଜୟ ନଗର' ଏବଂ ରାଜା ଥିଲେ 'ମଲ୍ଲିକାର୍ଜ୍ଜୁନ' । ଅର୍ଥାତ୍ କାଞ୍ଚିର ବର୍ଣ୍ଣନା କରିବାବେଳେ ସାରଳା ଦାସ ତତ୍କାଳୀନ ରାଜ୍ୟ ଓ ରାଜାଙ୍କ ନାମକୁ ନିଜ ରଚନାରେ ସ୍ଥାନ ଦେଇଛନ୍ତି । କିନ୍ତୁ ଭୌଗୋଳିକ ଦୃଷ୍ଟିରୁ ବର୍ଣ୍ଣନାଟି ଏତେ ସଠିକ୍ ନୁହେଁ । କାଞ୍ଚି ନଗର ସମ୍ମୁଖରେ ଯେଉଁ ନଦୀ ପ୍ରବାହିତ ହେଉଛି, ତାହା କାବେରୀ ନୁହେଁ । ସେ ନଦୀର ନାମ କମ୍ପା । କାଞ୍ଚିଠାରୁ କାବେରୀ ଶହଶହ କିଲୋମିଟର ଦୂରରେ ପ୍ରବାହିତ । 'ମାଦଳାପାଞ୍ଜି'ରେ ଯେଉଁଠାରେ ପୁରୁଷୋତ୍ତମଙ୍କ କଥା କୁହାଯାଇଛି, ସେଠାରେ 'କାଞ୍ଚି କାବେରୀ' ବୋଲି ଉଲ୍ଲେଖ ଅଛି । ସାରଳା ଦାସ ଏବଂ 'ମାଦଳାପାଞ୍ଜି'ର ପ୍ରଭାବରେ ୧୭ଶ ଶତାବ୍ଦୀର କବି ପୁରୁଷୋତ୍ତମ ଦାସ ତାଙ୍କ କାବ୍ୟର ନାମ ଦେଲେ 'କାଞ୍ଚି କାବେରୀ' । କିନ୍ତୁ ପ୍ରକୃତରେ କାବେରୀ ନଦୀ ଯେଉଁ ପବିତ୍ର ଭୂଖଣ୍ଡଟିକୁ ଚତୁଃପାର୍ଶ୍ୱରୁ ବେଢ଼ିଛି, ସେ ଅଞ୍ଚଳର ନାମ ହେଉଛି ଶ୍ରୀରଙ୍ଗମ୍ । କାଞ୍ଚି ବିଜୟ ପରେ ଏହି ଅଞ୍ଚଳକୁ ନିଜ ଅଧୀନକୁ ନେଇଥିଲେ ହମ୍ମୀର ଦେବ । ତେଣୁ 'କାଞ୍ଚି କାବେରୀ' ନାମକରଣର ଯେ କୌଣସି ଅର୍ଥ ନାହିଁ, ଏକଥା କହିବା ଭୁଲ୍ ହେବ । ପ୍ରକୃତରେ ଏହା ଥିଲା କାଞ୍ଚିରୁ କାବେରୀ ପର୍ଯ୍ୟନ୍ତ ଜୟ । ଯାହା ଥିଲା ହମ୍ମୀରଦେବଙ୍କ କୃତି ।

## କାବେରୀ କୂଳରେ ହମ୍ମୀରଦେବ :

ଭାବିଦେଲେ ଗର୍ବରେ ଛାତି ଫୁଲିଯାଉଛି । କାବେରୀ କୂଳରେ ପହଞ୍ଚିଯାଇଥିଲେ ଓଡ଼ିଶାର ରାଜକୁମାର ହମ୍ମୀର ଦେବ । ଭୀରୁ କାପୁରୁଷ ସାଲ୍ୱ ନରସିଂଘ କୌଣସିଠାରେ ହମ୍ମୀରଙ୍କୁ ସାମ୍ନା କରିନଥିଲେ । ହମ୍ମୀର ଯେତେ ଆଗକୁ ମାଡ଼ିମାଡ଼ି ଚାଲିଥିଲେ, କାପୁରୁଷ ସାଲ୍ୱ ସେ ସ୍ଥାନ ଛାଡ଼ି ପଳାୟନ କରୁଥିଲେ । ହମ୍ମୀର ଶ୍ରୀରଙ୍ଗମରେ ପହଞ୍ଚିବା ବେଳକୁ ସାଲ୍ୱ ନରସିଂଘ ପଳାଇଥିଲେ ତିରୁଭାୟୁର । ୧୪୬୨ ଖ୍ରୀଷ୍ଟାବ୍ଦ ପରେପରେ ହମ୍ମୀର ଶ୍ରୀରଙ୍ଗମ୍‌ରେ ପହଞ୍ଚିଥିଲେ । ୧୪୬୨ ଖ୍ରୀଷ୍ଟାବ୍ଦର ଏକ ଶିଳାଲେଖ ଦର୍ଶାଏ, ସେହି ସମୟରେ ସାଲ୍ୱ ନରସିଂଘ ତିରୁଭାୟୁର ଠାରେ ଥିଲେ । ଏହି ସ୍ଥାନଟି ଶ୍ରୀରଙ୍ଗମ୍ ଠାରୁ ଢେର୍ ଦୂରରେ । ପ୍ରାୟତଃ ନାଗପଟନମ୍ ପାଖାପାଖି ।

ଛୋଟପିଲାଙ୍କ ଲୁଚକାଳି ଖେଳ ପରି ହମ୍ମୀର ପୁଣି ଗୋଡ଼ାଇଲେ ସାଲ୍ୱ ନରସିଂହଙ୍କୁ । ତିରୁଭାୟୁର୍ ମିଶିଗଲା ଓଡ଼ିଶା ଦେଶର ସୀମା ଭିତରେ । ସାଲ୍ୱ କିନ୍ତୁ କେଉଁଠି ଲୁଚିଗଲେ । ହମ୍ମୀର ଆଉ ତାଙ୍କୁ ପାଇଲେ ନାହିଁ ।

୧୪୬୩ ଖ୍ରୀଷ୍ଟାବ୍ଦ ବେଳକୁ ସମ୍ପୂର୍ଣ୍ଣ ଦକ୍ଷିଣ ଆରକୋଟ୍ ଥିଲା ଓଡ଼ିଆମାନଙ୍କ ଅଧୀନରେ । ସେଠାକାର ଶାସକ ଥିଲେ କପିଳେନ୍ଦ୍ର ଦେବଙ୍କ ନାତି କୁମାର କପିଳେଶ୍ୱର । ଅନେକ ଐତିହାସିକ ଦର୍ଶାନ୍ତି ଏହି କପିଳେଶ୍ୱର ଥିଲେ ହମ୍ମୀର ଦେବଙ୍କ ପୁତ୍ର । ମୋ ଦୃଷ୍ଟିରେ ଏହା ଭୁଲ୍ ତଥ୍ୟ । ସେତେବେଳକୁ ହମ୍ମୀରଙ୍କୁ ମାତ୍ର ୨୩ ରୁ ୨୫ ବର୍ଷ ମଧ୍ୟରେ ହୋଇଥିବ । ତାହାଙ୍କ ପୁଅ ପ୍ରଶାସକ ହେବା ଅସମ୍ଭବ କଥା ।

ତେବେ କପିଳେନ୍ଦ୍ରଦେବଙ୍କ ଜଣେ ନାତି ଯେ ସାଉଥ୍ ଆରକୋଟର ପ୍ରଶାସକ ଥିଲେ, ଏହା ପ୍ରମାଣସିଦ୍ଧ । ସେହି ସମୟରେ ହମ୍ମୀର ଶ୍ରୀରଙ୍ଗମ୍‌ର 'ରଙ୍ଗନାଥ ସ୍ୱାମୀ ମନ୍ଦିର'କୁ ଦାନ ଦକ୍ଷିଣା ଦେଲେ । ଅନ୍ୟ ବହୁ ମନ୍ଦିରର ମରାମତି ଓ ପୁନଃଉଦ୍ଧାର କରିଥିଲେ । ତା ସତ୍ତ୍ୱେ 'ଓଡ଼ିଆନ୍ ଗୋଲାଭାଇ' ନାମକ ଏକ ପ୍ରବାଦରେ ଓଡ଼ିଆମାନଙ୍କୁ ଦେବସ୍ଥାନ ବିରୋଧୀ ଭାବରେ ବର୍ଣ୍ଣନା କରାଯାଏ । ଏହି ସମସ୍ୟା କ'ଣ ଥିଲା, ତାହାର ସ୍ୱତନ୍ତ୍ର ଆଲୋଚନା ଆବଶ୍ୟକ । ତେବେ ଏତିକି ସୂଚନା ଯଥେଷ୍ଟ, ଏଥିରେ 'ଗୋଲାଭାଇ' ବୋଲି ଶବ୍ଦ ଅଛି । ହମ୍ମୀରଙ୍କ ଗୋଲାଭାଇ ଥିଲେ ପୁରୁଷୋତ୍ତମ । ତେଣୁ ସମସ୍ୟାର ମଞ୍ଜି ଯେ ପୁରୁଷୋତ୍ତମ ଥିଲେ, ଏହା ବୁଝିହେଉଛି ।

## ସେତୁବନ୍ଧ ନିକଟରେ ହମ୍ମୀର :

ଏକଥା କଳନା କରିବା ଅସମ୍ଭବ ମନେହେଉଛି – ହମ୍ମୀର ଦେବ ନିଜର ରକ୍ତରଞ୍ଜିତ ତରବାରିକୁ ସେତୁବନ୍ଧ ନିକଟରେ ଦକ୍ଷିଣ ସାଗରର ଜଳରେ ଧୋଇଥିଲେ । ଏହି କଥା ପୁରୁଷୋତ୍ତମ ଦେବଙ୍କ ପୁତ୍ର ପ୍ରତାପରୁଦ୍ର ଦେବ ତାଙ୍କର ଅନନ୍ତଭରମ୍ ତାମ୍ରଫଳକରେ ଲେଖିଛନ୍ତି । ସାଉଥ୍ ଆର୍‌କୋଟ୍‌ର ବିଭିନ୍ନ ଅଭିଲେଖରୁ ଏକଥା ପ୍ରମାଣିତ ମଧ୍ୟ ହୋଇଛି ।

୧୪୬୪ ଖ୍ରୀଷ୍ଟାବ୍ଦ ସୁଦ୍ଧା ଓଡ଼ିଆମାନେ ହମ୍ମୀର ଦେବଙ୍କ ନେତୃତ୍ୱରେ କାବେରୀ ନଦୀ ଟପି ପେନାର ନଦୀକୂଳ ପର୍ଯ୍ୟନ୍ତ ପହଞ୍ଚିଯାଇଥିଲେ । କାଞ୍ଚିରୁ କାବେରୀ କୁହ ବା କାଞ୍ଚିରୁ ପେନାର୍ କୂଳ କୁହ, ଇଏ ହେଉଛି ଇତିହାସର ପ୍ରମାଣସିଦ୍ଧ ଓଡ଼ିଆ ପାଇକର ଜୟଯାତ୍ରାର କାହାଣୀ । ଯେଉଁ ଜୟଯାତ୍ରାର ମହାନାୟକ ଥିଲେ ହମ୍ମୀରଦେବ । ସେତେବେଳ ପର୍ଯ୍ୟନ୍ତ ପୁରୁଷୋତ୍ତମଦେବ ରାଜା ହୋଇନଥିଲେ କିମ୍ବା ଇତିହାସ ପୃଷ୍ଠାରେ ତାଙ୍କ ନାମ ମଧ୍ୟ ମିଳେନାହିଁ । ସେ ରାଜା ହେବା ପର୍ଯ୍ୟନ୍ତ ହୁଏତ ସାଧାରଣ ଜନତା ଜାଣିନଥିଲେ ପୁରୁଷୋତ୍ତମଦେବ କିଏ ।

ହମ୍ମୀରଦେବଙ୍କର ଏହି ଜୟଯାତ୍ରା ସମୟରେ ଯଦି କୌଣସି ରାଜା ହମ୍ମୀରଙ୍କ ସମ୍ମୁଖକୁ ଆସିଛନ୍ତି, ସେ ଥିଲେ ବିରୁପାକ୍ଷ । ବିରୁପାକ୍ଷ ହମ୍ମୀରଙ୍କ ହାତରେ ବା ଓଡ଼ିଆମାନଙ୍କ ହାତରେ ବନ୍ଦୀ ହୋଇଥିଲେ ।

ଉଦୟଗିରି, ଚନ୍ଦ୍ରଗିରି ଜୟ କରିବା ପରେ ବିରୁପାକ୍ଷଙ୍କ ବନ୍ଦୀ ହେବା ବିଷୟ ମାଦଳାପାଞ୍ଜିରେ ଉଲ୍ଲେଖ ଅଛି । ୧୪୭୨-୭୩ ଖ୍ରୀଷ୍ଟାବ୍ଦରେ ସାଉଥ୍ ଆର୍‌କୋଟ୍‌ର ଜମ୍ବାଇ ନିକଟରୁ ବିରୁପାକ୍ଷଙ୍କର ଏକ ଶିଳାଲେଖରେ ଆଠବର୍ଷର 'ଓଡ଼ିଆନ୍ ଗୋଲାଭାଇ' ସମସ୍ୟା କଥା ଉଲ୍ଲେଖ ଥିବାରୁ ବିରୁପାକ୍ଷ ଯେ ହମ୍ବୀରଙ୍କ ଦ୍ୱାରା ବନ୍ଦୀ ହୋଇଥିଲେ, ଏକଥାର ସତ୍ୟତା ପ୍ରମାଣିତ ହେଉଛି ।

ପ୍ରତାପରୁଦ୍ର ହମ୍ବୀରଙ୍କ ନାମୋଲ୍ଲେଖ କରିଛନ୍ତି । ମାଦଳାପାଞ୍ଜି ନିର୍ଦ୍ଦିଷ୍ଟ ନାମ ଉଲ୍ଲେଖ ନକରି କହିଛି, "ସେତୁବନ୍ଧ ଯାଏ କପିଳେନ୍ଦ୍ର ଦେବ ମହାରାଜାଙ୍କ ଆଜ୍ଞାରେ ଆତଯାତ ହୁଏ ।" ପୁଣି କହିଛି, "ରାଜ୍ୟରେ ସେତୁବନ୍ଧ ସରିକି ଆତଯାତ ହୋଇଲେ ।"

ସେତୁବନ୍ଧ ନିକଟରେ ପହଞ୍ଚିବାର ଏହି ଯେଉଁ ଗୌରବ, ଏହାର କର୍ଣ୍ଣଧାର ଥିଲେ ହମ୍ବୀର ଦେବ । ସେ ସମୟର କୌଣସି ସୂଚନାରେ ପୁରୁଷୋତ୍ତମଙ୍କର ନାମଗନ୍ଧ ନଥିବାବେଳେ, ସୂଚନାର ଗନ୍ତାଘର ରହିଛି ହମ୍ବୀରଦେବଙ୍କ ନାମରେ ।

### ବନ୍ଦୀ ରାଜଜେମା ଚନ୍ଦ୍ରାବତୀ :

ମାଦଳାପାଞ୍ଜିର ସୂଚନା ଅନୁସାରେ କପିଳେନ୍ଦ୍ର ଦେବଙ୍କ ୩୫ ଅଙ୍କ ବେଳକୁ ଓଡ଼ିଆମାନେ ସେତୁବନ୍ଧ ନିକଟରେ ପହଞ୍ଚିଯାଇଥିଲେ । ଏହି ଅଭିଯାନ ଆରମ୍ଭ ହୋଇଥିଲା କପିଳେନ୍ଦ୍ର ଦେବଙ୍କ ୩୩ ଅଙ୍କରେ । ଇତିହାସର ପ୍ରମାଣ ଅନୁସାରେ ବିଦାର ଆକ୍ରମଣ ପରେ ହମ୍ବୀର ଉଦୟଗିରି, ଚନ୍ଦ୍ରଗିରିକୁ ନିଜ ଅଧୀନକୁ ନେଇଥିଲେ । ଏହାପରେ ଓଡ଼ିଶା ଅଧୀନକୁ ଆସିଥିଲା ଦକ୍ଷିଣ ଆର୍‌କୋଟ୍ ।

ହମ୍ବୀରଦେବ ନିଜର ଦାକ୍ଷିଣାତ୍ୟ ଅଭିଯାନ ଶେଷ କରିବା ଭିତରେ ଜଣେ ରାଜଜେମାଙ୍କୁ ବନ୍ଦୀ କରିଥିଲେ । ସେହି ରାଜନନ୍ଦିନୀଙ୍କ ନାମ ଚନ୍ଦ୍ରାବତୀ । ପୁରୁଷୋତ୍ତମ ଦାସଙ୍କ କାବ୍ୟର ନାୟିକା ପଦ୍ମାବତୀ ହୋଇଥିବା ବେଳେ, ମାଦଳାପାଞ୍ଜି କାଞ୍ଚି ବିଜୟର ବର୍ଣ୍ଣନା ବେଳେ ଯେଉଁ ନାମଟି ଉଲ୍ଲେଖ କରିଛି ତାହା 'ଚନ୍ଦ୍ରାବତୀ' । ମାଦଳାପାଞ୍ଜି ପୁରୁଷୋତ୍ତମ ଦେବଙ୍କ କଥା କହିବା ବେଳେ, 'ପଦ୍ମିନୀ କନ୍ୟା'ର ବିବାହ କଥା କହିଛି । 'ପଦ୍ମିନୀ' ଏକ ନାମ ନୁହେଁ । 'ହସ୍ତିନୀ କନ୍ୟା', 'ପଦ୍ମିନୀ କନ୍ୟା' ଏଗୁଡ଼ିକ ନାରୀମାନଙ୍କର ଲକ୍ଷଣଯୁକ୍ତ ବର୍ଣ୍ଣନା ମାତ୍ର ।

ମାଦଳାପାଞ୍ଜି ଅନୁରୂପ ଅନ୍ୟ ଏକ ପାଞ୍ଜି ପୁରୁଷୋତ୍ତମଙ୍କ କଥା କହିବା ବେଳେ 'କାଞ୍ଚି କାବେରୀ' କଥାରେ କହିଛି - "ପଦ୍ମିନୀକୁ ଛୁଇଁଲେ ଦେହ ଫାଟିଯିବ । ତାହା ଶୁଣି ରାଜା ତାକୁ ହରିଲା । ତତ୍‌କ୍ଷଣାତ୍ ଦେହ ଫାଟିଗଲା । ପୋକ ଉଲୁସିଲା ।" ଏହି ପାଞ୍ଜିର କଥାକୁ ବରଂ ଆଲୋଚନା ନକରିବା ଭଲ ।

ମୂଳ ମାଦଳାର ସୂଚନା ଅନୁସାରେ ଯେଉଁ ରାଜଜେମା ବନ୍ଦୀ ହୋଇଥିଲେ, ସେ ହେଲେ 'ଚନ୍ଦ୍ରାବତୀ' । ହୁଏତ ଏହି ଚନ୍ଦ୍ରାବତୀଙ୍କ ନାମ ପରେ ରଖାଗଲା ପଦ୍ମାବତୀ । ଏହା ଉପରେ ଗବେଷଣା ଆବଶ୍ୟକ । ଅଚ୍ୟୁତାନନ୍ଦଙ୍କ ମାତା ପଦ୍ମାବତୀ, ଯିଏ ଦକ୍ଷିଣର ଜଣେ ରାଜଜେମା, ସେ କିଏ ଏବଂ ଅଚ୍ୟୁତ କାହିଁକି କହିଲେ "କାଞ୍ଚି ନଗ୍ରରେ ମୋର ନିଜ ବାସ ଥିବ" ?

### କାପୁରୁଷ ସାଲ୍ୱ ନରସିଂଘ ଓ ପୁରୁଷୋତ୍ତମଙ୍କ ବିବାହ :

୧୭ଶ ଶତାବ୍ଦୀରେ ରଚିତ 'କାଞ୍ଚି କାବେରୀ' କାବ୍ୟର ବର୍ଣ୍ଣନାରେ ପୁରୁଷୋତ୍ତମ ବିବାହ କରିଛନ୍ତି ସାଲ୍ୱ ନରସିଂଘଙ୍କ କନ୍ୟାଙ୍କୁ । ସେ କନ୍ୟାର ନାମ ପଦ୍ମାବତୀ । ପ୍ରଥମରୁ ଆମେ ଜଣାଇଦେଇଛୁ ପଦ୍ମାବତୀ ପୁରୁଷୋତ୍ତମଙ୍କ ପତ୍ନୀ ନଥିଲେ । 'ସରସ୍ୱତୀ ବିଳାସମ୍'ର ସୂଚନା ଅନୁସାରେ ପ୍ରତାପରୁଦ୍ରଙ୍କ ମାତା ବା ପୁରୁଷୋତ୍ତମଙ୍କ ପତ୍ନୀ ଥିଲେ ରୂପାମ୍ବିକା । ଆମେ ଜାଣିଛୁ ସାଲ୍ୱ ନରସିଂଘଙ୍କ ପତ୍ନୀଙ୍କ ନାମ ଥିଲା ଟିପାମ୍ବିକା । ସାଲ୍ୱଙ୍କ ମାତାଙ୍କ ନାମ ଥିଲା ମାଲାମ୍ବିକା । ନାମର ଯତିପାତକୁ ଲକ୍ଷ୍ୟ କଲେ, ମାଲାମ୍ବିକା, ଟିପାମ୍ବିକା, ରୂପାମ୍ବିକା ଏମାନେ ଯେ ଗୋଟିଏ ପରିବାରର, ଏଥିରେ ସନ୍ଦେହ ରହୁନାହିଁ । ତେଣୁ ପୁରୁଷୋତ୍ତମ ସାଲ୍ୱଙ୍କ ଝିଅକୁ ବିବାହ କରିବା କଥାଟି ବିଶ୍ୱାସଯୋଗ୍ୟ ।

କିନ୍ତୁ ଏହି ବିବାହ କୌଣସି ଯୁଦ୍ଧ ଜିତିବା କାରଣରୁ ହୋଇନଥିଲା । ଆଜିର ମ୍ୟାଚ୍ ଫିକ୍ସିଂ ଭଳି ଗୋଟିଏ କୁଟୀଳ ରାଜନୈତିକ ଫିକ୍ସିଂ ହିଁ ଏହି ବିବାହର ମୂଳଦୁଆ ପକାଇଥିଲା ।

ହମ୍ବୀରଙ୍କ ନାମ ଶୁଣି ଭୀରୁ କାପୁରୁଷ ସାଲ୍ୱ ନରସିଂଘ ଛାନିଆ ହୋଇଯାଉଥିଲେ । ଯୁଦ୍ଧର ପ୍ରଶ୍ନ ନାହିଁ । ଏହି ଭୀରୁ ଅଯୋଗ୍ୟ ଖଳନାୟକଙ୍କ ପାଇଁ କାଳିଆ ବଳିଆଙ୍କୁ ଯୁଦ୍ଧକ୍ଷେତ୍ରକୁ ପଠାଇବା ଜଗନ୍ନାଥ ମହିମାର ଅବମାନନା ନିଶ୍ଚୟ । ୧୪୬୪ ଖ୍ରୀଷ୍ଟାବ୍ଦର ଶ୍ରୀରଙ୍ଗମ୍ ମନ୍ଦିର ଅଭିଲେଖ, ମୁନୁର୍ ଶିଳାଲେଖ ଦର୍ଶାଏ, ଦକ୍ଷିଣ ଆର୍‌କୋଟ୍ ଥିଲା ଓଡ଼ିଆମାନଙ୍କ ଅଧୀନରେ । ଏହାର ପ୍ରଶାସକ ଥିଲେ ଓଡ଼ିଆ । କିନ୍ତୁ ଦେଖାଯାଇଛି ହଠାତ୍ ୧୪୬୬ ଖ୍ରୀଷ୍ଟାବ୍ଦରେ ଏହାର ପ୍ରଶାସକ ହୋଇଛନ୍ତି ସାଲ୍ୱ ନରସିଂଘ ।

ଆଦୌ ଯୁଦ୍ଧକ୍ଷେତ୍ରକୁ ଆସିନଥିବା ଚନ୍ଦ୍ରଗିରିର ପ୍ରଶାସକ, ଭୀରୁ, କାପୁରୁଷ ସାଲ୍ୱ ନରସିଂଘ ହଠାତ୍ ଓଡ଼ିଆଙ୍କ ହାତରୁ ଦକ୍ଷିଣ ଆର୍‌କୋଟ୍‌ର ଶାସନଭାର ଛଡ଼ାଇନେଲେ କେମିତି ? ଏ ପ୍ରଶ୍ନର ଉତ୍ତର ରହିଛି ମାଦଳାପାଞ୍ଜିରେ । ମାଦଳାପାଞ୍ଜି ଜଣାଇଦିଏ, ଯେଉଁ କୁଚକ୍ରୀ ଗୋଷ୍ଠୀ ବାହମନୀକୁ କ୍ଷତିପୂରଣ ଦେଇଥିଲେ, ସେହି ଗୋଷ୍ଠୀ ହିଁ ସାଲ୍ୱ ନରସିଂଘଙ୍କୁ କ୍ଷମତା ଦେଇଥିଲେ । କପିଳେନ୍ଦ୍ର ଥିଲେ କିଂ-କର୍ତ୍ତବ୍ୟ-ବିମୂଢ଼ । ମାଦଳାପାଞ୍ଜିର ଉକ୍ତି- "ନରସିଂହ ରାଏକୁ ରାଜା ଆଣି କଲେ", "ନରସିଂଘ ରାଏଙ୍କୁ ପରୀକ୍ଷା କରି ସେ ରାଜ୍ୟେ ସ୍ଥାପିଲେ" । ଏଇଠି ଲକ୍ଷ୍ୟ କରିବା କଥା, "ରାଜା ଆଣି କଲେ", "ସେ ରାଜ୍ୟେ ସ୍ଥାପିଲେ"ର ଅର୍ଥ ଚନ୍ଦ୍ରଗିରିରୁ ନିଆଯାଇ ଦକ୍ଷିଣ ଆର୍‌କୋଟ୍‌ରେ ସ୍ଥାପନା କରାଗଲା । ଏଇଠି ଜାଣିବା ଦରକାର, "ଓଡ଼ିଆନ୍ ଗୋଲାଭାଇ" ସମସ୍ୟାକୁ ପ୍ରଥମେ ପ୍ରକାଶ କରିଛନ୍ତି ଆନ୍ନାମସରସର । ଏହି ବ୍ୟକ୍ତିଜଣଙ୍କ ହେଲେ ସାଲ୍ୱ ନରସିଂଘଙ୍କ ପ୍ରତିନିଧି । ବୀର ହମ୍ବୀର ଦେବଙ୍କ କ୍ଷମତା ହରଣର ଏସବୁ ଥିଲା ପ୍ରାଥମିକ ପଦକ୍ଷେପ । ଗୋଟିଏ ପଟେ ବାହମନୀକୁ ଅର୍ଥ ଦେଇ

ଖୁସି କରାଗଲା । ଗୋଟିଏ ପଟେ ଶାସନଭାର ଦେଇ ସାଲ୍ୱଙ୍କୁ ହାତରେ ରଖାଗଲା । ରାଜଧାନୀରେ ରହିଲେ କପିଳେନ୍ଦ୍ରଙ୍କ ପ୍ରେୟସୀ ବା ପୁରୁଷୋତ୍ତମଙ୍କ ମାତା । ଶ୍ରୀମନ୍ଦିରରେ ରହିଲେ ବ୍ରାହ୍ମଣମାନେ ।

ଅର୍ଥାତ୍ ଚକ୍ରବ୍ୟୂହ ମଧ୍ୟରେ ଥିଲେ ହମ୍ବୀରଦେବ । ଏହି ଚକ୍ରବ୍ୟୂହର ଦୁଇ ପ୍ରମୁଖ ରଥୀ ଥିଲେ ପୁରୁଷୋତ୍ତମ ଓ ସାଲ୍ୱ ନରସିଂହ । ଏହି ସମ୍ପର୍କର ନିବିଡ଼ତାରୁ ହିଁ ବିବାହ ପ୍ରସ୍ତାବର ଅୟମାରମ୍ଭ । ତେବେ ବିବାହ ପ୍ରସ୍ତାବରେ ସାଲ୍ୱ ଅମଙ୍ଗ ହେବାର ଗୋଟିଏ କାରଣ ରହିଛି । ତାହା ହେଉଛି ଉଦୟଗିରି ସମସ୍ୟା । ଏ ସମସ୍ୟା ସୃଷ୍ଟି ହୋଇଥିଲା ପୁରୁଷୋତ୍ତମ ରାଜା ହେବା ପରେ ଅର୍ଥାତ୍ ୧୪୬୭ ଖ୍ରୀଷ୍ଟାବ୍ଦ ପରେ । ଏହି ସମସ୍ୟାର ଆପୋଷ ବୁଝାମଣାରୁ ହିଁ 'କାଞ୍ଚି କାବେରୀ' କଥାର ସୃଷ୍ଟି ।

### କପିଳେନ୍ଦ୍ରଙ୍କ କୋହ :

କାଭାରୁର୍‌ର ଗୋଟିଏ ଶିଳାଲେଖ ପୁରୁଷୋତ୍ତମ ଦେବଙ୍କୁ 'ପହରା ହମ୍ବୀର' ଭାବରେ ଦର୍ଶାଇଛି । ଅର୍ଥାତ୍ ପୁରୁଷୋତ୍ତମ ଗୋଡ଼େଗୋଡ଼େ ଜଗିଥିଲେ ବୀର ହମ୍ବୀର ଦେବଙ୍କୁ । ଏହି କାରଣ ପାଇଁ କପିଳେନ୍ଦ୍ର ଏକାଧିକ ବାର ଜଗନ୍ନାଥଙ୍କ ନିକଟରେ ମୁଣ୍ଡ ପିଟିଛନ୍ତି । ନିଜର ସମସ୍ୟା ଜଣାଇଛନ୍ତି ।

ପ୍ରଥମେ ସମ୍ରାଟ କପିଳେନ୍ଦ୍ର ଜଗନ୍ନାଥଙ୍କୁ ପଚାରୁଛନ୍ତି – ସେ ତ ମୋର ହେବ, କାହାକୁ ମୁଁ ଏ ଭୂଖଣ୍ଡ ଦେବି? ଏହା ଶ୍ରୀମନ୍ଦିରରେ ଲେଖାଅଛି । ଏଠାରେ "ସେ" କିଏ? ହମ୍ବୀର ନା ପୁରୁଷୋତ୍ତମ? ମାଦଳାପାଞ୍ଜିରେ ଉଲ୍ଲେଖ ଅଛି – "ମୋର ତ ବହୁତ ହମୀର ରାଏମାନେ ଅଛନ୍ତି ।" ଏଠାରେ ହମୀର ବା ହମ୍ବୀର ପାଖରେ ବହୁବଚନ ଲଗାଯାଇଛି ଏବଂ ପରଧାଡ଼ିରେ ଲେଖାଯାଇଛି – "ଆଗ୍ୟାଂ ହୋଇଲା । ପୁରୁଷୋତ୍ତମ ରାଏ ରାଜା ହେବ ।" ଏହି ଧାଡ଼ିକୁ ଏଯାବତ୍ ପ୍ରଚାର କରାଯାଉଛି ଓଡ଼ିଶାରେ । କିନ୍ତୁ ଶ୍ରୀମନ୍ଦିର ଅଭିଲେଖରେ ଏମିତି ଗୋଟିଏ ଧାଡ଼ି ନାହିଁ । ମନ୍ଦିର ଅଭିଲେଖ କେବଳ କପିଳେନ୍ଦ୍ରଙ୍କ ସମସ୍ୟାକୁ ସୂଚାଇଛି । ପୁରୁଷୋତ୍ତମ ରାଜା ହେବା କଥା କହିନାହିଁ । ଏହାର କାରଣ –

୧୪୫୯ ଖ୍ରୀଷ୍ଟାବ୍ଦରେ ହମ୍ବୀର ଜିତିଲେ ତାଙ୍କ ଜୀବନର ଶ୍ରେଷ୍ଠ ଯୁଦ୍ଧ, ଦେବରକୋଣ୍ଡା ଯୁଦ୍ଧ । ଓଡ଼ିଶା ଆକାଶର ଜାଜ୍ୱଲ୍ୟମାନ ତାରକା ଭାବରେ ସେ ଆଖିରେ ପଡ଼ିଲେ । ସେହିଦିନରୁ ପ୍ରମାଦ ଗଣିଲେ ପୁରୁଷୋତ୍ତମ ଏବଂ ତାଙ୍କର ସୁନ୍ଦରୀ ରାଜମାତା । ଯାହାଙ୍କର ବୈଧ ସ୍ଥାନ ନଥିଲା ରାଜଦରବାରରେ । ସେମାନେ ଚାପ ପକାଇବା ଆରମ୍ଭ କଲେ । ଯେଉଁ କାରଣ ପାଇଁ ସେହି ୧୪୫୯ରେ କପିଳେନ୍ଦ୍ର ଲେଖିଲେ ଅଭିଲେଖ । ସ୍ୱୀକାର କଲେ ତାଙ୍କର ଭୋଗିନୀ ପୁତ୍ରକୁ – "ସେ ତ ମୋର ହେବ ।" ବୟସରେ ବଡ଼ ହେଲେ ମଧ୍ୟ, ପାଟରାଣୀଙ୍କ ମହାବଳୀ ପୁତ୍ର ଥାଉଥାଉ ଏ ରାଜ୍ୟ... । ପ୍ରଭୁ, କାହାକୁ ଦେବି ଏ ରାଜ୍ୟ? ପ୍ରେୟସୀର ସନ୍ତାନକୁ ନା ପାଟରାଣୀଙ୍କ ଯୋଗ୍ୟ ପୁତ୍ରକୁ? ଏଇ ଥିଲା ଦ୍ୱନ୍ଦ୍ୱ କପିଳେନ୍ଦ୍ରଙ୍କ ନିକଟରେ ।

ଏହାପରେପରେ ୧୪୬୦ ଖ୍ରୀଷ୍ଟାବ୍ଦରେ କପିଳେନ୍ଦ୍ର ପହଞ୍ଚିଲେ ପବିତ୍ର ସ୍ଥାନ ଶ୍ରୀଶୈଳମ୍‌ରେ । ସେତେବେଳେ ହମ୍ବୀର ଥିଲେ ଓ୍ୱାରଙ୍ଗଲ୍‌ରେ । ହୁଏତ ପିତା-ପୁତ୍ରଙ୍କର କୌଣସିଠାରେ ଦେଖା ହୋଇଥାଇପାରେ । ତା'ପରେ ହମ୍ବୀର ବିଦାର ଆକ୍ରମଣ କଲେ ଏବଂ କୁଚକ୍ରୀ ଗୋଷ୍ଠୀ ସକ୍ରିୟ ହୋଇଉଠିଲେ କଟକରେ । ସେମାନେ ବିଦାରକୁ କ୍ଷତିପୂରଣ ପାଇଁ ଟଙ୍କା ଦେଲେ । ହମ୍ବୀରଙ୍କ ଉପରେ ଏହା ଥିଲା ପ୍ରଥମ ଚଡ଼କ । ହମ୍ବୀରଙ୍କ ବିରୋଧରେ ଏହା ଯେ ଏକ ଷଡ଼ଯନ୍ତ୍ର ଥିଲା, ଏକଥା ବୁଝିହେଉଛି । କିନ୍ତୁ ୧୪୬୪ ଖ୍ରୀଷ୍ଟାବ୍ଦର ଷଡ଼ଯନ୍ତ୍ର କଥା ଏଯାବତ୍ ଇତିହାସକାରମାନେ ମଧ୍ୟ ବୁଝିପାରି ନାହାନ୍ତି ।

୧୪୬୪ ଖ୍ରୀଷ୍ଟାବ୍ଦରେ ହମ୍ବୀର ସାଉଥ୍ ଆର୍‌କୋଟ୍ ଜିତିଲେ । ସେହି ୧୪୬୪ ଖ୍ରୀଷ୍ଟାବ୍ଦରେ କପିଳେନ୍ଦ୍ର ପୁନର୍ବାର ଜଗନ୍ନାଥଙ୍କ ନିକଟକୁ ଯାଇଥିଲେ । ଅଭିଯୋଗ କରିଥିଲେ ନିଜର ସାମନ୍ତମାନଙ୍କ ବିରୋଧରେ । କିଏ ଏହି ସାମନ୍ତ ବା ଅଧସ୍ତନ? ଯାହାଙ୍କ ବିରୋଧରେ କପିଳେନ୍ଦ୍ରଙ୍କର ଅଭିଯୋଗ ଥିଲା ଜଗନ୍ନାଥଙ୍କ ପାଖରେ । ଅଧସ୍ତନ ବା ସାମନ୍ତ ଯିଏ ହୋଇଥାନ୍ତୁ ନା କାହିଁକି, ହମ୍ବୀରଙ୍କ ପକ୍ଷଚ୍ଛେଦନ କରାଯିବା ପାଇଁ ଯୋଜନା ଚାଲିଥିଲା ରାଜଧାନୀରେ । ବିକଳ କପିଳନ୍ଦ୍ର ଚାଲିଗଲେ ଦକ୍ଷିଣକୁ । ୧୪୬୫ ଖ୍ରୀଷ୍ଟାବ୍ଦରେ ବିଜୟଓ୍ୱାଡ଼ାରେ ପହଞ୍ଚିଲେ । ପାପନାଶ ମନ୍ଦିରକୁ ଦାନ ଦେଲେ । ସେତେବେଳକୁ ହୁଏତ ବିଜୟୀ ହମ୍ବୀର ସେଠାକୁ ଫେରିଆସିଥିବେ । ତା'ପରେପରେ ୧୪୬୬ ଖ୍ରୀଷ୍ଟାବ୍ଦରେ ସାଉଥ୍ ଆର୍‌କୋଟ୍ ସାଲ୍ୱ ନରସିଂଘଙ୍କୁ ଦେଇଦିଆଗଲା ।

ସେହି ୧୪୬୬ ଖ୍ରୀଷ୍ଟାବ୍ଦରେ କପିଳେନ୍ଦ୍ର ଜଗନ୍ନାଥ ମନ୍ଦିରକୁ ବ୍ୟବହାର୍ଯ୍ୟ ପଦାର୍ଥ କିଛି ଦାନ କଲେ ଏବଂ ହଠାତ୍ ମରିଗଲେ କ୍ରିଷ୍ଣା ନଦୀ କୂଳରେ । କପିଳେନ୍ଦ୍ର ୧୪୬୫ ଖ୍ରୀଷ୍ଟାବ୍ଦରେ ବିଜୟଓ୍ୱାଡ଼ାରୁ ଫେରିବା ପରେ ବୃଦ୍ଧକାଳରେ ପୁନର୍ବାର ୧୪୬୬ ଖ୍ରୀଷ୍ଟାବ୍ଦ ପରେପରେ ଦକ୍ଷିଣକୁ ଗଲେ କାହିଁକି? ହଠାତ୍ ମୃତ୍ୟୁ ହେଲା କାହିଁକି? ଏ ପ୍ରଶ୍ନର ଉତ୍ତର ଇତିହାସ ପୃଷ୍ଠାରେ ନାହିଁ । କିନ୍ତୁ କପିଳେନ୍ଦ୍ରଙ୍କ ମୃତ ଶରୀର ନିକଟରେ ରାଜା ହୋଇଯାଇଥିଲେ ପୁରୁଷୋତ୍ତମ । ସେଇଠୁ ଅଳ୍ପଦୂରରେ ଥିଲେ ବୀର ହମ୍ବୀର । ଅଥଚ ସେ ପିତାଙ୍କ ମୃତ୍ୟୁର ଖବର ମଧ୍ୟ ପାଇପାରିଲେ ନାହିଁ । ପୁରୁଷୋତ୍ତମଦେବ କଟକ ବାରବାଟୀକୁ ଫେରିଆସିବା ପରେ କେହିଜଣେ ଡଗରା ଯାଇ ହମ୍ବୀରଙ୍କୁ ବାରତା ଦେଲା – "ତୁମ ପିତାଙ୍କ ଦେହାନ୍ତ ହୋଇସାରିଛି । ତୁମ ଗୋଲାଭାଇ ପୁରୁଷୋତ୍ତମ ରାଜା ହୋଇସାରିଛନ୍ତି । ତୁମେ ଏବେ ପିତୃହରା, ରାଜ୍ୟହରା ।"

### ହମ୍ବୀରଙ୍କ କଟକ ଆଗମନ :

ପୁରୁଷୋତ୍ତମ ରାଜା ହେବା ଶୁଣି ହମ୍ବୀର କଟକ ଆସିଲେ । ହମ୍ବୀରଙ୍କୁ ଦେଖି କବାଟ କିଳି ନଅର ଭିତରେ ରହିଲେ ପୁରୁଷୋତ୍ତମ । ମାଦଳାପାଞ୍ଜି ବଡ଼ କଟାକ୍ଷ କରି ଲେଖିଛି – କବାଟ ଫାଙ୍କରୁ ଦେଖୁଥିଲେ ପୁରୁଷୋତ୍ତମ, ବାହାରେ ସିଂହ ଗର୍ଜନ କରୁଥିଲେ ମହାବଳୀ ହମ୍ବୀର ଦେବ । ମାଦଳା ହମ୍ବୀରଙ୍କ ନାମ ପାଖରେ "ହମୀରଙ୍କ"

କହିଥିବାବେଳେ ପୁରୁଷୋତ୍ତମଙ୍କ ନାମ ପାଖରେ "ପୁରିଆ ଅନାଉଚି" ଭଳି ଶବ୍ଦ ପ୍ରୟୋଗ କରିଛି ।

ଦୀର୍ଘ ସମୟ ଧରି ଦକ୍ଷିଣରେ ଥିବା ହମ୍ୱୀର ଖୁବ୍ ଶୀଘ୍ର ବୁଝିଗଲେ ସବୁକଥା । ଜାଣିଗଲେ, ତାଙ୍କର ସର୍ବସ୍ୱ ଲୁଟ୍ ହୋଇଯାଇଛି । ନା ଅଛନ୍ତି ପିତା, ନା ଅଛି ରାଜ୍ୟ । ନା ସେନା, ନା ଲୋକସମର୍ଥନ । କୁଟୀଳତାର ବିଜୟ ଘଟିଛି । ହାରିଯାଇଛି ବୀରତ୍ୱ । ସିଂହ ଠାଣି ସିଂହ ଗର୍ଜନର ଆଉ କିଛି ଅର୍ଥ ନାହିଁ ବୁଝି ହମ୍ୱୀର ଫେରିଗଲେ କୋଣ୍ଡାବିଡୁକୁ । ଭାବିଲେ ବାକି ଜୀବନତକ ଶାନ୍ତିରେ କଟାଇଦେବେ । କିନ୍ତୁ ସେଠାରେ ତାଙ୍କୁ ଲୋତକ ଝରାଇବାକୁ ପଡ଼ିଲା ଆଖିରୁ । ଓଡ଼ିଶାର ମହାବଳୀ ସିଂହ ଆଖିର ଏହି ଲୁହ କେବେ କିନ୍ତୁ ବିଚଳିତ କରିନାହିଁ ଓଡ଼ିଆମାନଙ୍କୁ ।

## ବୀର ହମ୍ୱୀରଙ୍କ ଆଖିରେ ଲୁହ :

ବିଜିତ ଅଞ୍ଚଳ ନିଜ ହାତରୁ ଚାଲିଗଲା । ବୈଧ ରାଜସିଂହାସନ ନିଜ ହାତରୁ ଚାଲିଗଲା । ହମ୍ୱୀର ତରବାରି ଛାଡ଼ି ଶାନ୍ତିରେ ରହିଥିଲେ କୋଣ୍ଡାବିଡୁ ଦୁର୍ଗରେ । କିନ୍ତୁ ଶାନ୍ତିରେ ନଥିଲେ ପୁରୁଷୋତ୍ତମ । ହମ୍ୱୀରଙ୍କୁ ମୂଳପୋଛ କରିବା ଥିଲା ତାଙ୍କର ଲକ୍ଷ୍ୟ । ତେଣୁ ସେ ହମ୍ୱୀରଙ୍କୁ କନ୍ଦାଇବାର ସମସ୍ତ ବ୍ୟବସ୍ଥା କରିଦେଇଥିଲେ ।

ହମ୍ୱୀର ଥିଲେ କୋଣ୍ଡାବିଡୁରେ । ଗୋଟିଏ ପଟୁ ବାହମନୀ ମାଡ଼ିଗଲା କୋଣ୍ଡାବିଡୁ ଆଡ଼େ । ବାହମନୀର ମନ୍ତ୍ରୀ ମହମ୍ମଦ ଗୱନ ଏବଂ ପୁରୁଷୋତ୍ତମ ମିଶିକରି ଏହି ଯୋଜନା କଲେ । ଅନ୍ୟପଟରୁ ସାଲ୍ୱ ନରସିଂଘ ବିରାଟ ସେନାବାହିନୀ ଧରି କୋଣ୍ଡାବିଡୁ ପାଖକୁ ଆସିଗଲେ । ମୁସଲମାନ ସେନା କୋଣ୍ଡାବିଡୁକୁ ଘେରିଯିବା ପରେ ବିକଳ ହମ୍ୱୀର ନିଜ ଭାଇ ପୁରୁଷୋତ୍ତମଙ୍କ ସାହାଯ୍ୟ ମାଗିଲେ । ପୁରୁଷୋତ୍ତମ ମଧ୍ୟ ଏକ ବିଶାଳ ସେନା ସାଙ୍ଗରେ ଧରି ଗୋଦାବରୀ ପାର ହେଲେ । କିନ୍ତୁ କୋଣ୍ଡାବିଡୁ ନିକଟକୁ ଗଲେନାହିଁ । ଅର୍ଥାତ୍ ସେ ମଧ୍ୟ କେବଳ ଜଗିରହିଲେ ହମ୍ୱୀରଙ୍କୁ । ଠିକ୍ ଅଭିମନ୍ୟୁଙ୍କୁ ସପ୍ତରଥୀ ଘେରିଯିବା ଭଳି ।

ଏଇଠି ବୁଝିବା ଦରକାର, କାଞ୍ଚି ପାଖରୁ କୋଣ୍ଡାବିଡୁ ପର୍ଯ୍ୟନ୍ତ ସମସ୍ତ ଅଞ୍ଚଳ ଥିଲା ଓଡ଼ିଶାର । ସାଲ୍ୱ ନରସିଂଘ ଏତେବାଟ ଆସିଲେ କେମିତି ? ସେ ତ ଯୁଦ୍ଧ କଲେନାହିଁ, ଆସିଥିଲେ କାହିଁକି ? ପୁରୁଷୋତ୍ତମ ଗୋଦାବରୀ ଟପିଲେ, କିନ୍ତୁ କୋଣ୍ଡାବିଡୁ ଗଲେନାହିଁ କାହିଁକି ? ହମ୍ୱୀରଙ୍କୁ ସାହାଯ୍ୟ କଲେନାହିଁ କାହିଁକି ? ଯୁଦ୍ଧ କଲେନାହିଁ କାହିଁକି ? କୋଣ୍ଡାବିଡୁକୁ ଘେରି ରହିଥିଲା ବାହମନୀର ସେନା । କିଛିଦୂରରେ ନାଟ ଦେଖୁଥିଲେ ସାଲ୍ୱ ନରସିଂଘ ଓ ପୁରୁଷୋତ୍ତମ । ଦରକାର ପଡ଼ିଥିଲେ ଏମାନେ ବାହାରିପଡ଼ିଥାନ୍ତେ ଉଭୟ ପଟରୁ ।

ଓଡ଼ିଶାର ମହାବଳୀ ସିଂହ କୋଣ୍ଡାବିଡୁରେ ବନ୍ଦୀ ହୋଇଗଲେ । ତଥାପି ଦୀର୍ଘ ଚାରିବର୍ଷ ପର୍ଯ୍ୟନ୍ତ ଏହି ସିଂହର ଖୁଆଡ଼ ଭିତରକୁ ପଶିବାକୁ କେହି ସାହସ କରିନଥିଲେ ।

ଏହାପରର ଘଟଣା ପ୍ରାୟତଃ 'ସରସ୍ୱତୀ ବିଳାସମ୍'ର ବର୍ଣ୍ଣନା ସହିତ ସମାନ । ପୁରୁଷୋତ୍ତମ ହମ୍ୱୀରଙ୍କ ମୁଣ୍ଡ ନୁଆଁଇଦେଲେ । ଚାରିବର୍ଷ ପରେ ହମ୍ୱୀରଙ୍କ ନିକଟରେ ଆଉ ହୁଏତ ଖାଦ୍ୟସାମଗ୍ରୀ କିମ୍ବା ସେନା ନଥିଲେ । ଦିଗ୍‌ବିଜୟୀ ବୀର ହମ୍ୱୀରଙ୍କ ଆଖିରୁ ଗଳିଲା ଲୁହର କାବେରୀ । ଏଥର ବାହମନୀର ସେନା ନିକଟରେ ହମ୍ୱୀର ଆତ୍ମସମର୍ପଣ କରିବାକୁ ବାଧ୍ୟ ହେଲେ ।

## ଚନ୍ଦ୍ରାବତୀ-ପଦ୍ମାବତୀ ଓ ରୂପାମ୍ବିକା :

କାଞ୍ଚି ଅଞ୍ଚଳ ଜୟ କରି ଚନ୍ଦ୍ରାବତୀଙ୍କୁ ବନ୍ଦୀ କରିଥିଲେ ହମ୍ୱୀର ଦେବ । ହେଇପାରେ ଚନ୍ଦ୍ରାବତୀ ହିଁ ପଦ୍ମାବତୀ । କିନ୍ତୁ ସାଲ୍ୱଙ୍କ ଝିଅଙ୍କ ନାମ ହେଉଛି ରୂପାମ୍ବିକା । ଏହି ରୂପାମ୍ବିକା ଥିଲେ ପୁରୁଷୋତ୍ତମଙ୍କ ସ୍ତ୍ରୀ । 'ସରସ୍ୱତୀ ବିଳାସମ୍'ର ବର୍ଣ୍ଣନା ଅନୁସାରେ, ପୁରୁଷୋତ୍ତମଦେବ ହମ୍ୱୀରଙ୍କୁ ନିଜ ପାଦ ପାଖକୁ ଆଣିପାରିଥିଲେ । ଇତିହାସର ବର୍ଣ୍ଣନା ମଧ୍ୟ ସେହି ଦିଗକୁ ଇଙ୍ଗିତ କରୁଛି । କିନ୍ତୁ ସାମଗ୍ରିକ ଭାବରେ ଆମ ମନରେ ସନ୍ଦେହ ରହୁନାହିଁ ଯେ, ପୁରୁଷୋତ୍ତମଦେବ ଓ ରୂପାମ୍ବିକାଙ୍କ ବିବାହ କୌଣସି ଯୁଦ୍ଧ ଜିତିବା ପାଇଁ ହୋଇନଥିଲା । ଏହି ବିବାହର କାରଣ ଥିଲା ସାଲ୍ୱ ନରସିଂଘ ଏବଂ ପୁରୁଷୋତ୍ତମଙ୍କ ଘନିଷ୍ଠ ସମ୍ପର୍କ । କାଞ୍ଚିରୁ କାବେରୀ ଥିଲା ବୈଷ୍ଣବ ଭକ୍ତମାନଙ୍କର ପ୍ରଧାନ କ୍ଷେତ୍ର । ସେମାନେ ଜଣେ ବିଷ୍ଣୁଭକ୍ତଙ୍କୁ ହତାଦର କରିବା ଅସମ୍ଭବ । ତେଣୁ ଛେରାପହଁରା ଘଟଣା କେବଳ ଏକ କାଳ୍ପନିକ କାହାଣୀ ମାତ୍ର ।

ପ୍ରକୃତ ଘଟଣା ହେଉଛି, ମାଦଳାପାଞ୍ଜି କହୁଛି – "ଦଶ ଅଙ୍କରେ ରାଜା ଶୁଣିଲେ କାଞ୍ଚି ନଗରେ ପଦ୍ମିନୀ... ତହିଁକି ରାଜା ମଧ୍ୟସ୍ଥ ପଠିଆଇ ।" ପୁରୁଷୋତ୍ତମଙ୍କ ଦଶ ଅଙ୍କ ହେଉଛି ସେହି ସମୟ, ଯେତେବେଳେ ପୁରୁଷୋତ୍ତମ ଏବଂ ସାଲ୍ୱ ନରସିଂହ ମିଶି ହମ୍ୱୀରଙ୍କ ପତନ କରାଇଛନ୍ତି । ସେତେବେଳେ ସାଲ୍ୱ ଏବଂ ପୁରୁଷୋତ୍ତମ ଉଭୟେ ନିକଟରେ ଥିଲେ । ପୁରୁଷୋତ୍ତମ ମଧ୍ୟସ୍ଥି ପଠାଇଲେ ବିବାହ ପାଇଁ । କାରଣ ଓଡ଼ିଶାର ଅନ୍ୟ ଦୁଇ ଦିଗ ଥିଲା ମୁସଲମାନ୍ ଶାସିତ ଅଞ୍ଚଳ । ସାଲ୍ୱ ନରସିଂଘ ଥିଲେ ହିନ୍ଦୁ ଶାସକ, ଯାହାଙ୍କର ପୁରୁଷୋତ୍ତମଙ୍କ ସହ ଉନ୍ନତ ସମ୍ପର୍କ ଥିଲା ।

ସାଲ୍ୱ ନରସିଂଘ ଭଲଭାବରେ ଜାଣିଥିଲେ ପୁରୁଷୋତ୍ତମଙ୍କୁ । ସେ ଥିଲେ ଭୋଗିନୀ ନନ୍ଦନ । ପୁଣି କୁଟୀଳ । ତେଣୁ ନିଜ ପୁତ୍ରୀର ବିବାହ ପାଇଁ ମନା କରିବା ଥିଲା ସ୍ୱାଭାବିକ କଥା । ଏହାପରେ ପୁରୁଷୋତ୍ତମ ସାଲ୍ୱଙ୍କ ଉପରେ କ୍ରୋଧ କରି କାଞ୍ଚି ଛାଡ଼ିଦେବାକୁ ଧମକ ଦେଇପାରିଥାନ୍ତି । ଧମକର ସଫଳ ରୂପାୟନ ପାଇଁ ଶ୍ରୀମନ୍ଦିରରେ ପୂଜାପାଠ କରିଥାଇପାରନ୍ତି । ନିଜ ପ୍ରତି ବିପଦ ଦେଖି ଭୀରୁ ସାଲ୍ୱ ନିଜ କନ୍ୟାକୁ ଦେବା ପାଇଁ ରାଜି ହୋଇଥିବା ସ୍ୱାଭାବିକ । ଭଲରେ ନପାଇ ସାମାନ୍ୟ ଧମକରେ ପାଇଥିବା ରୂପାମ୍ବିକାଙ୍କୁ ପ୍ରଥମେ ରାଜା ସ୍ୱୀକାର ନକରିବା ମଧ୍ୟ ସ୍ୱାଭାବିକ । ଯାହା ଏକ ସାମାନ୍ୟ ଘଟଣା; କିନ୍ତୁ ସୁନ୍ଦର କାହାଣୀ ପାଲଟିଗଲା 'କାଞ୍ଚି କାବେରୀ' କାବ୍ୟରେ । ଏବଂ ଏ କାହାଣୀ ସମାଧି ଦେଇଦେଲା ଓଡ଼ିଆଙ୍କ କାଞ୍ଚି ବିଜୟର ଗୌରବମୟ ଇତିହାସକୁ ।

## ହମ୍ୱୀରଦେବଙ୍କ ଅନ୍ତିମ ଜୀବନ :

୧୪୮୦ ଖ୍ରୀଷ୍ଟାବ୍ଦ ପାଖାପାଖି ଓଡ଼ିଶାର ଦକ୍ଷିଣ ଦିଗରେ ହମ୍ୱୀର ଦେବ ଆତ୍ମସମର୍ପଣ କରିଥିଲେ । ଠିକ୍ ଏହାର ଏକବର୍ଷ ପରେ ଓଡ଼ିଶାର

ଉତ୍ତର ଦିଗରେ, ଓଡ଼ିଶାର ସୀମା ମଧ୍ୟରେ, 'ହମ୍ବୀରଗଡ଼' ନାମରେ ଏକ କ୍ଷୁଦ୍ର ରାଜ୍ୟ ଗଠିତ ହୋଇଥିଲା । ସେହି ହମ୍ବୀରଗଡ଼ରେ ବୀର ହମ୍ବୀରଦେବ ନାମରେ ଜଣେ ରାଜା ରାଜୁତି କରୁଥିଲେ । ଓଡ଼ିଶାର ପ୍ରସିଦ୍ଧ ବୀର ହମ୍ବୀରଦେବଙ୍କ ନାମରେ ଓଡ଼ିଶାର ସୀମା ଭିତରେ ହମ୍ବୀରଗଡ଼ ନାମରେ ରାଜ୍ୟଟିଏ ସ୍ଥାପିତ ହେଲା, ହମ୍ବୀର ନାମରେ ଆଉଜଣେ ହମ୍ବୀରଙ୍କ ଆବିର୍ଭାବ ଘଟିଲା । ଏହି ଦ୍ୱିତୀୟ ହମ୍ବୀରଦେବ ଯେ ଜଣେ ସାଧାରଣ ରାଜା ଥିଲେ ସେକଥା ନୁହେଁ । ଦ୍ୱିତୀୟ ହମ୍ବୀର ମଧ୍ୟ ଥିଲେ ଜଣେ ବୀର । ନିଜକୁ ଓଡ଼ିଶାର ଶାସକ ବୋଲି ଘୋଷଣା କରିଥିବା କୁତୁଲ୍ ଖାଁଙ୍କୁ ଏହି ଦ୍ୱିତୀୟ ହମ୍ବୀର ଭଦ୍ରକ ନିକଟସ୍ଥ ଧାରପୁର ଠାରେ ହାଣି ଦୁଇଖଣ୍ଡ କରିଦେଇଥିଲେ । ତଥାପି ଆମେ ଖୋଜିଲୁନାହିଁ ଏହି ଦ୍ୱିତୀୟ ହମ୍ବୀରଙ୍କ ପରିଚୟ କ'ଣ ? ଆମେ ଯେ କେବଳ ହମ୍ବୀରଗଡ଼ର ହମ୍ବୀରଙ୍କୁ ଖୋଜିନାହୁଁ ସେକଥା ନୁହେଁ ।

ଗୋଟିଏ ବିଶ୍ୱାସ, ହମ୍ବୀରଙ୍କର ପତନ କରାଇଦେଲା । ଗୋଟିଏ ବିଶ୍ୱାସ, ପ୍ରତାପରୁଦ୍ରଙ୍କ ବଂଶନାଶ କରାଇଦେଲା । ଆମେ ଖୋଜିଲୁନାହିଁ, ଦୁଇଟି ଘଟଣା ମଧ୍ୟରେ ସମ୍ପର୍କ କ'ଣ ?

ହମ୍ବୀରଙ୍କ ପୁତ୍ରଙ୍କ ନାମ ନରହରି । ମୁକୁନ୍ଦ ହତ୍ୟାର ଯୋଜନା କଲେ ନରହରି । ଆମେ ଖୋଜିଲୁନାହିଁ, ଏଇ ଦୁଇ ନରହରିଙ୍କ ମଧ୍ୟରେ କିଛି ସମ୍ପର୍କ ଅଛି କି ନାହିଁ ? ଓଡ଼ିଶାର ସୂର୍ଯ୍ୟବଂଶର ଉପାଧି ତୋଡ଼ରମଲ । ତୋଡ଼ରମଲ ନବକଳେବର କଲେ । ଓଡ଼ିଶାକୁ କରମୁକ୍ତ କଲେ । ଆମେ ଖୋଜିଲୁନାହିଁ, ଏହାଙ୍କର ଓଡ଼ିଶା ପ୍ରତି ଏତେ ଦରଦ ଥିଲା କାହିଁକି ?

କହିବାର କଥା, ଆମେ ଆଦୌ ପ୍ରୟାସ କରିନାହୁଁ ହମ୍ବୀର ଦେବଙ୍କୁ ଖୋଜିବା ପାଇଁ । ହମ୍ବୀର ଦେବ ଥିଲେ ଧର୍ମବିଶ୍ୱାସୀ । ଆତ୍ମସମର୍ପଣ ପରେ ସେ ଧର୍ମମାର୍ଗୀ ହୋଇଯାଇଥିଲେ । ଓଡ଼ିଶାରେ ପ୍ରବଳ ପ୍ରଚାର ପ୍ରସାର ଘଟିଥିବା ବୈଷ୍ଣବ ଧର୍ମ ଗୋଷ୍ଠୀର ପ୍ରତିଷ୍ଠାତା ଥିଲେ ହମ୍ବୀର ଦେବ । ଗୌଡ଼ୀୟ ବୈଷ୍ଣବ, ଓଡ଼ିଶୀ ବୈଷ୍ଣବ ଏଭଳି ନାମକରଣ ସବୁ ବହୁ ପଛରେ ଘଟିଲା । ମୂଳତଃ ଏହା ଗୋଟିଏ ଧର୍ମଗୋଷ୍ଠୀ, ଯାହାର ପ୍ରତିଷ୍ଠାତା ଥିଲେ ହମ୍ବୀର ଦେବ । ହମ୍ବୀର ହିଁ ପରିଚିତ ହେଲେ ଅଦ୍ୱୈତ ଭାବରେ । ଅଦ୍ୱୈତଙ୍କ ପରିଚୟକୁ ନେଇ ଯାହା ପ୍ରଚାର କରାଯାଉଛି ତାହା ସମ୍ପୂର୍ଣ୍ଣ ମିଥ୍ୟା ଓ କାଳ୍ପନିକ । ଓଡ଼ିଶାର ହମ୍ବୀରଦେବ ହିଁ ଶ୍ରୀ ଅଦ୍ୱୈତ ଆଚାର୍ଯ୍ୟ । ଏହି କଥାକୁ ଗ୍ରହଣ କରିଗଲେ ଓଡ଼ିଶା ଇତିହାସର ବହୁ ରହସ୍ୟ ଉନ୍ମୋଚିତ ହେବ ।

'ସୁଜାତା ଭବନ', କଳିଙ୍ଗ ଲେନ୍
ମହତାବ ରୋଡ୍, କଟକ-୧୨

●●



## ଗଳ୍ପ ବିଭାଗ

# ଗଛ

**ଭାସ୍କର ଜେନା**

ଜୀବନ ବାବୁ ସବୁଦିନ ସେଇ ଜାମୁକୋଳି ଗଛ ଛାଇରେ ବସି ଶୂନ୍ୟକୁ ଚାହିଁଥାଆନ୍ତି । ବୟସ ଅପରାହ୍ଣ । ସୂର୍ଯ୍ୟ ବୁଡ଼ିବାକୁ ବାକି ଅଛି । କ'ଣ ସେ ଗଛମୂଳେ ବସି ନିଜ ସହିତ ନିଜେ କଥା ହୁଅନ୍ତି । ତା'ଛଡ଼ା ପାଖରେ ତ କେହି ନାହାନ୍ତି, ଭଲମନ୍ଦରେ ଏବେ କାହା ସହିତ ପଦେଅଧେ କଥା ହେବେ ? ସେ ବେଶ୍ ଏକଲା ମଣିଷଟିଏ । ଉପରେ ଭଡ଼ାଟିଆ, ତଳେ ମଧ୍ୟ ଭଡ଼ାଟିଆ, ମଝି ମହଲାରେ ସେ ରୁହନ୍ତି । ଏତେ ବଡ଼ ଘରଟାକୁ ପାଖରେ କେହି ନାହାନ୍ତି । କେହିକେହି ମଧ୍ୟ ବିଭିନ୍ନ ସମୟରେ ପରାମର୍ଶ ଦିଅନ୍ତି, "ଆପଣ ତ ଏକୁଟିଆ ମଣିଷ, ଆପଣଙ୍କ ଘରଟା ପ୍ରାଇମ୍ ଲୋକେସନ୍‌ର । ଘରଭଡ଼ା ଏଠି ସୁନା ମୂଲ୍ୟ । ଆପଣଙ୍କୁ ଚଳିବା ପାଇଁ ଗୋଟିଏ ବଖରା ଯଥେଷ୍ଟ । ଅନ୍ୟ ଘର ସବୁ ଭଡ଼ା ଲଗେଇଦିଅନ୍ତେ, ଭଲ ଦି'ପଇସା ମିଳନ୍ତା ।"

ହସିଦିଅନ୍ତି ଜୀବନ ବାବୁ । ଏତେ ଦୁଃଖରେ ବି ସେ ହସ ତାଙ୍କର ବାହାରକୁ ବିକୃତ ଦେଖାଯାଏ ସତ, ହେଲେ ନହସି ରହିପାରନ୍ତିନି । ହେଲେ ସେ ବୁଝିପାରନ୍ତିନି, ତାଙ୍କ ଚାରିପଟରେ ବସବାସ କରୁଥିବା ଲୋକମାନଙ୍କର ଜୀବନଦର୍ଶନ କ'ଣ ? ଜୀବନର ଅର୍ଥ କ'ଣ ଏମିତି ପାଗଳ ଭଳି ଦିନରାତି ଅର୍ଥ ପଛରେ ଧାଇଁବା ? କ'ଣ ହେବ ତାଙ୍କର ଟଙ୍କା ? ଜୀବନରେ ସେ ସବୁ ପ୍ରାଚୁର୍ଯ୍ୟକୁ ହାତମୁଠାରେ ପାଇବା ପରେ ତାକୁ ଭୋଗ କରିବାକୁ ପାଖରେ କେହି ନାହିଁ । ଏବେ ସେ ମୋଟା ଅଙ୍କର ପେନ୍‌ସନ୍ ପାଉଛନ୍ତି । ଦୁଇ ମହଲା ଘରର ଆଖିଦୃଶିଆ ଭଡ଼ା । କ'ଣ ହେବ ସେ ଟଙ୍କା ? ଟଙ୍କାକୁ ନେଇ ସେ କ'ଣ ଖାଇବେ ? ଟଙ୍କାକୁ ଭୋଗ କରିବାକୁ ମଣିଷ କାହାନ୍ତି ?

ବିଭିନ୍ନ ସମୟରେ ଲୋକମାନେ ବିସ୍ମିତ ହୁଅନ୍ତି, ବୁଢ଼ାଟା ଦିନରାତି ସେ ଗଛକୁ ଚାହିଁ ବସିଛନ୍ତି । କ'ଣ ସେ ଗଛରୁ ଝରୁଛି କେଜାଣି ! ବଗିଚାରେ ଛୋଟବଡ଼ ଅନେକ ଗଛ ଅଛି, ଅଥଚ ସେଇ ଗଛଟି ମୂଳରେ ଦିନରାତି ବସି ତାକୁ ଚାହିଁରହିଥାନ୍ତି । କେତେବେଳେ ଗଛକୁ, କେତେବେଳେ ଆକାଶକୁ, କେତେବେଳେ ପୁଣି ଶୂନ୍ୟକୁ । ଏମିତି ସେ ଘଣ୍ଟାଘଣ୍ଟା ଧରି ଚାହିଁବସିଥାନ୍ତି ।

ଆଉ କେହିକେହି କୁହନ୍ତି, "ବୁଢ଼ାଟା କିଛି ଗୁପ୍ତଧନ ସେ ଗଛମୂଳେ ପୋତିଛି । ନହେଲେ ଦିନରାତି ଜଗିବସିଛି କାହିଁକି ?" ଆଉ କେହିକେହି କୁହନ୍ତି, "ବୟସ ଅଧିକ ହେବାରୁ ବୁଢ଼ାଟା ପାଗଳ ହୋଇଗଲାଣି ।" ଏକମାତ୍ର ପୁଅ ମଳୟ ଆମେରିକାରେ ନାଗରିକତ୍ୱ ନେଇ ସେଠାରେ ଗୋଟିଏ ଜର୍ମାନ ଝିଅକୁ ବାହାହୋଇ ରହିଲା ଯେ ରହିଲା । ବୁଢ଼ାବୁଢ଼ୀଙ୍କ କଥା ସମ୍ପୂର୍ଣ୍ଣ ଭୁଲିଗଲା । ଆଗରୁ ବର୍ଷକୁ ଥରେଅଧେ ଆସୁଥିଲା, ହେଲେ ଏବେ ଦି'ତିନିବର୍ଷ ହେଲା ଆଉ ଦେଖାସାକ୍ଷାତ ନାହିଁ ।

ତିନିବର୍ଷ ତଳେ ମା' ମରିଗଲା ପରେ ଆସିଥିଲା । ବାସ୍, ସତେ ଯେମିତି ତା'ର ଦାୟିତ୍ୱ ସରିଗଲା ! ଆଉ କାହିଁ ଦେଖାଦର୍ଶନ ନାହିଁ । ଅବଶ୍ୟ ଗଲାବେଳେ କହୁଥିଲା, ଏ କୋଠାବାଡ଼ି ସବୁ ବିକ୍ରିବଟା କରିଦେଇ ବୁଢ଼ାଟାକୁ ସାଙ୍ଗରେ ନେଇଯିବ । ହେଲେ ଏ ବୁଢ଼ାଟା କ'ଣ ସହଜ ଜନ୍ତୁ ? ତା'ର ଏକା ଜିଦ୍ ସେ ଏଠାରୁ ଯିବନି । ଏଇଠି କ'ଣ ତା'ର ସବୁ ସ୍ମୃତି ଲାଖିରହିଛି । ତେଣୁ ଏସବୁ ସ୍ମୃତିକୁ ଛାଡ଼ି ସେ ବଞ୍ଚିପାରିବନି ।

ଜୀବନ ବାବୁଙ୍କୁ ଲାଗେ ସେ ଏଇଠି ଥିଲେ ତାଙ୍କ ପାଖେପାଖେ କଲ୍ୟାଣୀ ଥାଆନ୍ତି । ସତେ ଯେମିତି କଲ୍ୟାଣୀ ଏଇ କେଉଁ ପଲଙ୍କରେ ଶୋଇଛି, ଆର୍ମ ଚେୟାରରେ ବସି ଝୁଲୁଛି, ଅବା କିଚେନ୍‌ରେ ପଶି ତାଙ୍କ ପାଇଁ ଚା' କରୁଛି !

ତାଙ୍କ ସହିତ ସମ୍ପର୍କିତ କିଛି ଲୋକ କୁହନ୍ତି, "ଜୀବନ ବାବୁ ଅତି ଉତ୍ତମ ଲୋକ । ତାଙ୍କର ଏକମାତ୍ର ପୁତ୍ର ମଳୟ ଯେଉଁଦିନ ଜନ୍ମ ହୋଇଥିଲା, ସେଇଦିନ ସେ ଜାମୁକୋଳି ଗଛଟିକୁ ଲଗାଇଥିଲେ । ଯଦିଓ ସେ ସେତେଟା ରକ୍ଷଣଶୀଳ ଲୋକ ନୁହନ୍ତି, ହେଲେ ତାଙ୍କ ପୁଅକୁ ସେ ଆଖି ନଜରରୁ ବାହାରକୁ ଛାଡ଼ିବାକୁ ଚାହୁଁନଥିଲେ । କ'ଣ ହେବ ତାଙ୍କର ଟଙ୍କା ? ହେଲେ ତାଙ୍କର ସେ ପୁରୁଣାକାଳିଆ କଥାକୁ ଅତ୍ୟାଧୁନିକ ପିଲାମାନେ ମାନିବାକୁ ପ୍ରସ୍ତୁତ ନୁହନ୍ତି । ସେମାନଙ୍କ ମନ ଆକାଶରେ ଉଡୁଛି । ବାପମା'ଙ୍କ କଥା ଯାହା ହେଉ ପଛେ, ସେମାନଙ୍କ ଭବିଷ୍ୟତ ସେମାନେ ନିଜେ ତିଆରି କରିବାକୁ ଚାହାନ୍ତି । ସେଥିପାଇଁ ସେମାନେ ଲଣ୍ଡନ, ଆମେରିକା, ଜର୍ମାନ, ଫ୍ରାନ୍‌ସ ଯିବା ଆବଶ୍ୟକ । ସେଠିକାର ଜୀବନଶୈଳୀ ସେମାନଙ୍କର ଭାରି ପସନ୍ଦ ।"

ଅବଶ୍ୟ ଜୀବନ ବାବୁ ମଳୟର ପାଠପଢ଼ାକୁ କେବେ ବିରୋଧ କରିନଥିଲେ । କହୁଥିଲେ, "ପାଠ ପଢ଼, ମଣିଷ ହୁଅ । ହେଲେ ପାଠ ପଢ଼ି ପାଗଳଙ୍କ ପରି ଟଙ୍କା ପଛରେ ଧାଇଁବା ଜୀବନ ନୁହେଁ । ହେଲେ ଅସୁବିଧାଟା ସେଇଠି ଯେ, ଆମ ପିଲାମାନେ ପାଠ ପଢୁଛନ୍ତି ଚାକିରି କରିବା ପାଇଁ, ମଣିଷ ହେବା ପାଇଁ ନୁହେଁ । ଜୀବନଙ୍କର ଏକା ଜିଦ୍, ମଳୟ ପାଠପଢ଼ା ଶେଷ ପରେ ଯାହା କରିବ ଏଇଠି କରୁ । ଆମ ପାଖରେ ଏବେ ଟଙ୍କାପଇସାର ଅଭାବ ନାହିଁ । ବିଦେଶକୁ କାହିଁକି ଧଳା କୁଲି ହେବାକୁ ଯିବା ? ଆମ ଦେଶରେ କ'ଣ କାମର ଅଭାବ ଅଛି ? ତା'ଛଡ଼ା ଆମ ପିଲା ଏଇଠି ପାଠ ପଢ଼ିଲେ, ମଣିଷ ହେଲେ, ଆମ ଦେଶ ପାଇଁ କାମ କରିବେ । ଏଥିରେ ଅସୁବିଧା କ'ଣ ଅଛି ? କାମ କରିବାରେ ଛୋଟବଡ଼ କ'ଣ ? ଆମେ ପୁଣି ଛୋଟିଆ ଚାକିରିରୁ ଜୀବନ ଆରମ୍ଭ

କରିଥିଲୁ, ଶେଷରେ ବଡ଼ ଅଫିସର ହୋଇ ଅବସର ନେଲୁ । ଏଥିରେ ସମ୍ମାନହାନି ହେବାର କ'ଣ ଅଛି ?"

ଜୀବନ ବାବୁଙ୍କର ଏଭଳି ମନ୍ତବ୍ୟକୁ ଅବଶ୍ୟ କେହି ପସନ୍ଦ କରୁନଥିଲେ । ମଳୟ ଭଳି ମେଧାବୀ ଛାତ୍ରକୁ ଏପରି ଭାବେ ଅଟକାଇଦେବା ଉଚିତ ନୁହେଁ । ତା'ର ଭବିଷ୍ୟତକୁ ଅନ୍ଧାର ଭିତରକୁ ଠେଲିଦେବା ମଧ୍ୟ ଉଚିତ ନୁହେଁ ।

ବେଳେବେଳେ ଜୀବନ ବାବୁ ନିଜକୁ ନିଜେ ପ୍ରଶ୍ନ କରନ୍ତି, "ସେ ମଳୟର ଭବିଷ୍ୟତ ଦେଖିବେ, ଠିକ୍ ଅଛି; କିନ୍ତୁ ତାଙ୍କ ଭବିଷ୍ୟତ କିଏ ଦେଖିବ ? ସମୟ ତ କାହାରିକୁ ଅପେକ୍ଷା କରିବନି । କାଲି ସେମାନେ ବାର୍ଦ୍ଧକ୍ୟର ଅନ୍ତିମ କ୍ଷଣରେ ପହଞ୍ଚିବେ । ସେତେବେଳେ ଆପଣାର ମଣିଷଟିଏ ପାଖରେ ଲୋଡ଼ା । ସେତେବେଳେ କିଏ ହାତ ଧରି ଅବଶିଷ୍ଟ ଜୀବନ ବାଟ କଢ଼େଇନେବ ?"

କଲ୍ୟାଣୀ ବାପ-ପୁଅଙ୍କ ଯୁକ୍ତିତର୍କ, ମନୋଭାବ, ଆଭିମୁଖ୍ୟର ମଝିପାହାଚ ଉପରେ ଠିଆ ହୋଇ ପରିସ୍ଥିତିକୁ ସମ୍ଭାଳିବାକୁ ଚେଷ୍ଟା କରନ୍ତି । ସେ ଏବେ କାହାର ହେବେ ? ନା ବାପର, ନା ପୁଅର । ଅବଶ୍ୟ ତାଙ୍କ ବିଚାରଧାରାରେ ଜୀବନ ବାବୁ ଯାହା କହୁଛନ୍ତି କିଛି ଭୁଲ୍ କହୁନାହାନ୍ତି । ଆମେ ବୁଢ଼ାବୁଢ଼ୀ ହେଲୁଣି । ଆଉ କେତେଟା ଦିନ ପରେ କାହାର କେଉଁ ଅବସ୍ଥା ହେବ କିଏ କହିପାରିବ ? ସାହାରା ବୋଲି ତ ସେଇ ଶେଷଜୀବନର ଆଶାବାଡ଼ି ମଳୟ ।

ମଳୟର ଯୁକ୍ତି ନିକଟରେ ଅଟକିଯାଆନ୍ତି କଲ୍ୟାଣୀ । ମଳୟ ତା ଭବିଷ୍ୟତ କଥା କହୁଛି । ମଳୟ ବିଦେଶ ଯିବାକୁ ଚାହେଁ । ତା ସାଙ୍ଗମାନେ ସବୁ ବିଦେଶରେ ଭଲ ଭଲ କମ୍ପାନୀରେ ଚାକିରି କରି ମୋଟା ଅଙ୍କର ଦରମା ପାଉଛନ୍ତି । ଜୀବନକୁ ଖୁବ୍ ବେପରୁଆ ଭାବରେ ବିଦେଶରେ ଉପଭୋଗ କରୁଛନ୍ତି । ଫ୍ରି ଫ୍ରାଙ୍କ୍ ଲାଇଫ୍ । ବାଧା ନାହିଁ, ବନ୍ଧନ ନାହିଁ । ସେମିତି କିଛି ରକ୍ଷଣଶୀଳତାର ଆକଟ ନାହିଁ । ମଳୟ ମଧ୍ୟ ସେମିତି ତା ଜୀବନାୟନକୁ ଖୁବ୍ ବେପରୁଆ ଭାବରେ କଟାଇବାକୁ ଚାହେଁ । ବିଦେଶରେ ତା'ର କ୍ୟାରିଅର୍ କରିବାକୁ ଚାହେଁ ।

ସମସ୍ତଙ୍କ ପ୍ରବଳ ଚାପରେ ମୁଣ୍ଡ ନୁଆଁଇଥିଲେ ଜୀବନ ବାବୁ ।

ମଳୟ ବିଦେଶ ଗଲା । ସେଠାରେ ପାଠ ପଢୁପଢୁ ଜଣେ ବିଦେଶିନୀ ଜର୍ମାନ ଝିଅକୁ ବାହା ହୋଇଗଲା । ଏବଂ ଶେଷରେ ମଳୟ ଆମେରିକାରେ ଘର କିଣି ସେଠାରେ ନାଗରିକତ୍ୱ ନେଇ ସବୁଦିନ ପାଇଁ ସେଠାରେ ରହିବାକୁ ସ୍ୱପ୍ନ ଦେଖିଥିଲା । ମଳୟକୁ ଝୁରି ଝୁରି କଲ୍ୟାଣୀ ଆରପୁରକୁ ବାଟ କାଟିଲେ । ଏପରିକି ମଳୟ ମଧ୍ୟ କଲ୍ୟାଣୀଙ୍କ ଶୁଦ୍ଧିକ୍ରିୟାରେ ଆସି ପହଞ୍ଚିପାରି ନଥିଲା । ଅବଶ୍ୟ ଶୁଦ୍ଧିକ୍ରିୟା ସରିବାର ଦୁଇଦିନ ପରେ ଆସି ମଳୟ ପହଞ୍ଚିଥିଲା ଏବଂ ଜୀବନ ବାବୁଙ୍କୁ ସାଙ୍ଗରେ ନେଇଯିବାକୁ ଚାହୁଁଥିଲା । ଖୁବ୍ ବେଖାତିର୍ ଭାବରେ କହିଥିଲା, "ବାବା, ଏ ଜମିବାଡ଼ି, କୋଠା ବିକ୍ରି କରିଦେଇ ମୋ ସହିତ ଚାଲନ୍ତୁ । କେତେଦିନ ଆଉ ବଞ୍ଚିବେ ! ସେତିକି ଦିନ ଆମ ପାଖରେ କଟେଇଦେବେ ।"

ଜୀବନ ବାବୁ ଅନୁଭବ କରିଥିଲେ, ମଳୟ ଯେମିତି ତାଙ୍କୁ ଦୟା ଦେଖାଉଛି ! ଅହେତୁକ ଅନୁକମ୍ପା ଦେଖାଇ ପୁତ୍ର ଭାବରେ କର୍ତ୍ତବ୍ୟବୋଧ ସମ୍ପର୍କରେ ସଚେତନ କରାଇଦେଉଛି, "ଯେହେତୁ ମୁଁ ତୁମର ପୁଅ, ତେଣୁ ତୁମର ଅବଶିଷ୍ଟ ଜୀବନ ତୁମେ ମୋ ପାଖରେ ବିତାଇପାରିବ । ନଚେତ୍ ଚାଲ କୌଣସି ଏକ ଜରା ନିବାସରେ ଫୋପାଡ଼ିଦେଇ ଚାଲିଯିବି । ସେଠାରେ ତୁମେ ଭାଗ୍ୟକୁ ଆଦରି ପଡ଼ିରହିବ ଜୀବନର ଅନ୍ତିମ କ୍ଷଣ ପର୍ଯ୍ୟନ୍ତ ।"

ମଳୟର ଦୟାକୁ ଆଡ଼େଇଯାଇଥିଲେ ଜୀବନ ବାବୁ ।

ଏବଂ ଜୀବନ ବାବୁ ପରୋକ୍ଷରେ ସୂଚେଇଦେଇଥିଲେ, "ତୁମେ ତୁମ ଜୀବନ, ଭବିଷ୍ୟତ କଥା ଚିନ୍ତା କର ମଳୟ । ମୋତେ ଦୟା ଦେଖାଇବା ଆବଶ୍ୟକ ନାହିଁ । କାରଣ ମୁଁ ମୋ ପରିସର ମଧ୍ୟରେ ଠିକ୍ ଅଛି । ଯେତେଦିନ ବଞ୍ଚିବି, ମୋ ଚାରିପାଖର ମଣିଷ, ସ୍ମୃତି, ଚିହ୍ନା ଚିହ୍ନା ମାଟି, ଗୋଡ଼ି, ଆପଣାର ଗଛ, ଲତା, ଆକାଶକୁ ନେଇ ବଞ୍ଚିବି । ମରିଗଲେ ମୋ ସାଇପଡ଼ିଶାମାନେ ମୋତେ କୌଣସି ଏକ ଶ୍ମଶାନରେ ଫୋପାଡ଼ିଦେବେ । ମାଟିର ଦେହ ମାଟିରେ ମିଶିଯିବ । ମୋ ଜୀବନର ଯବନିକା ପଡ଼ିଯିବ । ରାଜ୍ୟର ଏମିତି ଶହଶହ, ହଜାର ହଜାର ଲୋକ ରାସ୍ତାକଡ଼ରେ ପୋକମାଛି ପରି ମରୁଛନ୍ତି । ସେମାନେ ବି ଏ ଦେଶର ନାଗରିକ । ସେମାନଙ୍କର ବି ସଂସାର ଅଛି । ତଥାପି ସେମାନେ ଅବହେଳାରେ ମରୁଛନ୍ତି । ସେମାନଙ୍କ ଦୁଃଖ କିଏ ବୁଝୁଛି ? ଏକ ଅନାଲୋଚିତ ଇତିହାସ ଫର୍ଦ୍ଦରେ ସେମାନେ ହଜିଯାଉଛନ୍ତି । ସେମାନଙ୍କ ତାଲିକାରେ ମୁଁ ସାମିଲ୍ ହୋଇଯିବି ।"

ଜାମୁଗଛ ସହିତ କଥା ହୁଅନ୍ତି ଜୀବନ ବାବୁ ।

କଲ୍ୟାଣୀଙ୍କ ଅନ୍ତିମ ମୁହୂର୍ତ୍ତର ପ୍ରତ୍ୟେକଟି କଥା ତାଙ୍କର ଏବେ ସ୍ପଷ୍ଟ ମନେଅଛି । ସେ ମରିଗଲା ପୂର୍ବରୁ କ୍ଷୀଣକଣ୍ଠରେ ମଳୟ ମଳୟ ବୋଲି ଚିତ୍କାର କରୁଥିଲେ । ତାଙ୍କର ନାତି ଜନ୍‌କୁ ଦେଖିବାକୁ ପ୍ରବଳ ଇଚ୍ଛା ହେଉଛି ବୋଲି କହୁଥିଲେ । ଏବଂ ତାଙ୍କ ପାଇଁ ସେ ବିଶେଷ ଭାବରେ ଚିନ୍ତା ପ୍ରକଟ କରିଥିଲେ । ଶେଷଜୀବନ କେମିତି କଟିବ ସେ ଚିନ୍ତିତ ହୋଇପଡ଼ିଥିଲେ । ହେଲେ ସମୟ ଆଉ ତାଙ୍କ ହାତମୁଠାରେ ନଥିଲା । ସମୟ ବହିଯାଇଥିଲା ତା ବାଟରେ ।

ପଡ଼ିଶା ଘର ନବୀନ ବାବୁ କେବେ କେବେ ବିସ୍ମୟ ପ୍ରକାଶ କରି କୁହନ୍ତି, "ଜୀବନ ବାବୁ, ଆପଣ ପାଗଳଙ୍କ ଭଳି ଏ ଖରାବେଳଟାରେ ଏ ଜାମୁଗଛ ମୂଳରେ ବସି ଏକାଏକା କ'ଣ ଏଣୁତେଣୁ ଗପୁଛନ୍ତି ? ଆପଣଙ୍କ ଦେହରେ ହାଇ ବି.ପି., ଡାଇବେଟିସ୍, ଆଜ୍‌ମା, ଗ୍ୟାଷ୍ଟ୍ରାଇଟିସ୍ ଭଳି ବଡ଼ ବଡ଼ ଶତ୍ରୁମାନେ ବସାବାନ୍ଧିଛନ୍ତି । ଆପଣ ଟିକିଏ ଦୁର୍ବଳ ହେଲେ ସେମାନେ ଆପଣଙ୍କୁ ମାଡ଼ିବସିବେ ।"

ଜୀବନ ବାବୁ ଏତେ ଅସହାୟବୋଧ ମଧ୍ୟରେ କହିଥିଲେ, "ନବୀନ ବାବୁ, ମଳୟ ଯେଉଁଦିନ ଜନ୍ମ ହୋଇଥିଲା, ସେଦିନ ଏ ଜାମୁଗଛଟିକୁ ଏକ ଅପନ୍ତରାରୁ ଆଣି ବାଡ଼ିରେ ଲଗାଇଥିଲି । ଅନେକ ଦିନ ପର୍ଯ୍ୟନ୍ତ ଗଛଟି ବଡ଼ ଅବହେଳାରେ ବଢ଼ିଥିଲା । ହେଲେ ମଳୟ

ଏକମାତ୍ର ପୁଅ ବୋଲି ତାକୁ କେବେ ବି ଅବହେଳା କରିନଥିଲି । ଜୀବନର ସମସ୍ତ ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ ସବୁତକ ତାକୁ ଦେଇଥିଲି । ନିଜେ ନଖାଇ ତାକୁ ଭଲଭଲ ଜିନିଷ ଖୁଆଇଥିଲି । ନିଜେ ଛିଣ୍ଡା, ରଫୁକରା କାମିଜି ପିନ୍ଧି ତାକୁ ଦାମିକା ସୁଟ୍-ସାର୍ଟ ପିନ୍ଧାଇଥିଲି । ଭାବିଥିଲି ବୁଢ଼ାକାଳକୁ ଆଶାବାଡ଼ି ପରି ଭରସା ହେବ । ତା ପୁଅଝିଅ ଦି'ଟାଙ୍କୁ ହସେଇ ଖେଳେଇ ଆମ ବୁଢ଼ାବୁଢ଼ୀଙ୍କ ଅବଶିଷ୍ଟ ଜୀବନ କଟିଯିବ ।

ଜୀବନ ସେଇ ହସଖେଳ ମଧ୍ୟରେ ବହିଯିବ ।

ପ୍ରତ୍ୟେକ ମଣିଷ ଜୀବନରେ ଆଉ ଅଧିକ କ'ଣ ଚାହେଁ ?

ହେଲେ ନବୀନ ବାବୁ, କଲ୍ୟାଣୀ ପୁଅ ଜନ୍ମ କରିଥିଲା । ଘିଅମୂତ ପୋଛି ମଣିଷ କରିଥିଲା । କ'ଣ ନା ଶେଷଜୀବନରେ ପୁଅ, ନାତି ମୁହଁରେ ମୁନ୍ଦେ ତୁଳସୀ ପାଣି ଦେବେ । ସେତକ ବି ହେଲାନି । ଶୁଦ୍ଧିଘର ପରେ ମଳୟ ଆସି ପହଞ୍ଚିଲା । ସେଥିରେ ପୁଣି ଶୋକସନ୍ତପ୍ତ, ନିଃସଙ୍ଗ ବାପଟାକୁ କିଛି ଗରମ ଗରମ ସଂଳାପ ଶୁଣେଇଦେଇ ଚାଲିଗଲା । ବୁଢ଼ା ବାପମା' ଅନ୍ତିମ ସମୟରେ ପୁଅ-ନାତିଙ୍କୁ ଭରସାର ସହାୟତା ମାଗିବା କ'ଣ ଅପରାଧ ନବୀନ ବାବୁ ?

ଏ ଜାମୁଗଛଟା ମଳୟର ଜନ୍ମ ହେବା ଦିନଠାରୁ ଅବହେଳାରେ ବଢ଼ିଥିଲା । ହେଲେ ମୋ ପୁଅ ପରି ମୋ ସହିତ ମମତା ଲଗାଇ ଡାଳପତ୍ର ମେଲି ମୋ ହୃଦୟ ଭିତରେ ସବୁ ସ୍ନେହଶ୍ରଦ୍ଧାକୁ ଏକାଠି କରି ଆକାଶକୁ ଛୁଇଁବା ପାଇଁ ବଢ଼ିଚାଲିଥିଲା । ଏବେ ତା ପତ୍ର ଗହଳରେ ଟିକିଟିକି ଚଢ଼େଇମାନେ ବସାବାନ୍ଧିଛନ୍ତି । ସଂସାର ଗଢ଼ିଛନ୍ତି । ତା ମିଠାମିଠା କୋଳି ଖାଇବା ପାଇଁ ଗୁଣ୍ଡୁଚିମୂଷାମାନେ ଏ ଡାଳରୁ ସେ ଡାଳକୁ ଘୂରିବୁଲୁଛନ୍ତି । ଜାତିଜାତିକା ଚଢ଼େଇମାନେ କୁଆଡୁ ଆସି ତା ଡାଳରେ ବସି କୋଳି ଖାଉଛନ୍ତି । ତା ଡାଳରେ ମନ ଆନନ୍ଦରେ ହଳଦୀବସନ୍ତ ନାଚ କରୁଛି । କୋଇଲି ତା ପତ୍ରଗହଳରେ ବସି କୁହୁକୁହୁ ରାବୁଛି । କେତେ ଛୋଟଛୋଟ ଛୁଆସବୁ ତା ଚାରିପଟେ ବୁଲି କୋଳି ଖାଇବା ପାଇଁ ହାଇଁପାଇଁ ହେଉଛନ୍ତି । ପଥଚଲା ବାଟୋଇ ନିର୍ଘୁମ୍ ଖରାବେଳଟାରେ ତା ଛାଇତଳେ ବସି ଘଡ଼ିଏ ଥକ୍କା ମେଣ୍ଟାଉଛି ।

ସେ ଜାମୁକୋଳି ଗଛଟା ମୋ ପୁଅ ପରି । ମଳୟକୁ ଯେତିକି ବୟସ, ତାକୁ ମଧ୍ୟ ସେତିକି ବୟସ । ମଳୟ ସିନା ମୋତେ ବୋଝ ବୋଲି ଭାବି ଆଡ଼େଇଦେଇ ଚାଲିଗଲା, ହେଲେ ଅବହେଳାରେ ବଢ଼ିଥିବା ଏଇ ଗଛଟା ମୋ ନିଃସଙ୍ଗ ଜୀବନରେ ବଞ୍ଚିବାର ପ୍ରେରଣା ଦେଉଛି । ତା ମୂଳରେ ମୁହୂର୍ତ୍ତେ ବସିଗଲେ ସେ ଶୀତଳ ଛାଇ ଦେଉଛି । ଖାଇବାକୁ ମିଠାମିଠା କୋଳି ଦେଉଛି । ବଞ୍ଚିବାକୁ ଜୀବନ୍ୟାସ ଦେଉଛି । ତା ଡାଳରେ ବସି ଚଢ଼େଇମାନେ କିଚିରିମିଚିରି ଗୀତ ଗାଉଛନ୍ତି ।

ବୁଝିଲ ନବୀନ ବାବୁ ! ଏସବୁ ଦେଖିବା ପରେ ମୋ ପେଟ ପୂରିଯାଉଛି । ଏ ଅଲୋଡ଼ା ନିଃସଙ୍ଗ ଜୀବନରେ ସେ ମୋ ସାଙ୍ଗରେ ଚୁପ୍‌ଚାପ୍ କଥା ହେଉଛି । ମୁଁ ଯେମିତି ଅନୁଭବ କରୁଛି, ମୋ ମଳୟ ମୋ ପାଖେପାଖେ ଅଛି । ଗଛଟି ଛୋଟ ଥିଲାବେଳେ ଅନେକ ସମୟରେ ଅନେକ ବନ୍ଧୁ ଓ ହିତାକାଂକ୍ଷୀ ଲୋକ ପରାମର୍ଶ ଦେଇଛନ୍ତି, 'କାହିଁକି ଏ ଜାମୁକୋଳି ଗଛଟାକୁ ବାଡ଼ିରେ ରଖିଛନ୍ତି ? ବରଂ କାଟିଦିଅନ୍ତୁ । ସେ ବଡ଼ ହେଲେ ସାରା ବାଡ଼ିଟାକୁ ମେଲିଯିବ । ତା କୋଳି ଖାଇବା ପାଇଁ ଭବିଷ୍ୟତରେ ଭାରି ହଙ୍ଗାମା ହେବ । ଆପଣ ଏକୁଟିଆ ଲୋକ, ସମ୍ଭାଳିପାରିବେନି ।'

ହେଲେ ମୁଁ କାଟିନଥିଲି । ବରଂ କହିଥିଲି, 'ତୁମର ଯଦି ଦୁଷ୍ଟ ପୁଅଟିଏ ହେବ, ତା'ହେଲେ ତୁମେ କ'ଣ ତା ବେକକୁ କୁରାଢ଼ୀରେ ହାଣିଦେବ ?' ମୁଁ କାହାରି କଥା ଶୁଣିନଥିଲି ବୋଲି ଆଜି ସେ ମୋତେ ଶାନ୍ତି ଦେଉଛି । ବଞ୍ଚିବା ପାଇଁ ଆତ୍ମବିଶ୍ୱାସ ଦେଉଛି । ମୋ ପାଖରେ ମୋ କଲ୍ୟାଣୀ, ମଳୟ, ଜନ୍ କେହି ନାହାନ୍ତି; ଅଥଚ ମୁଁ କେବେ ନିଃସଙ୍ଗ ଅନୁଭବ କରିନି । ବରଂ ଥୁଣ୍ଟା ଗଛଟିଏ ପରି ପଡ଼ିରହିଛି ସମୟକୁ ପଛ କରି ।"

ଲୁହ ଛଳଛଳ ହୋଇଉଠିଥିଲା ଜୀବନ ବାବୁଙ୍କ ଆଖି ଦି'ଟା । ସେ ନାଲି ଗାମୁଛାରେ ଲୁହ ପୋଛି କହିଥିଲେ, "ଆପଣ ଭାଗ୍ୟବାନ୍ ନବୀନ ବାବୁ । ପିଲାମାନେ ଭଲ ପାଠ ପଢ଼ିଲେନି ବୋଲି ଆପଣଙ୍କୁ ଛାଡ଼ି କୁଆଡ଼େ ଗଲେନି । ଏଇଠି ବେପାର ବଣିଜ କରି ମାଟି କାମୁଡ଼ି ପଡ଼ିରହିଛନ୍ତି । ବୁଢ଼ା ବୟସରେ ସମୟ କଟାଇବା ପାଇଁ ଆପଣଙ୍କ ପାଖରେ ଖେଳନା ଭଳି ଅନେକ ନାତି-ନାତୁଣୀ ଅଛନ୍ତି । ସୁଖରେ ଦିନ କଟିଯାଉଛି ।"

ନବୀନ ବାବୁ ବୁଝୁଥିଲେ ଜୀବନ ବାବୁଙ୍କ ଅସରନ୍ତି ଦୁଃଖ ଯନ୍ତ୍ରଣାର ଅନ୍ତଃସ୍ୱରକୁ । ପାଖରେ କେହି ନାହିଁ, କେତେ ସେ ଚେୟାର୍, ବେଞ୍ଚ୍, ଖଟ, ପଲଙ୍କ ସହିତ କଥା ହେବେ ? ଏକଲା ମଣିଷଟେ । ଚାକରାଣୀ ରୋଷେଇ କରି ମୁଠେ ମୁଠେ ଖାଇବାକୁ ଦେଉଛି । ବାସ୍, ନିଃସଙ୍ଗତା ଅନୁଭବ କଲେ ଚାଲିଆସନ୍ତି ଏଇ ଜାମୁକୋଳି ଗଛମୂଳକୁ । ସେଇ ଗଛଛାଇରେ ବସି ତା ସହିତ କଥା ହୁଅନ୍ତି । ମଳୟର ଅବର୍ତ୍ତମାନରେ ସେ ଗଛଟିକୁ ପୁଅ ପରି ଗେଲ କରନ୍ତି, ସ୍ନେହ କରନ୍ତି, ଶ୍ରଦ୍ଧାରେ ତାକୁ ଆଉଁଷିଦିଅନ୍ତି, ତା ମୂଳରେ ପାଣି ଦିଅନ୍ତି, ତା'ର ଯତ୍ନ ନିଅନ୍ତି ।

କିଛି ଲୋକଙ୍କର ଧାରଣା, କଲ୍ୟାଣୀ ଦେବୀଙ୍କ ମୃତ୍ୟୁ ପରେ ଜୀବନ ବାବୁ ସମ୍ପୂର୍ଣ୍ଣ ଭାବରେ ମାନସିକ ଭାରସାମ୍ୟ ହରାଇ ବସିଛନ୍ତି । ତେଣୁ ସେ ପାଗଳଙ୍କ ଭଳି ଜାମୁକୋଳି ଗଛମୂଳେ ବସି ନିଜ ସହିତ ନିଜେ କଥା ହୁଅନ୍ତି ।

ସମୟ ବହିଯିବା ସଙ୍ଗେସଙ୍ଗେ ଜୀବନ ବାବୁଙ୍କର ଜାମୁକୋଳି ଗଛଟି ପ୍ରତି ଅହେତୁକ ମୋହ ବଢ଼ିବଢ଼ି ଚାଲିଥିଲା । ଗଛଟି ଯେମିତି ତାଙ୍କୁ ପ୍ରେରଣା ଦେଉଥିଲା- "ବାବା, ଈଶ୍ୱର ଜୀବନ ଦେଇଛନ୍ତି ଜିଇଁବା ପାଇଁ, ହେଲେ ଜୀବନ ସଂଘର୍ଷମୟ । ସଂଘର୍ଷହୀନ ଜୀବନ – ଜୀବନ ନୁହେଁ । ତେଣୁ ବଞ୍ଚିବାରେ ଆନନ୍ଦ ଅଛି, ମୃତ୍ୟୁରେ ନୁହେଁ । ତୁମେ ବଞ୍ଚିବ ବାବା । ମୋ ଛାଇତଳେ ମୁଁ ତୁମକୁ ଆଶ୍ରୟ ଦେବି । ଜୀବନଶକ୍ତି ଅମ୍ଳଜାନ ଦେବି । ଖାଇବାକୁ ମିଠାମିଠା କୋଳି ଦେବି । ମୋ ଛାଇତଳେ

ଗାମୁଛା ପାରି ଶୋଇଗଲେ ମୁଁ ସୁଖନିଦ୍ରା ଦେବି । ତୁମେ ବଞ୍ଚିବ ବାବା, ତୁମେ ବଞ୍ଚିବ । ମଣିଷ ଆଉ ଗଛର ସମ୍ପର୍କ ଯୁଗଯୁଗରୁ । ତୁମକୁ ଛାଡ଼ି ମୁଁ ବଞ୍ଚିପାରିବିନି କି ମୋତେ ଛାଡ଼ି ତୁମେ ବଞ୍ଚିପାରିବନି ।"

ଜୀବନ ବାବୁ ହସିହସି କୁହନ୍ତି, "ପାଗଳାଟା । ଏଭଳି ଏକାଏକା ନିଃସଙ୍ଗ ଜୀବନରେ ଅନେକ ଦୁଃଖ, ଯନ୍ତ୍ରଣା, ଅବସାଦକୁ ନେଇ ବଞ୍ଚିବା ଅପେକ୍ଷା ଚିରନିଦ୍ରାରେ ଶୋଇଯିବା ଭଲ । କିନ୍ତୁ ତୁ ଯେତେବେଳେ ମୋ ପାଖେପାଖେ ଅଛୁ, ମୁଁ ନିଜକୁ କେତେବେଳେ ନିଃସଙ୍ଗ ମଣିନି । ତୁ ପରା ସବୁବେଳେ ମୋତେ କହୁ- ମୁଁ କୁଆଡ଼େ ଯିବିନି ବାବା, ତୁମ ପାଖେପାଖେ ଛାଇ ଭଳି ଅଛି । ମୋ ସହିତ କଥା ହୋଇହୋଇ ତୁମ ଜୀବନ ଖୁସିରେ ବହିଯିବ । ମୁଁ କ'ଣ ଭୁଲ୍ କହିଲି ବାବା ?"

ଅନେକ ସମୟରେ ଜୀବନ ବାବୁ ଅପେକ୍ଷା କରିଥାଆନ୍ତି ଫୋନ୍ କଲ୍‌ଟିଏ ଆସିବାକୁ । ମଳୟର ସିନା ସମୟ ନାହିଁ ଫୋନ୍ କରି ତାଙ୍କ ଭଲମନ୍ଦ ବୁଝିବାକୁ, ହେଲେ ବୋହୂ ଲୋରି ଟିକିଏ ଫୋନ୍ କରି ନାତି ସହିତ କଥା କରାଇଦିଅନ୍ତାନି ! ସେ କିମ୍ବା କଲ୍ୟାଣୀ କେହି ଲୋରି କିମ୍ବା ଜନ୍‌କୁ ଦେଖିନାହାନ୍ତି । ମଳୟ ଯେବେ ଆସିଥିଲା, ତା ଲାପଟପ୍‌ରୁ ଲୋରି ଆଉ ଜନ୍‌ର କିଛି ଫଟୋ ଦେଖାଇଥିଲା । ସତେ ଯେମିତି ସେମାନଙ୍କ ସହିତ ତା'ର ସମ୍ପର୍କ ରଖିବା ସେତେଟା ଜରୁରୀ ନୁହେଁ ବୋଲି ମନେକରିଥିଲା । ହେଲେ ଜୀବନ ବାବୁଙ୍କ ମନଟା ସେମାନଙ୍କୁ ଦେଖିବା ପାଇଁ ହାଇଁପାଇଁ ହେଉଥିଲା ।

ସେଦିନ ଥିଲା ମେ' ମାସ ସତର ତାରିଖ ।

ଅଚାନକ ଝଡ଼ବର୍ଷାଟା କେଉଁଠି ଥିଲା କେଜାଣି, ନିମିଷକରେ ଘୋଟିଆସିଲା । ଅଣଚାଶ ପବନ ବହିଲା । ଚାରିଆଡ଼େ ମଡ଼ମଡ଼ ହୋଇ ବଡ଼ବଡ଼ ଗଛସବୁ ଭାଙ୍ଗିରୁଜି ଚୂରମାର୍ ହୋଇଗଲା । ରାସ୍ତାଘାଟ ଶୂନ୍‌ଶାନ୍ ହୋଇଗଲା । ସାରାରାତି ସେମିତି ବିଜୁଳି-ଘଡ଼ଘଡ଼ିରେ ଚଉଦିଗ କମ୍ପୁଥିଲା । ବର୍ଷା ଯେ ଅନବରତ ଚାଲିଥିଲା । ଜୀବନ ବାବୁ ଆତଙ୍କିତ ଅବସ୍ଥାରେ ଘରଟା ଭିତରେ ସାରାରାତି ଏପଟସେପଟ ହେଉଥିଲେ । ଅଦିନରେ ଏ କାଳବୈଶାଖୀ ବର୍ଷାଟା କେଉଁଠି ଥିଲା କେଜାଣି ! ଏମିତି ଝଡ଼ବର୍ଷା ସେ ଆଗରୁ କେବେ ଦେଖିନଥିଲେ । ସନ୍ଧ୍ୟାବେଳୁ ବର୍ଷୁଛି ଯେ ରାତି ପାହିବାକୁ ବସିଲାଣି, ତଥାପି ଝଡ଼ କମୁନି ।

ଝଡ଼ ଚାଲିଗଲା ଝଡ଼ ବାଟରେ । ଚାରିଆଡ଼େ ଶୂନ୍‌ଶାନ୍ । ଶାନ୍ତ ପଡ଼ିଯାଇଥିଲା ପରିବେଶ ।

ରାତି ପାହିପାହି ଆସୁଛି । ନବୀନ ବାବୁ ଧାଇଁଯାଇଥିଲେ ବଗିଚା ଭିତରକୁ ।

"ଆଃ..." ବୋଲି ଚିତ୍କାର କରି ତଳେ ପଡ଼ିଯାଇଥିଲେ ।

ବଗିଚାରେ ସବୁ ଗଛ ଠିକ୍ ଅଛି, ହେଲେ ଜାମୁଗଛଟି ମୂଳରୁ ଉପୁଡ଼ିପଡ଼ିଛି ।

ଛାତି ଫାଟିଯାଇଥିଲା ଜୀବନ ବାବୁଙ୍କର । ସେ ଚେତାଶୂନ୍ୟ ହୋଇପଡ଼ିଥିଲେ । ତାଙ୍କ ହୃଦୟ ଭାଙ୍ଗିଯାଇଥିଲା । ଗଛଟାକୁ ପୁଅ ପରି ପାଳିଥିଲେ । ସେ ବଞ୍ଚିବାକୁ ପ୍ରେରଣା ଦେଉଥିଲା, ଶେଷରେ ସେ ବି ଏକା କରି ଚାଲିଗଲା !

ଅସୁସ୍ଥ ହୋଇ ବିଛଣା ଧରିଲେ ଜୀବନ ବାବୁ ।

ପାଖ ପଡ଼ିଶା ଲୋକେ ଅଡୁଆରେ ପଡ଼ିଥିଲେ । ଜୀବନ ବାବୁଙ୍କ ଅସୁସ୍ଥତା ସମସ୍ତଙ୍କୁ ଅଡୁଆରେ ପକାଇଥିଲା । ପାଖରେ କେହି ନିଜ ଲୋକ ନାହାନ୍ତି, ତାଙ୍କୁ ଦିନରାତି କିଏ ଜଗିରହିବ ? ଡକ୍ଟର ନିର୍ଦ୍ଦେଶ ଦେଇଛନ୍ତି, "ତାଙ୍କୁ ଜଗିରହି ଠିକ୍ ସମୟରେ ଔଷଧ ଦେବ । ନହେଲେ କେଉଁ ମୁହୂର୍ତ୍ତରେ ହୁଏତ କିଛି ଅଘଟଣ ଘଟିପାରେ ! ଅନ୍ତତଃ ଜୀବନ ବାବୁ ଆୟତ୍ତକୁ ଆସିବା ପର୍ଯ୍ୟନ୍ତ ତାଙ୍କୁ ଜଗିରହିବାକୁ ପଡ଼ିବ । ତାଙ୍କ ଦାୟିତ୍ୱ ବୁଝିବାକୁ ପଡ଼ିବ ।"

ଖୁବ୍ ଅସୁବିଧାରେ ପଡ଼ିଥିଲେ ସାଇପଡ଼ିଶା । ମଳୟ ସହିତ ବି ଯୋଗାଯୋଗ କରିହେଉନି । ସେମାନେ ପାଳି କରି ଜଗିବାକୁ ପଡୁଛି । ଏହାମଧ୍ୟରେ ସପ୍ତାହଟେ ବିତିଗଲାଣି, ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ସେମିତି କିଛି ଆଖିଦୃଶିଆ ପରିବର୍ତ୍ତନ ହେଉନି ।

ଅଚାନକ କଳା କାର୍‌ଟିଏ ଆସି ଦୁଆରମୁହଁରେ ଲାଗିଲା ।

ସେଥିରୁ ଜଣେ ବିଦେଶୀ ମହିଳା ଏବଂ ଛୋଟ ପିଲାଟିଏ ଓହ୍ଲାଇଥିଲେ । ସାଇପଡ଼ିଶା ଲୋକେ ଅନୁମାନ କରିଥିଲେ, ବୋଧହୁଏ ମଳୟର ସ୍ତ୍ରୀପିଲା ଆସିଛନ୍ତି । ସେମାନଙ୍କୁ ତ ଖବର ଦିଆଯାଇ ନଥିଲା, ସେମାନେ ଆସିଲେ କେମିତି ? ହେଲେ ମଳୟ କାହିଁ ?

ଲୋରି କାନ୍ଦିକାନ୍ଦି କହିଥିଲା, "ସେଦିନ ଥିଲା ମେ' ମାସ ସତର ତାରିଖ । ଗୋଟିଏ ରୋଡ୍ ଆକ୍‌ସିଡେଣ୍ଟରେ ମଳୟଙ୍କର ମୃତ୍ୟୁ ହେଲା । ମରିବା ପୂର୍ବରୁ ସେ ତା ହାତ ଧରି କହିଥିଲେ- ଲୋରି, ଅଚାନକ ବାପାଙ୍କ ପାଖକୁ ମୋ ମୃତ୍ୟୁ ଖବର ଦେବନି । ହୁଏତ ବାପା ଏ ଖବର ଶୁଣିଲେ ତାଙ୍କର ହାର୍ଟ ଆଟାକ୍ ହୋଇଯିବ ! ସେ ଏକଲା ଅଛନ୍ତି । ତାଙ୍କ ପାଖରେ କେହି ନାହାନ୍ତି । ମୋ ମରିବା କଥା ପରେ ଜାଣିଲେ ହୁଏତ କିଛିଟା କଷ୍ଟ କମିଯିବ । ସେ ଜନ୍‌କୁ ଦେଖିଲେ ସବୁ ଦୁଃଖ ଭୁଲିଯିବେ । ଲୋରି, ଜନ୍‌କୁ ନେଇ ତୁମେ ସେଠାରେ ଅବଶିଷ୍ଟ ଜୀବନ ବାପାଙ୍କ ସହିତ କଟାଇବ ।

ମୋ କଥା ଯେତେବେଳେ ମନେପଡ଼ିବ, ଆମ ବଗିଚାରେ ମୋ ଜନ୍ମ ହେବାଦିନ ବାପା ଲଗାଇଥିବା ଜାମୁଗଛକୁ ଚାହିଁ ମୋତେ ଭୁଲିବାକୁ ଚେଷ୍ଟା କରିବ ।"

ଲୋରି ଧାଇଁଯାଇଥିଲା ବଗିଚା ଆଡ଼କୁ । ହେଲେ ଦେଖିଥିଲା- ମଳୟର ମୃତ୍ୟୁଦିନ ହିଁ ଜାମୁଗଛଟି ଉପୁଡ଼ିଯାଇ ଧରାଶାୟୀ ହୋଇଯାଇଥିଲା । ବାହାର ଲୋକମାନେ ତା ଡାଳପତ୍ର ହାଣି ନେଇଯାଇଥିଲେ । ଥୁଣ୍ଟା ଗଣ୍ଡିଟା ନିଆଶ୍ରା ଭଳି ବଗିଚାରେ ଗଡୁଥିଲା ।

'ଶୁଭମ୍', ପ୍ଲଟ୍ ନଂ.-୨୮୫/୩୬୮୧
ନନ୍ଦନ ବିହାର / କଳାରାହାଙ୍ଗ, କିଟ୍, ଭୁବନେଶ୍ୱର-୭୫୧୦୨୪
ଭ୍ରାମ୍ୟଭାଷ : ୯୮୬୧୯୮୭୦୭୧

●●

# ଗାନ୍ଧୀବାଡ଼ି

**ରବି ପଣ୍ଡା**

ଅପସୃୟମାନ ସମୟସ୍ରୋତରେ ବହୁ ତିକ୍ତ-ମଧୁର ଅନୁଭୂତିକୁ ପାଥେୟ କରି ଆଜି ଜୀବନର ଉପାନ୍ତରେ ପହଞ୍ଚିଥିବା ବଦ୍ରିନାରାୟଣ ତଥାପି ଅନ୍ତଃକରଣରେ ସଞ୍ଚିତ କରି ରଖିଥିଲେ ଗୋଟାଏ ଉଦ୍ଦାମତା । ସେ ଉଦ୍ଦାମତାର ହେତୁ ଖଣ୍ଡିଏ ବାଡ଼ି । ବାଡ଼ି ଖଣ୍ଡକର ସେମିତି କିଛି ଅଲୌକିକତା ନଥିଲା । କିନ୍ତୁ ବାଉଁଶ ଖଣ୍ଡିକ ଯେ ଗୋଟିଏ ଶତାବ୍ଦୀର ଅର୍ଦ୍ଧାଧିକ ସମୟ କୀଟଦଂଷ୍ଟ କିମ୍ବା ଦୁର୍ବଳ ନହୋଇ ଯଥାପୂର୍ବ ଓଜନିଆ ଓ ନିଦା ରହିପାରେ; ଏତିକି ଥିଲା ଏହାର ବିଶେଷତ୍ୱ । ତେବେ ମାତ୍ର ପାଞ୍ଚଫୁଟର ସେଇ ବାଡ଼ିଟିର ଯଥେଷ୍ଟ ଗାମ୍ଭୀର୍ଯ୍ୟ ଓ ଗୁରୁତ୍ୱ ରହିଥିଲା ବଦ୍ରିନାରାୟଣଙ୍କ ପାଖରେ । ବହୁ ନିରୋଳା ମୁହୂର୍ତ୍ତରେ ସେ ବାରଣ୍ଡାର ଚୌକି ଉପରେ ବସି ଦୂର ଦିଗନ୍ତ ଭିତରେ ହଜିଯାଉଥିବା ବେଳେ ବି ତାଙ୍କ ଡାହାଣ ପାଖରେ ବାଡ଼ିଟି ରହୁଥିଲା । ତାଙ୍କର ଶ୍ରଦ୍ଧା ଓ ସମ୍ମାନର ସନ୍ତକଟିଏ ପରି । କହୁଥିଲେ "ଇଏ ଗାନ୍ଧୀବାଡ଼ି ।"

ସେ ବାଡ଼ିଟି ଥିଲା ବାପାଙ୍କର ।

ଗୋଟାଏ ମିଥ୍ୟା ଅହେତୁକ ଆଦର୍ଶ ଓ ଫମ୍ପା ମୂଲ୍ୟବୋଧକୁ ଜାବୁଡ଼ିଧରି ସୁବର୍ଣ୍ଣ ସକାଳ ଆଡୁ ମୁହଁ ଫେରାଇ ଦୁଃଖ, ଦୈନ୍ୟ, ଦାରିଦ୍ର୍ୟର ଅପୁହା ରାତିର ଅନ୍ଧାର ଭିତରେ ହନ୍ତସନ୍ତ ହେବା ଆଉ ସମ୍ଭବ ନୁହେଁ ବୋଲି କହି ଯେଉଁଦିନ ରୁଦ୍ରନାରାୟଣ ବାପାଙ୍କୁ ଖୁବ୍ ତାଚ୍ଛଲ୍ୟ କରି ଅଲଗା ହୋଇଗଲା, ବାପା ସେଇ ବାଡ଼ିରେ ଦି'ପାହାର ଦେଇ ସେଦିନ ହୁଏତ ତାକୁ ଜବତ କରିପାରିଥାନ୍ତେ, କିନ୍ତୁ ନିରବ ରହି ସବୁ ସହିଯାଇଥିଲେ । କାରଣ ଯେଉଁ ବାଡ଼ିର କରାମତି ଦିନେ ତାଙ୍କୁ ଏ ଖଣ୍ଡମଣ୍ଡଳରେ ଚର୍ଚ୍ଚିତ କରିଥିଲା, ଖୁବ୍ ପତିଆରା ବଢ଼ାଇଥିଲା, ସେ ପ୍ରାଣର ଉଦ୍ଦାମତା ଓ ହିଂସ୍ରତା ସେ ଛାଡ଼ିଦେଇଥିଲେ ଗାନ୍ଧୀଜୀଙ୍କ ସଂସ୍ପର୍ଶରେ ଆସିଲା ପରେ ।

ବଦ୍ରିନାରାୟଣଙ୍କୁ କାହିଁକି ମନେହେଉଥିଲା, ଯେପରି ତାଙ୍କ ଆଖିସାମ୍ନାରେ ଠିଆ ହେଇଯାଉଥିଲା ଗୋଟେ ଦୀର୍ଘ ଛାଇ । ବେଶ୍ ସମ୍ଭ୍ରାନ୍ତ ଓ ଅନମନୀୟ ଚେହେରାର ସେଇ ପୁଙ୍ଗବ ପୁରୁଷ ତାଙ୍କ ସଂଗ୍ରାମୀ ଜୀବନର ଇତିହାସ କହୁଥିଲେ ଯେପରି ତାଙ୍କ ଆଗରେ ! ସେ ବାପା ।

ସେ ଥିଲା ଦେଶ ପାଇଁ ଏକ ଚରମ ଦୁଃସମୟ । ଗାଁଗାଁରେ ଜମିଦାରମାନଙ୍କ ନିର୍ମମ ଶୋଷଣ ସାଙ୍ଗକୁ ଗୋରା ସିପାହିମାନଙ୍କର ଅଦଉତି ଲୋକଙ୍କୁ ତଳିତଳାନ୍ତ କରିପକାଉଥିଲା । ଗାଁ ଲୋକମାନଙ୍କୁ ଜବତ କରିବା ପାଇଁ ଜମିଦାରମାନେ ଗୋରାମାନଙ୍କ ସହ ଅଧୀନତାମୂଳକ ମିତ୍ରତା ସୂତ୍ରରେ ବନ୍ଧାପଡ଼ିଯାଇଥିଲେ । ସେଦିନ ସ୍କୁଲରୁ ଫେରିଲାବେଳକୁ ବାପା ଲହୁଲୁହାଣ ହେଇ ଗଡୁଥାନ୍ତି ମାଟିରେ । ଗରିବ ଘରର ଟୁକୁରା ଆସବାବ କେଇଖଣ୍ଡ ଦାଣ୍ଡରେ ବିଛାଡ଼ିହେଇ ପଡ଼ିଥାନ୍ତି ବେସାହାରା ପରି । ବୋଉ କାଉଳିବାଉଳି ହୋଇ ବାପାଙ୍କ ପାଖରେ ମୁଣ୍ଡପିଟି କାନ୍ଦୁଥାଏ ତ ଗୋରା ସିପାହିଙ୍କ ଗୋଡ଼ ଧରୁଥାଏ । ଏ ଦୃଶ୍ୟ ଥିଲା ମୋ ପାଇଁ ଏକ ଦୁରନ୍ତ ଆହ୍ୱାନ ପରି ।

ଅଚାନକ ମୁଁ ଗୋଟାଏ ଡେଣୁଆ ଗୋଟାଇନେଲି । ଦୂରରୁ ଦେଖୁଥିବା ଫଣିଦାଦା ମୋର ପରବର୍ତ୍ତୀ କାର୍ଯ୍ୟକ୍ରମ ଓ ତା'ର ଅବଧାରିତ ଫଳାଫଳ ସଂପର୍କରେ ସଚେତ ହୋଇ ତୁରନ୍ତ ମୋତେ ଝାଂପି ନେଇଗଲେ ପଛପଟରୁ ଚିଲ ଭଳିଆ । ମୋ ଭିତରର କ୍ରୋଧ ଓ ହିଂସ୍ରତା ପ୍ରକାଶ ପାଇସାରିଥିଲା ମୋର ତରୁଣ ଅବୟବ ଭିତରେ । ପାଟି ବି କରୁଥିଲି ଖୁବ୍ । ଫଣିଦାଦା ମୋ ପାଟି ଚାପିଧରି ଏକରମକ ଟେକିନେଇଗଲେ ଘର ଭିତରକୁ । କହିଲେ, "ତୁ ଜାଣିଚୁ ସେ ଗେରାଗୁଡ଼ାଙ୍କୁ ? ଚାଣ୍ଡାଳଗୁଡ଼ା ! ଡେଣୁଆଟା ଫୋପାଡ଼ିଥିଲେ ଜୀବନ ପାଇଥାନ୍ତୁ ତ ଆଜି ?"

ମୁଁ କହିଲି, "ସେଗୁଡ଼ା କୁଆଡୁ ଆସିଛନ୍ତି ? ସେମାନେ କାହିଁକି ପିଟୁଛନ୍ତି ବାପାଙ୍କୁ ?"

"ସେକଥା ତୁ ବଡ଼ ହେଲେ ଜାଣିବୁ । ଏତିକି ଜାଣ, ଦୁର୍ବଳ ଲୋକ ସର୍ବଦା ଅତ୍ୟାଚାରିତ । ଜମିଦାରର କରଜ ଶୁଝି ନପାରିବାରୁ ଆଜି ଏ ଅବସ୍ଥା । ତୁ କ'ଣ ଜାଣିଛୁ, ତିନି ଜାଗାରେ ତିନିଶହ ଲେଖି ଜମିଦାର ଆମରିମାନଙ୍କ ଧନ ଲୁଣ୍ଠନ କରି, ଆମରି ଜମି ହଡ଼ପ କରି ଶେଠ ବୋଲାଉଚି ! ଇଂରେଜଙ୍କ ଗୋଲାମି କରି ତାଙ୍କରି ହାତରେ ଆମକୁ ବାଡ଼ିଆବାଡ଼ି କରି ସାବାଡ଼ କରୁଚି !"

ମୋ ତାରୁଣ୍ୟର ଅବିକଶିତ ମନ ସେତେବେଳେ ଏତେ କଥା ବୁଝିପାରୁ ନଥିଲା । ଖାଲି ଏତିକି, ମୋ ମନ ଭିତରେ ଦୁନ୍ଦୁଭିଟିଏ ବାଜୁଥିଲା ପ୍ରତିଶୋଧର । ଗୋରା ସିପାହିର ମୁଣ୍ଡ କଣା କରିଦେବାର ପ୍ରବଳ ପ୍ରତିହିଂସା ।

ଫଣିଦାଦା ମୋ ଆଖିରୁ କ'ଣ ପଢ଼ିଲେ କେଜାଣି, ମୋ ମୁଣ୍ଡ ଆଉଁସିଦେଇ କହିଲେ, "ତୁ ପାରିବୁ । ତମେମାନେ ଏବେ ତ ଦେଖୁଚ ଏ ମାଟିର ଅବସ୍ଥା, ଯାର ଭବିଷ୍ୟତ ତମେ ହିଁ ଦେଖିବ । ତମେ ଯେମିତି ଗଢ଼ିବ, ତମର ପର ପିଢ଼ି ତା'ର ପ୍ରତିଫଳ ଭୋଗ କରିବ ସେଇମିତି ।"

ଫଣିଦାଦାଙ୍କ ଆଖି ଲୁହ-ଡବଡବ ହେଇଯାଉଥିଲା । ମୁଁ ତାଙ୍କ ଚିନ୍ତା-ଚେତନାକୁ ଆକଳନ କରିପାରୁ ନଥିଲେ ବି ଅନୁଭବ କରୁଥିଲି, ଫଣିଦାଦା ଗୋଟେ କିଛି ସମ୍ଭାବନା ଭିତରେ ବୁଡ଼ିଯାଇଛନ୍ତି ।

ମୁଁ କହିଲି, "ଦାଦା, ତମେ କାନ୍ଦୁଛ ?" ଫଣିଦାଦା ମୋତେ ପାଖକୁ ଘୁଞ୍ଚାଇନେଇ କହିଲେ, "ନାଇଁରେ କାନ୍ଦୁନାଇଁ, ବରଂ ଦୁଃଖ

କରୁଚି, ଆଜି ତୋ ଭିତରେ ଯେଉଁ ରଡ଼ନିଆଁ ଖଣ୍ଡକ ଦେଖୁଚି, ତାକୁ ଚିଆଁଇବାର ସାମର୍ଥ୍ୟ ହରେଇଚି ବୋଲି ।"

ମୁଁ ଆଁ କରି ରହିଁରହିଥାଏ ତାଙ୍କ ମୁହଁକୁ । ସେ ତାଙ୍କ ଡାହାଣ ଗୋଡ଼ ଟେକିଦେଲେ । ଆଣ୍ଠୁଠାରୁ ତଳକୁ କିଛି ନଥିଲା ।

ମୁଁ ପଚାରିଲି, "ଏମିତି କେମିତି ହେଲା ?"

– "ପୁଲିସ୍ ଗୁଳିରେ ।"

– "ଗୁଳିରେ ! କାହିଁକି ? ତମେ କ'ଣ କରୁଥିଲ କି ?"

– "ବିପ୍ଳବ ।"

– "ସେଇଟା କ'ଣ ?"

– "ଦେଶର ମୁକ୍ତି ପାଇଁ ସଂଗ୍ରାମ । ରାଜନୈତିକ ଅଧିକାର ହାସଲ ପାଇଁ ସଶସ୍ତ୍ର ବିପ୍ଳବ ।"

– "କୋଉଠି କରୁଥିଲ ?"

– "ଚଟ୍ଟଗ୍ରାମରେ ।"

ମୋର ମନେପଡ଼ିଗଲା କିଛିଦିନ ତଳର କଥା । ଆଗରୁ ଫଣିଦାଦା କଲିକତାରୁ ଆସିଲେ ଆମକୁ ବାଣ୍ଟୁଥିଲେ କମଳା, ଖଜୁରିକୋଳି, କଲିକତି ମିଠା । ସେଦିନ କିନ୍ତୁ ଆସିବା ଅବସରରେ ଗାଁଟା ସାରା ଥିଲେ ଚୁପ୍‌ଚାପ୍ । ଛୁଆମାନଙ୍କୁ ଛାଡୁନଥିଲେ କେହି ତାଙ୍କ ପାଖକୁ । ସମସ୍ତେ ଚୁପ୍‌ଚାପ୍ କଥା ହେଉଥିଲେ, ଫଣିଦାଦା କେଉଁଠି ଚୋରି କରି ଗୋଡ଼ ହଣେଇ ଆସିଚି କଲିକତାରେ ।

ବାପା-ବୋଉ ବିଶ୍ୱାସ କରୁ ନଥିଲେ ସେକଥା । ରାତିରେ ଚୁପ୍‌ଚାପ୍ କଥା ହେଉଥିଲାବେଳେ ମୁଁ ଶୁଣିଥିଲି, "ଫଣିଆ ଓ ତା ସାଙ୍ଗମାନେ କ'ଣ ପାରିବେ ଫିରିଙ୍ଗିଗୁଡ଼ାଙ୍କୁ ? ତଡ଼ିପାରିବେ ଦେଶରୁ ବୋମା ବଂଧୁକ ଫୁଟେଇ ? ସେଗୁଡ଼ାଙ୍କୁ ରାଜା-ମହାରାଜା ସବୁ ତ ଡାକି ଶରଣାଗତ ହେଇଛନ୍ତି । ନିଜ ଦେଶକୁ ତ ଏମାନେ ପରକୁ ଟେକିଦେଲେ, ଫଣିଆ କ'ଣ କରିବ ?"

ବୋଉ କହିଲା, "କିଛି ତ କରୁଛନ୍ତି ସେମାନେ ।"

ବାପା କହିଲେ, "ହଁ ଠିକ୍ ଯେ, ଦେଶ ପାଇଁ କରିବେନି ତ କାହା ପାଇଁ କରିବେ ? ହେଲେ ତୁ ଚୁପ୍ ରହିବୁ । ଏ ଗାଁରେ ଗୋରା ସିପେହିଗୁଡ଼ା ପଇଁତରା ମାରୁଛନ୍ତି । କିଛି ଶୁଣିଲେ ଆମର ଦଫାରଫା କରିଦେବେ । ସେମାନଙ୍କ ନଜର ଫଣିଆ ଉପରେ । ବାହାରକୁ ସିନା ଚୋର ବୋଲି ପ୍ରଚାର କରୁଛନ୍ତି, ସେମାନେ ଠିକ୍ ଜାଣିଛନ୍ତି ଫଣିଆ ଗୋଟେ ବିପ୍ଳବୀ, ଖଣ୍ଡେ ନିଆଁ ।"

ଆଜି ଫଣିଦାଦା ମୋତେ କହିଲେ, 'ନିଆଁ' ।

ମୋ ଭିତରେ ଗୋଟେ ହୁତୁହୁତୁ ଭାବ । ଗୋରା ସିପାହିଙ୍କ ଅତ୍ୟାଚାରକୁ ବିରୋଧ କରିବା, ବିପ୍ଳବ ଓ ସଂଗ୍ରାମକୁ ଚଳେଇ ରଖିବା ଗୋଟାଏ ଗୋଟାଏ ନିଆଁ, ଆଉ ସେ ନିଆଁ କ'ଣ ତିଆରି ହୁଏ ବଂଗଳାରେ ? ନହେଲେ ଫଣିଦାଦା ସେଠି ବିପ୍ଳବ କରି ଗୁଳି ଖାଇଲେ କେମିତି ?

ମୁଁ ପଚାରିଲି, "ଦାଦା ଇଂରେଜମାନେ ତ ବିଦେଶୀ ଜାତି । ସେମାନେ ଆମ ଉପରେ ଆମ ଦେଶ ଉପରେ ଏତେ ଅତ୍ୟାଚାର କରୁଛନ୍ତି, ତାଙ୍କୁ ନିକାଲାଯାଇ ପାରିବନାହିଁ ଆମ ଦେଶରୁ ?"

"ନିଶ୍ଚୟ ହେଇପାରିବ", ଫଣି ଦାଦା କହିଲେ ।

"କ'ଣ କଲେ ସମ୍ଭବ ହେବ ?" ମୁଁ ପଚାରିଦେଲି ।

ସେ କହିଲେ, "ସଂଗଠନ କରିବାକୁ ହେବ, ସେମାନଙ୍କୁ ସଶସ୍ତ୍ର ସାମ୍ନା କରିବାକୁ ହେବ । ସେଥିପାଇଁ ଦରକାର ମନୋବଳ, ନିଷ୍ଠା ଓ ବାହୁବଳ ।"

ମୁଁ ମୋର ଖୁଂଦାଖୁଂଦା ସତର-ଅଠର ବର୍ଷର ଦେହକୁ ଚାହିଁ ଆକଳନ କରୁଥିଲି ମୋର ସାମର୍ଥ୍ୟ । ଦାଦା ହସିହସି କହିଲେ, "ଖାଲି ବାହୁରେ ବଳ ଥିଲେ ହବନାଇଁ, ତାକୁ ବ୍ୟବହାର କରିବାକୁ ଦରକାର ଅସ୍ତ୍ରଶସ୍ତ୍ର, ପ୍ରଶିକ୍ଷଣ ଓ ସାହସ ।"

ମୁଁ ଉତ୍ସାହିତ ହେଇ କହିଲି, "ମୁଁ ପାରିବି ।"

– "ଠିକ୍ ଅଛି, ମୁଁ ତୋତେ ସବୁ ବତେଇଦେବି, ଅପେକ୍ଷା କର୍ । ପଲେ ମେଣ୍ଢାଛୁଆଙ୍କ ଜରୁରତ ନାଇଁ, ତୋ ଭଳି ଗୋଟେ ବାଘଛୁଆ ଦରକାର ।"

ମୋତେ ସେଦିନ କେତେ କ'ଣ କହିଥିଲେ ଫଣିଦାଦା । ମୁଁ ରାତିସାରା ଶୋଇପାରି ନଥିଲି । ବାପାଙ୍କର ଚିତ୍କାର ଓ ବୋଉର ବୈକଲ୍ୟ ମୋ ଆଖିରୁ ନିଦ ହଜେଇଦେଇଥିଲା ।

ଦିନେ କିନ୍ତୁ ଏକ ସଂଜୁଆ ଅଂଧାରରେ ଯୁଟିଗଲା ଏକ ଚମତ୍କାର ସୁଯୋଗ । କବାଟ କଣରୁ ମୂଳିଆ ଠେଙ୍ଗାଟା ନେଇ ପଛଆଡୁ ଚଢ଼େଇଦେଲି ଏକ ନିର୍ଘାତ ପାହାର । ପିଚିକିପଡ଼ିଲା ରକ୍ତ । ଛିଟିକିପଡ଼ିଲା ଗୋରା ସିପାହିଟା । ମୁଁ ସେଇ ଅଂଧାରେ ଅଂଧାରେ ଧାଇଁଲି ଫଣିଦାଦାଙ୍କ ଘର ଆଡ଼େ ।

ଫଣିଦାଦା ପଚାରିଲେ, "କେହି ଦେଖି ନାହାନ୍ତି ତ ?"

ମୁଁ କହିଲି, "ନା ।"

ଫଣିଦାଦା କହିଲେ, "ଠିକ୍ ଅଛି, ତୁ ଚଢ଼ିଯା ମାଟୁ ଉପରକୁ, ଲୁଚିଯା । ସେମାନେ ଏବେ ସିଧା ଏଠାକୁ ଆସିବେ ।"

ମୁଁ ଆଶ୍ଚର୍ଯ୍ୟ ହେଇ ପଚାରିଲି, "କାହିଁକି ?"

ଫଣିଦାଦା କହିଲେ, "ଏଠି ଗୋରାମାନଙ୍କର ସନ୍ଦେହ ମୋ ଉପରେ । ତାଙ୍କ ଦୃଷ୍ଟିରେ ମୁଁ ସଂତ୍ରାସବାଦୀ । ଗୋଡ଼ଟା କଟିଗଲା ବୋଲି ସିନା ମତେ ଛାଡ଼ିଚନ୍ତି ସେମାନେ, ନହେଲେ ତ ଗୁଳି କରିଦେଇଥାନ୍ତେ । ହଁ ତୁ ଚଢ଼ିଯା, ଚୁପ୍‌ଚାପ୍ ରହିବୁ ।" ମୋ ହାତରେ ଖଣ୍ଡେ ଡାଇରି ଧରେଇଦେଇ ସେ ଉପରକୁ ଚଢ଼େଇଦେଲେ ଓ କନ୍ଥାଟିଏ ଘୋଡ଼େଇହେଇପଡ଼ି ଜରର ନାଟକ ଆରମ୍ଭ କରିଦେଲେ ଖଟ ଉପରେ ଶୋଇପଡ଼ି ।

ମାଟୁ ଉପରେ ମୁଁ ଥରୁଥାଏ, ତଥାପି ଗୋଟେ ଅଦମ୍ୟ ସାହସର ସୁରୁଆତ୍ ହେଇସାରିଥାଏ ମୋ ଭିତରେ ।

ସତକୁ ସତ କିଛି ସମୟ ପରେ ପହଞ୍ଚିଗଲେ ପଞ୍ଚାଏ ଲୋକ, ଦୁଇଚାରିଜଣ ଗୋରା ସିପେହି । ଧରିଥାନ୍ତି ବନ୍ଧୁକ । ଜମିଦାରଙ୍କ ଚାକରମାନେ ଧରିଥାନ୍ତି ବନ୍ଦିଆ ।

କବାଟରେ ବନ୍ଧୁକଢିଅ ମାରି ସେମାନେ ଡାକିଉଠିଲେ, "ଫଣିଆ... !"

ଫଣିଦାଦା କମ୍ପକମ୍ପ ହେଇ କନ୍ଥା ଘୋଡ଼େଇହେଇ ବାହାରକୁ ଗଲେ । ଗର୍ଜିଉଠିଲେ ଗୋରା ସିପେହିମାନେ । ସେ ଯେ ଜଣେ ବିପ୍ଳବୀ, ଏକଥା ବି କହିଦେଲେ ରାଗତମରେ । ଗାଁ ଲୋକମାନଙ୍କ ଆଗରେ ତାଙ୍କର ମୁଖା ଖୋଲିଗଲା । ସେ ଚୋରି କରି ନୁହେଁ, ଏଇ ଗୋରାମାନଙ୍କ ବିରୋଧରେ ଲଢ଼ି ଗୋଡ଼ ହରେଇଛନ୍ତି ବୋଲି ।

ଗାଁ ଲୋକଙ୍କ ଘୃଣା, ଶ୍ରଦ୍ଧାରେ ରୂପାନ୍ତରିତ ହେଇଗଲା । ସେମାନଙ୍କ ଭିତରେ ଥିବା ଇଂରେଜଙ୍କ ପ୍ରତି ଅବଦମିତ କ୍ରୋଧର ପ୍ରତୀକ ଭାବେ ଧରିନେଲେ ଫଣିଦାଦାଙ୍କୁ । ସମସ୍ତେ ଏକସ୍ୱରରେ ବିରୋଧ କଲେ, "ଜରରେ କମ୍ପୁଥିବା ଲେଙ୍ଗେଡ଼ା ଲୋକଟା କ'ଣ କାହାକୁ ମାରିପାରେ ?"

ତାକୁ ଧମକ ଚମକ ଦେଇ ସମସ୍ତେ ଫେରିଗଲେ ।

ଗାଁର ପ୍ରଥମ ବିପ୍ଳବୀର ସ୍ୱୀକୃତି ମିଳିଗଲା ଫଣିଦାଦାଙ୍କୁ ।

ଫଣିଦାଦା ହେଇଗଲେ ମୋର ଆଦର୍ଶ ।

ମୁଁ କଲିକତାରେ ପହଞ୍ଚିଲା ବେଳକୁ ବିଦ୍ରୋହର ଘନଘଟା । ଇଂରେଜମାନଙ୍କୁ ହଟେଇବାର ଚରମ କୌଶଳ ଅବଲମ୍ବନ କରୁଥାନ୍ତି ବିପ୍ଳବୀମାନେ ବଙ୍ଗଳାରେ, ମହାରାଷ୍ଟ୍ରରେ, ପଞ୍ଜାବରେ । ଆକ୍ରମଣ ହେଉଥାଏ ପୋଲିସ୍ କର୍ମଚାରୀଙ୍କ ଉପରେ, ଖଜଣାଖାନା ହେଉଥାଏ ଲୁଣ୍ଠନ । ଅଣ୍ଡରଗ୍ରାଉଣ୍ଡରେ ଚାଲିଥାଏ ଷଡ଼ଯନ୍ତ୍ର । ବୋମା, ଗୁଳି ଆଘାତରେ ଟଳିପଡୁଥାନ୍ତି ଇଂରେଜ କର୍ମଚାରୀ, ଅଫିସର, ମାଜିଷ୍ଟ୍ରେଟ୍ ଓ ତାଙ୍କର ଭାରତୀୟ ସ୍ତାବକମାନେ । ଭାରତକୁ ଚୋରାରେ ଆସୁଥାଏ ଅସ୍ତ୍ରଶସ୍ତ୍ର, ଭାରତ ବାହାରେ ସଂତ୍ରାସବାଦୀ ବିପ୍ଳବୀ ସଂଗଠନମାନ ଗଢ଼ିଉଠିଥାଏ । ବ୍ରହ୍ମପୁର, ସିଙ୍ଗାପୁର ବାଟଦେଇ ଚୋରାଚାଲାଣ ହେଉଥାଏ ବୋମା, ପିସ୍ତଲ, ରାଇଫଲ୍ । ଇଂରେଜ ଓ ବିପ୍ଳବୀମାନଙ୍କର ଲୁଚକାଳି ଖେଳ ଚାଲିଥାଏ । କେତେ ବିପ୍ଳବୀ ସମ୍ମୁଖଯୁଦ୍ଧରେ ମରୁଥାନ୍ତି । କେତେକଙ୍କର ବିଚାରର ଫାର୍ସ କରାଯାଇ ଲଟକାଇ ଦିଆଯାଉଥାଏ ଫାଶୀଖୁଣ୍ଟରେ ତ କିଏ ପାଉଥାଏ କଳାପାଣି । ବଙ୍ଗଳାରେ ସୂର୍ଯ୍ୟ ସେନ୍ ଓରଫ ମାଷ୍ଟରଦା ଥାଆନ୍ତି ବିପ୍ଳବର ଅଗ୍ରଦୂତ ଓ ପରିଚାଳକ ।

ସେଦିନ ରାତ୍ରିର ଗଭୀର ଅନ୍ଧକାରରେ ଅଣ୍ଡରଗ୍ରାଉଣ୍ଡ୍ ଷଡ଼ଯନ୍ତ୍ରରେ ଏକ ଗମ୍ଭୀର ନିଷ୍ପତ୍ତି ନିଆଗଲା । ତତ୍‌କାଳୀନ ବଂଗଳାର ମହାନ୍ ବିପ୍ଳବୀ ସୂର୍ଯ୍ୟ ସେନ୍ ମାଷ୍ଟରଦା'ଙ୍କ ନେତୃତ୍ୱରେ ଚଟ୍ଟଗ୍ରାମ ଦଖଲ ପାଇଁ ନିଷ୍ପତ୍ତି ହେଲା । ମାଷ୍ଟରଦା'ଙ୍କ ନେତୃତ୍ୱରେ ସୈନ୍ୟ-ପୋଷାକ ପିନ୍ଧି ଅନ୍ୟୂନ ଶହେ ଯୁବକଙ୍କ ଦ୍ୱାରା ଅଳ୍ପ କିଛି ଅସ୍ତ୍ରଶସ୍ତ୍ର ଧରି ପୋଲିସ୍ ଆର୍ମରୀ (ଅସ୍ତ୍ରଭଣ୍ଡାର), ସୈନ୍ୟବାହିନୀର ମାଗାଜିନ୍ ଓ ଟେଲିଫୋନ୍ ଏକ୍ସଚେଞ୍ଜ୍ ଉପରେ ଚଢ଼ାଉ ହେଲା । ଅସ୍ତ୍ରଭଣ୍ଡାର ଲୁଟ୍ ହେଲା । ବ୍ରିଟିଶ ସୈନ୍ୟ ଓ ମାଜିଷ୍ଟ୍ରେଟ୍ ନିହତ ହେଲେ । ଚଟ୍ଟଗ୍ରାମରୁ ଇଂରେଜ ଶାସନ ଲୋପ ପାଇଲା । ସ୍ୱାଧୀନ ସରକାର ଗଠନ ହେଲା । ସର୍ବତ୍ର ୟୁନିୟନ୍ ଜ୍ୟାକ୍ ବଦଳରେ ତ୍ରିରଙ୍ଗା ଉଡ଼ିଲା ଫରଫର ହୋଇ । ତିନିଦିନ ଚଟ୍ଟଗ୍ରାମ ସ୍ୱାଧୀନ ହେଇ ରହିଲା । ଚତୁର୍ଥ ଦିନ କଲିକତାରୁ ବହୁ ସୈନ୍ୟ ଆସିଲେ । ଜାଲାଲବାଦ ପାହାଡ଼ରେ ଦୀର୍ଘ ପାଞ୍ଚଘଣ୍ଟା ପ୍ରଚଣ୍ଡ ଯୁଦ୍ଧ ହେଲା । ଇଂରେଜମାନଙ୍କର ବହୁ ଗୁର୍ଖା ଓ ଗୋରା ସୈନ୍ୟ ନିହତ ହେଲେ । ଇଂରେଜମାନେ ପଳାୟନ କଲେ । ବିପ୍ଳବୀ ଓ ଇଂରେଜ ସୈନ୍ୟଙ୍କ ଭିତରେ ଦୀର୍ଘ ଚାରିବର୍ଷ ଯୁଦ୍ଧର ଲୁଚକାଳି ଚାଲିଲା । ବହୁ ଉଚ୍ଚ ସରକାରୀ କର୍ମଚାରୀଙ୍କୁ ଖତମ୍ କରାଗଲା । ବହୁ ବିପ୍ଳବୀଙ୍କୁ ଫାଶୀ, କେତେକଙ୍କୁ ଆନ୍ଦାମାନ ପଠାଗଲା ତ କେତେକଙ୍କୁ ଯାବତ୍‌ଜୀବନ କାରାଦଣ୍ଡ ଦିଆଗଲା । ଗଣେଶ ଘୋଷ ଓ ଓଡ଼ିଶାର ଲୋକନାଥ ବଳଙ୍କୁ ପ୍ରଥମ ଦଫାରେ ଆନ୍ଦାମାନ ପଠାଯାଇଥିଲା ।

ଓଡ଼ିଶାର କିଛି ବିପ୍ଳବୀ ଏଇ ମହାନ୍ ସଂଗ୍ରାମରେ ମଧ୍ୟ ଅଂଶଗ୍ରହଣ କରି ପ୍ରାଣବଳି ଦେଇଥିଲେ ।

ମୁଁ ଫେରିଆସୁଥିଲି ଓଡ଼ିଶା । ଫଣିଦା'ଙ୍କ କଥା ମନେପଡୁଥିଲା । "ଯା' ନିଜ ମାଟିରେ ଆରମ୍ଭ କର ବିପ୍ଳବ । ସେଇଠି ନେତୃତ୍ୱ ନେ । ଶୋଇପଡ଼ିଥିବା ସେଇ ସ୍ଥାଣୁ ଜାତିଟା ଭିତରେ ସଞ୍ଚାର କର ଜୀବନ । ନହେଲେ ସେମାନେ ପଡ଼ିଯିବେ । ଯିଏ ଲଢ଼େଇ କରି ନଶିଖିଛି, ସବୁଦିନ ସିଏ ହାତ ପତାଉଥାଏ । ଭବିଷ୍ୟତରେ ମଧ୍ୟ ସେୟା ହବ । ଏବେଠାରୁ ଯେଉଁ ବିପ୍ଳବର ପ୍ରଶିକ୍ଷଣ ଏଠୁ ନେଲୁ, ତାକୁ ନିଜ ମାଟିରେ ପ୍ରୟୋଗ କର, ଯା ।"

କିନ୍ତୁ ଅକସ୍ମାତ ମୋତେ ବନ୍ଦୀ କରି ନିଆଗଲା । ସଂତ୍ରାସବାଦ ସହ ମୋର ପ୍ରତ୍ୟକ୍ଷ ସଂପର୍କ ଥିଲେହେଁ ମୋର ଭୂମିକା ଅପ୍ରମାଣିତ ହେଇଯିବାରୁ ମୋତେ ଦିଆଗଲା ପାଞ୍ଚବର୍ଷ ସଶ୍ରମ କାରାଦଣ୍ଡ ।

ଜେଲ୍‌ରୁ ଖଲାସ ହେଲା ପରର ସମୟ ଥିଲା ଖୁବ୍ ଭିନ୍ନ । ସମଗ୍ର ଭାରତୀୟ ଜନଜୀବନରେ ସଞ୍ଚରିତ ହୋଇଯାଇଥାଏ ଆଉ ଏକ ଭିନ୍ନ ଜାଗରଣ । ଭାରତୀୟ ଜାତୀୟ ସଂଗ୍ରାମରେ ଆବିର୍ଭାବ ଘଟିସାରିଥାଏ ମହାତ୍ମା ଗାନ୍ଧୀଙ୍କର । ଓଡ଼ିଶାରେ ଗାନ୍ଧୀଙ୍କର ପଦଯାତ୍ରା ପରେପରେ ରଚନାତ୍ମକ କାର୍ଯ୍ୟକ୍ରମ ମାଧ୍ୟମରେ ଭାରତକୁ ପୁନର୍ଗଠନ କରିବାର ମନ୍ତ୍ରଟିଏ ମନ୍ଦ୍ରିତ ହେଉଥାଏ ସବୁଆଡ଼େ । ଗଣସଚେତନତା ହିଁ ସ୍ୱରାଜ୍ୟର ମୂଳାଧାର ବୋଲି ଗାନ୍ଧୀଜୀ ଡାକରା ଦେଇଥାନ୍ତି, "ଗାଁକୁ ଚାଲ । ଗାଁକୁ ଗଢ଼ । ଗାଁ ମାଟିରୁ ଆବର୍ଜନା ସଫା କରି ସେଇଠି ପୋତ ସଂଗ୍ରାମର ବୀଜମନ୍ତ୍ର ।"

ମୁଁ ଗାଁକୁ ଫେରିଲି । ଗାଁର ଚିତ୍ର ପୂର୍ବଠାରୁ ଥିଲା ଢେର୍ ଭିନ୍ନ । ଶୋଷଣର ମୂଳଦୂଆ ହୁଗୁଳିଯାଇଥିଲା । ପ୍ରତାପୀ ଓ ଅତ୍ୟାଚାରୀ ଜମିଦାରର

ସଂଭ୍ରାନ୍ତ ଥିଲା ଅବକ୍ଷୟମୁଖୀ । ଫଣିଦା ହେଇଯାଇଥିଲେ ଗୋଟେ କିମ୍ବଦନ୍ତୀ ଓ ମୁଁ ହେଇସାରିଥିଲି ଭୂମିପୁତ୍ର । ମୋର ଆକସ୍ମିକ ଅନ୍ତର୍ଦ୍ଧାନ ସ୍ପଷ୍ଟ କରିଦେଇଥିଲା ସେ ଗୋରା ସିପାହିର ଆକ୍ରମଣକାରୀ କିଏ ଓ ସମଗ୍ର ଗ୍ରାମଚେତନାରେ ତାହା ଯଥାର୍ଥ ପଦକ୍ଷେପ ବୋଲି ଅବଧାରିତ ହୋଇଯାଇଥିଲା । ସୁତରାଂ ମୁଁ ସେମାନଙ୍କ ପାଇଁ ହେଇଯାଇଥିଲି ଏକ ଦୁଃସାହସ, ଏକ ଗୌରବ ।

ବାପା-ବୋଉ ଯାଇସାରିଥିଲେ ଓ ମୋ ପାଇଁ ସେମାନଙ୍କର ଅନ୍ତିମ ବାର୍ତ୍ତା ଏବଂ ସନ୍ତକ ଗ୍ରାମବାସୀମାନେ ସାଇତି ରଖିଥିଲେ । ତାହା ଥିଲା ବାପାଙ୍କ ବାଡ଼ି, ଯେଉଁ ବାଡ଼ିରେ ମୁଁ ସେଦିନ ସେଇ ଦୁର୍ଦ୍ଧର୍ଷ କାର୍ଯ୍ୟଟି ସାଧନ କରିଥିଲି ।

ଛାଇ କିଛି ସମୟ ନୀରବ ରହିଲା । ହୁଏତ ମନେପକଉଥିଲା ବାପା-ବୋଉଙ୍କ ମୁହଁ ।

ବଦ୍ରିନାରାୟଣ ହେଇସାରିଥିଲେ ସମ୍ମୋହିତ, ମନ୍ତ୍ରମୁଗ୍ଧ ।

ଛାଇ ପୁଣି କହିଲା, "ଗାଁ ଲୋକଙ୍କ ସହଯୋଗରେ ଆରମ୍ଭ କଲି ଏଠି ଜନକଲ୍ୟାଣ କେନ୍ଦ୍ର । ଲୋକମାନଙ୍କର କି ଉତ୍ସାହ, କି ଉଦ୍ଦୀପନା ! ଏଇ ଯେଉଁ ବିରାଟ ଅଞ୍ଚଳର ଏ ଘର, ଶିକ୍ଷାନିକେତନ, କୁଟୀରଶିଳ୍ପ, ତାଲିମକେନ୍ଦ୍ର, ବଗିଚା ସବୁ ଦେଖୁଚୁ, ସେ ଜାଗାସବୁ ପାଇଥିଲି ଦାନ ସୂତ୍ରରୁ । ସତ କହିବାକୁ ଗଲେ ଯୌତୁକ ସୂତ୍ରରୁ ।"

ଛାଇ ଜୋର୍‌ରେ ହସିଉଠିଲା ।

ମୁଁ ଆଁ କରି ଚାହିଁଥାଏ, "ଯୌତୁକ !"

"ହଁ, ସେ ସମୟର ଜମିଦାର ଏତେ ନିନ୍ଦିତ ହେଇଯାଇଥିଲେ ଯେ, ତାଙ୍କୁ ଗ୍ରାମବାସୀମାନେ କରିଥିଲେ ତେଜ୍ୟ । ପୁନଶ୍ଚ ତାଙ୍କ କୁକର୍ମର ଫଳ ସ୍ୱରୂପ ହୁଏତ ସେ ପାଇଥିଲେ ତାଙ୍କର କନିଷ୍ଠା କନ୍ୟାଙ୍କୁ ଏକ ଜନ୍ମାନ୍ଧ ରୂପେ । ସୁତରାଂ ସେ ଥିଲେ ବିବାହ ପାଇଁ ଅଗ୍ରହଣୀୟା ।

ଏଠି ଗଢ଼ିଉଠିଥିବା ଅରଟଘର, ତନ୍ତଘର, ଶିକ୍ଷାକେନ୍ଦ୍ର, ସିଲେଇକେନ୍ଦ୍ର, ବଗିଚା, ଆଦର୍ଶ କୃଷିଫାର୍ମ ପାଇଁ ଥିଲା ବହୁତ ଜମିର ଆବଶ୍ୟକତା । ଜଣେ ସ୍ୱାଧୀନତା ସଂଗ୍ରାମୀ ଭାବେ ମୁଁ ଯେତେବେଳେ ଜମିଦାରଙ୍କ ଦ୍ୱାରସ୍ଥ ହେଲି, ଖୁବ୍ ମ୍ରିୟମାଣ ବୃଦ୍ଧଜଣକ ମୋ ପାଖରେ ଏକ ବିନମ୍ର ପ୍ରସ୍ତାବ ରଖିଲେ ଯେ, ଶହେ ଏକର ଜମି ବଦଳରେ ମୁଁ ହେବି ତାଙ୍କର ଜାମାତା । ତାଙ୍କର ସଂକୀର୍ଣ୍ଣ ସ୍ୱାର୍ଥ କିନ୍ତୁ ମୋର ମହାନ୍ ଉଦ୍ଦେଶ୍ୟ ପାଇଁ ଥିଲା ବରଦାନ ସ୍ୱରୂପ । ପୁନଶ୍ଚ ଜଣେ ଅସହାୟ ନାରୀକୁ ଆଶ୍ରୟ ଦେବା ମଧ୍ୟ ଥିଲା ମୋର କର୍ତ୍ତବ୍ୟ ଓ ଆଦର୍ଶ । ସେ ସର୍ତ୍ତ ଗ୍ରହଣ କରିଥିଲି ଓ ସେଇ ନାରୀ ହେଉଛନ୍ତି ତମର ମାଆ...

ଭାରତ ସ୍ୱାଧୀନ ହେଲାପରେ ଏଇଠି ଉଡ଼େଇଥିଲି ତ୍ରିରଙ୍ଗା ପତାକା । ଏ ଅଞ୍ଚଳର ହଜାର ହଜାର ଲୋକ ରୁଣ୍ଡ ହେଇ ଏ ଜାଗାର ନାଁ ଦେଇଥିଲେ 'ମୁକ୍ତିତୀର୍ଥ' । ସେଇମାନଙ୍କ ଅଯାଚିତ ଦାନ, ସହଯୋଗରେ ଏହା ହୋଇଉଠିଚି ଆଜି ଏକ ବହୁପ୍ରସୂତ ଭୂମି ଓ ଆଦର୍ଶ ଅନୁଷ୍ଠାନ । ବହୁ ରାଜନୈତିକ ନେତା ଆସିଛନ୍ତି ଏଠାକୁ । ଆସିଛନ୍ତି ମଧ୍ୟ ବହୁ ଜ୍ଞାନୀ, ଗୁଣୀ, ମହାମନୀଷୀ, ସମାଜସେବୀ । ଏହାର ରଚନାତ୍ମକ କାର୍ଯ୍ୟରେ କରିଛନ୍ତି ଭୂୟସୀ ପ୍ରଶଂସା । ଫଣିଦା'ଙ୍କ ସ୍ମୃତିସ୍ତମ୍ଭରେ ଫୁଲ ଚଢ଼େଇ ସେଇ ମହାନ୍ ବିପ୍ଳବୀଙ୍କୁ ଜଣାଇଛନ୍ତି ଶ୍ରଦ୍ଧାଞ୍ଜଳି । ଏଇଟା ହେଇଉଠିଚି ମଣିଷଗଢ଼ା କାରଖାନା । ଏବେ ଏହାର ସୁରକ୍ଷା ଦାୟିତ୍ୱ ତୋ ମୁଣ୍ଡରେ । ମନେରଖିବୁ, ଏଇଟା ଗୋଟେ ଭାରତବର୍ଷ ।"

ସେଇ ଛାଇଟି ଅନ୍ତର୍ହିତ ହୋଇଯାଇଥିଲା । ବେଳ ରତରତ । ମୁହଁସଂଜ । ଜନକଲ୍ୟାଣ କେନ୍ଦ୍ରରୁ ଶୁଭୁଥିଲା ଦେଶବନ୍ଦନାର ସ୍ୱରଝଙ୍କାର । ବିଗଳିତ ହେଇଯାଉଥିଲା ସେଇ ପରିବେଶର କୋଣ-ଅନୁକୋଣ ।

ବଦ୍ରୀନାରାୟଣ ବାଡ଼ିଟିକୁ ଧରି ଅନ୍ୟମନସ୍କ ହୋଇ ଖୋଜୁଥିଲେ ଘଟଣାର ସମାଧାନ । ସେ ଭାବୁଥିଲେ ବିଗତ କିଛିଦିନ ଧରି ଏଇ ମୁକ୍ତିତୀର୍ଥ ଓ ତା'ର ଭୂସଂପତ୍ତିକୁ ନେଇ ଆରମ୍ଭ ହେଇଯାଇଛି ଛକାପଞ୍ଝା । ଷାଠିଏ ଦଶକ ପରବର୍ତ୍ତୀ ଭାରତୀୟ ରାଜନୀତିର ଆଦର୍ଶହୀନ, ସ୍ୱାର୍ଥକୈନ୍ଦ୍ରିକ ପଶାପାଲିରେ ଭାରତୀୟ ଜନତାଙ୍କୁ ବନେଇଦିଆଯାଇଛି ଗୋଟି । କ୍ଷମତାକୁ ପୁରୁଷାନୁକ୍ରମିକ ଉତ୍ତରାଧିକାରର ସୂତ୍ର ଭାବରେ ଗ୍ରହଣ କରାଯିବାର ମାନସିକତାରେ ସୃଷ୍ଟି କରିଦିଆଯାଇଛି ବିଭିନ୍ନ ସାମାଜିକ ବିଭାଜନ । ଜାତି-ଧର୍ମ-ସଂପ୍ରଦାୟ-ଆଞ୍ଚଳିକତା ଭିତ୍ତିରେ ଭାରତବର୍ଷର ଆତ୍ମାକୁ ଛିନ୍ନଭିନ୍ନ କରି ଭୋଟ୍‌ବ୍ୟାଙ୍କ୍‌ମାନ ସୃଷ୍ଟି କରାଯାଇଛି । ବହୁଧା ବିଭକ୍ତ ରାଜନୈତିକ ଆଦର୍ଶ ଭିତରେ ଆଜି ସମସ୍ତେ ଆକ୍ରାନ୍ତ, ସଂତ୍ରସ୍ତ ।

ତା'ର ପ୍ରଭାବକୁ ଅନ୍ତତଃ ଖୁବ୍ ଦିନ ପର୍ଯ୍ୟନ୍ତ ପ୍ରତିହତ କରି ରଖିଥିଲେ ବଦ୍ରିନାରାୟଣ ଏ ଗାଁରେ । ଜନକଲ୍ୟାଣ କେନ୍ଦ୍ରକୁ କେନ୍ଦ୍ର କରି ଏ ଅଞ୍ଚଳର ସମସ୍ତେ ଥିଲେ ଏକ ଓ ଅଭିନ୍ନ । କିନ୍ତୁ କେତେଦିନ ଅଟକେଇ ପାରିଥାନ୍ତେ ଧ୍ୱଂସକାମୀ ଉଚ୍ଛୁଳା ଲାଭାସ୍ରୋତକୁ ! ନିଃସ୍ୱାର୍ଥପରତାର ବାଣୀ କେତେଦିନ ଶୁଣେଇ ଧରିରଖି ପାରିଥାନ୍ତେ ସେମାନଙ୍କୁ, ଯେଉଁମାନଙ୍କ କାନରେ ଭର୍ତ୍ତି କରିଦିଆଯାଉଥିଲା ଲୁଟିପିଟି ଖାଇବାର କପଟ ମନ୍ତ୍ର ! ସଦ୍‌ଭାବ-ସଂପ୍ରୀତି-ଭାଇଚାରାର ସେ ଆଦର୍ଶ-ଗଣ୍ଠିଟିକୁ କେତେଦିନ ଯାବୁଡ଼ି ଧରିଥାନ୍ତେ ସେ, ଯେତେବେଳେ ବିଦ୍ୱେଷର ବିଷବଳୟ ଭିତରେ ସେମାନଙ୍କ ମନକୁ ବାରଂବାର କରାଯାଉଥିଲା ଆକ୍ରାନ୍ତ ! ଏସବୁର ମୂଳ ଥିଲା ନ୍ୟସ୍ତସ୍ୱାର୍ଥ ରାଜନୀତି । ସେଥିରେ ସାମିଲ୍ ଥିଲେ ବହୁ ଦଳ । ପୁଣି ରାଜନୀତିକୁ ପଶିଆସିଥିଲେ ବହୁ ଅବାଞ୍ଛିତ ଅପରାଧୀ । ଅର୍ଥ ଓ ବାହୁବଳରେ କ୍ଷମତା ଦଖଲର ଏକ ଅନନ୍ୟ କୌଶଳ ସେମାନେ ହାସଲ କରିସାରିଥିଲେ ରୀତିମତ । ଲୋକଟିର ମତଟି ନେଇସାରି ତାକୁ ନାତ ମାରିବାର ଚମତ୍କାର ଫର୍ମୁଲା ସେମାନେ ମୁଖସ୍ତ କରିସାରିଥିଲେ । ଯୁବସଂପ୍ରଦାୟକୁ ମିଥ୍ୟା ପ୍ରଲୋଭନ ଓ ପ୍ରତିଶ୍ରୁତିର ଦ୍ୱାହି ଦେଇ ପରିଣତ କରିସାରିଥିଲେ ଅପରାଧୀରେ, ଅସାମାଜିକରେ । ଅତ୍ୟନ୍ତ

କ୍ଷୋଭ ଓ ପରିତାପ ବିଷୟ, ସେଥିରେ ସାମିଲ୍ ଥିଲା ତାଙ୍କର ଭାଇ ରୁଦ୍ରନାରାୟଣ ।

ମନେପଡ଼ିଯାଉଥିଲା ରୁଦ୍ରନାରାୟଣର ସେଦିନର ବକ୍ତବ୍ୟ । "ସାଂପ୍ରତିକ ସମୟରେ ବାପାଙ୍କ ପଦାଙ୍କ ଅନୁସରଣ କଲେ ଆଣ୍ଠୁ ଲୁଚୁ ନଥିବା ଲୁଗା ଭଳି ଜୀବନ ରହିଯିବ ନିଅଣ୍ଟ, ଅପୂର୍ଣ୍ଣ । ଗୋଟେ ଗତାୟୁ ଆଦର୍ଶର ଅବଧାରଣାକୁ ବଜାୟ ରଖିଲେ ତାହା କେବଳ ଏକ ନିଷ୍ଫଳ ଅବସୋସ ହୋଇ ରହିଯିବ ସିନା !" ତା'ପରେ ଗାଁ, ଘର, ଆଦର୍ଶ, ମୂଲ୍ୟବୋଧକୁ ପଛରେ ପକେଇ ସକ୍ରିୟ ରାଜନୀତିରେ ଯୋଗଦେଇଥିଲେ ସେ । ଏବେ ସେ ଜଣେ ରାଜ୍ୟ ରାଜନୀତିର ପୁରୁଣା ଖେଳୁଆଡ଼ । ବ୍ୟଭିଚାର, ଭ୍ରଷ୍ଟାଚାର ଆଦି ବହୁ କଳଙ୍କର ସୂତ୍ରଧର । କ୍ଷମତା ଦଖଲ ପାଇଁ ବହୁ କଳ-କୌଶଳର ସେ ଧୂରୀଣ କାରିଗର । ସେ ଜଣେ ବିପ୍ଳବୀର ପୁଅ, ଜଣେ ଆଦର୍ଶ ବ୍ୟକ୍ତିତ୍ୱର ଅନୁଜ, ଆଜି ତାହା ଏକ ବିସ୍ମୃତ ଅତୀତ । ନୀତି-ଆଦର୍ଶଠାରୁ ତାଙ୍କ ମଧ୍ୟରେ ବ୍ୟବଧାନ ଏବେ ଯୋଜନ ଯୋଜନ । ଜଣେ ଆକାଶର କ୍ଷୁଧିତ ଇଗଲ ତ ଆଉଜଣେ ମାଟିର କୃଷ୍ଣସାର । ଆଜି ସେଇ ଇଗଲର ଜ୍ୱଳନ୍ତ ଆଖି ପଡ଼ିଛି ଏଇ ଜନକଲ୍ୟାଣ କେନ୍ଦ୍ର ଓ ତା'ର ଭୂସଂପତ୍ତି ଉପରେ । ସେ ଜାଣେ, ଯେପର୍ଯ୍ୟନ୍ତ ସେବାଶ୍ରମରେ ଆଦର୍ଶ ଟିକକ ଉଜ୍ଜୀବିତ ଥିବ, ସେ ପର୍ଯ୍ୟନ୍ତ ସେ ଥିବ ସେ ଅଞ୍ଚଳ ପାଇଁ ଅବାଞ୍ଛିତ । ଯେପର୍ଯ୍ୟନ୍ତ ସେବାଶ୍ରମର ଅସ୍ତିତ୍ୱ ଥିବ, ସେ ଖେଳିପାରିବ ନାହିଁ ଭାଗୁଆଳି ଖେଳ, ଆଉ ଯେପର୍ଯ୍ୟନ୍ତ ଭାଇ ବଦ୍ରିନାରାୟଣ ଜୀବିତ ଥିବେ ଓ ତାଙ୍କ ହାତରେ ଥିବ ବାପାଙ୍କ ବାଡ଼ି, ତାଙ୍କର ସମସ୍ତ କ୍ଷମତା, ସମସ୍ତ କଳ-ବଳ-କୌଶଳ ସେଠି ହୋଇଯାଉଥିବ ଭୂଲୁଣ୍ଠିତ, ବିପର୍ଯ୍ୟସ୍ତ ।

ସୁତରାଂ ଭାଇଙ୍କ ହାତରୁ ବାଡ଼ି ଖସିବା ଦରକାର ।

ଦରକାର ମୋର ଅଖଣ୍ଡ ସାମ୍ରାଜ୍ୟ ପାଇଁ ଭାଇଙ୍କର କଟାମୁଣ୍ଡ ।

ସେଇଟା ସମ୍ଭବ, ଯେବେ ଆଶ୍ରମ ହେବ ଛିନ୍ନଛତ୍ର । ଜାତି-ଧର୍ମ-ବର୍ଣ୍ଣ-ସମ୍ପ୍ରଦାୟର ମଞ୍ଜି ଗଜା ହୋଇ ଉଠିବ ସେ ଇଲାକାରେ । ନାରିକେଳ ଗଛରୁ ଝୁଲିବ ବୋମା, ଆମ୍ରକୁଞ୍ଜରୁ ଶୁଭିବ ଖଣ୍ଡା, ଭୁଜାଲି, ତେଣ୍ଟା, ବଲମ୍‌ର ସନ୍‌ସନ୍ ଆୱାଜ, ଧାନ-ମକା-କ୍ଷେତର ସୀମା ସରହଦକୁ ଡେଇଁ ନାଚୁଥିବ ହଙ୍ଗାମା । ଉପବନର ସୌନ୍ଦର୍ଯ୍ୟ ଭିତରୁ ଛିଟିକି ଆସୁଥିବ ରାଇଫଲ୍‌ର ଗୁଳି । ଅନ୍ତେବାସୀଙ୍କ ମୁହଁରୁ ଉଠୁଥିବ ବିଚ୍ଛିନ୍ନତାର କ୍ରୁଦ୍ଧ ସ୍ଲୋଗାନ୍ ।

ବିଷମଞ୍ଜି ବୁଣିଦେଇଚି ରୁଦ୍ରନାରାୟଣ ।

ହିନ୍ଦୁଙ୍କୁ କହିଛି ସେଠି ତିଆରି ହବ ମନ୍ଦିର ।

ମୁସଲମାନଙ୍କୁ ଉସୁକେଇଚି ସେଠି ଗଢ଼ିଉଠିବ ମସ୍‌ଜିଦ ।

ଖ୍ରୀଷ୍ଟିଆନମାନଙ୍କୁ ଟିହାଇ କହିଛି ଗଢ଼ିଦେବ ଗୋଟେ ଚର୍ଚ୍ଚ ।

ବିଶେଷତଃ ବହୁ ଜାତିବାଦ ଉପରେ ଠିଆ ହୋଇଥିବା ହିନ୍ଦୁମାନଙ୍କୁ ସେ ପିଆଇଦେଇଛି ପରସ୍ପର ବିରୋଧରେ ଜାତିଆଣର ଗୋଖର ଗରଳ । ସମସ୍ତ ଅଞ୍ଚଳ ଏବେ ଉତ୍ତେଜନାରେ ଉବୁଟୁବୁ ।

ଯେକୌଣସି ମୁହୂର୍ତ୍ତରେ ଆରମ୍ଭ ହୋଇଯାଇପାରେ ରକ୍ତାକ୍ତ ସଂଘର୍ଷ । ସଂଘର୍ଷର କ୍ଷେତ୍ର ହେବ ଜନକଲ୍ୟାଣ କେନ୍ଦ୍ର । ରକ୍ତର ଭୂଇଁ ପାଲଟିବ ଆଶ୍ରମର ବିସ୍ତୃତ ପରିସର ।

ଆଗକୁ ଆସୁଚି ନିର୍ବାଚନ । ସୁତରାଂ ରାଜନୀତିରେ ଉଷ୍ମତା ଦରକାର । ଅଞ୍ଚଳରେ ଉତ୍ତେଜନା ଦରକାର । ଜନମାନସରେ ଦରକାର ଲଢ଼େଇର ପ୍ରବଣତା, ଦରକାର ପୁଣି ବିଜୟର ମତୁଆଲା ନିଶା । ରୁଦ୍ରନାରାୟଣ ଡାକରା ଦେଇଚି । ନିର୍ଦ୍ଦିଷ୍ଟ ବାର, ତାରିଖ ଘୋଷଣା କରିସାରିଛି, ଅକ୍ତିଆର ହବ ଆଶ୍ରମ । କବ୍‌ଜା କରାଯିବ ଜନକଲ୍ୟାଣ କେନ୍ଦ୍ର । ଭାଙ୍ଗିଦିଆଯିବ ସମାଧି ମନ୍ଦିର । ସମତୁଲ କରାଯିବ ଆଶ୍ରମର ସମସ୍ତ ଅଞ୍ଚଳ । ତା'ପରେ ଭାଗବଣ୍ଟୁରା, ସମସ୍ତଙ୍କ ପାଇଁ ଉନ୍ମୁକ୍ତ ହୋଇଯିବ ସେ ନିଷିଦ୍ଧ ଭୂଇଁ ।

ସେଠି ସ୍ଥାପିତ ହେବ ମନ୍ଦିର, ମସଜିଦ୍, ଗୀର୍ଜା ।

ସେଠି ଗଢ଼ିଉଠିବ ସିନେମା ହଲ୍, ବଜାର ଓ ବାର୍ ।

ସେଠି ତିଆରି ହବ ପାନ୍ଥଶାଳା, ତିଆରି ହବ ପାର୍କ, ଷ୍ଟାଡିୟମ୍, ହୋଟେଲ୍ ।

ବଦ୍ରିନାରାୟଣ ଭାଙ୍ଗିପଡୁଥିଲେ । ଆକ୍ରମଣର ଦିନ ପାଖେଇ ଆସୁଚି । ରୁଦ୍ରନାରାୟଣ ଏବେ ମନ୍ତ୍ରିମଣ୍ଡଳର ଜଣେ ପ୍ରଭାବଶାଳୀ ମନ୍ତ୍ରୀ । ପୋଲିସ୍ ଓ ପ୍ରଶାସନର ଦୁରୁପଯୋଗ କରିବାରେ ସେ ମାହିର୍ । ଅଞ୍ଚଳର ଲୋକେ ବି ଏବେ ତା' କବ୍‌ଜାରେ । ପ୍ରଚାରପତ୍ର ବଣ୍ଟାଯାଇଚି । ଖୁବ୍ ବଡ଼ବଡ଼ ପ୍ରାଚୀରପତ୍ର ଝୁଲିଲେଣି କାନ୍ଥରେ ବାଡ଼ରେ । ମାଇକ୍‌ରେ ପ୍ରଚାର ଚାଲିଚି ଅନବରତ । ସରକାରୀ ଗାଡ଼ି ଘୂରୁଚି ଗଳି ଉପଗଳି ।

ରୁଦ୍ରର ଏହା ତାଙ୍କ ବିରୋଧରେ ଯୁଦ୍ଧଘୋଷଣା ।

ଜନକଲ୍ୟାଣ କେନ୍ଦ୍ର ଅକ୍ତିଆର ଗୋଟେ ବାହାନା ମାତ୍ର ।

ବଦ୍ରିନାରାୟଣ ଆକାଶକୁ ଚାହିଁ ଯେମିତି କିଛି ସମାଧାନ ଖୋଜୁଥିଲେ । ସମସ୍ତଙ୍କୁ କହିଛି । ଆଲୋଚନା କରିଛି । ଅନୁରୋଧ କରିଛି । ସମସ୍ତଙ୍କର ସେଇ ଏକା ଯୁକ୍ତି ।

ସମୟ ବଦଳେନା । ସମୟ ଗତି କରୁଥାଏ ତା'ର ନିର୍ଦ୍ଦିଷ୍ଟ ଗତିରେ । ମଣିଷ ବଦଳେ, ବଦଳେ ତା'ର ଚରିତ୍ର । ଆଉ ସେଇ ଚାରିତ୍ରିକ ପରିବର୍ତ୍ତନର ସ୍ଖଳନଠାରୁ ନିଜର ଆତ୍ମରକ୍ଷା ପାଇଁ ସମୟର ଦୋଷ ଦେଇ ତାକୁ କରୁଥାଏ କ୍ରୁଶବିଦ୍ଧ । ହେଲେ ଏକଥା ଶୁଣୁଚି କିଏ ? ସମସ୍ତଙ୍କୁ ମୂକ କରିଦେଇଛି ସ୍ୱାର୍ଥ, ଭୟ ଆଉ ପ୍ରଲୋଭନ ।

ସମବୟସ୍କମାନେ ଆଜି ସ୍ଥବିର ।

ମଧ୍ୟବୟସ୍କମାନେ ଦ୍ୱିଧାଗ୍ରସ୍ତ ।

ଯୁବକମାନେ ଦିଗଭ୍ରଷ୍ଟ । ଉଦ୍‌ଭ୍ରାନ୍ତ ।

ତାଙ୍କ ପାଖରେ କିଏ ଅଛି ? ଯିଏ ଯୁଆଡ଼େ ପଳାଉଛନ୍ତି ନିଜନିଜ ରାସ୍ତାରେ । ଅଛି ଖାଲି ଫଣିଦାଦାଙ୍କ ସ୍ମୃତି ଆଉ ବାପାଙ୍କ ବାଡ଼ି ।

ଫଣିଦାଦା... ବଦ୍ରୀନାରାୟଣଙ୍କର ମନେପଡ଼ିଯାଉଥିଲା ତାଙ୍କ ପୁରୁଣା ସ୍ମୃତି । ଫଣିଦାଦା କହୁଥିଲେ, "ତୁ ଖଣ୍ଡେ ନିଆଁ... ରଡ଼ନିଆଁ... ।"

ସେ ଜନକଲ୍ୟାଣ କେନ୍ଦ୍ରର ଶିକ୍ଷାନିକେତନ ଆଡ଼େ ଗୋଡ଼ ବଢ଼େଇଲେ ।

ଗହଗହ ଗହଳିରେ ଫାଟିପଡ଼ୁଥିଲା ଗାଁ । ସଜା ହେଇଥିଲା ବିରାଟ ବିରାଟ ତୋରଣ । ସୁଦୃଶ୍ୟ ପେଣ୍ଡାଲ ଉପରୁ ମାଇକ୍ ଘନଘନ ପ୍ରଚାର କରୁଥିଲା ମନ୍ତ୍ରୀ ମହୋଦୟଙ୍କ ଆଗମନୀ ବାର୍ତ୍ତା । ବିଭିନ୍ନ କାର୍ଯ୍ୟସୂଚୀ ଘୋଷଣା କରାଯାଉଥିଲା ବାରମ୍ବାର । "ଏକ ନୂତନ ଯୁଗର ଆରମ୍ଭ ହେବାକୁ ଯାଉଚି ଆମ ଅଞ୍ଚଳରେ । ଆଜି ବିଭିନ୍ନ ଅନୁଷ୍ଠାନର ଶିଳାନ୍ୟାସ କରିବେ ଖୋଦ୍ ମାନ୍ୟବର ମନ୍ତ୍ରୀ ମହୋଦୟ । ଦୀର୍ଘଦିନ ଧରି ଅକଳନ୍ତି ଭୂସମ୍ପତ୍ତିକୁ ଆତ୍ମସାତ୍ କରିଚାଲିଥିବା ଜନକଲ୍ୟାଣ କେନ୍ଦ୍ରର ପୁରୋଧାଙ୍କ ମୁଖା ଆଜି ଖୋଲିଦିଆଯିବ । ସେ ସ୍ଥାନ ଆଜି ଉଦ୍ଧାର କରାଯିବ । ଲୋକାର୍ପଣ କରାଯିବ, ସେଠାରେ ଗଢ଼ାଯିବ ବିଭିନ୍ନ ଅତ୍ୟାଧୁନିକ ଅନୁଷ୍ଠାନ । ଗାଁକୁ ସହରରେ ପରିଣତ କରାଯିବ ।"

ପ୍ରସ୍ତୁତ ପୋଲିସ୍ । ପ୍ରସ୍ତୁତ ବନ୍ଧୁକ ବାହିନୀ । ପ୍ରସ୍ତୁତ ବୁଲ୍‌ଡୋଜର୍ । ତିଆର୍ ପେଲୋଡର୍ । ଜାଗ୍ରତ ଜନସାଧାରଣ ।

ମନ୍ତ୍ରୀ ଆସିଲେ । ଫୁଟିଲା ତୋପ । ଉଚ୍ଛନ୍ନ ହେଲା ଗଡ଼ମା, ଫୁଲଝରି, ବାଣ, ବାଜା, ତୁରୀ, ମହୁରୀ । ଜୟଜୟକାର ନାଦରେ, ଉଦ୍ଦଣ୍ଡ ନୃତ୍ୟରେ ସଭାସ୍ଥଳ ହେଲା ହୁଲୁସ୍ଥୁଲୁ । ଫୁଲ ବିଛାଗଲା ରାସ୍ତାରେ । ମନ୍ତ୍ରୀ ଉଠିଲେ ମଣ୍ଡପକୁ । ଭାଷଣରେ ବଖାଣିଲେ ଦେଶ ପାଇଁ ତାଙ୍କର ତ୍ୟାଗର କାହାଣୀ । ସ୍ୱାଧୀନତା ସଂଗ୍ରାମରେ ଝାସଦେଇ ସେ କିପରି ସହିଚନ୍ତି ନିର୍ଯାତନା । ଦେଶର ପ୍ରଗତି ପାଇଁ କିପରି ତାଙ୍କର ପ୍ରାଣ ବ୍ୟାକୁଳିତ । ଦେଶର ସୁରକ୍ଷା ତଥା ସଂହତି ପାଇଁ ସେ କିପରି ପ୍ରାଣବଳି ଦେବାକୁ ପ୍ରସ୍ତୁତ । ତାଙ୍କର ଆଦର୍ଶ କିପରି ଦେଶସେବାରେ ନିହିତ । ତାଙ୍କ ଜନପ୍ରିୟତାରେ କ୍ରୋଧିତ ବିରୋଧୀ ଦଳ ବାଲାଏ କିପରି ବିଭିନ୍ନ କୁତ୍ସା ମାଧ୍ୟମରେ ତାଙ୍କୁ ବଦ୍‌ନାମ କରିବାକୁ ଚେଷ୍ଟିତ । ସେ କେମିତିକା ସ୍ୱପ୍ନ ଦେଖିଚନ୍ତି ଏ ମାଟି ପାଇଁ । କିପରି ଏ ଅପନ୍ତରା ମାଟି ହେଇଉଠିବ ସମସ୍ତଙ୍କ ପାଇଁ ଆକର୍ଷଣର କେନ୍ଦ୍ର । କିପରି ଏକ ଦୁରନ୍ତ ଇଚ୍ଛାକୁ ସାକାର କରିବା ପାଇଁ ସେ କରିଆସିଛନ୍ତି ଅଦମ୍ୟ ପ୍ରଚେଷ୍ଟା । ସବୁ ଅନର୍ଗଳ କହିଚାଲିଛନ୍ତି ମନ୍ତ୍ରୀ । ଭାଷଣ ଦେବାରେ ପଟୁତା ତାଙ୍କର ବହୁ ପ୍ରମାଣିତ, ତାଳି, ହୁଳହୁଳି, ହୁଇସିଲ୍, କିଳିକିଳା ନାଦରେ ଉଚ୍ଛ୍ୱସିତ ମନ୍ତ୍ରୀ ଭାଷଣ ସମାପ୍ତ କରି ଆରମ୍ଭ କଲେ ତାଙ୍କର ଜନକଲ୍ୟାଣ କେନ୍ଦ୍ର ଦଖଲ ଅଭିଯାନ ।

ଜିନ୍ଦାବାଦ, ଅମର ରହେ... ସ୍ଲୋଗାନ୍ ଭିତରେ ଆଗେଇଆସୁଥିଲେ ମନ୍ତ୍ରୀ, କ୍ଷେପିଆସୁଥିଲେ ସଶସ୍ତ୍ର ବାହିନୀ, ଷ୍ଟାର୍ଟ ହୋଇଯାଇଥିଲା ବୁଲ୍‌ଡୋଜର୍, ପେଲୋଡର୍ ପେଲିଆସୁଥିଲା ଭାଙ୍ଗିଦେବାକୁ ପାଚେରି, ଜନସମୁଦ୍ର ମାଡ଼ିଆସୁଥିଲା ଉତ୍ତାଳ ସମୁଦ୍ର ଲହରୀ ପରି ତ ହଠାତ୍ ଶୁଭିଲା –

ବନ୍ଦେ ମାତରଂ
ଆମର ମାତା – ଭାରତ ମାତା
ଆମର ଜାତି – ମଣିଷ ଜାତି
ଆମର ଧର୍ମ – ମାନବ ଧର୍ମ
ଆମର କର୍ମ – ସେବା ଓ ଧର୍ମ
ଆମେ ସମସ୍ତେ – ଭାଇ ଭାଇ
ଆମ ଭିତରେ – ଫରକ ନାହିଁ
ବନ୍ଦେ... ମାତରଂ... ବନ୍ଦେ...

ଗେଟ୍ ପାଖରେ ଠିଆ ହୋଇଥିଲା ତରୁଣଟିଏ । ହାତରେ ଖଣ୍ଡିଏ ବାଡ଼ି, ତା ପଛରେ ଶହଶହ ତରୁଣ କିଶୋରଙ୍କ ଲମ୍ବାଧାଡ଼ି । ଚଉଦିଗ ଘେରି ରହିଛନ୍ତି ଜନକଲ୍ୟାଣ କେନ୍ଦ୍ରକୁ । ସ୍ଲୋଗାନ୍‌ରେ ଆକାଶ-ପାତାଳ କରୁଛନ୍ତି ପ୍ରକମ୍ପିତ । ସ୍ତବ୍ଧ ହୋଇଗଲେ ମନ୍ତ୍ରୀ, ନିର୍ବାକ୍ ହୋଇଗଲେ ସମସ୍ତ ବାହିନୀ, ହତବମ୍ଭ ହୋଇଗଲେ ବିକ୍ଷୁବ୍ଧ ଜନତା ! ତାଙ୍କ ଆଡ଼କୁ ବାଡ଼ି ଉଠେଇ ଠିଆ ହେଇଛନ୍ତି ତାଙ୍କରି ଉତ୍ତରପୁରୁଷମାନେ !

ମନ୍ତ୍ରୀ ଦେଖୁଥିଲେ ଗେଟ୍ ପାଖରେ ଠିଆ ହୋଇଥିବା ତରୁଣଟିକୁ, ବାପା ! ଦୀର୍ଘ, ସୁଠାମ, ସଂଗ୍ରାମୀ, ସାଲିସ୍‌ହୀନ । ତାଙ୍କ ହାତର ଉଦ୍ୟତ ବାଡ଼ିଟି ଉହୁଙ୍କିଆସୁଥିଲା ତାଙ୍କ ଆଡ଼କୁ ତ ତାଙ୍କ ପାଟିରୁ ବିସ୍ମୟ-ବିସ୍ତାରିତ ସ୍ୱରଟିଏ ବାହାରିଲା, "ବାପା... !"

ବାପା !! କାହିଁ ବାପା...? ଏ ତ ଏକ ଉଦ୍ଧତ ତରୁଣ । ସୁରକ୍ଷାକର୍ମୀ ବନ୍ଧୁକ ସଜେଇ ମାଡ଼ିଆସୁଥିଲେ ତ ମନ୍ତ୍ରୀ ଚିତ୍କାର କରିଉଠିଲେ, "ରୁହ... ସେ ମୋ ପୁଅ... ।"

ସମସ୍ତ ବାହିନୀର ବନ୍ଧୁକ ଥମକିଯାଉଥିଲା । ତରୁଣ କିଶୋରଙ୍କ ଦୃପ୍ତ ସ୍ଲୋଗାନ୍‌ର ବଜ୍ରମାଡ଼ ଭଟ୍ଟା ପକାଇଦେଇଥିଲା ସମସ୍ତ ଉତ୍ତେଜନାର, ଉଚ୍ଛୃଙ୍ଖଳତାର । ସେମାନେ ପଶ୍ଚାତ୍‌ମୁଖୀ ହୋଇସାରିଥିଲେ । ଫଣିଦାଦାଙ୍କ ସ୍ମୃତିସ୍ତମ୍ଭ ପାଖରେ ଠିଆ ହୋଇ ବଦ୍ରିନାରାୟଣ ଦେଖୁଥିଲେ ବୁଡ଼ନ୍ତ ସୂର୍ଯ୍ୟର ଲୋହିତ ଆଭାସରେ ଝଲମଲ ହୋଇଉଠୁଥିଲା ତାରୁଣ୍ୟ । ସେମାନଙ୍କ ଆଖିରେ ଝଲସିଯାଉଥିଲା ବିଦ୍ୟୁତ୍‌ର ଔଜ୍ଜ୍ୱଲ୍ୟ ।

ମୁକ୍ତିତୀର୍ଥ ଜନକଲ୍ୟାଣ କେନ୍ଦ୍ରର ଶିକ୍ଷାନିକେତନରୁ ଭାସିଆସୁଥିଲା ଦେଶବନ୍ଦନାର ଅନ୍ତର୍ଭେଦୀ ମୂର୍ଚ୍ଛନା ।

ପ୍ଲଟ୍ ନଂ-୯/୩୫୩୪, କପିଳପ୍ରସାଦ, ଭୁବନେଶ୍ୱର
ମୋ : ୯୪୩୭୨୭୫୮୦୮

# ଏକଲବ୍ୟ ଉପାଖ୍ୟାନ

ମୀନାକ୍ଷୀ ଦେବୀ

ସେଇ ମୁହଁ, ସେଇ ଆଖି, ସେଇ ଓଠ । ମୁଣ୍ଡର ବାଳ ବି ସେଇମିତି କୁଞ୍ଚୁକୁଞ୍ଚିଆ । କିନ୍ତୁ ଏହା କେମିତି ସମ୍ଭବ ? ସେ' ତ ମରିବାର ଆଜିକୁ ପନ୍ଦର ବର୍ଷ ହେଲାଣି ।

ସାମ୍ନାରେ ଭୂତ ଦେଖିଲା ପରି ସ୍ତବ୍ଧ ହୋଇ ଠିଆ ହୋଇଥିଲେ ରାଜ୍ୟ ସଚିବାଳୟର ଅର୍ଥ ବିଭାଗର ଅଫିସର୍ ଘନଶ୍ୟାମବାବୁ । ନମସ୍କାର କରିବାକୁ ବି ଭୁଲିଯାଇଥିଲେ । ଫାଇଲ୍ ଉପରୁ ମୁହଁ ଟେକି ତାଙ୍କୁ ସିଧାସଳଖ ଚାହିଁଲେ ସତ୍ୟବ୍ରତ ପଟ୍ଟନାୟକ, ସତ୍ୟବ୍ରତ ଅର୍ଥ ବିଭାଗର ସେକ୍ରେଟେରୀ ରୂପେ ନୂଆହୋଇ କାମରେ ଯୋଗଦେଇଛନ୍ତି । ଜଣେ ସଚ୍ଚୋଟ, ଦକ୍ଷ ଅଫିସର୍ ଭାବରେ ଏଇ ଅଳ୍ପଦିନ ଭିତରେ ସେ ନିଜର ପରିଚୟ ଦେଇସାରିଲେଣି ।

କିଛି ସମୟ ପରେ ପ୍ରକୃତିସ୍ଥ ହୋଇ ଦୁଇହାତ ଯୋଡ଼ି ସତ୍ୟବ୍ରତଙ୍କୁ ନମସ୍କାର କଲେ ଘନଶ୍ୟାମବାବୁ । ଅନୁନୟ ସ୍ୱରରେ କହିଲେ, "ସାର୍, ମୁଁ ଘନଶ୍ୟାମ ମହାନ୍ତି, ଆକାଉଣ୍ଟସ୍ ଅଫିସର୍ । ଆପଣ ମତେ ଡକେଇଥିଲେ ?"

ସେଇମିତି ରୁକ୍ଷସ୍ୱରରେ ସତ୍ୟବ୍ରତ କହିଲେ, "ହଁ, ବୁଝିଲି । କେତେବର୍ଷ ହେଲା ଏଠି ରହିଲେଣି ?"

"ଚାକିରି ଆରମ୍ଭରୁ ତ ଏଇଠି ରହିଛି ସାର୍ । ...ମାନେ ଏଇ କୋଡ଼ିଏ ବାଇଶି ବର୍ଷ ହେବ ।" ଏକାନ୍ତ ବଶମ୍ବଦ ସ୍ୱରରେ କହିଲେ ଘନଶ୍ୟାମ ।

"ତା'ହେଲେ ତ ଆପଣ ବେଶ୍ ପାରିବାର । ପଲିଟିକାଲ୍ ହୋଲ୍ଡ ଥିବ ନିଶ୍ଚୟ ।"

ଲାଜେଇଗଲେ ଘନଶ୍ୟାମବାବୁ । କୃତକୃତ୍ୟ ହେଲା ପରି କହିଲେ, "ହଁ ସାର୍... ସେମିତି... ଦି'ଜଣ ମନ୍ତ୍ରୀ ମୋର କ୍ଲୋଜ୍ ଫ୍ରେଣ୍ଡ । ତାଙ୍କରି ଦ୍ୱାରା ଯାହା କିଛି କରିବା କଥା, ନହେଲେ ଭୁବନେଶ୍ୱରରେ ରହିବା କ'ଣ ଏତେ ସହଜ ?"

"ହଁ... ଆପଣଙ୍କ ଟ୍ୟାଲେଣ୍ଟ ବିଷୟରେ ମୋତେ ବେଶ୍ ଜଣା । ଆପଣ କଳାକୁ ଧଳା କରିବା ଲୋକ ।" ଈଷତ୍ ଶାଣିତ ସ୍ୱରରେ ସତ୍ୟବ୍ରତ କହିଲେ ।

ମୁହଁରେ କିଏ ମେଞ୍ଚାଏ କାଦୁଅ ବୋଳିଦେଲା ପରି ଲାଗିଲା ଘନଶ୍ୟାମବାବୁଙ୍କୁ । ତଥାପି ନିଜକୁ ସମ୍ଭାଳିନେଇ ହସହସ ମୁଖରେ ସେଇମିତି ଠିଆହୋଇ ରହିଲେ ସେ ।

ହଠାତ୍ ଚେୟାରରୁ ଉଠିପଡ଼ିଲେ ସତ୍ୟବ୍ରତ । କହିଲେ, "ଶୁଣନ୍ତୁ... । ମୁଁ ଲଞ୍ଚ୍ ପାଇଁ ଯାଉଛି । ମୁଁ ଆସିବା ଆଗରୁ ସରୋଜ ପଟ୍ଟନାୟକଙ୍କ ସର୍ଭିସ୍ ବୁକ୍‌ଟା ଖୋଜି ମୋ' ଟେବୁଲ୍ ଉପରେ ରଖିଥିବେ । ମୁଁ ଆସିଲେ ଦେଖିବି ।"

ଖୁବ୍ ଜୋର୍‌ରେ ଚମକିପଡ଼ିଲେ ଘନଶ୍ୟାମବାବୁ । ସତ୍ୟବ୍ରତଙ୍କ କଥାକୁ ପ୍ରଥମେ ସେ ବିଶ୍ୱାସ କରିପାରିଲେନି । ସାହସ ସଞ୍ଚୟ କରି କହିଲେ, "ସେ ମରିବାର ତ ଆଜ୍ଞା ପନ୍ଦର ବର୍ଷ ଉପରେ ହେଲାଣି । ତା ଫାଇଲ୍‌ଟା ଏବେ ଆଉ କି କାମରେ ଆସିବ ?"

"Stop it." ସତ୍ୟବ୍ରତ ଗର୍ଜନ କରିଉଠିଲେ, "ଆପଣଙ୍କୁ ଯାହା କୁହାଯାଉଛି ତାହାହିଁ କରନ୍ତୁ । ମୋ କଥା ଉପରେ କଥା କୁହନ୍ତୁନି । ମୁଁ ଲଞ୍ଚ୍‌ରୁ ଫେରିଲାବେଳକୁ ଫାଇଲ୍ ଦି'ଟା ଯେପରି ମୋ' ଟେବୁଲ୍ ଉପରେ ଥୁଆ ହୋଇଥିବ । Otherwise I will take action against you."

ଜୋତା ମଚ୍‌ମଚ୍ କରି ବାହାରକୁ ବାହାରିଗଲେ ସତ୍ୟବ୍ରତ । ଭୟ, ଲଜ୍ଜା ଆଉ ଅପମାନରେ ଘନଶ୍ୟାମଙ୍କର ମୁହଁ କଳାକାଠ ପଡ଼ିଗଲା । କୌଣସିମତେ ନିଜ ରୁମ୍‌କୁ ଫେରିଆସିଲେ ସେ । ଫୁଲ୍ ସ୍ପିଡ୍‌ରେ ଫ୍ୟାନ୍‌ଟା ଦେଇ ଚେୟାର ଉପରେ ବସିଗଲେ । ଦେହରୁ ଗମ୍‌ଗମ୍ ଝାଳ ବୋହୁଛି । ଟେବୁଲ ଉପରୁ ପାଣିଗ୍ଲାସ୍‌ଟା ଆଣି ଢକଢକ କରି ପିଇଦେଲେ ।

ଘନଶ୍ୟାମବାବୁ ସ୍ତବ୍ଧ ହୋଇ ନିଜ ଚେୟାର୍ ଉପରେ ବସିଥିଲେ । ସେତିକିବେଳୁ ସେ ଗୋଟିଏ ଧାଡ଼ି ଲେଖିପାରୁ ନାହାନ୍ତି । ଫାଇଲ୍ ଭିତରୁ ଦିଶୁଛି ଆଉ ଗୋଟିଏ ମୁହଁ, ସତ୍ୟବ୍ରତର ମୁହଁ ପାଖାପାଖି । କାନରେ ଶୁଭିଯାଉଛି ତା'ରି ସ୍ୱର ପରି ଆଉ ଗୋଟିଏ ସ୍ୱର । "ସାର୍... ମୋର ଗୋଟିଏ ପୁଅ.... । ତା' ନାଁ ହେଉଛି ସତ୍ୟବ୍ରତ । ଦଶବର୍ଷର ହେଲାଣି । ବଢ଼ିଆ ପଢୁଛି । ...ମୋ' ଇଚ୍ଛା ତାକୁ ଆଇ.ଏ.ଏସ୍. ଅଫିସର୍ କରିବି ।"

ଆଖିଆଗରେ ନାଚିଯାଉଛି ପିତୃତ୍ୱର ଗୌରବରେ ଉତ୍‌ଫୁଲ୍ଲିତ ଗୋଟିଏ ସରଳ ସୁନ୍ଦର ମୁହଁ । ସେ ମୁହଁ ଥିଲା ସରୋଜ ପଟ୍ଟନାୟକର । ଜୁନିଅର୍ ଆକାଉଣ୍ଟାଣ୍ଟ ଭାବେ ସରୋଜ ଅଳ୍ପଦିନ ହେଲା ତାଙ୍କ ଅଫିସ୍‌କୁ ବଦଳି ହୋଇ ଆସିଥାନ୍ତି । ସାଦାସିଧା ସରଳ ସ୍ୱଭାବ, ଭାରି କାମିକା । ଘନଶ୍ୟାମବାବୁ ସେତେବେଳେ ଥାଆନ୍ତି ସିନିଅର୍ ଆକାଉଣ୍ଟାଣ୍ଟ । ତାଙ୍କଠାରୁ ଆସ୍ତେଆସ୍ତେ ସବୁ କାମ ଶିଖିନେଲେ ସରୋଜ, ସବୁବେଳେ ପ୍ରଶଂସା କରନ୍ତି ଘନଶ୍ୟାମବାବୁଙ୍କୁ । କୁହନ୍ତି, "ସାର୍, ଆପଣ ମୋ' ଗୁରୁ । ଆପଣ ମତେ ଏତେ ସୁନ୍ଦର ଭାବରେ କାମ ଶିଖେଇଦେଇଛନ୍ତି ଯେ, ମୁଁ କୌଣସି ନୂଆ ଜାଗାରେ ବି ଏକୁଟିଆ ମ୍ୟାନେଜ୍ କରିପାରିବି ।" ଅଥଚ 'ଗୁରୁ' ଶବ୍ଦର ପବିତ୍ରତା କ'ଣ ରଖିପାରିଲେ ଘନଶ୍ୟାମବାବୁ ?

ସେସବୁ କଥା ଭାବିଲେ ଗଭୀର ଦୁଃଖ ଆଉ ପାପବୋଧରେ ଛାତି ଭିତରଟା ରୁନ୍ଧିହୋଇଗଲା ପରି ଲାଗୁଛି । ରାଗ ଆସୁଛି ନିଜ ଉପରେ । ନିଜର ଚିର ଅଭାବୀ ସଂସାର ଉପରେ । ପାଞ୍ଚୋଟି ପିଲା ଆଉ ସ୍ତ୍ରୀଙ୍କୁ ନେଇ ସାତଜଣିଆ ସଂସାର ତାଙ୍କର । ସବୁବେଳେ ଅଭାବ । ମୁଣ୍ଡ ଉପରେ ଝିଅ ବାହାଘର । ପୁଅ ଦି'ଟା ବେକାର ହୋଇ ବୁଲୁଛନ୍ତି । ଅଫିସ୍‌ରେ ସବୁବେଳେ ଗଧଖଟଣି । ଅବଶ୍ୟ ଖଟଣି ସହିତ ହାତଗୁଞ୍ଜା ଦି'ପଇସା ମଧ୍ୟ ମିଳୁଥିଲା । ସେଥିପାଇଁ ଖଟିବାଟା ବାଧୁ ନଥିଲା । ବିନା ହାତଗୁଞ୍ଜାରେ ସେ କାହା ବିଲ୍ ସାଇନ୍ କରୁ ନଥିଲେ । ସରୋଜ ପଟ୍ଟନାୟକ ଜୁନିଅର୍ ଆକାଉଣ୍ଟାଣ୍ଟ୍ ଭାବରେ ଯୋଗଦେବା ପରେ ଘନଶ୍ୟାମବାବୁଙ୍କ ରୋଜଗାର ପୂରାପୂରି ବନ୍ଦ । ଏଣେ ବଢ଼ନ୍ତା ସଂସାରର ଅଭାବ ଦେଶର ଜନସଂଖ୍ୟା ପରି ଦିନକୁ ଦିନ ବଢ଼ିଚାଲିଛି । ଛୋଟଛୋଟ ହାତଗୁଞ୍ଜାରେ ଆଉ ପେଟ ପୂରୁନି । କିଛି ଗୋଟାଏ ବଡ଼ ମାଲ୍ ଦରକାର । ନହେଲେ ଝିଅ ବାହାଘର କୌଣସିମତେ କରିହେବନି । ଘନଶ୍ୟାମବାବୁ ରାତିରାତି ଅନିଦ୍ରା ହୋଇ ଚିନ୍ତା କରିବାରେ ଲାଗିଲେ । ଶେଷକୁ ଉପାୟ ମିଳିଗଲା । ପ୍ରାୟ ଦୁଇଲକ୍ଷ ଟଙ୍କାର ଫଲ୍‌ସ ବିଲ୍ ଯୋଗାଡ଼ କଲେ ଘନଶ୍ୟାମବାବୁ । ସବୁ ବିଲ୍ ଉପରେ ଦୀର୍ଘଦିନ ଧରି ଅଭ୍ୟାସ କରି ସରୋଜ ପଟ୍ଟନାୟକଙ୍କ ଦସ୍ତଖତ ଅତି ନିଖୁଣ ଭାବରେ କରିଦେଲେ । ଅଫିସ୍ କ୍ୟାସ୍‌ରୁ ଦୁଇଲକ୍ଷ ଟଙ୍କା ନେଇ ସାନଭାଇ ନାମରେ ବ୍ୟାଙ୍କ୍‌ରେ ରଖିଦେଲେ । କାହାର ସୂଚନା ପାଇବାର ଅବକାଶ ନଥିଲା ।

ଅଳ୍ପଦିନ ପରେ ଅଡିଟ୍‌ରେ ସବୁ ଜଣାପଡ଼ିଲା । ସବୁ ବିଲ୍ ନକଲି ଆଉ ସବୁ ବିଲ୍ ଉପରେ ସରୋଜ ପଟ୍ଟନାୟକଙ୍କ ଦସ୍ତଖତ । କ୍ରାଇବ୍ରାଞ୍ଚ୍ ଇନ୍‌କ୍ୱାରୀ ହେଲା । ସବୁ ପ୍ରମାଣ ସରୋଜଙ୍କ ବିରୋଧରେ । ନିଜକୁ ନିର୍ଦ୍ଦୋଷ ବୋଲି ଯେତେ ବୁଝେଇଲେ ବି କେହି ତାଙ୍କ କଥା ବିଶ୍ୱାସ କରିବାକୁ ପ୍ରସ୍ତୁତ ନଥିଲେ । ଶେଷରେ ସରକାରୀ ଅର୍ଥ ଆତ୍ମସାତ୍ ଅଭିଯୋଗରେ ସରୋଜ ଦୋଷୀ ସାବ୍ୟସ୍ତ ହେଲେ । କିନ୍ତୁ ତାଙ୍କୁ ଆରେଷ୍ଟ୍ କରାଯାଇପାରିଲାନି । ଦୁଃଖ ଆଉ ହତାଶାରେ ମ୍ରିୟମାଣ ସରୋଜ ଆରେଷ୍ଟ୍ ହେବା ପୂର୍ବରୁ ଆତ୍ମହତ୍ୟା କରିଦେଲେ ।

ଏମିତି ଘଟିବ ବୋଲି ଘନଶ୍ୟାମବାବୁ ଭାବି ନଥିଲେ । ସେ ଭାବିଥିଲେ ସରୋଜଙ୍କର ବେଶ୍ କିଛି ପୈତୃକ ସମ୍ପତ୍ତି ଅଛି । ତେଣୁ ଜମି ବିକ୍ରି କରି ଦୁଇଲକ୍ଷ ଟଙ୍କା ଅଫିସ୍ ପାଣ୍ଠିକୁ ଫେରାଇଦେବା ତାଙ୍କ ପାଇଁ କିଛି ବଡ଼ କଥା ନୁହେଁ । ଟଙ୍କା ଫେରେଇଦେଲା ପରେ ଅଳ୍ପ କିଛି ଅର୍ଥଦଣ୍ଡରେ ସେ ମୁକୁଳିପାରିବେ ।

କିନ୍ତୁ ସ୍ୱାଭିମାନୀ ଓ ସତ୍ୟନିଷ୍ଠ ସରୋଜ ଆତ୍ମହତ୍ୟା କରିଦେଲେ ପଛେ, ଅସତ୍ୟକୁ ସତ୍ୟ ବୋଲି ସ୍ୱୀକାର କଲେନି । ଆତ୍ମହତ୍ୟା ପୂର୍ବରୁ ସେ ଚିଠିଟିଏ ଲେଖିଯାଇଥିଲେ । ସମ୍ବୋଧନହୀନ ଛୋଟ ଚିଠିଟିଏ ଲେଖିଥିଲେ, "ଦୁଇଲକ୍ଷ ଟଙ୍କା ମୋ ପାଇଁ କିଛି ବଡ଼ କଥା ନୁହେଁ । ଇଚ୍ଛା କଲେ ଗାଆଁର ଜମିବାଡ଼ି ବିକ୍ରି କରି ମୁଁ ସେ ଟଙ୍କା ଡିପୋଜିଟ୍ କରିପାରିବି । କିନ୍ତୁ ମୁଁ ଟଙ୍କା ଫେରେଇବି କାହିଁକି ? କେଉଁ ଅପରାଧରେ ? ଯେଉଁ ଦୋଷ ମୁଁ କରିନି, ସେଇ ଦୋଷ ପାଇଁ ମୁଁ ଦଣ୍ଡ ସ୍ୱୀକାର କରିବି କାହିଁକି ? ସେଥିପାଇଁ ଆତ୍ମହତ୍ୟାର ପଥକୁ ବାଛିନେଇ ମୁଁ ଏ ଛଳନାପୂର୍ଣ୍ଣ ସଂସାରଠୁ ଦୂରକୁ ଚାଲିଯାଉଛି । ଦୋଷୀ କିଏ ମୁଁ ଜାଣେ । କିନ୍ତୁ ମୋ' ପାଖରେ କୌଣସି ପ୍ରମାଣ ନାହିଁ । କିନ୍ତୁ ମୋର ଦୃଢ଼ବିଶ୍ୱାସ, ଦିନେ ନା ଦିନେ ସତ୍ୟର ଜୟ ହେବ । ଦୋଷୀ ଦଣ୍ଡ ପାଇବ ।"

ଘଟଣା ଏପରି ରୂପ ନେବ ବୋଲି ଘନଶ୍ୟାମବାବୁ କଳ୍ପନା ବି କରି ନଥିଲେ । ସରୋଜଙ୍କ ମୃତ୍ୟୁରେ ସେ ପୂରାପୂରି ଭାଙ୍ଗିପଡ଼ିଥିଲେ । ଅନୁତାପର ଅଗ୍ନିରେ ଦଗ୍ଧ ହୋଇଯାଉଥିଲେ । ରାତିରେ ନିଦ ହେଉ ନଥିଲା । ଅଫିସ୍‌ରେ ଠିକ୍ ଭାବରେ କାମ କରିପାରୁ ନଥିଲେ । ସମସ୍ତେ ଏହାକୁ ସରୋଜଙ୍କ ମୃତ୍ୟୁଜନିତ ଦୁଃଖ ବୋଲି ମନେକରୁଥିଲେ । ଏକ ଅବ୍ୟକ୍ତ ଯନ୍ତ୍ରଣାରେ ଛଟପଟ ହେଉଥିଲେ ଘନଶ୍ୟାମବାବୁ । ନା କହିପାରୁଥିଲେ, ନା ସହିପାରୁଥିଲେ । ସରୋଜ ପଟ୍ଟନାୟକଙ୍କ ପତ୍ନୀ ସ୍ୱାମୀଙ୍କ ମୃତ୍ୟଜନିତ ଅନୁକମ୍ପାମୂଳକ ଚାକିରି କରିବାକୁ ମନା କରିଦେଇଥିଲେ । ଯେଉଁ ସଂସ୍ଥା ତାଙ୍କ ସ୍ୱାମୀଙ୍କୁ ମିଥ୍ୟାରେ ଦୋଷୀ ପ୍ରମାଣିତ କରି ମୃତ୍ୟୁମୁଖକୁ ଟାଣିନେଇଛି, ସେ ସଂସ୍ଥାରେ ସେ ଚାକିରି କରିବେ ନାହିଁ ବୋଲି ସ୍ପଷ୍ଟ ମନା କରିଦେଇଥିଲେ । ଅଳ୍ପଦିନ ପରେ ସେ ପୁଅକୁ ଧରି ଦୂର ସହରରେ ଥିବା ନିଜ ଭାଇ ପାଖକୁ ଚାଲିଗଲେ ବୋଲି ଖବର ପାଇ ଘନଶ୍ୟାମବାବୁ ସାମାନ୍ୟ ଆଶ୍ୱସ୍ତ ହୋଇଥିଲେ । ଆସ୍ତେଆସ୍ତେ ସମୟର ଦୁଃଖ, ସମୟ ଭୁଲେଇଦେଲା । ନୂଆ କ୍ଷତ ପୁରୁଣା ହେଲା । ଆଉ ଶେଷରେ ଦୁଃଖ ଆଉ ଅନୁତାପର ଯନ୍ତ୍ରଣାରୁ ମୁକ୍ତ ହେଲେ ଘନଶ୍ୟାମବାବୁ ।

ଦୀର୍ଘ ପନ୍ଦର ବର୍ଷ ଧରି ସରୋଜଙ୍କ ପରିବାର ବିଷୟରେ ଆଉ କୌଣସି ଖବର ପାଇ ନଥିଲେ ଘନଶ୍ୟାମବାବୁ । ଆଉ ହଠାତ୍ ଆଜି ଏ ପରିସ୍ଥିତି ! ସରୋଜ ଫେରିଛନ୍ତି ସତ୍ୟବ୍ରତର ରୂପ ନେଇ । ତା'ର ଜୀବନ୍ତ ପ୍ରତିନିଧି ରୂପରେ ସରୋଜ ପଟ୍ଟନାୟକଙ୍କ ଫାଇଲ୍ ରି-ଓପନ୍ ହେବ । ତାଙ୍କ ଭାଷାରେ "ସତ୍ୟ ଦିନେ ନା ଦିନେ ପ୍ରକାଶିତ ହେବ ।"

ହଠାତ୍ ଇଲେକ୍‌ଟ୍ରିକ୍ ଲାଇନ୍ କଟିଗଲା । ଘର୍‌ଘର୍ ଶବ୍ଦ କରି ସିଲିଂ ଫ୍ୟାନ୍‌ଟା ବନ୍ଦ ହୋଇଗଲା । ପ୍ରବଳ ଗରମରେ ଘନଶ୍ୟାମବାବୁ ବିକଳ ହୋଇ ଫ୍ୟାନ୍ ଆଡ଼େ ଚାହିଁଲେ । ପନ୍ଦର ବର୍ଷ ତଳେ ଏମିତି ଏକ ଫ୍ୟାନ୍‌ରେ ଦିନେ ସରୋଜଙ୍କ ଶବ ଝୁଲୁଥିଲା । ତାଙ୍କ ଶବ ଝୁଲିବାକୁ ଆଉ କେତେଦିନ ବାକି ?

ଚକୋଲେଟ୍ ଲେନ୍, ଝାଞ୍ଜିରୀମଙ୍ଗଳା, କଟକ-୯

●●

# ଦୂର ପାହାଡ଼

ଅଧ୍ୟାପକ ପ୍ରସନ୍ନ କୁମାର ସ୍ୱାଇଁ

"ହାଲୋ ରବିନ୍ ଭାଇ !" କଅଁଳେଇ କହିଲା ସିଲ୍‌କା ।

"କୋଉ ରବିନ୍ ଭାଇକୁ ଖୋଜୁଛ ? ଏଇଟା ରଙ୍ଗ୍ ନମ୍ବର ।" ସେପଟୁ ସେପଟୁ ଶୁଭିଲା ଏକ କର୍କଶ ନାରୀର ଟୋନ୍ । ଫୋନ୍ କାଟିଦେଲା ସିଲ୍‌କା ନିଜ ଆଡୁ । ଡିଜିଟ୍ ଚେଞ୍ଜ୍ କରି ଆଉ ଗୋଟେ ନମ୍ବରକୁ ଲଗାଇଲା, "ହାଲୋ ରାଜା ଭାଇ !" ସେପଟୁ ଗୋଟେ ଝିଅର କଣ୍ଠସ୍ୱର ଶୁଭିଲା, "ରାତି ୧୧ଟାରେ କୋଉ ରାଜା ଭାଇଙ୍କୁ ଖୋଜୁଛ ? ଏଠି ରାଜା ଭାଇ ଫାଜା ଭାଇ କେହି ନାହାନ୍ତି । ଚକ୍‌କରରେ ବୋଧେ ଅଛି ।" ଏତିକି ପରେ ଫୋନ୍ କଟିଗଲା ସେପଟୁ । ବୋଧେ କେଉଁ ଲେଡିଜ୍ ହଷ୍ଟେଲ୍‌ର ଝିଅର ସେଲ୍‌କୁ ଲାଗିଗଲା । କାଲ ଠାର କାଲ ମାଆ ଜାଣେ । ସିଲ୍‌କା ଚିଡ଼ିଗଲା । ଧେତ୍... ଆଜି କି ବେଳାରେ ରାତି ପାହିଥିଲା କେଜାଣି ? ଗୋଟେ ରୋମିଓ ସାଙ୍ଗରେ ମଣିଷ ଥରେ ଗପିପାରିଲାନି ।

ଏବେ ଏବେ ନୂଆନୂଆ ଡେଣା ଲାଗିଛି ସିଲ୍‌କା ଦେହରେ । ଆର ବେଡ୍‌ରେ ଶୋଇରହି ହସୁଥିଲା ସୁଇଟ୍ । ସିଲ୍‌କା ବିଗିଡ଼ିଗଲା ସୁଇଟ୍ ଉପରେ । କହିଲା, "ସଂଧ୍ୟାବେଳୁ ଦୁଇଜଣଙ୍କ ସହ ଗପିଦେଇଛୁ ତ, ତୋ ମୁଣ୍ଡ ପୂରା ଥଣ୍ଡା ।" ସୁଇଟ୍ ସେମିତି ବେଡ୍ ଉପରେ ଶୋଇ ହାଇ ମାରି କହିଲା, "ବୁଝିଲୁ ସିଲ୍‌କା, ଗୋଟିଏ କାମ କର୍ । ମୋ ଟେବୁଲ୍ ପାଖକୁ ଆ, ଏଇ ଯୋଉ ବଡିଗାର୍ଡ ସଲ୍‌ମାନ୍ ଖାଁର ହ୍ୟାଣ୍ଡସମ୍ ଫଟୋ ଅଛି, ତା ପାଦକୁ ଦୁଇଥର ମୁଣ୍ଡରେ ମାରି ଲାଷ୍ଟ ଡିଜିଟ୍ ୦୩ ମାରି ଫୋନ୍ ଲଗା ।" ସାରା କଲେଜରେ ସୁଇଟ୍ ଓ ସିଲ୍‌କାକୁ ସୁଇଟ୍ ଓ ବିୟୁଟି ବୋଲି ଡାକନ୍ତି । ଅତି ସରଳ ଓ ବାଧ୍ୟ ଛାତ୍ରୀଟି ପରି ସିଲ୍‌କା ନିଜ ବେଡ୍‌ରୁ ଉଠିଗଲା । ସଲ୍‌ମାନ୍‌କୁ ମାନେ ତା ପୋଷ୍ଟରକୁ ଗୋଟେ ଚମତ୍କାର କିସ୍ ଦେଲା ଓ ତା ପାଦରେ ମଥା ଲଗାଇ ଫୋନ୍ ଲଗାଇଲା । ସେପଟୁ ଯେମିତି ଗୋଟେ ପୁଅର ଆୱାଜ୍ ଶୁଣିଲା, ଫୁଲେଇ ହୋଇ ଏପଟୁ ସିଲ୍‌କା କହିବାକୁ ଆରମ୍ଭ କଲା, "ରାନା ଦାଦା ! ତମେ ଭାରି ଅଛ । ଏତେକରି କହିଥିଲି ଆଜି ଆମ କଲେଜରେ ଡ୍ୟାନ୍‌ସ ଫେଷ୍ଟିଭାଲ୍ ଅଛି ବୋଲି । ଆସିଲନି ନା ! ଏଥରକ ଆସିଲେ ମୁଁ ତମ ସହ କଥା ହେବିନି । ହଁ ଶୁଣ, ଆଜି କମ୍ପିଟିସନ୍‌ରେ ମୁଁ ଫାଷ୍ଟ ହୋଇଛି ।" ସେପଟୁ ଶୁଭିଲା, "ଆରେ ଶୁଣ, ମୁଁ ତମ ରାନା ଦାଦା ନୁହେଁ । ଏଇଟା ରଙ୍ଗ୍ ନମ୍ବର । ମୁଁ ବିଶ୍ୱାସ । ଭୁବନେଶ୍ୱରରୁ କହୁଛି ।" ଏତିକି କହିସାରିଲା ପରେ ସେପଟୁ କଟିଗଲା ଫୋନ୍ । ପୁଣିଥରେ ମିସ୍‌କଲ୍ କଲା ସିଲ୍‌କା । ବିଶ୍ୱାସ ସେପଟୁ ଫୋନ୍ ଲଗାଇଲା । ଅତି ସାଉଁଳେଇ ହୋଇ ସିଲ୍‌କା କହିଲା, "ସରି, ସରି ବିଶ୍ୱାସ, ଆଇ ଆମ୍ ଏକ୍ସ୍‌ଟ୍ରିମ୍‌ଲି ସରି । ମୁଁ ନଜାଣି ଆପଣଙ୍କ ଉପରେ ରାଗିଗଲି, ପ୍ଲିଜ୍ କିଛି ମାଇଣ୍ଡ କରିବନି ।" ଚେତନ୍ ଭଗତ୍‌ର ଗୋଟେ ଫିକ୍ସନ ଛାତି ଉପରେ ଖୋଲିକରି ତା ପୃଷ୍ଠା ଉପରେ ଆଖି ପକାଉଥିଲା ସେତେବେଳକୁ ସୁଇଟ୍ ତା ବେଡ୍‌ରେ ଶୋଇରହି । ବେଳେବେଳେ କଣେଇ କଣେଇ ଚାହୁଁଥିଲା ସିଲ୍‌କାର କାର୍ଯ୍ୟକଳାପକୁ । ସିଲ୍‌କା ସେମିତି ଗପିଚାଲିଥିଲା ୱାସର ଖରାପ ହୋଇଯାଇଥିବା ମୁନିସିପାଲିଟିର ଗୋଟେ ପାଣି ଚାଲୁଥିବା ଟ୍ୟାପ୍ ଭଳି । "ମୁଁ ସିଲ୍‌କା... ପୂରା ନାଁ ଏସ୍ ସିଲ୍‌କା । ଡାଡି ନାଲ୍‌କୋରେ ମ୍ୟାନେଜର । ମମି ଏସ୍.ସି.ଏ.ଏ.ରେ ସାଇକୋଲୋଜି ଲେକ୍‌ଚରର୍ । ମୁଁ ରେଭେନ୍‌ସାରେ ପ୍ଲସ୍‌ଟୁ ପଢୁଛି । କ'ଣ କହିଲ... ? ସମସ୍ତେ ତ ସେଇକଥା ପଚାରନ୍ତି । ମୋର ଗୋଟେ ଛୋଟବେଳୁ ଡ୍ରିମ୍ ଥିଲା ରେଭେନ୍‌ସାରେ ପଢ଼ିବାକୁ । ନହେଲେ ମୁଁ ପୁରୀରେ ପଢ଼ିଥାନ୍ତି, ପ୍ଲିଜ୍ ତମ ବିଷୟରେ କିଛି କୁହନା !" ସେପଟୁ ଶୁଭିଲା ସେ ପିଲାଟାର ସ୍ୱର । ଲାଉଡ୍ ସ୍ପିକର୍ ଦେଇଦେଲା ସିଲ୍‌କା, ଯଦିଓ ସେତବେଳକୁ ସୁଇଟ୍‌କୁ ଛାଇନିଦ ଲାଗିଯାଇଥିଲା । ଯଦିଓ ତା ଛାତି ଉପରେ ଚେତନ୍ ଭଗତ୍ ବହିଟା ସେମିତି ତା ଅସ୍ତିତ୍ୱକୁ ଜାହିର୍ କରୁଥିଲା । "ମୁଁ ବିଶ୍ୱାସ, ବି.ଜେ.ବି.ରୁ ଜିଓଲୋଜିରେ ଗ୍ରାଜୁଏସନ୍ ପରେ ସିଭିଲ୍ ସର୍ଭିସ୍ ପାଇଁ ପ୍ରିପାୟର୍ ହେଉଛି । ଡାଡି ମୋର ଜଣେ କ୍ଲାସ୍ ୱାନ୍ କଣ୍ଟ୍ରାକ୍ଟର । ମମି ପଲ୍‌ଟିକ୍ସ କରନ୍ତି । କର୍ପୋରେଟର୍ ଅଛନ୍ତି ।" ସିଲ୍‌କା ଏପଟୁ କହିଲା, "ବିଶ୍ୱାସ ଭାଇ ! ତମର ଟୋନ୍ ଭେରି ଆଟ୍ରାକ୍ଟିଭ ।" ସେପଟୁ ଶୁଭିଲା, "ତମର ବି । ମୋତେ ତ ଲାଗୁଛି ମୁଁ କେଉଁ ସେଲିବ୍ରିଟି ସାଙ୍ଗରେ ଗପୁଛି ।" ସିଲ୍‌କା ଟିକେ ନିଜ ଭିତରେ କେମିତି ଗୋଟେ ଶିହରଣ ଅନୁଭବ କଲା । ତା'ର ମନେପଡ଼ିଗଲା ତା ସେଲିବ୍ରିଟି ହେବାର ସ୍ୱପ୍ନ । ସେ ଲାଜେଇଗଲା ଓ ଇମୋସନ୍‌ରେ ଭିଜିଗଲା କିଛିକ୍ଷଣ । ସେପଟୁ ଶୁଭିଲା, "କିଛି କହୁନ ଯେ ?" ସିଲ୍‌କା କହିଲା, "ବିଶ୍ୱାସ ଭାଇ, ତମେ 'ଜବ୍ ତକ୍ ହେ ଜାନ୍' ଦେଖିଲଣି ? ତମ ଫିଗର୍ ଭାରି ସ୍ଲିମ୍ ହୋଇଥିବନା ? ଜିମ୍ ଯାଉଛ ? ମୁଁ ବହୁତ୍ ସୁନ୍ଦରୀ ଯେ, ହେଲେ ଟିକେ ମୋଟୀ । ମାନେ ଚଳିବ, ସାଉଣ୍ଡ ହେଲ୍‌ଥ । ତଥାପି ମୁଁ ସ୍ଲିମ୍ ହେବା ପାଇଁ ଡାଏଟିଂ କରୁଛି । ତମେ ଫେସ୍‌ବୁକ୍‌ରେ ଅଛନା ?" "ପ୍ଲିଜ୍ ବାବା ପ୍ଲିଜ୍ ସେତିକି ଥାଉ । ଏତେ ଗୁଡ଼ାଏ ଆନ୍‌ସର୍ ମୁଁ ଦେବି କେମିତି ? ଲେଟ୍ ନାଇଟ୍ ହେଲାଣି, ପ୍ଲିଜ୍ ଶୋଇପଡ଼ । ମୁଁ ଆଉ ଘଣ୍ଟେ ପ୍ରିପାରେସନ୍ କରି ଶୋଇବି । ପରେ କଥାହେବା । ଟେକ୍ କେୟାର୍ । ଗୁଡ୍‌ନାଇଟ୍ ।" ସିଲ୍‌କା କହିଲା, "ବାଏ ।" ଫୋନ୍ କଟିଗଲା ସେପଟୁ । ସିଲ୍‌କା ଅନୁଭବ କଲା ସାରା ହଷ୍ଟେଲ୍ ଗୋଟେ ଉପବନ ଭଳି । କିଛି କିଛି ଝରକା ଫାଙ୍କରୁ ନିଷ୍ପ୍ରଭ ଲାଇଟ୍ ଦିଶୁଛି । କେହିକେହି ଫାଷ୍ଟ ସେମିଷ୍ଟାର୍ ପରୀକ୍ଷା ପାଇଁ ପଢୁଛନ୍ତି ବୋଧେ । ସିଲ୍‌କା ଶତସିଂହର ବଳ ନେଇ ଡେଇଁପଡ଼ିଲା ସୁଇଟ୍‌ର ଛାତି ଉପରକୁ । "ଥ୍ୟାଙ୍କ୍ ୟୁ ସୁଇଟ୍, ଥ୍ୟାଙ୍କ୍ ୟୁ, ଥ୍ୟାଙ୍କ୍ ୟୁ

ଫର୍ ୟୋର୍ ମନ୍ତ୍ର ।" ସୁଇଟ୍ କିଛି ଶୁଣିବା ଅବସ୍ଥାରେ ନଥିଲା । କାଳେ ବହିଟା ଚିରିଯିବ, ଧୀରେ କିନା ବାହାର କରି ଗୋଟେ ସିରିଏସ୍ ଟୋନ୍‌ରେ କହିଲା, "ମିସ୍ ସିଲ୍‌କା ଦେବୀ, ନଭେମ୍ବର ୧୪ର ପିକକ୍ ମେଳାରେ ଓଜନ ହୋଇଥିଲୁନା ?" ସିଲ୍‌କା କହିଲା, "ଏସ୍, ଓନ୍‌ଲି ଫିଫ୍‌ଟି ଟୁ ।" "ଆଉ ହବାର ଥିଲା କି ?" ପଚାରିଲା ସୁଇଟ୍ । "ଆଉ ଯଦି ଗୋଟେ ମିନିଟ୍ ତୁ ମୋ ଉପରେ ଏମିତି ପଡ଼ିରହିବୁ, ମୋର ହାର୍ଟ ପ୍ରବ୍ଲେମ୍ ବାହାରିଯିବ ।" ସିଲ୍‌କା ଗଡ଼ିପଡିଲା ତଳକୁ ଓ ଗୋଟେ ଥରରେ ସୁଇଟ୍‌କୁ ଭିଡ଼ିନେଲା ତା ଛାତି ଉପରକୁ । ଧୀର ଓ ଶାନ୍ତ ଭାବରେ ସୁଇଟ୍ କହିଲା, "ସିଲ୍‌କା, ମୁଁ ତତେ ଦୁଇ ତିନୋଟି କଥା କହିବି ଆଉ ତା'ପରେ ଶୋଇବାକୁ ଯିବି । ତୁ ମୋତେ ପ୍ଲିଜ୍ ଡିଷ୍ଟର୍ବ କରିବୁନି ।" ସିଲ୍‌କା କହିଲା, "ବତା ମେରି ଜାନ୍ ।" ସୁଇଟ୍ କହିଲା ଗୋଟେ ନିପୁଣା ଅଭିଭାବିକା ଭଳି, "ସିଲ୍‌କା ଜାଣିଛୁ, ତୁ ଗୋଟେ ଭଲ ପିଲା । ଭଲ ପାଠ ପଢୁଛୁ । ଭଲ ପରିବାରରୁ ଆସିଛୁ । ମୋତେ କିନ୍ତୁ ଏତେ ଫାଜିଲାମି ଭଲ ଲାଗେନି । ଆଜି ୟା ସହ, କାଲି ତା ସହ ଗପାଗପି କରିବାକୁ ମୁଁ ଲାଇକ୍ କରେନା । ତା'ଛଡ଼ା ତୁ କହୁଥିଲୁ ବିପ୍ଳବ ଭାଇଙ୍କ ସହ ତୋର ପିଲାଦିନର ସଂପର୍କ । ମୁଁ ଯେତିକି ଫିଲ୍ କରିଛି, ହି ଇଜ୍ ଏ ଡିଭାଇନ୍ ଲଭର୍ । ସେ ଶୁଣିଲେ କ'ଣ ଭାବିବେ ? ତୁ ସୁନ୍ଦରୀ ନିଶ୍ଚୟ, ତା ମାନେ ନୁହେଁ ତୁ ତୋ ପର୍ସନାଲିଟି ଓ ଆଟିଚ୍ୟୁଡ୍‌କୁ ଚେଞ୍ଜ୍ କରିଦେବୁ ।" ସିଲ୍‌କା ଏତେବଡ଼ ମୁହଁ କରି ପଳେଇଆସିଲା ନିଜ ବେଡ୍ ଉପରକୁ । ନିଘୋଡ଼ ନିଦରେ ଶୋଇପଡ଼ିଲା ସୁଇଟ୍ ସୁନାପିଲା ପରି । ସିଲ୍‌କାର ମନେପଡ଼ିଲା ବିପ୍ଳବ ଭାଇଙ୍କ କଥା, ପିଲାଦିନର ସଂପର୍କ, ଯଦିଓ ସିନିଅର୍ । ସେ ତାଙ୍କ ସହ ଏକାଠି ଖେଳିଛି, ଗପସପ କରିଛି, ମାର୍କେଟିଙ୍ଗ୍ କରିଛି । ତା' ବୋଲି ସେ କ'ଣ ଆଉ କାହା ସହ ଫ୍ରେଣ୍ଡସିପ୍ କରିବିନି ? ଆଜି କାହିଁକି ବିଶ୍ୱାସର କଣ୍ଠସ୍ୱର ତାକୁ ଅନ୍ୟମନସ୍କ କରିଦେଉଛି, ପାଗଳ କରିଦେଉଛି, ଏତେ ଚାର୍ମିଙ୍ଗ୍ ଓ କନ୍‌ଫିଡେଣ୍ଟ୍ ଟୋନ୍ ସେ କେବେ ବି ଶୁଣିନଥିଲା । ସିଲ୍‌କା ଭାବିଲା, ବିଶ୍ୱାସ ତ ଏବେ ପଢୁଥିବ, ଗୋଟେ ଛୋଟ ମେସେଜ୍ ଦେଇ ଶୋଇପଡ଼ିବ । ବହିଥାକରୁ ଏସ୍.ଏମ୍.ଏସ୍. ବୁକ୍ ଆଣିଲା । ଦେଖିଲା ଗୋଟିଏ ବି ତା ମନକୁ ପାଉନି, ସେ ନିଜେ ଲେଖିଲା, "My Dearest 'B', Best of luck for your heartly preparation. Forget me but not my emotion." ହାଫ୍ ମିନିଟ୍‌ରେ ସେପଟୁ ମେସେଜ୍ ଆସିଲା, "My Queen 'S', Have a sweet sleep. I regard your emotion with full of love."

ସିଲ୍‌କା କିନ୍ତୁ ଶୋଇଲାନି, ନା ଶୁଆଇଦେଲା ବିଶ୍ୱାସକୁ । ରାତିସାରା ବିତିଗଲା କେବଳ ମେସେଜ୍ ଦିଆନିଆରେ, ଯଦିଓ ପାହାନ୍ତା ବେଳକୁ ମେସେଜଗୁଡ଼ାକ ଭାରି ଓଦାଳିଆ ଲାଗୁଥିଲା । ଉଠିଲା ଯାଇ ୧୦ ଟାରେ । ଆଖି ଦି'ଟା ତ ଫୁଲିଯାଇଥିଲା । ତଥାପି ଆହୁରି ନିଦ ବାକି ଥିଲା । ବ୍ରସ୍ କରୁକରୁ ଢୁଳଉଥିଲା ସିଲ୍‌କା । ସବୁଦିନ ଏର୍ଲି ମର୍ଣ୍ଣିଙ୍ଗ୍‌ରୁ ବିପ୍ଳବ ଭାଇ ଗୋଟେ ଛୋଟ ମେସେଜ୍ ପଠାଏ, ସିଲ୍‌କା ମଧ୍ୟ; ଆଜି କିନ୍ତୁ ବ୍ୟତିକ୍ରମ । ନିହାତି ଦରକାର ନହେଲେ ବିପ୍ଳବ ଭାଇ ସୁଇଟ୍‌କୁ ଫୋନ୍ କରେନା, ଯଦିଓ ସୁଇଟ୍ ଚାହେଁ ସବୁବେଳେ ନହେଲେ ବି ବେଳେବେଳେ ବିପ୍ଳବ ଭାଇ ତାକୁ ମେସଜ୍ ଦିଅନ୍ତେନି ! ନା ସେମିତି ହୁଏନି । ଆଜି ବିପ୍ଳବ ଭାଇ ଫୋନ୍ କରିଛନ୍ତି, ଅଥଚ୍ ସୁଇଟ୍ ରିସିଭ୍ କରିପାରୁନି, କ'ଣ କହିବ ? ସେ ଫୋନ୍ କାଟି ଗୋଟେ ମେସେଜ୍ ପଠାଇଲା ବିପ୍ଳବ ଭାଇକୁ, "She is ill, I am in class." ତା'ପରେ ସୁଇଚ୍ ଅଫ୍ କରିଦେଲା, ଚେଞ୍ଜ କରିଦେଲା ସିମ୍ । ଏବେ ଯେତେବେଳେ ବିପ୍ଳବ ଫୋନ୍ କରେ, ସେତେବେଳେ ସିଲ୍‌କାର ଫୋନ୍ ଥାଏ ଆଉଟ୍ ଅଫ୍ ରିଚ୍, ଓ୍ୱେଟିଙ୍ଗ୍, ନମ୍ବର ବିଜି, ନହେଲେ ସୁଇଚ୍ ଅଫ୍ । ସେଦିନ ଏକଘଣ୍ଟା ଖରାବେଳେ ବିଶ୍ୱାସ ସହ ଗପିବା ଭିତରେ ବିପ୍ଳବ ଫୋନ୍ କରିଥିଲା ସତେଇଶ୍ ଥର । ସିଲ୍‌କା ଗୋଟେ ମିନିଟ୍ ପାଇଁ ଫୋନ୍ ହୋଲ୍ଡରେ ରଖି ଶୋଧିଲା, କହିଲା, "କେଡ଼େ ବୋଗସ୍ ତମେ ? ଘରେ ଆମର ଡିଷ୍ଟର୍‌ବାନ୍‌ସ । ଡାଡି ଅନୁଗୋଳରେ, ମମି ପୁରୀରେ, ମୁଁ ମଝିରେ ପଡ଼ି ହଇରାଣ ହେଉଛି; ଅଥଚ କଥାବାର୍ତ୍ତା ମଝିରେ ଏତେଥର ଫୋନ୍ କରୁଚ ଯେ, ମୋର ବ୍ଲଡ଼୍‌ପ୍ରେସର୍ ହାଇ ହୋଇଯାଉଛି । ଏପଟୁ ଫୋନ୍ କଲେ କଥା ହେବ, ଡୋଣ୍ଟ ଡିଷ୍ଟର୍ବ ମି ।" ବିପ୍ଳବ ଚୌଧୁରୀ J.N.U.ର ସୋସିଓଲୋଜି ପୋଷ୍ଟ ଗ୍ରାଜୁଏଟ୍ ଷ୍ଟୁଡେଣ୍ଟ । N.S.S.ର ସେ ଆଇକନ୍ । ସାରା ଇଣ୍ଡିଆରେ ତା'ର ନାଁ ଅଛି ସୋସିଆଲ୍ ସର୍ଭିସ୍‌ରେ । ବାପା ଜଣେ ଅଧ୍ୟାପକ । ମାଆ ହାଉସ୍ ଓ୍ୱାଇଫ୍ । ଖୁବ୍ ସରଳ ପିଲା । ପାଖ ହନୁମାନ ମନ୍ଦିରକୁ ଗଲା, ସିଲ୍‌କା ଫ୍ୟାମିଲିର ସୁଖ ମନାସି ଦୀପ ଜାଳିଲା, ସିଲ୍‌କା ଫୋନ୍ ନକଲେ ଆଉ ଫୋନ୍ କରିବନି ବୋଲି ହନୁମାନଙ୍କ ପାଖରେ ଓଥ୍ ନେଲା । ଅବଶ୍ୟ ପ୍ରଥମେ ପ୍ରଥମେ ଟିକେ କଷ୍ଟ ହେଲା ତାକୁ । ବିପ୍ଳବ ଜାଣେ ବହୁତ ଇଣ୍ଟେଲିଜେଣ୍ଟ ଓ ସୁନ୍ଦରୀ ଝିଅ ଏବେ ତା ପଛରେ । କିନ୍ତୁ ବିପ୍ଳବ ଭଲପାଏ ସିଲ୍‌କାକୁ, ନିଷ୍ପାପ ଭଲପାଇବା । ସେ ଗୋଟେ ଶୈଶବର ସ୍ମୃତି, କୈଶୋରର କମ୍ପନ ଓ ତାରୁଣ୍ୟର ତନ୍ମୟତା ଗୋଳିହୋଇ ରହିଛି ସେ ସଂପର୍କରେ । ସେ ନିରୀହ ଭଲପାଇବା ଭିତରେ ଅଛି କୋମଳ ବୟସର ପ୍ରତିଜ୍ଞା, ଗାଁ ମାଟିର ବାସ୍ନା, ଗାଁ ନଈର ଗୀତ, ଗାଁ ଆକାଶର ଜହ୍ନର ରୋଶଣି । ବିପ୍ଳବ ବାହାର କଲା ତା କବିତା ଡାଏରୀ ଆଉ ଲେଖିଚାଲିଲା କବିତା ପରେ କବିତା...

ବଦଳିଯାଉ ବସୁଧା
ବଦଳିଯାଉ ବିଭାବସୁ
ଜହ୍ନ ପଛେ ହଜିଯାଉ ଦିଗ୍‌ବଳୟ ତୀରେ
ନିରୁଦ୍ଦିଷ୍ଟ ହେଉ ସମୁଦ୍ରର ସ୍ୱପ୍ନ
ନବଦଳୁ ପ୍ରେମ
ନବଦଳୁ ସୋହାଗପଣର ସାହାନାଇ
ନଭାଙ୍ଗୁ ବିଶ୍ୱାସର ଭୂମି
ନଭିଜୁ ପ୍ରୀତିର କରବୀ ଈର୍ଷାର ମେଘରେ
ହସୁଥାଉ ସଂପର୍କର ସୁନାଦୋଳି
ହସୁଥାଉ ମନର ମଣିଷ ଯୁଗଯୁଗାତୀତ...

ୟା ଭିତରେ ବିତିଗଲାଣି ଗୋଟେ ବର୍ଷ । ମଝିରେ ମଝିରେ ସିଲ୍‌କା କଥାହୁଏ ବିପ୍ଳବ ସହ ଉଦ୍ରତାର ଖାତିରରେ । ଯାହାକୁ କୁହାଯାଏ ଇନ୍‌ଫର୍‌ମେସନ୍ ସେଆରିଙ୍ଗ୍ ଓନ୍‌ଲି ।

ଏପଟେ ଫୋନ୍‌ରେ ଫୋନ୍‌ରେ ସିଲ୍‌କା ସୁନ୍ଦରୀ ମନେଇ ସାରିଲାଣି ଗୋଟେ ନୂଆବର୍ଷ । ଅଭିନନ୍ଦନ ମେସେଜ୍‌ରେ ଭର୍ତ୍ତି ହୋଇସାରିଲାଣି ତା'ର ଇନ୍‌ବକ୍ସ । ଫ୍ରେଣ୍ଡ୍‌ସିପ୍ ଡେ ରୁ ଚକୋଲେଟ୍ ଡେ, ଆଉ ଭାଲେଣ୍ଟାଇନ୍‌ସ ଡେ, ସବୁବେଳେ ଭାବର ବିନିମୟ, ମଧୁର ଆଳାପ, ସ୍ୱପ୍ନର ସଙ୍ଗୀତ, ଶିହରିତ ମୁହୂର୍ତ୍ତ, କେବଳ ସାକ୍ଷାତ ବ୍ୟତୀତ ପବନରେ କିଛି ଗୁପ୍ତ ଆବେଗର ଆଦାନ ପ୍ରଦାନ । ସୁଇଟ୍ ଆଉ ବେଶୀ ମିଶେନି ସିଲ୍‌କା ସହ । ସିଲ୍‌କାର ବା ସମୟ କାହିଁ ? ପ୍ଲସ୍‌ଟୁ ଫାଇନାଲ୍ ପରୀକ୍ଷା ଆଉ ଅଳ୍ପଦିନ ରହିଲା । ସିଲ୍‌କା ଭାବିଲା ରାତି ରାତି ବିମୋହିତ କରି ରଖିଥିବା ବିଶ୍ୱାସ ସହ ଥରେ ଫିଜିକାଲି ଦେଖାହେଲେ କେମିତି ହୁଅନ୍ତା ? ଏକାଠି ବସନ୍ତେ, ରେଷ୍ଟୁରାଣ୍ଟରେ ଖାଆନ୍ତେ, କିଛି ନହେଲେ ବି ପ୍ରଥମ ଦେଖାରେ ତ ହ୍ୟାଣ୍ଡ୍‌ସେକ୍‌ରେ ଅନୁଭବ କରନ୍ତେ ବନ୍ଧୁତ୍ୱର ପରିଭାଷା । ଅବଶ୍ୟ ଇନ୍‌ଡାଇରେକ୍ଟ୍‌ଲି ସିଲ୍‌କା ବହୁତ ଥର ଟ୍ରାଏ କରିଛି, ମାତ୍ର ବିଶ୍ୱାସ ସେକଥାକୁ ଆଭଏଡ୍ କରିଯାଏ କାହିଁକି କେଜାଣି ? ଆଜି ସିଲ୍‌କା ଜିଦି ଧରିଲା ଆଉ ବିଶ୍ୱାସର ମୁଡ୍ କ'ଣ ଥିଲା କେଜାଣି ସେ ହଁ ମାରିଦେଲା । ଆସନ୍ତା କାଲି ବିଶ୍ୱାସର ବାର୍ଥଡେ । ସିଲ୍‌କାକୁ ସେ ଇନ୍‌ଭାଇଟ୍ କରିଛି ରା ସେସ୍‌କୁ । ରାମ ମନ୍ଦିର ସାମ୍ନା ପ୍ଲଟ୍ ନମ୍ବର ୫୩୦ ଘର ନାଁ 'ନନ୍ଦନକାନନ' । ୪ଟା ବେଳେ ସିଲ୍‌କା କିଛି ମାର୍କେଟିଙ୍ଗ୍ କଲା, ପାଖ ପାର୍ଲର ଯାଇ ଚୁଟି ସାଇଜ୍ କଲା, ଆଇବ୍ରୋ ସେଟିଙ୍ଗ୍, ନେଲ୍ କେୟାର୍, ଫେସିଆଲ୍...... । ନିଜକୁ ସଜେଇଲା ଗୋଟେ ସରଗର ପରି ଭଳି । ତା'ପରଦିନ ସକାଳୁ ଲୋକାଲ୍ ଗାର୍ଡିଅନ୍‌ଙ୍କୁ ମିଛ କହି ବାହାରିଗଲା ହଷ୍ଟେଲ୍‌ରୁ । 'ଦାମ ମହାରାଜ'ରୁ କିଣିଲା ସୁଇଟ୍‌ସ, 'ବଜାର କୋଲକାତା'ରୁ ଗୋଟେ ବ୍ରାଣ୍ଡେଡ୍ ଟି. ସାର୍ଟ, ଓ୍ୱାର୍ଲ୍ଡ୍‌ଷ୍ଟୋନ୍ ଡି.ଓ., ମେଲୋଡି ପର୍‌ଫ୍ୟୁମ୍ । ଭୁବନେଶ୍ୱର ବସ୍ ରହିଲା, ଲିଙ୍କ୍ ରୋଡ୍ ଯାଏ ବସ୍ ଚାଲିଲା ଧକେଇ ଧକେଇ କୋଡିଏ ସ୍ପିଡ୍‌ରେ । ସିଲ୍‌କାର ମନ ଉଡୁଥାଏ ହଣ୍ଡ୍ରେଡ୍ ଏଇଟି ସ୍ପିଡ୍‌ରେ । ହଠାତ୍ ମନେପଡ଼ିଗଲା ତା'ର ବିପ୍ଳବ ଭାଇ କଥା । ବିରକ୍ତ ଲାଗିଲା ସିଲ୍‌କାକୁ । ଭାରି ରିଜର୍ଭ ମେଣ୍ଟାଲିଟିର ପିଲା । ଖାଲି କହିବେ ଘରେ ବସିବା କଥା ହେବା । ଥ୍ରି ସେଭଣ୍ଟି ଆର୍ଟିକିଲ୍‌ଠୁ ନରେନ୍ଦ୍ର ମୋଦୀଙ୍କ ମନ୍‌କି ବାତ୍, କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କଠୁ  କାର୍ଲମାର୍କସ । ବିଜ୍ଞାନରୁ ଦର୍ଶନ, କିର୍‌କେଗାର୍ଡ଼ଙ୍କଠୁ ଜନ୍ ଫ୍ରଏଡ୍ । ମଲାଲାଠୁ ଦାଉଦ୍ ଇବ୍ରାହିମ୍ । ଧେତ୍... ଗୋଟେ ଝିଅର ମନ କ'ଣ ଚାହେଁ... ଗୋଟେ ପ୍ରଜାପତିର ଡେଣା କେମିତି ଭ୍ରାଇବ୍ରେସନ୍ ହୁଏ... ଗୋଟାଏ ଫୁଲ କେମିତି ଗାଧାଏ କାକରରେ... କିଛି ବୁଝନ୍ତିନି । ଖାଲି କହିବେ ଭାରତ ପୁଣି ଦିନେ ବିଶ୍ୱର ଗୁରୁ ହେବ, ଏ ମାଟିରେ ପୁଣି ଥରେ ସୁନା ଫଳିବ ଧାନକେଣ୍ଡା ପରି । ପୃଥିବୀଯାକର ଆବସର୍ଡ ଥିକିଙ୍ଗ୍ । ବିଶ୍ୱାସର ଫୋନ୍ ଆସିଲା, ଯାହା ହଉ ସିଲ୍‌କା ବଞ୍ଚିଗଲା ବିପ୍ଳବ ଅତ୍ୟାଚାରରୁ । ଏକ ଚମତ୍କାର ଡିଜାଇନ୍‌ର ସର୍ଟସ ଓ ଜିନ୍‌ସରେ ସିଲ୍‌କା ଜଳୁଥାଏ ଦାଉଦାଉ । ସାରା ବସ୍‌ର ଆଖିମାନେ ନେସିହୋଇଯାଉଥିଲେ ତା' ସୌନ୍ଦର୍ଯ୍ୟରେ, ସିଲ୍‌କା କିନ୍ତୁ ଏତେ ଜନଗହଳି ଥିବା ସତ୍ତ୍ୱେ ଜିଭ, ଓଠ ଓ ପବନର ଫେଣ୍ଟାଫେଣ୍ଟି ସ୍ୱରରେ ଗପି ଗପି ଚାଲିଲା ବିଶ୍ୱାସ ସହ । ପାଖରେ ବସିଥିବା ଜଣେ ସହଯାତ୍ରୀ ଠଉରେଇ ପାରୁନଥିଲେ ସିଲ୍‌କା କ'ଣ କଥା ହେଉଛି । କେବଳ ହାତ, ଆଖି ଓ ମୁଣ୍ଡ ହଲାଇବାରୁ ଜାଣିହେଉଥିଲା କାହା ସହ ସେ କଥା ହେଉଛି । ଅବଶ୍ୟ ବହୁ ଝିଅଙ୍କ ଭଳି ଟେକ୍‌ନିକ୍‌ଟା ସିଲ୍‌କାର ଏକାନ୍ତ ନିଜସ୍ୱ । ବାଣୀବିହାର ଛକରୁ ଓହ୍ଲେଇପଡ଼ିଲା ସିଲ୍‌କା, ସମସ୍ତଙ୍କର ଇଚ୍ଛା – ବସନ୍ତା କି ସୁନ୍ଦରୀ ଝିଅଟା ତାଙ୍କ ଅଟୋରେ ! ଡାହାଣାମାନଙ୍କ ଦୌରାତ୍ମ୍ୟରୁ ରକ୍ଷାପାଇବା ପାଇଁ ସିଲ୍‌କା ବସିପଡ଼ିଲା ଜଣେ ବୟସ୍କ ଡ୍ରାଇଭରଙ୍କ ଅଟୋରେ । କିନ୍ତୁ କିଛି ଲାଭ ହେଲାନି, ବାଣୀବିହାର ଛକରୁ ରାମ ମନ୍ଦିର ଯାଏଁ ଅଧଘଣ୍ଟାଏରୁ ଅଧିକ ଲାଗାଇଲା ଡ୍ରାଇଭରଟା, ଆଉ ତ ପାସେଞ୍ଜର ଉଠାଇଲାନି । ହଜାରଥର ପଛକୁ ଚାହିଁ ପଚାରୁଥାଏ, "କେଉଁଠିକୁ ଯିବ ? କ'ଣ ଏକା ଆସିଛନ୍ତି ? ଆପଣଙ୍କୁ ଜିନ୍‌ସ ବେଶ୍ ମାନୁଛି, ଆପଣ କ'ଣ ନିଜ ପସନ୍ଦରେ କିଣିଥିଲେ ?" ରାମମନ୍ଦିର ପାଖରେ ଚଟ୍‌କରି ଓହ୍ଲେଇପଡ଼ି ସିଲ୍‌କା ବଢ଼େଇଦେଲା ୧୦୦ ଟଙ୍କିଆଟେ । ଡ୍ରାଇଭର ପାନ୍‌ଖିଆ ଦାନ୍ତକୁ ଦେଖାଇ କହିଲା, "ଚେଞ୍ଜ୍ ଦିଅନ୍ତୁ ।" ସିଲ୍‌କା ପର୍ସ ଖୋଲିଲା, କିନ୍ତୁ ଚେଞ୍ଜ୍ ପାଇଲାନି । ମୂର୍ତ୍ତିରେ ଶିଳ୍ପୀଟିଏ ରଙ୍ଗର ଶେଷସ୍ପର୍ଶ ଦେଲାଭଳି ଡ୍ରାଇଭର ଗୋଟାଏ ଶେଷଚାହାଣି ଟାଣିଆଣିଲା ସିଲ୍‌କାର ଆପାଦମସ୍ତକ । ପୁଣି ସେଇ ପାନଖିଆ ଦାନ୍ତକୁ ଦେଖାଇ ହସିଲା, "ଠିକ୍ ଅଛି, ପରେ ଦେଖା ହେଲେ କେବେ ଡବଲ୍ ଦେଇଦେବେ ।" ସିଲ୍‌କା ବୁଲିପଡ଼ିଲା ଓ ଗଳି ଆଡ଼କୁ ଆଗେଇ ଚାଲିଲା । ସେ କିନ୍ତୁ ଅନୁମାନ କରିପାରୁଥିଲା ଡ୍ରାଇଭର ଗାଡ଼ି ଷ୍ଟାର୍ଟ ନକରି ତାକୁ ସେମିତି ଇଡିଏଟିକ୍ ଲୁକ୍‌ରେ ଚାହୁଁଥିବ । ବାଁ ପଟକୁ ବୁଲିଲା ବେଳକୁ ଦେଖିଲା ତା ଅନୁମାନ ସତ୍ୟ । ପାଟିରୁ ଫିସ୍ କିନା ବାହାରିଗଲା, "ନନ୍‌ସେନ୍‌ସ, କୁକୁର କେଉଁଠିକାର ! ଯେମିତି ଜୀବନରେ କେବେ ବି ସେ ଝିଅଟିଏ ଦେଖିନି କେଉଁଠି ?" ସିଲ୍‌କା ପୂରା ଗଳି ଭିତରକୁ ପଶିଗଲା ଓ ଟିକେ ଆଶ୍ୱସ୍ତ ମନେକଲା । ନିଜକୁ ଟିକେ ସଜାଡ଼ିନେଲା ଓ ବିଶ୍ୱାସ ସହ କିଛି ସମୟ ବିତାଇବାର ବିଭୋର ମୁହୂର୍ତ୍ତ କଥା ଭାବି ସେ ଟିକେ ଉନ୍ମାଦିତ ହେଲା । ବିଶ୍ୱାସର କହିବା ଅନୁଯାୟୀ କଦମ୍ବ ଗଛମୂଳରେ ପ୍ଲଟ୍ ନମ୍ବର ୫୩୦, ଘର ନାଁ ଲେଖା ହୋଇଛି 'ନନ୍ଦନକାନନ' । ରିଙ୍ଗ୍ କଲା, ସୁଇଚ୍ ଅଫ୍ । ଭାବିଲା ଚାର୍ଜ ସରିଯାଇଥିବ ।

କଲିଂବେଲ୍ ପ୍ରେସ୍ କଲା ସିଲ୍‌କା, ଗୋଟେ ସଫଟ୍ ମ୍ୟୁଜିକ୍ ସହ ଜଣେ ଲୋକ ଆସି ଫିଟାଇଲା ଗ୍ରୀଲ୍ । ପିନ୍ଧିଛି ଲୁଙ୍ଗି ଓ ଗୋଟେ ଫୁଲ୍ ସାର୍ଟ । "ଅଙ୍କଲ୍, ବିଶ୍ୱାସ ଅଛନ୍ତି ?" ବଡ଼ ସନ୍ତର୍ପଣରେ ପଚାରିଲା ସିଲ୍‌କା । "ହଁ, ଆସନ୍ତୁ" କହି ଲୋକଟି ଡ୍ରଇଁ ରୁମ୍‌ରେ ବସିବାକୁ କହି ଗ୍ରୀଲ୍‌ରେ ତାଲା ପକାଇଲା । ଇଏ ରାଜଧାନୀ ସଭ୍ୟତା, ଟିକିଏ

ବୁଲିପଡ଼ିଲେ ଘରୁ ଲୁଟ୍ ହୋଇଯିବା ନିହାତି ସାଧାରଣ କଥା । ସିଲ୍‌କା ଦେଖିଲା ଗୋଟେ ପୁରୁଣା ସୋଫା ସେଟ୍ । ଠାଏ ଠାଏ ଅନ୍ତବୁଜୁଳା ଭଳି ବାହାରିପଡ଼ିଛି ଫୋମ୍ । ତା ଉପରେ ପଡ଼ିଛି ସଦ୍ୟ ଓହ୍ଲା ହୋଇଥିବା ବେଲ୍‌ଟ ସହ ଗୋଟେ ପ୍ୟାଣ୍ଟ, ଚଡ଼ି ଓ ଗଞ୍ଜି । ଟି'ପଏ ଉପରେ ଦି'ତିନିଟା ପୁରୁଣା ସାପ୍ତାହିକୀ । ଘରକୋଣରେ ଗୋଟେ ବାକ୍ସ ଉପରେ ଥୁଆ ହୋଇଛି ପୁରୁଣା ଫିଲିପ୍‌ସର ପୋର୍ଟେବୁଲ୍ ଟେଲିଭିଜନ୍ ସେଟ୍ । ଲୋକଟି କହିଲା, "ବସନ୍ତୁ ।" ସିଲ୍‌କା ବାଁ ହାତରେ ପ୍ୟାଣ୍ଟଟା ଟିକେ ଆଡ଼େଇଦେଇ ବସିପଡ଼ିଲା ସୋଫା ଉପରେ । ପୁଣିଥରେ କହିଲା, "ଅଙ୍କଲ୍ ! ଟିକେ ବିଶ୍ୱାସଙ୍କୁ ଡାକିଦେବେ । ମୋର ଟିକେ କଥା ଅଛି, ଶୀଘ୍ର କଟକ ଫେରିଯିବି ।" ଲୋକଟା ଭିତରକୁ ଗଲା ଓ ଗୋଟେ ଗ୍ଲାସ୍ ପାଣି ଓ ପ୍ଲେଟ୍‌ରେ କିଛି ମିଠା ଆଣି ଆସିଲା । ଲୋକଟା ଜଳଖିଆ ରଖି ଗୋଟାଏ ଟିଣ ଚେୟାର ଟାଣିଆଣି ବସିପଡ଼ିଲା । ଟିଭିରେ ଚାଲୁଥିଲା କେଉଁ କାର୍ଯ୍ୟକ୍ରମ କେଜାଣି ସେଥିପ୍ରତି କାହାର ଦୃଷ୍ଟି ନଥିଲା । ଲୋକଟାକୁ ଦେଖି ସିଲ୍‌କାର ପ୍ରଥମରୁ ଭାବାନ୍ତର ସୃଷ୍ଟି ହୋଇଥିଲା । ଏତେବଡ଼ ଗୁମ ପରି ପେଟ, ଛୋଟିଆ ମୁଣ୍ଡ, ଦି'ଟା ଢିମା ଢିମା ଆଖି, ସରୁ ସରୁ ଦି'ଟା ଶିରା ଗଣିହୋଇଯାଉଥିବା କାଳିଆ ହାତ । ଏତେ ଝାଳର ଗନ୍ଧ ଆସୁଥାଏ ସୋଫାରୁ କି ପ୍ୟାଣ୍ଟରୁ, ସିଲ୍‌କା ବାନ୍ତି କରିପକେଇବା ଅବସ୍ଥା । ତଥାପି ପର୍‌ଫ୍ୟୁମ୍ ମିଶା ରୁମାଲ୍‌କୁ ନାକରେ ଚାପିଧରି ସିଲ୍‌କା ପୁଣି କହିଲା, "ଅଙ୍କଲ୍, ଟିକେ ବିଶ୍ୱାସଙ୍କୁ ଡାକିଦେବେ!" ଲୋକଟା ଅଳ୍ପ ହସିଲା, କିନ୍ତୁ ସବୁ ବାହାଡ଼ା ଦାନ୍ତ ତା'ର ଆଗକୁ ବାହାରିଯାଇ ଦିଶୁଥିଲେ ଜଂଗଲର ଗୋଟେ ଦନ୍ତା ହାତୀ ଭଳି । ସିଲ୍‌କାର ମୁଣ୍ଡ କ'ଣ ହୋଇଯାଉଥିଲା । ସେ ଅନ୍ୟମନସ୍କ ହୋଇ ଭାବୁଥିଲା ବାହାଡ଼ା ଦାନ୍ତରେ ସେ ଲୋକଟା ତାକୁ କାମୁଡ଼ି ଖାଇଯିବନି ତ ଆଉ ? ଲୋକଟା ଧୀର ଅଥଚ ଗାମ୍ଭୀର୍ଯ୍ୟପୂର୍ଣ୍ଣ ଭାବରେ କହିଲା, "ସୁନ୍ଦରୀ ସିଲ୍‌କା ଦେବୀ, ମୁଁ ତମର ସେଇ ଚିରଆକାଂକ୍ଷିତ ବିଶ୍ୱାସ ।"

ସିଲ୍‌କା ପାଦତଳୁ ମାଟି ଖସିଯାଉଥିଲା । ମୁଣ୍ଡ ଉପରେ ଫ୍ୟାନ୍ ଘୂରୁଥିଲା କି ସେ ନିଜେ ଘୂରୁଥିଲା ସେ ଜାଣିପାରିଲା ନାହିଁ । ତରତରରେ ସେ ଗ୍ଲାସ୍‌ଯାକ ପାଣି ପିଇଗଲା ଢକ୍‌ଢକ୍ କରି । ଲୋକଟା ତା ବାହାଡ଼ା ଦାନ୍ତକୁ ଦେଖାଇ ଚିରାଚରିତ ଢଙ୍ଗରେ କହିଲା, "ମୋତେ ଦେଖି ଘୃଣା ଲାଗୁଛିନା ମାଡାମ୍ ?" ସିଲ୍‌କା ପାଟିରୁ ଶବ୍ଦଟିଏ ବି ବାହାରି ନଥିଲା । ଲୋକଟା ସେମିତି ଗପିଚାଲିଥିଲା, "ମୁଁ ବିଶ୍ୱାସ ଦଳବେହେରା । ଶିକ୍ଷାଗତ ଯୋଗ୍ୟତା ପ୍ଲସଟୁ । ପରିବାରର ସ୍ୱଚ୍ଛଳତା ନଥିବାରୁ ପାଠପଢ଼ାରେ ପୂର୍ଣ୍ଣଚ୍ଛେଦ ପଡ଼ିଲା । ଆଗ ଛକରେ ଗୋଟେ ମାଗାଜିନ୍ ଷ୍ଟଲ୍‌ରେ କାମ କରେ । ଯେତିକି ପଇସା ପାଉଛି, ପରିବାର ଚଳେଇହେବନି ବୋଲି ଏଯାଏଁ ବାହା ହବା କଥା ଚିନ୍ତା କରିନି । ଖାଲି ତମେ ଏକା ନୁହେଁ, ତମ ଭଳି ଅନେକ ଝିଅ ମୋତେ ଫୋନ୍ କରନ୍ତି । କିଏ ଡ୍ରିମ୍‌ସରେ ଡିପ୍ଲୋମା କରୁଛି ତ କିଏ କେ.ବି.ଆର୍.ସି.ରେ ପ୍ଲସଟୁ । କିଏ ପୁରୀର ତ କିଏ କେନ୍ଦ୍ରାପଡ଼ାର । କ'ଣ କରିବି, ମୁଁ ବି ସେମିତି ଅଭିନୟ କରେ । କାହାକୁ କହେ ମୁଁ କିଟ୍‌ସରେ ଡିପ୍ଲୋମା କରୁଛି ତ କାହାକୁ କୁହେ ବାଣୀବିହାରରେ ପି.ଜି. । କାହାକୁ କୁହେ ଗତ ମାସରେ ପାଇଗଲି ଷ୍ଟେଟ୍ ବ୍ୟାଙ୍କ୍ ପି.ଓ. ତ ଆଉ କାହାକୁ ତମ ପରି ଆଇ.ଏ.ଏସ୍. ପ୍ରିପାରେସନ୍ । ଝିଅମାନେ ମୋ ସହିତ ଗପନ୍ତି । ମୁଁ ବି ଗପେ । ଯଦିଓ ମୋ ରୂପଟା ଏମିତି, ଗପିବାରେ ମୁଁ ଓସ୍ତାଦ୍ । ଜଣେ ବିବାହିତ ପୁରୁଷ ଅପେକ୍ଷା ମୁଁ ଅଧିକ କହିପାରେ ଝିଅମାନଙ୍କ ଇମୋସନ୍ ଉପରେ ।"

ସିଲ୍‌କାର ଆଉ ଗୋଟିଏ ମୁହୂର୍ତ୍ତ ବସିବା ପାଇଁ ଇଚ୍ଛା ନଥାଏ, କିନ୍ତୁ କରିବ କ'ଣ ? ସିଲ୍‌କା ଭାବୁଥିଲା ଦୂରର ପାହାଡ଼ ସତରେ ଦେଖିବାକୁ କେତେ ସୁନ୍ଦର, କେତେ ଲୋଭନୀୟ, କେତେ ଛଳଛଳ ! କିନ୍ତୁ ପାଖକୁ ଗଲେ... ହେ ଭଗବାନ୍ ! ଏତେ ବୀଭତ୍ସ ! ଏତେ ଅସହ୍ୟ ! ଏତେ ଅସ୍ପୃଶ୍ୟ ! କଳ୍ପନା ବାହାରେ । ସିଲ୍‌କାର ଆଖିଆଗରେ ଭାସିଗଲା ବିପ୍ଳବର ମୁହଁ । ସେ ଟିକେ ଅନ୍ୟମନସ୍କ ହୋଇଗଲା । ତରତରରେ କହିଲା, "ସରି ସାର୍ ! ଆପଣଙ୍କୁ ନମସ୍କାର । ମୁଁ କିଛି ଉପହାର ଆପଣଙ୍କ ପାଇଁ ଆଣିଚି, ସେତକ ଆପଣ ଦୟାକରି ଗ୍ରହଣ କରିଦେଲେ, ମୁଁ କଟକ ପଳାନ୍ତି ।" କଳା ମୁଗୁନି ପଥର ପରି ଚେହେରା ଗେଟମ ବିଶ୍ୱାସ ତା ଚନ୍ଦାମୁଣ୍ଡକୁ ହଲେଇ ହଲେଇ କହିଲା, "ଠିକ୍ ଅଛି, ତମେ ମୋ ପାଇଁ କିଛି ଉପହାର ଆଣିଚ ଆଉ ମୁଁ ବି ତମ ପାଇଁ ଗୋଟେ ଛୋଟ ଉପହାର ରଖିଛି, ଏ ଜଳଖିଆତକ ଖାଇଦିଅ । ମୋ ଉପହାରଟି ନେଇ ଶୀଘ୍ର ପଳେଇଯିବ, ମୋର ବି ମାଗାଜିନ୍ ଷ୍ଟଲ୍‌କୁ ଯିବା ବେଳ ହୋଇଗଲାଣି ।" ସିଲ୍‌କା ଏତେ ଅସ୍ଥିତପ୍ରଜ୍ଞା ହୋଇଯାଇଥିଲା ଯେ, ସେ ମିଠାକୁ ଖାଇବ କ'ଣ, ଟି'ପଏ ଉପରେ ଥିବା ପେପର୍‌ୱେଟ୍‌କୁ ଖାଇବା ପାଇଁ ପାଟି ପାଖକୁ ନେଲା... "ଆହାଃ... ସେଇଟା ନୁହେଁ... ଏଇଟା" କହି ବିଶ୍ୱାସ ମିଠାଟା ଧରି ସିଲ୍‌କା ପାଟିରେ ପୂରେଇଦେଲା । ସିଲ୍‌କା ତାକୁ ନଖାଇ ସିଧା ଢୋକିଦେଲା, ଯେମିତି ସେ ଗୋଟେ ଟାବ୍‌ଲେଟ୍ ଖାଉଛି । ତା'ପରେ ଠିଆ ହୋଇଗଲା ଯିବା ପାଇଁ । ତା ସର୍ଟସ ଓ ଜିନ୍‌ସରେ ରସଗୋଲାର ସିରା ପଡ଼ି ଗୋଟିଏ ମର୍ଡନ୍ ଆର୍ଟର ଭ୍ରମ ସୃଷ୍ଟି କରୁଥାଏ । ଲୋକଜଣଙ୍କ ବିନା ଟେନ୍‌ସନ୍‌ରେ କହିଲା, "ବସନ୍ତୁ ମାଡାମ୍, ବସନ୍ତୁ, ବ୍ୟସ୍ତ ହୁଅନ୍ତୁ ନାହିଁ । ମୋତେ ଯେଉଁ ଗୋଟେ ବର୍ଷ ହେଲା ଶୁଆଇଦେଇନ, ମୋ ମନରେ ତିଆରି କରିଚି ଯେଉଁ ସ୍ୱପ୍ନର ତାଜମହଲ, ହେଉ ପଛେ ମିଛ, ଗୋଟେ ବର୍ଷ ନିଃସଙ୍ଗ ଜୀବନରେ ବଞ୍ଚିବାର ପ୍ରେରଣା ଦେଇଚ, ତା'ର ପ୍ରତିଦାନ ନେବନି ?" "କ'ଣ କହିବାକୁ ଚାହୁଁଚ ?" ଉତ୍ୟକ୍ତ ହୋଇ ସିଲ୍‌କା କହିଲା ଖଳନାୟକ ସାମ୍ନାରେ ଠିଆ ହୋଇଥିବା ଚଳଚ୍ଚିତ୍ରର ନାୟିକାଟିଏ ଭଳି ।

ଲୋକଟା ଠିଆ ହୋଇଗଲା । ଲୁଙ୍ଗିଟାକୁ ଫାଳ୍‌ଟା ମାରିଲା । ସିଲ୍‌କା ଘୁଞ୍ଚିଗଲା ଗୋଟାଏ ପାଦ । ଲୋକଟା କହିଲା, "ବସନ୍ତୁ ମାଡାମ୍, ଠିଆ ହେଲେ କି ଉତ୍ୟକ୍ତ ହେଲେ କିଛି ଲାଭ ହେବନି । ବରଂ ମୋ କଥାରେ ରାଜି ହୋଇଗଲେ ଗୋଟାଏ ଆଭିଜାତ୍ୟ ପରିବାରର ଝିଅ ଭାବରେ ବଞ୍ଚିବାର ସୁଯୋଗ ପାଇବ । ଆଉ ମୋ ଭଳି ଆଉ କେତେ

ମରୁଭୂମିର ଯାତ୍ରୀଙ୍କର ଓଏସିସ୍ ସାଜିପାରିବ । ବଡ଼ଲୋକ ଘରର ଝିଅ, ପାଠ ପଢ଼ିଚ । ଏତେ ସୁନ୍ଦରୀ ହୋଇଚ, ପୁରୁଷ ପୁଅର ମନର ଭାଷାକୁ ବୁଝିପାରୁନ ?" ସିଲ୍‌କା ଭାବୁଥିଲା ନର୍କ ଆଉ ଅଳ୍ପ ଦୂର, ତା ଫୁଲ ପରି ଲହୁଣିବୋଳା ଦେହ ହୁଏତ ଏବେ ବାସି ହୋଇଯାଇପାରେ ।


ଲୋକଟା ଆସୁଥିଲା ଧୀରେ ଧୀରେ ରେଭେନ୍‌ସା କୁଇନ୍ ଏସ୍. ସିଲ୍‌କା ପାଖକୁ । ହଠାତ୍ ବାହାରେ ଶୁଭାଗଲା ପାଟି । ବହୁଲୋକଙ୍କର କଥାବାର୍ତ୍ତା । ଟି.ଭି.ରେ ଚାଲୁଥିବା ଗୀତ ବନ୍ଦ ହୋଇ ଜଣେ ସମ୍ବାଦ ପାଠକ ଘୋଷଣା କଲେ, "କଟକ ଓ ଭୁବନେଶ୍ୱର ପାଖାପାଖି ଅଞ୍ଚଳରେ ଭୂମିକମ୍ପ ଅନୁଭୂତ ହୋଇଛି । ଲୋକମାନେ ଫ୍ଲାଟ୍ ଛାଡ଼ି ରାସ୍ତା ଉପରକୁ ପଳେଇ ଆସନ୍ତୁ ।" ଲୋକଟା ଖୁବ୍ ଜୋର୍‌ରେ ଦୌଡ଼ିଲା ଗ୍ରୀଲ୍ ପାଖକୁ । ସିଲ୍‌କା ତ ଆଗରୁ ଥରୁଥିଲା, ଏ ସମ୍ବାଦଶୁଣି ସେ ବି ଦୌଡ଼ିଲା ପ୍ରାଣ ବିକଳରେ । ଲୋକଟା ଟି'ପୟ ଝୁଣ୍ଟି ଗ୍ରୀଲ୍ ପାଖରେ ପଡ଼ିଗଲା ତଳେ । ସିଲ୍‌କା ଟିଣ ଚେୟାରକୁ ଝୁଣ୍ଟି ପଡ଼ିଗଲା ଲୋକଟା ଉପରେ । ତା ହାତରୁ ଚାବିଟା ଛଡ଼େଇ ଆଣି ଗ୍ରୀଲ୍ ଖୋଲି ଦୌଡ଼ି ପଳେଇ ଆସିଲା ବାହାରକୁ । ବାହାରେ ଦେଖିଲା ରାସ୍ତା ଉପରେ ମାଳମାଳ ଲୋକ । କିଛି ସମୟ ପରେ କର୍ପୋରେସନ୍ ତରଫରୁ ପ୍ରଚାର ଗାଡ଼ି ବୁଲି ଘୋଷଣା କଲା, "ଲୋକମାନେ ଘର ଭିତରକୁ ଯାଇପାରନ୍ତି, ଆଉ କୌଣସି ବିପଦର ସୂଚନା ନାହିଁ ।"

କଟକ ଆସୁଥିବା ଗୋଟେ ବସ୍‌ରେ ଚଢ଼ିଲା ସିଲ୍‌କା । ଲିଙ୍କ୍ ରୋଡ୍‌ରେ ଓହ୍ଲେଇପଡ଼ି ରିକ୍‌ସାରେ ଗଲା ହଷ୍ଟେଲ୍‌କୁ । ମୁହଁହାତ ଧୋଇ ଫୋନ୍ ଲଗାଇଲା ବିପ୍ଳବ ପାଖକୁ । ବିପ୍ଳବର ମୋବାଇଲ୍ ଆଉଟ୍ ଅଫ୍ ରିଚ୍ । ଆଖି ପଡ଼ିଲା ସୁଇଟ୍‌ର ବେଡ୍ ଉପରେ ପଡ଼ିଥିବା ସେଦିନର ନିଉଜ୍‌ପେପର୍ ଉପରେ । ସେଦିନ ହେଡ୍ ନ୍ୟୁଜ୍ ଥିଲା ଏମିତି –

"ଜେ.ଏନ୍.ୟୁ.ର ସ୍ୱର୍ଣ୍ଣପଦକପ୍ରାପ୍ତ ଛାତ୍ର ବିପ୍ଳବଙ୍କର ଓଡ଼ିଶା ନୂତନ ମାଓବାଦି ସଂଗଠନର ସଂପାଦକ ଭାବରେ ଯୋଗଦାନ । ମୁଖ୍ୟ ସ୍ରୋତରେ ସାମିଲ୍ ହେବାକୁ ସରକାରଙ୍କ ନିବେଦନ ।"

ମୁଣ୍ଡକୁ ଚିପିଧରି ବେଡ୍ ଉପରେ ଶୋଇପଡ଼ିଲା ସିଲ୍‌କା, ରାତି ପାହିବା ପର୍ଯ୍ୟନ୍ତ ଥରେ ବି ଭାଙ୍ଗିନଥିଲା ତା ନିଦ ।

ଜୟ ଉତ୍କଳ, ଜୋବ୍ରା, କଲେଜଛକ, କଟକ-୩



# ବଡ଼ବାବୁଙ୍କ ପୁଅ ବାହାଘର

ଡକ୍ଟର ନାରାୟଣ ମହାନ୍ତି

ଶିକ୍ଷା ବିଭାଗରେ ସେକ୍ସନ୍ ଅଫିସର୍ ବା ବଡ଼ବାବୁ ଭାବେ ଯୋଗଦେବା ଦିନଠାରୁ ଶ୍ରୀ ଭାଗ୍ୟବନ୍ତ କରଣଙ୍କର ମନ ଜମା ଭଲ ରହୁନଥିଲା । ସେ ଖାଲି ଗୁମ୍ ମାରି ବସୁଥିଲେ; କାମରେ ମନ ଲାଗୁନଥିଲା । ସେ ତାଙ୍କର ପୁରୁଣା ବିଭାଗକୁ ଫେରିଯିବା ପାଇଁ ବ୍ୟାକୁଳ ହେଉଥିଲେ । ଏଥିଲାଗି ସେ ଦିନ ଗଣୁଥିଲେ ।

ଶ୍ରୀ କରଣ ସଚିବାଳୟର ଜଙ୍ଗଲ ବିଭାଗରେ କନିଷ୍ଠ ସହାୟକ ବା ଜୁନିୟର୍ ଆସିଷ୍ଟାଣ୍ଟ ଭାବେ ଚାକିରି ଆରମ୍ଭ କରିଥିଲେ । ଯଥାସମୟରେ ସେ ବରିଷ୍ଠ ସହାୟକ ବା ସିନିୟର୍ ଆସିଷ୍ଟାଣ୍ଟ ପଦକୁ ଉନ୍ନୀତ ହୋଇ ସେହି ଜଙ୍ଗଲ ବିଭାଗରେ ଅବସ୍ଥାପିତ ହୋଇଥିଲେ । ତା'ପରେ ତାଙ୍କର ସେକ୍ସନ୍ ଅଫିସର୍ ରୂପେ ପଦୋନ୍ନତି ହୋଇଥିଲା । ଏଥର ବିଭାଗ ପରିବର୍ତ୍ତନ ଆସନ୍ନ ଜାଣି ସେ ପୂର୍ତ୍ତ ବା ଯୋଗାଣ ବିଭାଗକୁ ଯିବା ପାଇଁ ଲାଗିପଡ଼ିଥିଲେ । ମାତ୍ର ଏଥିରେ ସେ ସଫଳ ହୋଇନଥିଲେ; ଶିକ୍ଷା ବିଭାଗକୁ ତାଙ୍କର ବଦଳି ହୋଇଥିଲା । ଏହା ଜାଣି ଶ୍ରୀ କରଣ ଦୁଃଖରେ ଭାଙ୍ଗିପଡ଼ିଥିଲେ । ଏହି ବଦଳି ଆଦେଶକୁ ବଦଳାଇବା ପାଇଁ ସେ କର୍ତ୍ତୃପକ୍ଷଙ୍କଠାରେ ନେହୁରା ହୋଇଥିଲେ । ମାତ୍ର ତାଙ୍କ ଚେଷ୍ଟା ବ୍ୟର୍ଥ ହୋଇଥିଲା । ଅବଶ୍ୟ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ ଯେ, କିଛିଦିନ ପରେ ତାଙ୍କୁ ଏକ ମନଲାଖି ବିଭାଗକୁ ନେଇଆସିବେ । ଅଗତ୍ୟା ସେ ଶିକ୍ଷା ବିଭାଗରେ ଯୋଗଦେଇଥିଲେ; କିନ୍ତୁ ପ୍ରତିଶ୍ରୁତିକୁ ମନେପକାଇ ଦିନ ଗଣୁଥିଲେ ।

ତା'ପରେ... ସମୟ କାହାକୁ ଅପେକ୍ଷା ନକରି ଗଡ଼ିଚାଲିଥିଲା । କ୍ରମେ ବଡ଼ବାବୁ ପରିବର୍ତ୍ତିତ ପରସ୍ଥିତି ସହିତ 'ଆଡ୍‌ଜଷ୍ଟ' କରିଥିଲେ । ଶିକ୍ଷା ବିଭାଗ ତାଙ୍କୁ ଭଲ ଲାଗିଥିଲା; କାମରେ ତାଙ୍କର ମନ ଲାଗିଥିଲା । ଶିକ୍ଷା ବିଭାଗ ଓ ଜଙ୍ଗଲ ବିଭାଗ ଭିତରେ ସେ ବିଶେଷ ପାର୍ଥକ୍ୟ ଦେଖିନଥିଲେ । ସେଠାରେ ସେ କ୍ଷେତ୍ର ପ୍ରତିଷ୍ଠାନ (ଫିଲ୍ଡ ଏଷ୍ଟାବ୍ଲିସ୍‌ମେଣ୍ଟ) ଉପବିଭାଗରେ କାର୍ଯ୍ୟ କରୁଥିଲେ । ଜଙ୍ଗଲ ବିଭାଗର କ୍ଷେତ୍ର କର୍ମଚାରୀମାନଙ୍କର ଛୁଟି ମଞ୍ଜୁରିଠାରୁ ବଦଳି ପର୍ଯ୍ୟନ୍ତ ଯାବତୀୟ କାର୍ଯ୍ୟ ତାଙ୍କ ଉପବିଭାଗରେ ହେଉଥିଲା । ଏଠାରେ ବି ସେ କ୍ଷେତ୍ର ପ୍ରତିଷ୍ଠାନ ଉପବିଭାଗର ମୁଖ୍ୟ ବା ସେକ୍ସନ୍ ଅଫିସର୍ (ଅନ୍ୟରୂପ ବଡ଼ବାବୁ) ହୋଇଥିଲେ । ଶିକ୍ଷା ବିଭାଗର କ୍ଷେତ୍ର କର୍ମଚାରୀମାନଙ୍କର ଅର୍ଥାତ୍ ଅଧ୍ୟାପକମାନଙ୍କର ଛୁଟି ମଞ୍ଜୁରିଠାରୁ ବଦଳି ପର୍ଯ୍ୟନ୍ତ ଯେତେ ଯାହା କାମ ତାଙ୍କ ଉପବିଭାଗରେ ଚାଲିଥିଲା । ତଫାତ୍ ଏତିକି ଥିଲା ଯେ, ଜଙ୍ଗଲ ବିଭାଗରେ 'ମାଲପାଣି' ନମାଗୁଣୁ ମିଳିଯାଉଥିଲା । ମାତ୍ର ଶିକ୍ଷା ବିଭାଗରେ ଏଥିଲାଗି ମୁଣ୍ଡଖର୍ଚ୍ଚ କରିବାକୁ ପଡୁଥିଲା । ପ୍ରଥମେ ବିଭାଗର ପିଅନ କାଳିନ୍ଦୀ ଓରଫ କାଳନ୍ଦୀ ଓରଫ କାଳିଆ ତାଙ୍କୁ ସହଯୋଗ କରିବା ପାଇଁ ଆଗେଇ ଆସିଥିଲେ । କାଳିଆ ମାଧ୍ୟମରେ ମୂଲଚାଲ ଓ ଦବାନବା ଆରମ୍ଭ ହୋଇଥିଲା । ବଡ଼ବାବୁ କୌଣସି ପାର୍ଟିଠାରୁ ସିଧାସଳଖ ପାଉଣା (ଖଳଲୋକଙ୍କ ଭାଷାରେ ଉତ୍କୋଚ) ଗ୍ରହଣ କରୁନଥିଲେ । ଦରକଷା ଉତ୍ତାରେ କାଳିଆ ମାଧ୍ୟମରେ ତାଙ୍କ ପାଖକୁ ଟଙ୍କା ଆସିଯାଉଥିଲା । ପରେପରେ କାଳିଆ ଭଳି ଅନ୍ୟ କିଛି ମହାନୁଭବ ବଡ଼ବାବୁଙ୍କର ଅଧ୍ୟାପକମାନଙ୍କ ସହ ଯୋଗସୂତ୍ର ସ୍ଥାପନରେ ସାହାଯ୍ୟ କରିବା ପାଇଁ ବାହାରିପଡ଼ିଥିଲେ । ଛୁଟି ମଞ୍ଜୁରି ପରି ମାମୁଲି କାମ ଲାଗି ମଧ୍ୟ ଅଧ୍ୟାପକମାନଙ୍କୁ ଟଙ୍କା ଗଣିବାକୁ ପଡୁଥିଲା ।

ବଡ଼ବାବୁଙ୍କର ବିଶ୍ୱ ଶିକ୍ଷକନେତା ଶ୍ରୀ ଶଙ୍କରାନନ୍ଦ ପରିଡ଼ା ଓରଫ ଶଙ୍କର ପରିଡ଼ାଙ୍କ ସହ ସମ୍ପର୍କ ସ୍ଥାପନ ପରେ ସମଗ୍ର ପ୍ରକ୍ରିୟା ସରଳ ହୋଇଯାଇଥିଲା । ପରସ୍ପର ପରିପୂରକ ଏହି ଦୁଇଜଣ କରିତ୍‌କର୍ମା ବ୍ୟକ୍ତିଙ୍କର ମିଳନ ଯଥାର୍ଥରେ ମଣିକାଞ୍ଚନ ସଂଯୋଗ ଥିଲା । ଶ୍ରୀ ଭାଗ୍ୟଧର କରଣ କନିଷ୍ଠ ସହାୟକରୁ ବରିଷ୍ଠ ସହାୟକ ହୋଇ ତା'ପରେ ସେକ୍ସନ୍ ଅଫିସର୍ (ଅନ୍ୟରୂପ ବଡ଼ବାବୁ) ହୋଇଥିଲେ । ସେହିପରି ଶ୍ରୀ ଶଙ୍କର (ଖଳଲୋକଙ୍କ ଭାଷାରେ ଶଙ୍କରା) ପରିଡ଼ା ପ୍ରଥମେ ରାଜ୍ୟ ଶିକ୍ଷକ ସଂଘର ସମ୍ପାଦକ, ତା'ପରେ ଜାତୀୟ ଶିକ୍ଷକ ସଂଘର ଉପସଭାପତି ଓ ଶେଷରେ ବିଶ୍ୱ ଶିକ୍ଷକ ସଂଘର ସଭାପତି ହୋଇଥିଲେ । ନିଜ ଦେଶରେ ସମଗ୍ର ବିଶ୍ୱକୁ ଦର୍ଶନ କରୁଥିବା ଶ୍ରୀ ପରିଡ଼ା ଅବଶ୍ୟ ଦେଶାନ୍ତର ଗମନର ଆବଶ୍ୟକତା ଆଦୌ ଅନୁଭବ କରିନଥିଲେ ।

ଶ୍ରୀ ପରିଡ଼ା ଅଧ୍ୟାପକମାନଙ୍କର ଛୋଟଛୋଟ କାମରେ ମୁଣ୍ଡ ନପୂରାଇ ଖାଲି ବଦଳି କାମରେ ହାତ ଦେଉଥିଲେ । ବଦଳି କରାଇବା, ବଦଳି ସ୍ଥଗିତ ରଖିବା, ବଦଳି ବାତିଲ୍ କରିବାରେ ସେ ଧୁରନ୍ଧର ଥିଲେ । ସଂପୃକ୍ତ ଅଧ୍ୟାପକଙ୍କୁ ଧରି ସେ ବଡ଼ବାବୁଙ୍କ ଘରେ ରାତିରେ ପହଞ୍ଚିଯାଉଥିଲେ । ପାଉଣା ନିକାଶ ପରେ ସଂପୃକ୍ତ ଅଧ୍ୟାପକ ବଡ଼ବାବୁଙ୍କ ହାତରେ ଟଙ୍କା ଧରାଇଦେଉଥିଲେ । "କାମ ହେଲା ଜାଣନ୍ତୁ" କହି ଶ୍ରୀ ପରିଡ଼ା ସଂପୃକ୍ତ ଅଧ୍ୟାପକଙ୍କ ସହ ବାହୁଡ଼ି ଆସୁଥିଲେ । ଅବଶ୍ୟ ପରେ ସେ ବଡ଼ବାବୁଙ୍କଠାରୁ ତାଙ୍କର ଭାଗ ବା 'ପିସି' ଆଣିବାକୁ ଭୁଲୁନଥିଲେ ।

ମନ୍ତ୍ରୀଙ୍କୁ ଧରି ବଦଳି କାମ କରାଇବା ଏତେଟା ସହଜ ନଥିଲା । ପ୍ରଥମେ ମନ୍ତ୍ରୀଙ୍କ 'ପାଖଲୋକ' ଖୋଜି ତାଙ୍କ ପାଖକୁ ଯିବାକୁ ପଡୁଥିଲା । ଯେତେ ନେହୁରା ହେଲେ ବି ଦର ଚଢ଼ା ରହୁଥିଲା । ସମସ୍ତ ଟଙ୍କା ସେହି

ପାଖଲୋକଙ୍କ ହାତକୁ ବଢ଼ାଇଦେବାକୁ ହେଉଥିଲା । ସେଥିରୁ କେତେ ମନ୍ତ୍ରୀଙ୍କ ତହବିଲକୁ ଗଲା ଓ କେତେ ମଧ୍ୟସ୍ଥିଙ୍କ ପକେଟରେ ରହିଲା, ତାହା ଜାଣିବାର ଉପାୟ ନଥିଲା । କାମରେ ବିଳମ୍ବ ହେଲେ ମଧ୍ୟସ୍ଥିଙ୍କ ପାଖକୁ ଦୌଡ଼ିବାକୁ ପଡୁଥିଲା । ବାରମ୍ବାର ଗଲେ ସେ ବିରକ୍ତ ହେଉଥିଲେ । ପୁଣି ସେ 'ଠିକ୍ ଲୋକ' ନହୋଇଥିଲେ ପୂରା ଟଙ୍କା ବୁଡ଼ିଯିବାର ବି ଆଶଙ୍କା ଥିଲା । କିନ୍ତୁ ଶ୍ରୀ ଶଙ୍କର ପରିଡ଼ାଙ୍କ ମାଧ୍ୟମରେ ବଡ଼ବାବୁଙ୍କ ପାଖରେ ପହଞ୍ଚିଲେ ଏତେ ଝିଞ୍ଜଟ ନଥିଲା ।

ସମୟ ତା' ବାଟରେ ଗଡ଼ିଚାଲିଥିଲା । ତା'ପରେ ବଡ଼ବାବୁ ଶ୍ରୀ ଭାଗ୍ୟବନ୍ତ କରଣ ଅନୁସଚିବ ବା ଅଣ୍ଡର୍ ସେକ୍ରେଟାରୀ ଭାବେ ପଦୋନ୍ନତି ପାଇଥିଲେ । ଏଥର କିନ୍ତୁ ତାଙ୍କର ବିଭାଗ ପରିବର୍ତ୍ତନ ହୋଇନଥିଲା; ଅର୍ଥାତ୍ ସେ ସେହି ଶିକ୍ଷା ବିଭାଗରେ ହିଁ ରହିଥିଲେ । ଖାଲି ସେତିକି ନୁହେଁ, ପୂର୍ବବତ୍ କ୍ଷେତ୍ର ପ୍ରତିଷ୍ଠାନ ବିଷୟ ମଧ୍ୟ ବୁଝିଥିଲେ । ସେ ଅନୁସଚିବ ହେଲେ ବି ସଂପୃକ୍ତ ସମସ୍ତେ ଆଗଭଳି ତାଙ୍କୁ ବଡ଼ବାବୁ ଡାକିବା ଅବ୍ୟାହତ ରଖିଥିଲେ । ଏଥିଲାଗି ବିଶାଳ ହୃଦୟଧାରୀ ଶ୍ରୀ କରଣଙ୍କ ମନରେ ସାମାନ୍ୟ ଅବସୋସ ନଥିଲା । ବରଂ ସେ ଏହାକୁ ସହଜରେ ଗ୍ରହଣ କରିନେଇଥିଲେ ।

ଚାକିରିରେ ଥିବା ଭିତରେ ବଡ଼ବାବୁ ଓରଫ ଅଣ୍ଡର୍ ସେକ୍ରେଟାରୀ ଶ୍ରୀ ଭାଗ୍ୟବନ୍ତ କରଣ ତାଙ୍କର ଏକମାତ୍ର ପୁଅର ବିବାହ ସମ୍ପନ୍ନ କରିଦେବାକୁ ଚାହିଁଥିଲେ । ସହଜରେ 'ମନଲାଖି' ଝିଅଟିଏ ମିଳିଯାଇଥିଲା; ବେଶି ଖୋଜାଖୋଜି କରିବାକୁ ପଡ଼ିନଥିଲା । ବିବାହ ସ୍ଥିର ହେବା ପରେ ବଡ଼ବାବୁ ତାଙ୍କର ପରମ ମିତ୍ର ଶ୍ରୀ ଶଙ୍କରାନନ୍ଦ ପରିଡ଼ାଙ୍କୁ ବ୍ୟବସ୍ଥା ସମ୍ପର୍କରେ କଥା ହେବା ପାଇଁ ଡାକିଥିଲେ । ବଡ଼ବାବୁ କହିଲେ, "ଦେଖନ୍ତୁ ସାର୍! ବାହାଘର ସିନା ସ୍ଥିର ହୋଇଗଲା, କିନ୍ତୁ ଏଥିଲାଗି ମୋ ହାତରେ 'କ୍ୟାସ୍' ନାହିଁ । ଯାହା ଦରମା ପାଇଲି, ତାହା ତ ଘରଖର୍ଚ୍ଚରେ ଗଲା । ଆପଣଙ୍କ ମାଧ୍ୟମରେ ଯାହା ଆସିଲା, ସେସବୁ ପତ୍ନୀଙ୍କ ହାତରେ ଦେଇଦେଲି । ସେ କିନ୍ତୁ ତାହା ସଞ୍ଚୟ ନକରି ଫ୍ଲାଟ୍ ଓ ସୁନା କିଣିବାରେ ସାରିଦେଲେ । ଅବଶ୍ୟ ରାଜଧାନୀ ଓ ଆଖପାଖରେ ସେ ତିନୋଟି ଫ୍ଲାଟ୍ କିଣିଛନ୍ତି । ତା'ଛଡ଼ା କିଛି ସୁନା କିଣି ବ୍ୟାଙ୍କ୍ ଲକରରେ ରଖିଛନ୍ତି । ଏବେ ବାହାଘର ଖର୍ଚ୍ଚ ପାଇଁ ହାତରେ ଟଙ୍କା ନାହିଁ ।"

"ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ । ପୁଅ ବାହାଘର... ବେଶି ଖର୍ଚ୍ଚ ହେବନାହିଁ", ସାର୍ ଓରଫ ବିଶ୍ୱ ଶିକ୍ଷକନେତା ଶ୍ରୀ ପରିଡ଼ା ଆଶ୍ୱାସନା ଦେଇଥିଲେ ।

"ତାହା ସତ ଯେ... ହେଲେ ଭୋଜିରେ ତ ଦୁନିଆ ଟଙ୍କା ଖର୍ଚ୍ଚ ହୋଇଯିବ", ବଡ଼ବାବୁ ଗମ୍ଭୀର ସ୍ୱରରେ କହିଥିଲେ ।

ହସିହସି ସାର୍ ଭାଷିଲେ, "ଭୋଜିର ସମସ୍ତ ଦାୟିତ୍ୱ ମୁଁ ବହନ କରିବି । ଆପଣ ସେଥିରେ ମୁଣ୍ଡ ପୂରାଇବାର ନାହିଁ । ଖାଲି କେତେ ଲୋକଙ୍କ ପାଇଁ ବ୍ୟବସ୍ଥା କରିବା ଏବଂ କି କି ଆଇଟମ ହେବ, ମୋତେ ଜଣାଇବେ ।"

ମୁଣ୍ଡରୁ ଏକ ବଡ଼ ବୋଝ ଓହ୍ଲାଇଗଲା ପରି ବଡ଼ବାବୁ ଅନୁଭବ କରିଥିଲେ । ସେ କହିଲେ, "ମୁଁ ବେଶି ଲୋକଙ୍କୁ ଡାକିବି ନାହିଁ । ପାଞ୍ଚଶହ ଜଣଙ୍କ ପାଇଁ ବ୍ୟବସ୍ଥା କରିବା ।"

"ଠିକ୍ ଅଛି । ଆଇଟମ୍‌ର ତାଲିକା ମୋତେ ପରେ ଦେବେ", କହି ଶ୍ରୀ ପରିଡ଼ା ବିଦାୟ ନେଇଥିଲେ ।

ବଡ଼ବାବୁ ଯଥାସମୟରେ ବାହାଘର ଭୋଜିରେ କି କି ରକମର ଖାଦ୍ୟ ପ୍ରସ୍ତୁତ ହେବ, ତା'ର ଏକ ତାଲିକା ତିଆରି କରି ଶ୍ରୀ ପରିଡ଼ାଙ୍କୁ ଧରାଇଦେଲେ । ତାହା ପାଇଲା ପରେ ଶ୍ରୀ ପରିଡ଼ା ମନଯୋଗ ସହକାରେ ବସି ତିନି ପ୍ରକାର ଅଧ୍ୟାପକଙ୍କର ଏକ ସୂଚୀ ବନାଇଥିଲେ । (୧) ଉଭୟ ପତି ଓ ପତ୍ନୀ ଅଧ୍ୟାପନା କରୁଥିବା ଏବଂ ପତି ଟିଉସନ୍ କରୁଥିବା ଦମ୍ପତିଙ୍କୁ ପ୍ରଥମ ବିଭାଗରେ ରଖିଲେ । (୨) ଉଭୟ ସ୍ୱାମୀ ଓ ସ୍ତ୍ରୀ ଅଧ୍ୟାପନା କରୁଥିବା, ଅଥଚ ସ୍ୱାମୀ ଟିଉସନ୍ କରୁନଥିବା ଦମ୍ପତିଙ୍କୁ ଦ୍ୱିତୀୟ ବର୍ଗରେ ସ୍ଥାନିତ କଲେ । (୩) ସହଧର୍ମିଣୀ କର୍ମଜୀବୀ ନହୋଇ, ଶୁଦ୍ଧ ଗୃହିଣୀ ଥାଇ ଟିଉସନ୍ ବା ଅନ୍ୟ ବ୍ୟବସାୟରେ ଲିପ୍ତ ଥିବା ଅଧ୍ୟାପକଙ୍କୁ ତୃତୀୟ ଶ୍ରେଣୀରେ ଅନ୍ତର୍ଭୁକ୍ତ କଲେ । ଏହି ତିନି କିସମର ଅଧ୍ୟାପକଙ୍କ ବାହାରେ ରହିଥିବା ବହୁସଂଖ୍ୟକ ଅଧ୍ୟାପକଙ୍କୁ ଶ୍ରୀ ପରିଡ଼ା ବିଚାରକୁ ନନେଇ ବାଦ୍ ଦେଇଥିଲେ ।

ପୁଣିଥରେ ପ୍ରସ୍ତାବିତ ମେନ୍ୟୁ ବା ଖାଦ୍ୟର ତାଲିକା ଉପରେ ବିଶ୍ୱ ଶିକ୍ଷକନେତା ଶ୍ରୀ ପରିଡ଼ା ଆଖି ବୁଲାଇ ଆଣିଲେ । ପ୍ରଥମେ ମାଂସ (ମଟନ୍) ଆଡୁ କାର୍ଯ୍ୟ ଆରମ୍ଭ କରିବାକୁ ସେ ସ୍ଥିର କଲେ । କାରଣ ଭୋଜିରେ ମାଂସ (ମଟନ୍) ଉପରେ ଖୁବ୍ ମାଡ଼ ହେବ ବୋଲି ସେ ଜାଣିଥିଲେ । ପୁଣି ଭୋଜି ବଢ଼ିଆ ହେଲା କି ନାହିଁ, ତାହା ମାଂସ (ମଟନ୍)ର ସ୍ୱାଦ ଓ ପରିମାଣ ଉପରେ ଯେ ନିର୍ଭର କରେ, ଏହା ତାଙ୍କର ଜ୍ଞାତ ଥିଲା । ତା'ପରେ ଶ୍ରୀ ପରିଡ଼ା ଅଧ୍ୟାପକମାନଙ୍କୁ ତିନି ଶ୍ରେଣୀରେ ବିଭକ୍ତ କରି ପ୍ରସ୍ତୁତ କରିଥିବା ସୂଚୀ ଉପରେ ପୁଣିଥରେ ଦୃଷ୍ଟିନିକ୍ଷେପ କରିଥିଲେ । ପ୍ରଥମ ଭାଗର ଅଧ୍ୟାପକମାନଙ୍କ ମଧ୍ୟରୁ ସେ ପ୍ରଥମେ ପାଞ୍ଚଜଣଙ୍କୁ ଚୟନ କଲେ । ତା'ର ସର୍ବାଗ୍ରେ ଅଧ୍ୟାପକ ହରିଣାକ୍ଷ ପଣ୍ଡାଙ୍କ ନାମ ରଖି ତାଙ୍କଠାରୁ କାର୍ଯ୍ୟର ଶୁଭାରମ୍ଭ କରିବା ପାଇଁ ସ୍ଥିର କଲେ ।

ସେହି ଅନୁସାରେ ଶ୍ରୀ ପରିଡ଼ା ସେଦିନ ମାହେନ୍ଦ୍ରବେଳାରେ ଘରୁ ବାହାରି ଶ୍ରୀ ପଣ୍ଡାଙ୍କ ପାଖେ ପହଞ୍ଚିଥିଲେ । ତାଙ୍କୁ ଦେଖି ଅଧ୍ୟାପକ ପଣ୍ଡା ଓ ତାଙ୍କର ଅଧ୍ୟାପିକା ପତ୍ନୀ ସସମ୍ମାନ ଘର ଭିତରକୁ ପାଛୋଟି

ନେଇଥିଲେ । ଏହି ସମ୍ମାନ ସେମାନଙ୍କର ଅନ୍ତରରୁ ଆସିଥିଲା ନା ଉପରଠାଉରିଆ ଥିଲା, ତାହା ଅବଶ୍ୟ ଜଣାପଡୁ ନଥିଲା ।

ସାମାନ୍ୟ ଔପଚାରିକତା ପରେ ଶ୍ରୀ ପରିଡ଼ା ପ୍ରସଙ୍ଗ ଉପରକୁ ଆସିଥିଲେ । ସେ କହିଲେ, "ବଡ଼ବାବୁଙ୍କର ପୁଅର ବାହାଘର ଠିକ୍ ହୋଇଯାଇଛି । ବାହାଘର ଭୋଜିର ପୂରା ଦାୟିତ୍ୱ ସେ ମୋ ଉପରେ ଅର୍ପଣ କରିଛନ୍ତି ।"

ତାଙ୍କଠାରୁ କଥା ଛଡ଼ାଇନେଇ ଶ୍ରୀ ପଣ୍ଡା ମନ୍ତବ୍ୟ ଦେଲେ, "ସେ ଠିକଣା ଲୋକଙ୍କୁ ଠିକଣା କାମ ଦେଇଛନ୍ତି । ଖୁବ୍ ଭଲ କରିଛନ୍ତି ।"

ସେକଥାରେ ଗୁରୁତ୍ୱ ନଦେଇ ଶ୍ରୀ ପରିଡ଼ା କହିଲେ, "ପାଞ୍ଚଶହ ଲୋକଙ୍କ ପାଇଁ ଖାଇବାର ବ୍ୟବସ୍ଥା ହେବ । ମାଂସ କଥା ଆପଣ ବୁଝିବେ ।" ଏତକ ଶୁଣି ଶ୍ରୀ ପଣ୍ଡାଙ୍କର ହାଲକ ଶୁଖିଯାଇଥିଲା । ତାଙ୍କ କଣ୍ଠସ୍ୱର କ୍ଷୀଣ ହୋଇଯାଇଥିଲା । "ପାଞ୍ଚଶହ ଲୋକଙ୍କ ପାଇଁ ଏକଶହ କିଲୋ ମାଂସ ଲାଗିଯିବ । ମୁଁ ତ ଏତେ ପରିମାଣର ମାଂସ ଯୋଗାଇପାରିବି ନାହିଁ ।"

କଥାକୁ ହାଲୁକା କରି ଶ୍ରୀ ପରିଡ଼ା ଭାଷିଲେ, "ଆପଣ ନଈ ନଦେଖୁଣୁ ନଙ୍ଗଳା ହେଉଛନ୍ତି । ପାଞ୍ଚଶହ ଲୋକଙ୍କ ପାଇଁ କମ୍‌ସେ-କମ୍ ଏକଶହ କିଲୋ ମାଂସ ଅବଶ୍ୟ ଲାଗିବ । କିନ୍ତୁ ମୁଁ ତ ଆପଣଙ୍କୁ ପୂରା ମାଂସ ଦେବାକୁ କହିନାହିଁ । ଆପଣ ଚାଳିଶି କିଲୋ ମାଂସ ଦେବେ ।"

ଶ୍ରୀ ପଣ୍ଡା ଆଶ୍ୱସ୍ତ ହୋଇଥିଲେ ଏବଂ ଏଥିରେ ଶତକଡ଼ା ଶହେ ସମ୍ମତି ଜଣାଇଥିଲେ । ସେ ଜାଣିଥିଲେ, "ଦେଇଥିଲେ ପାଇ ।" ସ୍ୱାମୀ ଓ ସ୍ତ୍ରୀ ଉଭୟ ଚାକିରି କରିଛନ୍ତି । ବଦଳିକୁ ଭୟ ଅଛି । ବଡ଼ବାବୁଙ୍କୁ ସନ୍ତୁଷ୍ଟ କରିଥିଲେ, ଦରକାରବେଳେ କାମରେ ଆସିବ ।

ତାଙ୍କଠାରୁ ସମ୍ମତି ପାଇ ଶ୍ରୀ ପରିଡ଼ା କହିଲେ, "ବାହାଘର ଦିନ ସକାଳ ନଅଟା ସୁଦ୍ଧା ଆପଣ ବକ୍ସିବଜାରର ଫଜୁ ମିଆଁଠାରୁ ଚାଳିଶି କିଲୋ ମାଂସ ନେଇ ବଡ଼ବାବୁଙ୍କ ଘରେ ପହଞ୍ଚାଇଦେବେ ।"

କିନ୍ତୁ ଏଥିରେ ଅରାଜି ହୋଇ ଶ୍ରୀ ପଣ୍ଡା କହିଲେ, "ଦେଖନ୍ତୁ ସାର୍, ମୁଁ ବ୍ୟସ୍ତ ଲୋକ । ଏତେ କାମ କରିପାରିବି ନାହିଁ । ବରଂ ଚାଳିଶି କିଲୋ ମାଂସର ଦାମ୍ ଆପଣଙ୍କୁ ଏଇନେ ଦେଇଦେଉଛି ।"

ଏତିକି ଶୁଣି ଶିକ୍ଷକନେତା ଶ୍ରୀ ପରିଡ଼ା ଅଚାନକ ରାଗିଉଠିଲେ । ସେ ତମତମ ହୋଇ ଗର୍ଜିଲେ, "ମୁଁ କୌଣସି ଅଧ୍ୟାପକଙ୍କଠାରୁ କୌଣସି ପରିସ୍ଥିତିରେ ଅର୍ଥ ଗ୍ରହଣ କରେନାହିଁ । ବଦଳି କାମରେ ସାହାଯ୍ୟ କରି ମଧ୍ୟ ଟଙ୍କା ନିଏନାହିଁ । ମୁଁ ସଚ୍ଚୋଟ ଲୋକ; ସେବା ମୋର ଧର୍ମ ।"

ତାଙ୍କ କ୍ରୋଧ ଦେଖି ଅଧ୍ୟାପକ ପଣ୍ଡା ପ୍ରମାଦ ଗଣିଲେ; ତାଙ୍କ ପାଟିରୁ କଥା ବାହାରିଲା ନାହିଁ ।

କିନ୍ତୁ ଶ୍ରୀ ପରିଡ଼ା ଯେମିତି ହଠାତ୍ ରାଗିଯାଇଥିଲେ, ସେମିତି ହଠାତ୍ ଶାନ୍ତ ପଡ଼ିଗଲେ । ପ୍ରକୃତିସ୍ଥ ହୋଇ କହିଲେ, "ମୁଁ ଆପଣଙ୍କୁ ସାହାଯ୍ୟ କରୁଛି । ଆପଣ ଗୋଟେ କାମ କରନ୍ତୁ । ଆଜି କି କାଲି ବକ୍ସିବଜାର ଯାଇ ଫଜୁ ମିଆଁକୁ ଭେଟନ୍ତୁ । ତାକୁ ମୋ ନାଁ କହିବେ । ଚାଳିଶି କିଲୋ ମାଂସର ଦାମ୍ ତାକୁ ଦେଇଦେବେ । ଆଉ କହିବେ, ବାହାଘର ଦିନ ସକାଳେ ବଡ଼ବାବୁଙ୍କ ଘରେ ମାଂସ ପହଞ୍ଚାଇଦେବ । ସେ 'ପର୍ଫେକ୍ଟ' ଲୋକ । ଠିକ୍ ରୂପେ କାମ କରିଦେବ ।"

"ମୁଁ ଆଜି ଏହା କରିଦେବି । ଆଉ କିଛି କହିବା ଦରକାର ନାହିଁ", ଅଧ୍ୟାପକ ପଣ୍ଡା ଉତ୍ତର ଦେଇଥିଲେ । ଚାହାପାନରେ ଆପ୍ୟାୟିତ ହୋଇ ଶ୍ରୀ ପରିଡ଼ା ପ୍ରସ୍ଥାନ କରିଥିଲେ । ଅପର ପକ୍ଷରେ, ନିଜ କଥା ରଖି ଅଧ୍ୟାପକ ହରିଣାକ୍ଷ ପଣ୍ଡା ସେହିଦିନ ହିଁ ଫଜୁ ମିଆଁକୁ ଚାଳିଶି କିଲୋ ମାଂସର ମୂଲ୍ୟ କୋଡ଼ିଏ ହଜାର ଟଙ୍କା ଦେଇଆସିଥିଲେ ।

ତା'ପରଦିନ ସନ୍ଧ୍ୟାରେ ଶ୍ରୀ ଶଙ୍କର ପରିଡ଼ା ଫଜୁ ମିଆଁ ପାଖରେ ପହଞ୍ଚିଥିଲେ । ତାଙ୍କୁ ଦେଖି ମିଆଁ ହସିହସି କହିଲେ, "କାଲି ପଣ୍ଡା ସାର୍ ଆସିଥିଲେ । ମାଂସ ପାଇଁ କୋଡ଼ିଏ ହଜାର ଟଙ୍କା ଦେଇଛନ୍ତି । ଭାରି ଦିଲ୍‌ଦାର ଲୋକ ।" ତାଙ୍କ କଥାକୁ ଫେଣେଇ ପରିଡ଼ା ଭାଷିଲେ, "ସେ ଡବଲ୍ ଇଞ୍ଜିନ୍‌ବାଲା । ଦି' ପ୍ରାଣୀ ଚାକିରି କରିଛନ୍ତି । ତା'ଛଡ଼ା ସାର୍‌ଙ୍କର ଟିଉସନ୍ ଅଛି । ତେଣୁ ଟଙ୍କାର ଅଭାବ ନାହିଁ ।" "ଆପଣ ଠିକ୍ ଜାଗାରେ କାତ ପକାନ୍ତି । ତେଣୁ କେଉଁଠି ବି 'ଫେଲ୍' ମାରନ୍ତି ନାହିଁ", ଫଜୁ ମିଆଁ ମନ୍ତବ୍ୟ ଦେଇଥିଲେ । ତା'ପରେ ସେ ଘର ଭିତରକୁ ଯାଇ ଦଶ ହଜାର ଟଙ୍କା ଆଣି ଶ୍ରୀ ପରିଡ଼ାଙ୍କ ହାତରେ ବଢ଼ାଇଦେଲେ । ସେ ତାହା ପକେଟରେ ପୂରାଇ ସହାସ୍ୟ ବଦନରେ ପ୍ରସ୍ଥାନ କରିଥିଲେ ।

ପାଠକେ ! ମନେପକାନ୍ତୁ – ବିଶ୍ୱ ଶିକ୍ଷକନେତା ଶ୍ରୀ ଶଙ୍କରାନନ୍ଦ ପରିଡ଼ା ଓରଫ ଶଙ୍କର ପରିଡ଼ା ଅଧ୍ୟାପକମାନଙ୍କୁ ୩ଶ୍ରେଣୀରେ ବିଭକ୍ତ କରି ଏକ ତାଲିକା ପ୍ରସ୍ତୁତ କରିଥିଲେ । ତା'ର ପ୍ରଥମ ଭାଗରୁ ୫ଜଣ ଅଧ୍ୟାପକଙ୍କୁ ଚୟନ କରି ସର୍ବାଗ୍ରେ ହରିଣାକ୍ଷ ପଣ୍ଡାଙ୍କ ନାମ ରଖିଥିଲେ । ତାଙ୍କ କାମ ସରିଲା ପରେ ଶ୍ରୀ ପଣ୍ଡା ଜଣକ ପରେ ଜଣେ ଅନ୍ୟ ୪ଜଣ ଅଧ୍ୟାପକଙ୍କ ଘରେ ପଦାର୍ପଣ କରିଥିଲେ । ସେ ସେମାନଙ୍କଠାରେ ସେହି ଏକା 'ଫର୍ମୁଲା' ପ୍ରୟୋଗ କରିଥିଲେ ଏବଂ ସେହିପରି ସଫଳତା ବି ହାସଲ କରିଥିଲେ । ଅର୍ଥାତ୍ ଏହି ୪ଜଣଯାକ ଅଧ୍ୟାପକ ଜଣକ ପରେ ଜଣେ ଫଜୁ ମିଆଁ ପାଖେ ପହଞ୍ଚି ମାଂସ ପାଇଁ ୨୦ହଜାର ଟଙ୍କା କରି ଦେଇଆସିଥିଲେ । ଫଜୁ ମିଆଁ ୫ଜଣ ଅଧ୍ୟାପକଙ୍କଠାରୁ ମୋଟ୍ ଏକଲକ୍ଷ ଟଙ୍କା ଗ୍ରହଣ କରିଥିଲେ । ସେ ତହିଁରୁ ଏକଶହ କିଲୋ ମାଂସର ମୂଲ୍ୟ ୫୦ହଜାର ଟଙ୍କା ରଖି ଅବଶିଷ୍ଟ ୫୦ହଜାର ଟଙ୍କା ଶ୍ରୀ ପରିଡ଼ାଙ୍କୁ ସମର୍ପଣ କରିଥିଲେ । ବରାଦ ମୁତାବକ ବାହାଘର ଦିନ ସକାଳେ ବଡ଼ବାବୁଙ୍କ

ଘରେ ସେ ଏକଶହ କିଲୋ ଖାସି ମାଂସ ପହଞ୍ଚାଇ ଦେଇଥିଲେ । ପୁରୁଣା ମୂଲ୍ୟବୋଧରେ ବିଶ୍ୱାସ କରୁଥିବା ଫଜୁ ମିଆଁଙ୍କ ପ୍ରତିଶ୍ରୁତିବଦ୍ଧତା ବା ଅଙ୍ଗୀକାର ବା ଦାୟିତ୍ୱବୋଧ ଉପରେ ପ୍ରଶ୍ନ କରିବାର ନଥିଲା । ବିଶେଷତଃ ଶ୍ରୀ ପରିଡ଼ାଙ୍କ ପ୍ରତି ତାଙ୍କର ଗଭୀର ଆନୁଗତ୍ୟ ଥିଲା । ତେଣୁ ସେ ସୁଚାରୁରୂପେ ତାଙ୍କ ଉପରେ ନ୍ୟସ୍ତ ଦାୟିତ୍ୱ ସମ୍ପନ୍ନ କରିଥିଲେ ।

ମାଂସ (ମଟନ୍)ର ବ୍ୟବସ୍ଥା କରିସାରି ଶ୍ରୀ ଶଙ୍କର ପରିଡ଼ା ମିଠା (ରସଗୋଲା)ର ବନ୍ଦୋବସ୍ତ କରିବାରେ ଲାଗିଯାଇଥିଲେ । ସ୍ୱ-ପ୍ରସ୍ତୁତ ଅଧ୍ୟାପକମାନଙ୍କ ତାଲିକାର ୩ୟ ବିଭାଗରୁ ସେ ମାତ୍ର ଦୁଇଜଣ ଅଧ୍ୟାପକଙ୍କ ନାମ ଚୟନ କରିଥିଲେ । ପ୍ରଥମେ ଶ୍ରୀ ସୃଷ୍ଟିଧରି ବେହେରାଙ୍କ ଘରେ ପଦାର୍ପଣ ପୂର୍ବକ ବଡ଼ବାବୁଙ୍କ ପୁଅ ବାହାଘର କଥା ଗାଇଥିଲେ । ବାହାଘର ଭୋଜିରେ ମିଠା (ରସଗୋଲା) ଯୋଗାଣର ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ କରିଥିଲେ । ଅଧ୍ୟାପକ ବେହେରା 'ଦେଇଥିଲେ ପାଇ' ନ୍ୟାୟରେ ବିନା ଦ୍ୱିଧାରେ ଏଥିରେ ସମ୍ମତି ଜଣାଇଥିଲେ । ତା'ପରେ ଶ୍ରୀ ପରିଡ଼ା ଘୋଷିଥିଲେ, "ବାହାଘର ଦିନ ମଧ୍ୟାହ୍ନ ସୁଦ୍ଧା ଆପଣ ବାପୁଜି ନଗରର ଓଁ ସ୍ୱିଟ୍‌ସ ଷ୍ଟଲ୍‌ରୁ ଏକହଜାର ବଡ଼ମିଠା (ରସଗୋଲା) ଆଣି ବଡ଼ବାବୁଙ୍କ ଘରେ ପହଞ୍ଚାଇଦେବେ ।" ଏତକ କହିଲା ପରେ କ'ଣ ହେବ, ପୁରୁଣା ମୂଷା ଶ୍ରୀ ପରିଡ଼ା ତାହା ଜାଣିଥିଲେ ଏବଂ ତାହା ହିଁ ହୋଇଥିଲା । ଅଧ୍ୟାପକ ବେହେରା ମିଠା ବାବଦ ଦଶହଜାର ଟଙ୍କା ଦେଇଦେବାକୁ ପ୍ରସ୍ତାବ ଦେଇଥିଲେ । ଶ୍ରୀ ପରିଡ଼ା ପୂର୍ବ ପ୍ରସ୍ତୁତି ଅନୁଯାୟୀ କ୍ରୋଧ ପ୍ରକାଶ କରିଥିଲେ । ପରେ ସେ ଶାନ୍ତ ହୋଇ ମିଠା (ରସଗୋଲା)ର ମୂଲ୍ୟ ଓଁ ସ୍ୱିଟସ୍ ଷ୍ଟଲ୍‌ରେ ଦେଇଆସିବାକୁ ପରାମର୍ଶ ଦେଇଥିଲେ । କହିବା ବାହୁଲ୍ୟ ଯେ, ଶ୍ରୀ ବେହେରା ଖୁସି ମନରେ ତାହା ହିଁ କରିଥିଲେ । ଏହା ଉତ୍ତାରେ ଶ୍ରୀ ପରିଡ଼ା ଅଧ୍ୟାପକ ବିଚିତ୍ର କଳସଙ୍କ ଘରକୁ ଯାଇ ସେହି 'ଫର୍ମୁଲା' ପକାଇ ସଫଳତା ହାସଲ କରିଥିଲେ । ଶେଷରେ ସେ ଓଁ ସ୍ୱିଟ୍‌ସ ଷ୍ଟଲ୍‌ରେ ପହଞ୍ଚି ଥିଲେ । ମାଲିକ ୨ଜଣ ଅଧ୍ୟାପକଙ୍କଠାରୁ ଦଶହଜାର ଟଙ୍କା ଲେଖାଏଁ ମୋଟ୍ କୋଡ଼ିଏ ହଜାର ଟଙ୍କା ପାଇଥିଲେ । ଏକହଜାର ମିଠା (ରସଗୋଲା)ର ଦାମ୍ ଦଶହଜାର ଟଙ୍କା ରଖି ଅବଶିଷ୍ଟ ଟଙ୍କା ଶ୍ରୀ ପରିଡ଼ାଙ୍କୁ ସମର୍ପଣ କରିଥିଲେ । ବାହାଘର ଦିନ ସେ ଯଥାସମୟରେ ଏକହଜାର ଭଲ ମିଠା ବଡ଼ବାବୁଙ୍କ ଘରେ ପହଞ୍ଚାଇବାରେ ସାମାନ୍ୟ ହେଳା କରିନଥିଲେ । କହିବା ବାହୁଲ୍ୟ ଯେ, ମାଲିକଙ୍କ ସହ ଶ୍ରୀ ପରିଡ଼ାଙ୍କର ଦୀର୍ଘ ଦିନରୁ ଭଲ (ନିଆଦିଆ) ସମ୍ପର୍କ ରହିଥିଲା ।

ପାଠକେ ! ଏଠାରେ ଆପଣମାନେ ପ୍ରଶ୍ନ କରିପାରନ୍ତି ଯେ, ବିଶ୍ୱ ଶିକ୍ଷକନେତା ଶ୍ରୀ ଶଙ୍କର ପରିଡ଼ା ମିଠା (ରସଗୋଲା) ପାଇଁ ମାତ୍ର ୨ଜଣ ଅଧ୍ୟାପକଙ୍କୁ କାହିଁକି କହିଥିଲେ ? ସେ ଚାହିଁଥିଲେ କ'ଣ ଅଧିକ ଅଧ୍ୟାପକଙ୍କଠାରୁ ମିଠା ପାଇଁ 'ମାଲ୍' ଝଡ଼ାଇ ପାରିନଥାନ୍ତେ ? ଆପଣଙ୍କ ଏହି ସମ୍ଭାବ୍ୟ ପ୍ରଶ୍ନର ଉତ୍ତରରେ ଆମ୍ଭେ କହିବୁ, ଶ୍ରୀ ପରିଡ଼ା ଜଣେ ବିଚାରବନ୍ତ ବ୍ୟକ୍ତି ଅଟନ୍ତି । ସେ ଏକାବେଳେକେ ପାଞ୍ଚଆଙ୍ଗୁଠି ପାଟିରେ ପୂରଇବା ଲୋକ ନୁହନ୍ତି । ସେ ଜଗିରଖି ଖାଇବାରେ ବିଶ୍ୱାସ କରନ୍ତି । ତେଣୁ ମିଠା ପାଇଁ ଅଧିକ ଅଧ୍ୟାପକଙ୍କ ମୁଣ୍ଡରେ ହାତ ବୁଲାଇବାକୁ ଚାହିଁନଥିଲେ ।

ପାଠକେ ! ଆପଣମାନେ ଜାଣନ୍ତି ଯେ, ଖାଲି ମାଂସ ଓ ମିଠାରେ ବାହାଘର ଭୋଜି ହୋଇଯାଏ ନାହିଁ । ଏଥିଲାଗି ଚାଉଳ, ସଉଦା, ପରିବା ଆଦି ଲୋଡ଼ା ହୁଏ । ଶ୍ରୀ ପରିଡ଼ା ମାଂସ ଓ ମିଠା ପାଇଁ ଯେଉଁ ପନ୍ଥା ଅବଲମ୍ବନ କରିଥିଲେ, ଏସବୁ ସାମଗ୍ରୀ ପାଇଁ ଠିକ୍ ସେହି ଉପାୟ ପ୍ରୟୋଗ କରିଥିଲେ । ବିଫଳତା ତାଙ୍କ ଜାତକରେ ନଥିଲା । ହଁ, ଖୁବ୍ ଜାକଜମକରେ ବଡ଼ବାବୁ ଓରଫ ଅଣ୍ଡର ସେକ୍ରେଟାରୀ ଶ୍ରୀ ଭାଗ୍ୟବନ୍ତ କରଣଙ୍କର ପୁଅ ବାହାଘର ସମ୍ପନ୍ନ ହୋଇଥିଲା । ଏହାର ଶେଷପର୍ବ ଭୋଜି ମଧ୍ୟ ବେଶ୍ ଭଲ ହୋଇଥିଲା । ଶ୍ରୀ ପରିଡ଼ା ଭୋଜି ପାଇଁ ଏକ ନମ୍ବର ସାମଗ୍ରୀସବୁ ଆଣିଥିଲେ । ଖୁବ୍ ନାମକରା ରୋଷେୟାକୁ ମଧ୍ୟ ଡାକିଥିଲେ । ଟଙ୍କା ଖର୍ଚ୍ଚରେ ସାମାନ୍ୟ କାର୍ପଣ୍ୟ ଦେଖାଇନଥିଲେ । ଭୋଜିକୁ ସରସସୁନ୍ଦର କରିବା ପାଇଁ ଜୋର୍‌ସୋର ଲାଗିପଡ଼ିଥିଲେ । ମନ ଜାଣି ଫଳ । ବ୍ୟଞ୍ଜନସବୁ ବେଶ୍ ସୁସ୍ୱାଦୁ ହୋଇଥିଲା । ଅତିଥିମାନେ ଆକଣ୍ଠ ଭୋଜନ କରି ବରକନ୍ୟାଙ୍କୁ ଆଶୀର୍ବାଦ ପୂର୍ବକ ସ୍ୱଗୃହକୁ ବାହୁଡ଼ିଥିଲେ । ବାହାଘର ଭୋଜିରେ ପ୍ରାୟ ଅଢ଼େଇଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା । ଏଥିଲାଗି ଶ୍ରୀ କରଣଙ୍କୁ ଏକଟଙ୍କା ବି ଦେବାକୁ ପଡ଼ିନଥିଲା । ଶ୍ରୀ ପରିଡ଼ା ସବୁକିଛି ନେଇଆସି ଥୋଇଥିଲେ । ଏଥିରେ ତାଙ୍କ ପକେଟକୁ ପ୍ରାୟ ଏକଲକ୍ଷ ପଚିଶ ହଜାର ଟଙ୍କା ଆସିଥିଲା । ପାଠକେ ! ଆପଣମାନେ ଭାବୁଥିବେ ଭୋଜି ଖର୍ଚ୍ଚର ହିସାବ ଦେଇ ସାରି, ମୁଁ କହିବି, "ମୋ କଥାଟି ସରିଲା; ଫୁଲ ଗଛଟି ମରିଲା ।" ମାତ୍ର ନାଁ, ତାହା ନୁହେଁ । ଶେଷଦୃଶ୍ୟ ଆପଣମାନଙ୍କ ଆଗରେ ପରିବେଷଣ କରି ସାରି ବିଦାୟ ନେବି ।

ଶେଷଦୃଶ୍ୟ – ବାହାଘରର ଏକବର୍ଷ ନପୂରୁଣୁ ସେଦିନ ଏକ ଦୁଃଖଦ ସମ୍ବାଦ ଖବରକାଗଜଗୁଡ଼ିକର ପୃଷ୍ଠା ମଣ୍ଡନ କରିଥିଲା । ତାହାର ଶୀର୍ଷକ ଥିଲା– ଯୌତୁକ ପାଇଁ ନିର୍ଯ୍ୟାତନା ଅଭିଯୋଗରେ ଅନୁସଚିବ ଭାଗ୍ୟବନ୍ତ କରଣ, ତାଙ୍କ ପତ୍ନୀ ଓ ପୁତ୍ର ଗିରଫ ।

ନୀହାରିକା, ମର୍କତନଗର (ସି.ଡି.ଏ.), କଟକ-୭୫୩୦୧୪
ଫୋନ୍-୯୪୩୭୦୫୬୯୭୭

●●

# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.pracheevoice.in

Whatsapp No. :
+91 88957 07011
Follow us :

## ସମସ୍ତଙ୍କର ପେଟ ପୁରୁଛି,
## କ'ଣ ଗୋଟିଏ ପେଟ ଭୋକିଲା ରହିଯିବ ?



**ମାନସିକ ରୋଗୀଟିକୁ ଖାଦ୍ୟ ଦିଅନ୍ତୁ * FEED THE MENTALLY SICK**


CBSE XII
2018 RESULT
ROUT CLASSES
For Mathematics
Akankshya Baisakh
DAV PUBLIC SCHOOL, CDA, Cuttack
MATH SCORE 98/100
Sidhartha
DAV, Chandrasekharpur, BBSR
MATH SCORE 96/100
Amit Pradhan
DAV Public School, CDA, Cuttack
MATH SCORE 95/100
Madhusmita Agasti
DAV PUBLIC SCHOOL, CDA, Cuttack
MATH SCORE 94/100
Nitu Mohapatra
MATH SCORE 91/100
Sarthak Satapathy
Mother's Public School, BBSR
MATH SCORE 90/100
Triparna Mishra
Delhi Public School
MATH SCORE 89/100
Bidyut
DAV Public School, Unit-8, BBSR
MATH SCORE 89/100
Namrata Jena
MATH SCORE 83/100
& many more....
ROUT CLASSES
Blooming the Hidden Treasure
94384 09975 / 97763 55340
94384 09975
routclasses@gmail.com
www.routclasses.com
Sector-6, CDA (Cuttack), Sailashree Vihar,
VSS Nagar, BJB Nagar, Bomikhal (BBSR)
YouTube

# IBMS No.1 INSTITUTE

# IBM'S






## BANK | SSC | RLY | OAS

PO/CLERK | +2/GRADUATE | Tech./Non Tech. | BED

**CALCULATE 763X592 IN SECONDS**
**Charge your Brain**
**With the power of VEDIC MATHS.**

Free Registration For the
MATHS (QA) SPEED TECHNIQUE WORK SHOP
AT Our Badambari Branch
By Praharaj Sir .Con:0671-6540190

## 0671-6540190 M-9238500190

## Register Your Name For Free Class

All India Topper



Lopa Mudra Mohanty

**EXCLUSIVE FEATURES**

- COMPLETE SIGN-UP SYSTEMS
- ENTRY BY 20 MINUTE PRE - INTERVIEW & FREE CLASSES .
- WITH YOU SCORING OF 65%
- STUDENT FORUM CLASSES
- COMMON TEST STARTS FROM THE DATE OF ENTRY WITH COMPLETE EXPLANATION.

101 SPEED TEST
25 COMMON TEST
25 COMPLETE TEST &
IT CONTINUES TILL
YOU SCORE 65%



"I Get 6 job in 7 Month" Joined IOB PO. Calcutta.

Ankita Bhawani
Indian Overseas Bank PO



NARESH BARIK
VIJAYA BANK PO



Ruchi Smita Behera
Corporation Bank



Sandeep Mohanty
Bank Of India PO

Binayak Sahoo
Rank-8(MBA KIIT).
Debendra Bal
Gen Bed Rank -80
Srikant Behera(SBI CBI Clerk)
Loka Nath BeheraE.O & (SBI CLERK)

**IBM'S** CHANDI CHHAK & PALAMANDAP(Near Barabati Gas)CTC

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ